commonwealth sport
ଅହମ୍ମଦାବାଦରେ
୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା
ପୃଷ୍ଠା ୧୬ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-110 ◆THURSDAY ◆16 OCTOBER 2025 ◆PAGE-16 ◆₹ 6.00 | SAMBALPUR | ◆ବର୍ଷ-୪୩ ◆ସଂଖ୍ୟା-୧୧୦ ◆ଗୁରୁବାର ◆୧୬ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୬ ◆ଟ.୬.୦୦

॥ ମାନସ ମଙ୍ଗରାଜ ॥

# ସେ ବ୍ୟତିକ୍ରମ

**କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ।**

ସେ ରାସ୍ତାକୁ ଓହ୍ଲାଇଲେ ଲୋକଙ୍କ ଥାଟପଟାଳି ଭାଙ୍ଗେ, ହାତ ହଲାଇଦେଲେ ଅୟୁତ ହୃଦୟରେ ଆନନ୍ଦର ପ୍ଲାବନ ଖେଳିଯାଏ। ଆଉ ହସିଦେଲେ ଚିର ସୁଗନ୍ଧିତ ଫୁଲର ବାସ୍ନାରେ ମହକି ଯାଏ କୋଟିକୋଟି ଲୋକଙ୍କ ମନ। ଓଡ଼ିଶା ହେଉଛି ତାଙ୍କର ଜୀବନ, ଓଡ଼ିଶାବାସୀ ହେଉଛନ୍ତି ତାଙ୍କର ପରିବାର, ପ୍ରତ୍ୟେକ ଜୀବନ ତାଙ୍କ ପାଇଁ ମୂଲ୍ୟବାନ। କୋଟିକୋଟି ଓଡ଼ିଆ ପରିବାରର ସେ ଅଘୋଷିତ ମୁରବୀ। କ୍ଷମତାରେ ଥାଆନ୍ତୁ ବା ନ ଥାଆନ୍ତୁ, ଓଡ଼ିଶା ପାଇଁ ତାଙ୍କ ଜୀବନ ଉତ୍ସର୍ଗୀକୃତ ଓ ପ୍ରତି ଓଡ଼ିଆର ବ୍ୟଥା ତାଙ୍କ ପାଇଁ ମର୍ମାନ୍ତିକ। ଦୀର୍ଘ ୨୪ ବର୍ଷ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବରେ ନବୀନ ପଟ୍ଟନାୟକ କେବଳ ଶାସନରେ ରେକର୍ଡ କରି ନାହାନ୍ତି; ଓଡ଼ିଶାକୁ ବିକାଶର ନଭଶ୍ଚୁମ୍ବୀ ଶିଖରରେ ପହଞ୍ଚାଇବାକୁ ସକ୍ଷମ ହୋଇଛନ୍ତି। ତାଙ୍କର ନୀତି ଦେଶରେ 'ନବୀନ ନୀତି' ରୂପେ ପରିଚିତି ପାଇଛି, ତାଙ୍କର ଆଦର୍ଶ ସାରା ଦେଶରେ ପ୍ରଶଂସିତ ହୋଇଛି, ତାଙ୍କର ପ୍ରତ୍ୟେକ କାର୍ଯ୍ୟକ୍ରମ ଅନ୍ୟ ରାଜ୍ୟ ପାଇଁ ଅନୁକରଣୀୟ ହୋଇଛି। ତାଙ୍କର ଯୋଜନା 'ନିତି' ବୈଠକରୁ ଆରମ୍ଭ କରି ଜାତିସଂଘ ପର୍ଯ୍ୟନ୍ତ ଗ୍ରହଣୀୟ ହୋଇଛି। କର୍ଦ୍ଦମାକ୍ତ ରାଜନୀତି ତାଙ୍କ ବ୍ୟକ୍ତିତ୍ୱକୁ ଛୁଇଁ ପାରିନାହିଁ; ବ୍ୟକ୍ତିଗତ ବିଦ୍ୱେଷ, ପାରସ୍ପରିକ ଆକ୍ଷେପ, କୁତ୍ସାରଟନା ତାଙ୍କ ବ୍ୟକ୍ତିଗତ ଜୀବନକୁ ପ୍ରଭାବିତ କରିବାକୁ ସକ୍ଷମ ହୋଇନାହିଁ। ତାଙ୍କ ମତରେ ରାଜନୀତି ଓ ନୀତି ପରସ୍ପର ଅଙ୍ଗାଙ୍ଗୀ ଜଡ଼ିତ। ନୀତିହୀନ ରାଜନୀତି ସମାଜ ପାଇଁ କ୍ଷତିକାରକ ଓ ବିନା ନୀତିରେ ରାଜନୀତି ମୂଲ୍ୟହୀନ। କ୍ଷମତା ହାସଲ ରାଜନୀତିର ଉଦ୍ଦେଶ୍ୟ ନୁହେଁ; ଉଚ୍ଚ ରାଜନୈତିକ ମୂଲ୍ୟବୋଧ ଦ୍ୱାରା ଲୋକଙ୍କ କଲ୍ୟାଣ କରିବା ଏହାର ପ୍ରମୁଖ ଲକ୍ଷ୍ୟ। ମହାତ୍ମା ଗାନ୍ଧୀଙ୍କ ଅହିଂସା, ଗୌତମବୁଦ୍ଧଙ୍କ ଅଷ୍ଟାଙ୍ଗ ମାର୍ଗ, ମହାବୀର ଜୈନଙ୍କ ନିଷ୍କାମ ସାଧନା ଓ ଭୀମଭୋଇଙ୍କ ଜୀବନ ଦର୍ଶନର ଏକ ମିଳିତ ସମ୍ମିଶ୍ରଣ ହେଉଛି ନବୀନଙ୍କ ଜୀବନ। ସେହି ଦୃଷ୍ଟିରୁ ନବୀନ ହେଉଛନ୍ତି ଜଣେ ବ୍ୟତିକ୍ରମ ମୁଖ୍ୟମନ୍ତ୍ରୀ, ଭିନ୍ନ ରାଜନେତା।

ନିରାସକ୍ତି ହେଉଛି ମଣିଷର ସର୍ବୋଚ୍ଚ ଗୁଣ ଓ ଏହା ମଣିଷକୁ ଏକ ମଣିରେ ପରିଣତ କରିପାରେ। ରାଜପଦ ତ୍ୟାଗ କରି ଲୁମ୍ବିନୀ ଓ ବର୍ଦ୍ଧମାନର ଯୁବରାଜ ଯେଉଁ ପଥକୁ ବାଛିଥିଲେ,




ତାହା ଥିଲା ସାଧାରଣ ମାନବିକ ପ୍ରକୃତିର ସମ୍ପୂର୍ଣ୍ଣ ବିପରୀତ। ଯୁବରାଜ ଗୌତମ ଉଭୟ ଆସକ୍ତି ତ୍ୟାଗ କରି ନିରାସକ୍ତ ହୋଇଥିଲେ। ଅନୁରୂପ ଭାବରେ ବୁଦ୍ଧ ଓ ମହାବୀରଙ୍କ ପଦାଙ୍କ ଅନୁସରଣ କରି ଏକ ସୁସ୍ଥ, ସ୍ୱଚ୍ଛନ୍ଦ, ସାବଲୀଳ ଜୀବନ ଛାଡ଼ି ଏକ ଆର୍ଥିକ ରୁଗ୍ଣ, ବାତ୍ୟା ବିଧ୍ୱସ୍ତ ରାଜ୍ୟର ଶାସନ ଭାର ନେବାକୁ ଆଗେଇ ଆସିଥିଲେ ନବୀନ ପଟ୍ଟନାୟକ। ସମ୍ଭ୍ରାନ୍ତ ବନ୍ଧୁଙ୍କ ସାନ୍ନିଧ୍ୟ ଛାଡ଼ି ଓଡ଼ିଶାର ଚାଷୀ, ମହିଳା, ଆଦିବାସୀଙ୍କ ସେବା କରିବା ଲାଗି ପଣ କରିଥିଲେ। ଏହାର ଫଳଶ୍ରୁତି ଥିଲା ଅତ୍ୟନ୍ତ ଚମକପ୍ରଦ। ବଦଳି ଯାଇଥିଲା ଦେଶର ସବୁଠୁ ଦୁର୍ବଳ, ଆର୍ଥିକ ରୁଗ୍ଣ, ମହାବାତ୍ୟା ଓ ମହାମାରୀ ପ୍ରବଣ ଓଡ଼ିଶାର କାୟାକଳ୍ପ। ତାଙ୍କ ହାତର କାଉଁରୀ ଛୁଆଁ ଓଡ଼ିଶାର ସଫଳତା ଓ ସୁନାମକୁ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବାକୁ ସକ୍ଷମ ହୋଇଥିଲା।

ଓଡ଼ିଆଙ୍କ ବିକାଶ, ସମୃଦ୍ଧ ଓଡ଼ିଶା ଗଠନ ନିମନ୍ତେ ସ୍ୱପ୍ନ ଦେଖୁଥିବା ପ୍ରବାଦପୁରୁଷ ବିଜୁବାବୁଙ୍କ ପଦାଙ୍କ ଅନୁସରଣ କରି ନବୀନ ଆଙ୍କିଥିଲେ ବିକାଶ ନକ୍ସା। ତାଙ୍କର ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୁରକ୍ଷା, ମହିଳା ଓ କୃଷକଙ୍କ ସଶକ୍ତିକରଣ, ଶିଳ୍ପ ସ୍ଥାପନ, ସ୍ଥାନୀୟ ନିଯୁକ୍ତି କାର୍ଯ୍ୟକ୍ରମ ବଦଳାଇ ଦେଇଥିଲା ଓଡ଼ିଶାର ରୂପରେଖ। ସାଧାରଣ ଗରିବ ରୋଗୀର ଘରୋଇ ଡାକ୍ତରଖାନାରେ ଚିକିତ୍ସା ସ୍ୱପ୍ନକୁ ପୂରଣ କରିଥିଲା 'ବିଏସ୍‌କେୱାଇ'। ରାଜ୍ୟର ୮୦ଲକ୍ଷ ମହିଳାଙ୍କୁ ଆର୍ଥିକ ଓ ସାମାଜିକସ୍ତରରେ ସ୍ୱାବଲମ୍ବୀ କରିଥିବା 'ମିଶନ ଶକ୍ତି' ଦେଶର ଶ୍ରେଷ୍ଠ ମଡେଲ ଭାବରେ ବିବେଚିତ ହୋଇଥିଲା। ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ସୁଦୃଢ଼ କରିଥିଲା 'କାଳିଆ' ଓ 'ବଳରାମ' ପରି ଯୋଜନା।


ପଞ୍ଚାୟତିରାଜ ବ୍ୟବସ୍ଥାରେ ମହିଳାଙ୍କୁ ପ୍ରାଧାନ୍ୟ ଓଡ଼ିଶାକୁ ସାରା ଦେଶରେ ଦେଇଥିଲା ନୂଆ ପରିଚୟ। ସରକାରୀ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ମେଡିକାଲ ଓ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ୧୫% ସଂରକ୍ଷଣ, 'ନୂଆ-ଓ' ଯୋଜନାରେ କଲେଜ ଛାତ୍ରଛାତ୍ରୀଙ୍କୁ ବାର୍ଷିକ ୧୨ ହଜାର ଟଙ୍କା ପର୍ଯ୍ୟନ୍ତ ବୃତ୍ତି ଥିଲା ସମ୍ପୂର୍ଣ୍ଣ ନୂତନ ପଦକ୍ଷେପ। ରୂପାନ୍ତରଣ ଯୋଜନାରେ ରାଜ୍ୟର ଶିକ୍ଷାନୁଷ୍ଠାନ ନୂତନ ରୂପ। ପରିକ୍ରମା ପ୍ରକଳ୍ପ ଶ୍ରୀକ୍ଷେତ୍ର ପୁରୀର ଛବିକୁ ବଦଳାଇ ଦେଇଥିଲା। ରୂପାନ୍ତରଣ ଢାଞ୍ଚାରେ ବଦଳିଥିଲା ମହାପ୍ରଭୁ ଲିଙ୍ଗରାଜ, ତାରାତାରିଣୀ, ସମଲେଶ୍ୱରୀ ସହ ରାଜ୍ୟର ପ୍ରମୁଖ ଧାର୍ମିକ ପୀଠର କାୟାକଳ୍ପ। ସରକାରରେ ସ୍ୱଚ୍ଛତା ସହ ପ୍ରଶାସନକୁ ଦକ୍ଷ କରାଯିବା ନିମନ୍ତେ ଆରମ୍ଭ ହୋଇଥିଲା 'ମୋ ସରକାର'। ସରକାରୀ କାର୍ଯ୍ୟାନ୍ୱୟନ ପଦ୍ଧତିକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କରିବା ନିମନ୍ତେ କାର୍ଯ୍ୟକାରୀ ହୋଇଥିଲା '୫-ଟି' ବ୍ୟବସ୍ଥା। ନବୀନଙ୍କ ପଦକ୍ଷେପର ଫଳଶ୍ରୁତି ସ୍ୱରୂପ ଖାଦ୍ୟ ସୁରକ୍ଷା ଯୋଜନାରେ ଓଡ଼ିଶାକୁ ମିଳିଥିଲା ଅନ୍ତର୍ଜାତୀୟ ସମ୍ମାନ। ବିପର୍ଯ୍ୟୟ ପରିଚାଳନାରେ ବିପୁଳ ସଫଳତା ପାଇଁ ମିଳିତ ଜାତିସଂଘ ଦେଇଥିଲା ସ୍ୱୀକୃତି। କ୍ରୀଡ଼ା କ୍ଷେତ୍ରର ରୂପାନ୍ତରଣ ଓ କ୍ରୀଡ଼ା ଆୟୋଜନରେ ସଫଳତା ପାଇଁ ଦେଶର କ୍ରୀଡ଼ା ହବ୍‌ରେ ପରିଣତ ହୋଇଥିଲା ଓଡ଼ିଶା। ଭୋକର ଭୂଗୋଳ ଓଡ଼ିଶା ଦେଶର ୪ର୍ଥ ଶ୍ରେଷ୍ଠ ଚାଉଳ ଯୋଗାଣକାରୀ ଓ ନିଅଣ୍ଟିଆରୁ ରାଜସ୍ୱ ବଳକା ରାଜ୍ୟରେ ପରିଣତ ହୋଇ ପାରିଥିଲା। ଜଳସେଚନ, ଜଳ ଯୋଗାଣ, ସ୍ୱାସ୍ଥ୍ୟସେବାଠାରୁ ଆରମ୍ଭ କରି ସାମାଜିକ କଲ୍ୟାଣ କ୍ଷେତ୍ରରେ ଓଡ଼ିଶା ବିକାଶର ଅଗ୍ରଦୂତ ସାଜିଥିଲା, ସରକାରୀ ସେବା ହୋଇଥିଲା ଲୋକାଭିମୁଖୀ।

ସମାନତା ହେଉଛି ଏକ ରାଜନୈତିକ ମୂଲ୍ୟବୋଧ, ଯାହା ସୁନିଶ୍ଚିତ କରିବା ଶାସନ ମୁଖ୍ୟଙ୍କ ଦାୟିତ୍ୱ। ଜ୍ୟାମିତିକ ସମାନତା ରାଜନୈତିକ ନ୍ୟାୟ ପ୍ରତିଷ୍ଠା କରିବାରେ ସକ୍ଷମ ହୋଇଥାଏ ଓ ସାଧାରଣ ଲୋକଙ୍କ କଲ୍ୟାଣକୁ ସୁନିଶ୍ଚିତ କରିଥାଏ। ଶାସ୍ତ୍ରରେ କୁହାଯାଇଛି, ଯେଉଁଠି ଆଇନ ନ୍ୟାୟସଙ୍ଗତ ନୁହେଁ, ତେବେ ତାହା ଅଦରକାରୀ ଓ ସାଧାରଣ ଲୋକଙ୍କ ପାଇଁ ଅହିତକର। ନବୀନ ଏହାକୁ ବୁଝିଥିଲେ ଓ କାର୍ଯ୍ୟରେ ବି ପରିଣତ କରିଥିଲେ। ସେଇଥିପାଇଁ ନବୀନ ଭିନ୍ନ, ଅନନ୍ୟ ଓ ସ୍ୱତନ୍ତ୍ର। ରାଜନୀତିର ସମୟ ଚକ୍ର ତାଙ୍କୁ ମୁଖ୍ୟମନ୍ତ୍ରୀ ପଦରୁ ପଦଚ୍ୟୁତ କରିଛି ସିନା; ଏବେ ବି ସେ ରାଜ୍ୟର କୋଟିକୋଟି ଲୋକଙ୍କ ହୃଦୟର ମୁଖ୍ୟମନ୍ତ୍ରୀ।

ଆଜି ତାଙ୍କ ଜନ୍ମ ଦିନ। ଏହି ଅବସରରେ ତାଙ୍କୁ ଅୟୁତ ଅୟୁତ ଶୁଭ କାମନା ଜଣାଉଛୁ ଓ ଦୀର୍ଘ ନିରାମୟ ଜୀବନ କାମନା କରୁଛୁ। ●

ସାଂସଦ, ରାଜ୍ୟସଭା



## ଫାଶୀ ବଦଳରେ ବିଷ ଇଞ୍ଜେକ୍ସନ ଦେବାକୁ କେନ୍ଦ୍ରର ନା

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ମୃତ୍ୟୁଦଣ୍ଡର ଦେବାର ପନ୍ଥା ବଦଳାଇବାକୁ ନେଇ କେନ୍ଦ୍ର ଦେଇଥିବା ଉତ୍ତର ଉପରେ ସୁପ୍ରିମକୋର୍ଟ ଅସନ୍ତୋଷ ପ୍ରକାଶ କରିଛନ୍ତି। ସମୟ ସହିତ ବହୁତ କିଛି ବଦଳି ଯାଇଛି, କିନ୍ତୁ ସରକାର ଚିନ୍ତାଧାରା ବଦଳାଇବାକୁ ପ୍ରସ୍ତୁତ ନ ଥିବାରୁ ସମସ୍ୟା ହେଉଛି ବୋଲି ଜଷ୍ଟିସ ବିକ୍ରମ ନାଥ ଏବଂ ସନ୍ଦୀପ ମେହେଟାଙ୍କ ଖଣ୍ଡପୀଠ କହିଛନ୍ତି। ଏହା ପୂର୍ବରୁ ମୃତ୍ୟୁଦଣ୍ଡ ପାଇଥିବା ଦୋଷୀଙ୍କୁ ଫାଶୀ ବଦଳରେ ଘାତକ ବିଷ ଇଞ୍ଜେକ୍ସନ ଦେବାକୁ କେନ୍ଦ୍ର ମନା କରିଦେଇଥିଲା। ଏଭଳି ବିକଳ୍ପ ଦେବା ବ୍ୟବହାରିକ ଦୃଷ୍ଟିରୁ ସମ୍ଭବ ନୁହେଁ ବୋଲି ସତ୍ୟପାଠରେ କୁହାଯାଇଥିଲା। ଏକ ଜନସ୍ୱାର୍ଥ ଆବେଦନରେ ଓକିଲ ଋଷି ମଲ୍‌ହୋତ୍ରା ଏହି ବିକଳ୍ପ ଦାବି କରିଥିଲେ। ଦୋଷୀଙ୍କୁ ଫାଶୀ କିମ୍ବା ବିଷ ଇଞ୍ଜେକ୍ସନର ଚୟନ କରିବାର ସୁଯୋଗ ଦେବାକୁ କହିଥିଲେ। ଇଞ୍ଜେକ୍ସନକୁ ସେ ଦ୍ରୁତ, ମାନବୀୟ ଏବଂ ସମ୍ମାନଜନକ କହିଥିଲେ। ଏହା ଉପରେ ଖଣ୍ଡପୀଠ କହିଥିଲେ ଯେ ଫାଶୀ ବହୁତ ପୁରୁଣା ପ୍ରକ୍ରିୟା। ସମୟ ସହିତ ବହୁତ କିଛି ବଦଳି ଯାଇଛି। କିନ୍ତୁ ସରକାର ଏହା ଚାହୁଁନାହାନ୍ତି।

## ମଙ୍ଗୋଲିଆ-ଭାରତ ମଧ୍ୟରେ ୧୦ ଚୁକ୍ତି

ନୂଆଦିଲ୍ଲୀ, ୧୫।୧୦(ଏଜେନ୍ସି): ମଙ୍ଗୋଲିଆର ରାଷ୍ଟ୍ରପତି ଖୁରେଲସୁଖ ଉଖନା ମଙ୍ଗଳବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିଛନ୍ତି। ଦୁଇ ଦେଶ ମଧ୍ୟରେ ୟୁରାନିୟମ ଯୋଗାଣ ସମେତ ୧୫ ହଜାର କୋଟି ଟଙ୍କାର ଅଏଲ ରିଫାଇନାରୀ ଓ ପ୍ରତିରକ୍ଷା ସହଯୋଗ ବୃଦ୍ଧି ନେଇ ବୁଝାମଣା ସ୍ୱାକ୍ଷରିତ ହୋଇଛି। ଏଥିସହ ତମ୍ବା, ୟୁରାନିୟମ, କୁକିଂ କୋଇଲା ଭଳି ଧାତୁର ଯୋଗାଣ ଶୃଙ୍ଖଳକୁ ଆହୁରି ଦୃଢ଼ କରିବାକୁ ଦୁଇ ନେତାଙ୍କ ମଧ୍ୟରେ ଆଲୋଚନା ହୋଇଛି। ଦୁଇ ଦେଶ ମଧ୍ୟରେ ୧୦ଟି ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଭାରତ ୨୦୨୬ରେ ଗୌତମ ବୁଦ୍ଧଙ୍କ ଦୁଇଜଣ ଶିଷ୍ୟ ଅରାହତ ସାରିପୁତ ଓ ଅରାହତ ମହା ମୋଗାଲାନାଙ୍କ ପବିତ୍ର ଅବଶେଷ ମଙ୍ଗୋଲିଆ ପଠାଇବ। ମଙ୍ଗୋଲିଆର ଗାନଦାନ ମଠକୁ ଭାରତ ଜଣେ ସଂସ୍କୃତ ଶିକ୍ଷକଙ୍କୁ ମଧ୍ୟ ପଠାଇବ। ମଙ୍ଗୋଲିଆର ବିକାଶରେ ଭାରତ ଜଣେ ଦୃଢ଼ ଓ ବିଶ୍ୱସନୀୟ ବନ୍ଧୁର ଦାୟିତ୍ୱ ବହନ କରିବ ବୋଲି ମୋଦୀ କହିଛନ୍ତି। ଆମର ପଡୋଶୀ ହୋଇ ନଥିଲେ ମଧ୍ୟ ମଙ୍ଗୋଲିଆକୁ ଆମେ ନିକଟତମ ବନ୍ଧୁ ବିବେଚନା କରୁ। ଦୁଇ ଦେଶ ସାଥି ହୋଇ ଗ୍ଲୋବାଲ୍ ସାଉଥ୍‌ର ସ୍ୱରକୁ ଆହୁରି ମଜବୁତ କରିବୁ ବୋଲି ସେ କହିଛନ୍ତି।

## ଦିଲ୍ଲୀରେ ସବୁଜ ବାଣକୁ ଅନୁମତି

ନୂଆଦିଲ୍ଲୀ, ୧୫।୧୦(ଏଜେନ୍ସି): ସୁପ୍ରିମକୋର୍ଟ ବୁଧବାର ଦିଲ୍ଲୀ-ଏନସିଆରରେ ସବୁଜ ବାଣ ବିକ୍ରି ଓ ଫୁଟାଇବାକୁ ସର୍ତ୍ତମୂଳକ ଅନୁମତି ଦେଇଛନ୍ତି। ୧୮ରୁ ୨୧ ତାରିଖ ପର୍ଯ୍ୟନ୍ତ ଏହା ଲାଗୁ ହେବ। ଲୋକେ ସକାଳ ୬ରୁ ୭ଟା ଏବଂ ସନ୍ଧ୍ୟା ୮ରୁ ୧୦ଟା ଭିତରେ ୩ ଘଣ୍ଟା ପାଇଁ ସବୁଜ ବାଣ ଫୁଟାଇପାରିବେ ବୋଲି ପ୍ରଧାନ ବିଚାରପତି (ସିଜେଆଇ) ବିଆର ଗଭାଇ ଓ ଜଷ୍ଟିସ ବିନୋଦ ଚନ୍ଦ୍ରନଙ୍କ ଖଣ୍ଡପୀଠ କେତୋଟି ସର୍ତ୍ତ ସହ ଏହି ନିର୍ଦ୍ଦେଶ ଦେଇଛନ୍ତି। ଏହି କ୍ରମରେ ସୁପ୍ରିମକୋର୍ଟ ୫ଟି ସର୍ତ୍ତ ରଖିଛନ୍ତି। ଆମକୁ ସନ୍ତୁଳନ ରକ୍ଷା କରିବାକୁ ହେବ, କିନ୍ତୁ ପର୍ଯ୍ୟାବରଣକୁ ନେଇ କୌଣସି ପ୍ରକାର ବୁଝାମଣା କରାଯିବ ନାହିଁ ବୋଲି ସେ ସ୍ପଷ୍ଟ କରିଛନ୍ତି।

## ପତ୍ନୀହନ୍ତା ଡାକ୍ତର ଗିରଫ

ବେଙ୍ଗାଲୁରୁ, ୧୫।୧୦(ଏଜେନ୍ସି): ଡାକ୍ତରାଣୀ ପତ୍ନୀଙ୍କୁ ହତ୍ୟା କରିବାର ୬ ମାସ ପରେ ଗିରଫ ହୋଇଛନ୍ତି ବେଙ୍ଗାଲୁରୁର ଜଣେ ଡାକ୍ତର। ଜେନେରାଲ ସର୍ଜନ ଭାବେ ଏକ ହସ୍ପିଟାଲରେ କାର୍ଯ୍ୟ କରୁଥିବା ମହେନ୍ଦ୍ର ରେଡ୍ଡୀ ପୂର୍ବ ବେଙ୍ଗାଲୁରୁସ୍ଥିତ ନିଜ ଘରେ ପତ୍ନୀ କୃତିକା ରେଡ୍ଡୀଙ୍କୁ ଆନେସ୍ଥେସିଆର ଓଭରଡୋଜ ଦେଇ ଏପ୍ରିଲ ୨୧ରେ ଏହି କାଣ୍ଡ ଘଟାଇ ଥିଲେ। କୃତିକା ଡର୍ମିଟୋଲିଜଷ୍ଟ ଭାବେ କାର୍ଯ୍ୟ କରିଛନ୍ତି। ଦୁହେଁ ଭିକ୍ଟୋରିଆ ହସ୍ପିଟାଲରେ ନିୟୋଜିତ ରହିଥିଲେ। ଓଭରଡୋଜ ନେବା ପରେ ସେ ଅସୁସ୍ଥ ଅନୁଭବ କରିଥିଲେ। ମହେନ୍ଦ୍ର ତାଙ୍କୁ ହସ୍ପିଟାଲ ନେଇଥିଲେ ମଧ୍ୟ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଅସ୍ୱାଭାବିକ ମୃତ୍ୟୁ ମାମଲା ରୁଜୁ କରି ମରାଠହାଲି ପୁଲିସ ଯାଞ୍ଚ ଆରମ୍ଭ କରିଥିଲା। ଗତବର୍ଷ ମେ’ ୨୬ରେ ଦୁହେଁ ବିବାହ କରିଥିଲେ।

## ମେକ୍ସିକୋରେ ପ୍ରବଳ ବର୍ଷା; ୬୪ ମୃତ

ମେକ୍ସିକୋ ସିଟି, ୧୫।୧୦(ଏଜେନ୍ସି): ଉତ୍ତର ଆମେରିକୀୟ ଦେଶ ମେକ୍ସିକୋରେ ସପ୍ତାହେ ହେଲା ପ୍ରବଳ ବର୍ଷା ଲାଗି ରହିଛି। ଏଥିରେ ୬୪ଜଣ ଲୋକ ପ୍ରାଣ ହରାଇଥିବା ବେଳେ ୬୫ ଜଣ ନିଖୋଜ ଅଛନ୍ତି। ବର୍ଷା କାରଣରୁ ହୋଇଥିବା ଭୂସ୍ଖଳନ ଯୋଗୁଁ ଅନେକ ରାଜପଥ ବନ୍ଦ ରହିଛି। ଫଳରେ ଉଦ୍ଧାରକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଦେଶର ୫ଟି ରାଜ୍ୟର ମୋଟ୍ ୧୦, ୦୦୦ ଲୋକ ଏହି ବର୍ଷା ଯୋଗୁଁ ପ୍ରଭାବିତ ହୋଇଛନ୍ତି। କେବଳ ବେରାକ୍ରୁଜ ରାଜ୍ୟରେ ଅକ୍ଟୋବର ୬ରୁ ୯ ତାରିଖ ମଧ୍ୟରେ ୫୪୦ ମିଲିମିଟର ବର୍ଷା ହୋଇଛି।

## ଶିଶୁଙ୍କ ସିରପରେ ପୋକ: ଏଜିଥ୍ରୋମାଇସିନ ବଣ୍ଟନ ବନ୍ଦ

ଗ୍ୱାଲିୟର, ୧୦।୧୫ (ଏଜେନ୍ସି): ମଧ୍ୟପ୍ରଦେଶରୁ ଆଉ ଏକ ଗମ୍ଭୀର ମାମଲା ସାମ୍ନାକୁ ଆସିଛି। ବିଷାକ୍ତ କଫ ସିରପ ପରେ ଶିଶୁଙ୍କୁ ଦିଆଯାଉଥିବା ଆଣ୍ଟିବାୟୋଟିକ ଔଷଧ ଆଜିଥ୍ରୋମାଇସିନ ଓରାଲ ସସ୍‌ପେନସନ୍ ସିରପରେ ପୋକଥିବା ମାମଲା ସାମ୍ନାକୁ ଆସିଛି। ପ୍ରଥମେ ମୁରାର ଜିଲ୍ଲା ଡାକ୍ତରଖାନାର ଜଣେ ମହିଳା ଏ ନେଇ ଅଭିଯୋଗ କରିଥିଲେ। ଔଷଧରେ କଳା ରଙ୍ଗର ପୋକ ଥିବା କହିଥିଲେ, ଏହା ପରେ ଡ୍ରଗ ବିଭାଗ ତୁରନ୍ତ ସିରପ ବଣ୍ଟନ ଉପରେ କଟକଣା ଲଗାଇ ଦେଇଥିଲା। ଏବେ ଯାଞ୍ଚ ପାଇଁ ନମୁନାକୁ ଭୋପାଳ ପରୀକ୍ଷାଗାରକୁ ପଠାଇ ଦିଆଯାଇଛି। ସମଗ୍ର ରାଜ୍ୟରେ ଏହି ଔଷଧର ଯାଞ୍ଚ ଆରମ୍ଭ ହୋଇଛି। ସାରା ରାଜ୍ୟକୁ ଏହି ଔଷଧ ପଠାଯାଉଛି।

## ଗୁଇନ୍ଦାଗିରି ଅଭିଯୋଗରେ ୮ ଜଣଙ୍କୁ ହତ୍ୟାକଲା ହମାସ୍

ତେଲ ଅଭିଭ୍/ ଗାଜା, ୧୫।୧୦(ଏଜେନ୍ସି): ଗାଜାରେ ହମାସ ୮ ଲୋକଙ୍କୁ ସ୍ପଷ୍ଟ ଦିବାଲୋକରେ ରାସ୍ତା ଉପରେ ଗୁଳିମାରି ହତ୍ୟା କରିଛି। ହମାସ ଏମାନଙ୍କୁ ଇସ୍ରାଏଲର ଗୁପ୍ତଚର ବୋଲି ଅଭିହିତ କରିଥିଲା। ଏବେ ଏହାର ଭିଡିଓ ଭାଇରାଲ ହୋଇଛି। ଏଥିରେ ୮ ଜଣଙ୍କ ଆଖିରେ ପଟି ବାନ୍ଧି ସଡ଼କ ଉପରେ ବସାଇ ହମାସ ଆତଙ୍କବାଦୀ ଗୁଳି ମାରିଥିଲେ। ଏତିକି ବେଳେ କିଛି ଲୋକ ‘ଆଲ୍ଲା ହୁ ଆକବର’ ଉଚ୍ଚାରଣ କରୁଥିବାର ଦେଖାଯାଇଛି। ଅସ୍ତ୍ରବିରତି ପରେ ଇସ୍ରାଏଲ ସେନା ଗାଜାରୁ ପଛକୁ ହଟିଥିବାରୁ ହମାସ ତାର ଶକ୍ତିବୃଦ୍ଧି କରିବାକୁ ପ୍ରୟାସ ଜାରି ରଖିଛି। ଇସ୍ରାଏଲ ଅଧିକୃତ ଅଞ୍ଚଳରେ ଯେଉଁ ଲୋକ ଓ ଗୋଷ୍ଠୀ ଶକ୍ତିଶଳୀ ହୋଇ ଉଠିଥିଲେ, ସେମାନଙ୍କୁ ହମାସ ଟାର୍ଗେଟ କରି ଆକ୍ରମଣ କରୁଛି। ଏହି ଗୋଷ୍ଠୀର ଲୋକମାନେ ରିଲିଫ ସାମଗ୍ରୀ ଲୁଟ୍ କରିବା ସହ ବିକ୍ରି କରୁଥିଲେ ଓ ଏହା ଦ୍ୱାରା ଗାଜାରେ ଦୁର୍ଭିକ୍ଷ ତଥା ଖାଦ୍ୟାଭାବ କାରଣରୁ ବହୁ ଲୋକ ମୃତ୍ୟୁବରଣ କରିଥିଲେ। ତେବେ ଏହି ହତ୍ୟା ଘଟଣାକୁ ପାଲେଷ୍ଟାଇନ୍ ରାଷ୍ଟ୍ରପତି ମହମ୍ମଦ ଆବାସ ଭୁଲ୍ ବୋଲି କହିଛନ୍ତି। ପୂର୍ବରୁ ମଙ୍ଗଳବାର ହମାସ ୪ ଜଣ ଇସ୍ରାଏଲ ପଣବନ୍ଦୀଙ୍କ ମୃତଦେହ ଇସ୍ରାଏଲ ଡିଫେନ୍ସ ଫୋର୍ସ (ଆଇଡିଏଫ୍)କୁ ହସ୍ତାନ୍ତର କରିଥିଲା। ପ୍ରଥମେ ଏହି ମୃତଦେହଗୁଡିକୁ ହମାସ ରେଡକ୍ରସ୍‌କୁ ଦେଇଥିଲା। ଏହାପରେ ରେଡକ୍ରସ ଏଗୁଡିକୁ ଆଇଡିଏଫ୍‌କୁ ହସ୍ତାନ୍ତର କରିଥିଲା।

## ତାଜମହଲ ବୁଲିଲେ ୩୨ ଦେଶର ସେନାମୁଖ୍ୟ

ଆଗ୍ରା, ୧୫।୧୦(ଏଜେନ୍ସି): ୩୨ଟି ଦେଶର ସେନାମୁଖ୍ୟ ବୁଧବାର ତାଜମହଲ ପରିଦର୍ଶନ କରିଛନ୍ତି। ସେନାମୁଖ୍ୟ ମାନେ ଏକ ବିମାନରେ ଆଗ୍ରାରେ ପହଞ୍ଚିବା ପରେ ତାଜମହଲ ଦେଖିବାକୁ ଯାଇଥିଲେ। ପାଖାପାଖି ଏକ ଘଣ୍ଟା ସେମାନେ ତାଜମହଲକୁ ମନଭରି ଦେଖିବାର ସୁଯୋଗ ପାଇଥିଲେ। ତାଜମହଲକୁ ସେମାନେ ପ୍ରଶଂସା କରିବା ସହ ସେଠାରେ ନିଜ ପରିବାର ସଦସ୍ୟଙ୍କ ସହ ଫଟୋ ଉଠାଇଥିଲେ। ସେନାମୁଖ୍ୟଙ୍କ ସହ ୨୫୦ ଜଣ ସଦସ୍ୟ ବିଶିଷ୍ଟ ଏକ ପ୍ରତିନିଧିମଣ୍ଡଳୀ ମଧ୍ୟ ଆସିଥିଲା। ନୂଆଦିଲ୍ଲୀରେ ଏକ ୩ ଦିନିଆ ଏସ୍‌ସିଓ ସମ୍ମିଳନୀ ଚାଲୁଛି। ଏଥିରେ ସମସ୍ତେ ସାମିଲ ହେବାକୁ ଭାରତ ଆସଛନ୍ତି। ଅକ୍ଟୋବର ୧୪ରୁ ୧୬ ତାରିଖ ପର୍ଯ୍ୟନ୍ତ ନୂଆଦିଲ୍ଲୀରେ ୟୁନାଇଟେଡ ନେସନ୍ସ ଟ୍ରୁପ୍ କଣ୍ଟ୍ରିବ୍ୟୁଟିଂ କଣ୍ଟ୍ରିଜ (ୟୁଏନଟିସିସି) ସମ୍ମିଳନୀ ଚାଲିଛି। ଏଥିରେ ୩୦ରୁ ଅଧିକ ଦେଶର ସେନାମୁଖ୍ୟ ଭାବେ ଯୋଗ ଦେଇଛନ୍ତି। ଏହି ସମ୍ମିଳନୀକୁ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଉଦ୍‌ଘାଟନ କରିଥିଲେ। ଏହି ସମ୍ମିଳନୀ ସ୍ୱଦେଶୀ ବୈଷୟିକ ଜ୍ଞାନକୌଶଳର ଉପଯୋଗ ନେଇ ଆୟୋଜିତ ହୋଇଛି।

# ରକ୍ତାକ୍ତ ସଂଘର୍ଷ ପରେ ଅସ୍ତ୍ରବିରତି

- ପାକିସ୍ତାନ-ଆଫଗାନ ମଧ୍ୟରେ ଘମାଘୋଟ ସଂଘର୍ଷ
- କାବୁଲରେ ବୋମାମାଡ଼; ପେଶାୱରରେ ଡ୍ରୋନ ଆକ୍ରମଣ
- ୫୦ରୁ ଅଧିକ ମୃତ୍ୟୁ ହୋଇଥିବା ଦାବି
- ତାଲିବାନର ଚତୁର୍ଥ ବାଟାଲିୟନ, ଷଷ୍ଠ ବ୍ରିଗେଡ ଧ୍ୱଂସ: ପାକ୍
- ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ଦୁଇଦେଶ ରାଜି



କାବୁଲ/ଇସଲାମାବାଦ, ୧୫।୧୦ (ଏଜେନ୍ସି): ପୁରୁଣା ବନ୍ଧୁତା ଏବେ ଶତ୍ରୁତାରେ ପରିଣତ ହୋଇଯାଇଛି। ଆଫଗାନିସ୍ତାନର ତାଲିବାନ ସରକାର ଏବଂ ପାକିସ୍ତାନ ମଧ୍ୟରେ ଚରମ ଉତ୍ତେଜନା ସୃଷ୍ଟି ହୋଇଛି। ଦୁଇ ଦେଶ ଘମାଘୋଟ ସଂଘର୍ଷରେ ଲିପ୍ତ ରହିଛନ୍ତି। ସପ୍ତାହ ଭିତରେ ଏହି ଉଭୟ ପଡୋଶୀ ରାଷ୍ଟ୍ର ତିନି ଥର ମୁହାଁମୁହିଁ ହେଲେଣି। ବୁଧବାର ସନ୍ଧ୍ୟାରେ ଆଫଗାନିସ୍ତାନର ରାଜଧାନୀ କାବୁଲରେ ପାକିସ୍ତାନ ଆକାଶ ମାର୍ଗରୁ ଆକ୍ରମଣ କରିଛି। କାବୁଲ ଏବଂ ସ୍ପିନ ବୋଲ୍ଡକ ଅଞ୍ଚଳରେ ବୋମାମାଡ଼ କରାଯାଇଛି। ଏଥିରେ ତାଲିବାନ ସଦସ୍ୟଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଲୋକ ପ୍ରାଣ ହରାଇଥିବା ସୂଚନା ମିଳିଛି। ଅନେକ କୋଠା ଜଳୁଥିବା ଦେଖାଯାଉଛି। ପାକିସ୍ତାନ ଗଣମାଧ୍ୟମ ଅନୁଯାୟୀ, ତାଲିବାନ ଆକ୍ରମଣକୁ ଜବାବ ଦିଆଯାଇଛି। ଏହି ଆକ୍ରମଣରେ କାନ୍ଦାହାର ପ୍ରଦେଶରେ ଥିବା ତାଲିବାନର ମୁଖ୍ୟ ଠିକଣାକୁ ଧ୍ୱଂସ କରିଦିଆଯାଇଛି। ଏଥିରେ ଚତୁର୍ଥ ବାଟାଲିୟନ ଏବଂ ଷଷ୍ଠ ବ୍ରିଗେଡ଼ ମାଟିରେ ମିଶିଯାଇଛି। ଅନେକ ତାଲିବାନ ସଦସ୍ୟ ଏବଂ ବିଦେଶୀ ନାଗରିକ ମଧ୍ୟ ପ୍ରାଣ ହରାଇଛନ୍ତି। ତେବେ ଆଫଗାନିସ୍ତାନ ଏହି ଦାବିକୁ ଖାରଜ କରିଦେଇଛି। ତାଲିବାନ ମଧ୍ୟ ଚୁପ୍ ହୋଇ ବସି ନାହିଁ। ଏହାର ଜବାବରେ ପେଶାୱରରେ ଡ୍ରୋନ ଆକ୍ରମଣ କରିଛି। ଏଥିରେ ଏକ ପ୍ଲାଜାର ପ୍ରକୋଷ୍ଠକୁ ନିଶାଣ କରାଯାଇଛି। ଗୁଇନ୍ଦା କାର୍ଯ୍ୟକଳାପ ପାଇଁ ଏହାକୁ ଗୁପ୍ତ ଅଫିସ ଭାବେ ବ୍ୟବହାର କରାଯାଉଥିବା ଦାବି କରାଯାଇଛି। ଏହା ସହିତ ପାକିସ୍ତାନ ସୀମାକୁ ତାଲିବାନ ଟ୍ୟାଙ୍କ ପଠାଇଛି।

ଏହି ଆକ୍ରମଣ ପରେ ଦୁଇ ଦେଶ ଶାନ୍ତି ପ୍ରୟାସ କରିଛନ୍ତି। ୪୮ ଘଣ୍ଟିଆ ଅସ୍ତ୍ରବିରତି ପାଇଁ ରାଜି ହୋଇଛନ୍ତି। ଏହା ସନ୍ଧ୍ୟା ୬ଟା୩୦ରୁ ଆରମ୍ଭ ହୋଇଛି। ଆଲୋଚନା ମାଧ୍ୟମରେ ଉଭୟ ଦେଶ ବିବାଦର ସମାଧାନ ପାଇଁ ପ୍ରୟାସ କରିବେ ବୋଲି ପାକିସ୍ତାନ ବୈଦେଶିକ ମନ୍ତ୍ରାଳୟ ପକ୍ଷରୁ କୁହାଯାଇଛି। ଏହା ପୂର୍ବରୁ ମଙ୍ଗଳବାର ରାତିରେ ପାକିସ୍ତାନ ସୁରକ୍ଷାବାହିନୀ ଏବଂ ଆଫଗାନ ତାଲିବାନ ମଧ୍ୟରେ ସଂଘର୍ଷ ହୋଇଥିଲା। ଆଫଗାନିସ୍ତାନ ପ୍ରବକ୍ତା ଜବିହୁଲ୍ଲାହ ମୁଜାହିଦ କହିଛନ୍ତି ଯେ ବୁଧବାର ସକାଳେ ପାକିସ୍ତାନ ସେନା କାନ୍ଦାହାରର ସ୍ପିନ ବୋଲ୍ଡକ ଅଞ୍ଚଳରେ ଆକ୍ରମଣ କରିଥିଲା। ଏଥିରେ ୧୨ ଜଣ ସାଧାରଣ ନାଗରିକ ପ୍ରାଣ ହରାଇଥିବାବେଳେ ୧୦୦ରୁ ଅଧିକ ଆହତ ହୋଇଥିଲେ। ଜବାବରେ ପାକିସ୍ତାନର ୭ ସୈନିକ ମଧ୍ୟ ନିହତ ହୋଇଥିଲେ। ଏହା ପରେ ପାକିସ୍ତାନ ସୀମାକୁ ଟ୍ୟାଙ୍କ ପଠା ଯାଇଥିଲା। ପାକିସ୍ତାନ ସେନାର ଗଣମାଧ୍ୟମ ଶାଖା (ଆଇଏସପିଆର) ପକ୍ଷରୁ କୁହାଯାଇଥିଲା ଯେ ବଲୁଚିସ୍ତାନ ସୀମାରେ ଆଫଗାନ ତାଲିବାନର ଆକ୍ରମଣକୁ ସୁରକ୍ଷାବାହିନୀ ବିଫଳ କରିଦେଇଛି। ଏଥିରେ ତାଲିବାନର ୧୫ରୁ ୨୦ ସଦସ୍ୟ ପ୍ରାଣ ହରାଇଛନ୍ତି।

ଆଫଗାନିସ୍ତନ ଏବଂ ପାକିସ୍ତାନ ଉଭୟେ ପରସ୍ପରର ସେନା ପୋଷ୍ଟକୁ କବ୍‌ଜା କରିଥିବା ଦାବି କରିଛନ୍ତି। ଏହା ସହିତ ଟ୍ୟାଙ୍କକୁ ଧ୍ୱଂସ କରିଦିଆଯାଇଛି। ସୀମାରେ ତାଲିବାନ ପ୍ରଥମେ ଗୁଳିମାଡ଼ କରିଥିବା ପାକିସ୍ତାନ ଅଭିଯୋଗ କରିଛି। ସେହିପରି ଆଫଗାନ ପକ୍ଷରୁ କୁହାଯାଇଛି ଯେ ଦେଶ ପ୍ରତି ବିପଦ ସୃଷ୍ଟି ହେଉଥିବା ସ୍ଥାନକୁ ନିଶାଣ କରି ସେନା ଆକ୍ରମଣ କରିଥିଲା।

## ଟପ୍-୧୦ରୁ ବାଦ୍ ପଡ଼ିଲା ଆମେରିକା ପାସପୋର୍ଟ

**୭୭ତମ ସ୍ଥାନକୁ ଉଠିଲା ଭାରତ**


ୱାଶିଂଟନ, ୧୫।୧୦(ଏଜେନ୍ସି): ହେନଲୀ ପାସପୋର୍ଟ ଇଣ୍ଡେକ୍ସ-୨୦୨୫ ପ୍ରକାଶିତ ହୋଇଛି। ବିଶ୍ୱର ବିଭିନ୍ନ ଦେଶର ଶକ୍ତିଶାଳୀ ପାସପୋର୍ଟକୁ ନେଇ ଏହି ସଂସ୍ଥା ତାଲିକା ପ୍ରକାଶିତ କରିଥାଏ। ଆମେରିକା ପାସ୍‌ପୋର୍ଟ ପ୍ରଥମଥର ପାଇଁ ଶ୍ରେଷ୍ଠ-୧୦ରୁ ବାଦ୍ ପଡ଼ିଛି। ଗତ ୨୦ ବର୍ଷ ଅର୍ଥାତ ଦୁଇ ଦଶନ୍ଧି ମଧ୍ୟରେ ପ୍ରଥମଥର ପାଇଁ ଆମେରିକାର ପାସ୍‌ପୋର୍ଟ ଶ୍ରେଷ୍ଠ-୧୦ ତାଲିକାରୁ ବାଦ୍ ପଡ଼ିଛି। ଆମେରିକା ଏଥିରେ ମାଲେସିଆ ସହିତ ଯୁଗ୍ମଭାବେ ଦ୍ୱାଦଶ ସ୍ଥାନରେ ରହିଛି। ୨୨୭ଟି ଦେଶ ମଧ୍ୟରୁ ମାଲେସିଆ ପାସପୋର୍ଟ ସହିତ ଜଣେ ବ୍ୟକ୍ତି ବିନା ଭିସାରେ ୧୮୦ଟି ଦେଶକୁ ଭ୍ରମଣ କରିପାରିବେ। ଅନ୍ୟପଟେ ସିଙ୍ଗାପୁର ପାସ୍‌ପୋର୍ଟ ସବୁଠାରୁ ଶକ୍ତିଶାଳୀ ସାବ୍ୟସ୍ତ ହୋଇଛି ଓ ଏହା ତାଲିକାର ଶୀର୍ଷରେ ରହିଛି। ସିଙ୍ଗାପୁର ପାସ୍‌ପୋର୍ଟ ସହ ଜଣେ ବ୍ୟକ୍ତି ୧୯୩ଟି ଦେଶକୁ ବିନା ଭିସାରେ ଯାଇପାରିବେ। ତାଲିକାର ଦ୍ୱିତୀୟ ସ୍ଥାନରେ ଦକ୍ଷିଣ କୋରିଆ ଓ ତୃତୀୟ ସ୍ଥାନରେ ଜାପାନ ରହିଛି। ଏହି ଦୁଇଟି ଦେଶର ପାସପୋର୍ଟଧାରୀ ବିନା ଭିସାରେ ଯଥାକ୍ରମେ ୧୯୦ ଓ ୧୮୯ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ତାଲିକାରେ ଚତୁର୍ଥ ସ୍ଥାନରେ ଜର୍ମାନୀ, ଇଟାଲୀ, ଲକ୍ସମବର୍ଗ, ସ୍ପେନ୍, ସ୍ୱିଜରଲାଣ୍ଡ ମିଳିତ ଭାବେ ସ୍ଥାନୀତ ହୋଇଛନ୍ତି ଓ ଏହି ଦେଶର ପାସ୍‌ପୋର୍ଟଧାରୀ ୧୮୮ଟି ଦେଶକୁ ଯାତ୍ରା କରିପାରିବେ। ସେହିପରି ଅଷ୍ଟ୍ରିଆ, ବେଲଜିୟମ, ଡେନ୍‌ମାର୍କ, ଫିନ୍‌ଲାଣ୍ଡ, ଫ୍ରାନ୍ସ, ଆୟର୍‌ଲାଣ୍ଡ ଓ ନେଦରଲାଣ୍ଡସ ମିଳିତ ଭାବେ ୫ମ ସ୍ଥାନରେ ରହିଥିବାବେଳେ ଏହି ଦେଶଗୁଡିକର ପାସପୋର୍ଟଧାରୀ ୧୮୭ଟି ଦେଶକୁ ବିନା ଭିସାରେ ଯାଇପାରିବ। ଏହି କ୍ରମରେ ଦେଖିବାକୁ ଗଲେ ଭାରତ ୭୭ତମ ସ୍ଥାନରେ ରହିଛି। ୨୦୨୫ରେ ପ୍ରଥମ କ୍ୱାର୍ଟର ତୁଳନାରେ ଭାରତ ତାଲିକାରେ ୮ଟି ସ୍ଥାନ ଉପରକୁ ଉଠିଛି। ଭାରତୀୟ ପାସପୋର୍ଟ ସହ ଜଣେ ବ୍ୟକ୍ତି ବିଶ୍ୱର ୫୯ଟି ଦେଶକୁ ବିନା ଭିସାରେ ବା ‘ଭିସା ଅନ୍ ଆରାଇଭାଲ’ରେ ଯାତ୍ରା କରିପାରିବେ। ଅନ୍ୟପଟେ ବ୍ରିଟେନ ପାସ୍‌ପୋର୍ଟ ଦୁଇଟି ସ୍ଥାନ ତଳକୁ ଖସି ୮ମ ସ୍ଥାନରେ ରହିଛି। ୨୦୧୫ରେ ବ୍ରିଟେନ ପାସ୍‌ପୋର୍ଟ ଶୀର୍ଷ ସ୍ଥାନରେ ରହିଥିଲା। ସେହିପରି କ୍ରମାଗତ ୫ ବର୍ଷ ପାଇଁ ପାକିସ୍ତାନ ପାସପୋର୍ଟ ୧୦୩ତମ ସ୍ଥାନରେ ରହିଛି।

### ହରିୟାଣା ଏଏସଆଇଙ୍କ ଆତ୍ମହତ୍ୟା ଘଟଣା

## ପୁରନଙ୍କ ସ୍ତ୍ରୀଙ୍କ ବିରୋଧରେ ମାମଲା

ଚଣ୍ଡିଗଡ଼, ୧୫।୧୦ (ଏଜେନ୍ସି): ଶେଷରେ ହରିୟାଣା ସରକାର ଏବଂ ଆତ୍ମହତ୍ୟା କରିଥିବା ବରିଷ୍ଠ ଆଇପିଏସ ଅଧିକାରୀ ପୁରନ କୁମାରଙ୍କ ପରିବାର ମଧ୍ୟରେ ଚାଲିଥିବା ଟଣାଓଟରାର ଅନ୍ତ ହୋଇଛି। ଆଇଏଏସ ପତ୍ନୀ ଅମନୀତ ପି. କୁମାର ରାଜି ହେବା ପରେ ବୁଧବାର ପୁରନଙ୍କ ମୃତଦେହର ବ୍ୟବଚ୍ଛେଦ ହୋଇଛି। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଚଣ୍ଡିଗଡ଼ ପିଜିଆଇରେ ସମ୍ପୂର୍ଣ୍ଣ ପ୍ରକ୍ରିୟାର ଭିଡିଓଗ୍ରାଫି କରାଯାଇଛି। ଏଥିପାଇଁ ପ୍ରାୟ ୪ ଘଣ୍ଟା ସମୟ ଲାଗିଥିଲା। ପରେ ଉପରବେଳା ସେକ୍ଟର-୨୫ ସ୍ଥିତ ଶ୍ମଶାନ ଘାଟରେ ଅନ୍ତିମ ସଂସ୍କାର କରାଯାଇଛି। ଏଠାରେ ତାଙ୍କୁ ପୁଲିସ ବାହିନୀ ସଲାମୀ ଦେଇଛି। ଅନେକ ପୁଲିସ, ପ୍ରାଶାସନିକ ଏବଂ ସରକାରୀ ପ୍ରତିନିଧି ଶ୍ମଶାନରେ ପହଞ୍ଚି ପୁରନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଏହା ପରେ ଆଇପିଏସଙ୍କ ଦୁଇ ଝିଅ ତାଙ୍କୁ ମୁଖାଗ୍ନି ଦେଇଥିଲେ। ଘଟଣାସ୍ଥଳରେ ଆଇପିଏସଙ୍କ ପତ୍ନୀ, କ୍ୟାବିନେଟ ମନ୍ତ୍ରୀ କୃଷ୍ଣଲାଲ ପନୱାର, ଶ୍ୟାମ ସିଂହ ରାଣା, ନୂଆ ଡିଜିପି ଓପି ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟପକ୍ଷରେ ଏଏସଆଇ ସନ୍ଦୀପ କୁମାରଙ୍କ ଆତ୍ମହତ୍ୟା ମାମଲା ନୂଆ ମୋଡ ନେଇଛି। ପୁରନଙ୍କ ଗନମ୍ୟାନଙ୍କୁ ଗିରଫ କରିଥିବା ଟିମ୍‌ରେ ସେ ସାମିଲ ଥିଲେ। ଏହି ମାମଲାରେ ତାଙ୍କୁ ଜେରା ପାଇଁ ନୋଟିସ ପଠା ଯାଇଥିଲା ବୋଲି ଜଣାପଡ଼ିଛି। ଏବେ ଏହି ଆତ୍ମହତ୍ୟାକୁ ନେଇ ପୁରନ୍‌ଙ୍କ ସ୍ତ୍ରୀଙ୍କ ବିରୋଧରେ ମାମଲା ରୁଜୁ ହୋଇଛି।

## ଆମେରିକାର ଭାରତୀୟ ବଂଶୋଦ୍ଭବ ଅଧିକାରୀ ଗିରଫ



ୱାଶିଂଟନ, ୧୫।୧୦(ଏଜେନ୍ସି): ଆମେରିକାର ଜଣେ ଭାରତୀୟ ବଂଶୋଦ୍ଭବ ଅଧିକାରୀ ଆସ୍‌ଲେ ଟେଲିସ ଗିରଫ ହୋଇଛନ୍ତି। ଆମେରିକାର ବୈଦେଶିକ ବିଭାଗରେ ଜଣେ ବରିଷ୍ଠ ଉପଦେଷ୍ଟା ଭାବେ ସେ କାର୍ଯ୍ୟ କରୁଥିଲେ। ତାଙ୍କୁ ଗତ ୧୨ ତାରିଖରେ ଗିରଫ କରାଯାଇଛି। ତାଙ୍କ ବିରୋଧରେ ଆମେରିକାର ନିରାପତ୍ତା ସହିତ ଜଡ଼ିତ କେତେକ ଗୋପନୀୟ କାଗଜପତ୍ର ନିଜ ପାଖରେ ରଖିବା ଓ ଚୀନ୍‌ର ଅଧିକାରୀଙ୍କ ଗୁପ୍ତରେ ଭେଟିଥିବାର ଅଭିଯୋଗ ହୋଇଛି। ୬୪ ବର୍ଷୀୟ ଟେଲିସ ଭିର୍ଜିନିଆସ୍ଥିତ ତାଙ୍କ ବାସଭବନରେ ଆମେରିକୀୟ ଗୁଇନ୍ଦା ସଂସ୍ଥା ଏଫ୍‌ବିଆଇର ୧, ୦୦୦ରୁ ଅଧିକ ପୃଷ୍ଠାର ଗୋପନୀୟ କାଗଜପତ୍ର ଜବତ କରାଯାଇଛି। ଯଦି ତାଙ୍କ ବିରୋଧରେ ଏହି ଅଭିଯୋଗ ପ୍ରମାଣିତ ହୁଏ, ତେବେ ତାଙ୍କୁ ୧୦ ବର୍ଷ ଜେଲ ଦଣ୍ଡ ସହ ୨.୫ ଲକ୍ଷ ଡଲାର ଅର୍ଥାତ ୨ କୋଟି ଟଙ୍କାର ଜରିମାନ ଧାର୍ଯ୍ୟ କରାଯାଇପାରେ। ଭର୍ଜିନିଆ କୋର୍ଟରେ ଟେଲିସଙ୍କ ଶୁଣାଣି ହେବ। ମାମଲା ରାଷ୍ଟ୍ରୀୟ ସୁରକ୍ଷା ସହିତ ଜଡିତ ଥିବାରୁ ଏଥିରେ ତାଙ୍କୁ ଜାମିନ ମିଳିବାର ଆଶା କ୍ଷୀଣ ରହିଛି। ରାଷ୍ଟ୍ରପତି ଟ୍ରମ୍ପଙ୍କ ପ୍ରଥମ କାର୍ଯ୍ୟକାଳରେ ଟେଲିସଙ୍କୁ ଭାରତରେ ଆମେରିକାର ରାଷ୍ଟ୍ରଦୂତ ଭାବେ ଚୟନ କରାଯାଇଥିଲା। କିନ୍ତୁ ତାଙ୍କୁ ଏହି ଦାୟିତ୍ୱ ପ୍ରଦାନ କରାଯାଇ ନ ଥିଲା। ଟେଲିସ୍ ଗତ ସେପ୍ଟେମ୍ବର-ଅକ୍ଟୋବରରେ ବୈଦେଶିକ ବିଭାଗ ଓ ପ୍ରତିରକ୍ଷା ମନ୍ତ୍ରଣାଳୟର ଗୋପନୀୟ କାଗଜପତ୍ର ବାହାର କରିଥିବା ଅଭିଯୋଗ ଏଫ୍‌ବିଆଇ ଆଣିଛି। ଏଥିରେ ବାୟୁସେନାର ଯୋଜନା, ନୂଆ ଟେକନିକ୍ ଓ ମିଲିଟାରୀ ବିମାନ ସଂକ୍ରାନ୍ତରେ ବିଭିନ୍ନ ସୂଚନା ଓ ତଥ୍ୟ ଥିଲା। ଅକ୍ଟୋବର ୧୨ରେ ଟେଲିସ୍‌ଙ୍କ ବାସଭବନରେ ଏଫ୍‌ବିଆଇ ଚଢ଼ାଉ କରିବା ସହ ତଲାସି ନେଇଥିଲା। ଟେଲିସ ୨୦୦୧ରୁ ଆମେରିକା ବୈଦେଶିକ ବିଭାଗରେ ଉପଦେଷ୍ଟା ଭାବେ ଦାୟିତ୍ୱ ନିର୍ବାହ କରିଆସୁଥିଲେ।

## ପ୍ରାର୍ଥୀ ତାଲିକା ଜାରିକଲେ ଜେଡିୟୁ, ବିଜେପି

**ବିହାର ନିର୍ବାଚନ**

ପାଟନା, ୧୫।୧୦ (ଏଜେନ୍ସି): ବିହାର ବିଧାନସଭା ପାଇଁ ରାଜନୀତି ସରଗରମ ହୋଇ ଉଠିଛି। ବିରୋଧୀ ଇଣ୍ଡିଆ ମେଣ୍ଟରେ ଆସନ ଚୂଡ଼ାନ୍ତ ହୋଇପାରି ନ ଥିବାବେଳେ କ୍ଷମତାସୀନ ଏନ୍‌ଡିଏ ମେଣ୍ଟରେ ବୁଝାମଣାକୁ ନେଇ କେଁ ସୃଷ୍ଟି ହୋଇଛି। ଏହା ସତ୍ତ୍ୱେ ବୁଧବାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାରଙ୍କ ଜେଡିୟୁ ନିଜର ପ୍ରଥମ ଏବଂ ବିଜେପି ଦ୍ୱିତୀୟ ପ୍ରାର୍ଥୀ ତାଲିକା ଜାରି କରିଛି। ଉପ-ମୁଖ୍ୟମନ୍ତ୍ରୀ ସମ୍ରାଟ ଚୌଧୁରୀଙ୍କ ପାଇଁ ନୀତୀଶ ନିଜ ତାରାପୁର ଆସନ ଛାଡ଼ି ଦେଇଛନ୍ତି। ୫୭ ଜଣିଆ ପ୍ରଥମ ତାଲିକାରେ ୪ ମହିଳା, ୧୦ ଅନୁସୂଚିତ ଜାତି, ୩ ବାହୁବଳୀ, ୬ ମନ୍ତ୍ରୀ ଏବଂ ୧୮ ବିଧାୟକଙ୍କୁ ପୁନର୍ବାର ଟିକେଟ ଦେଇଛନ୍ତି। ତେବେ ଚିରାଗ ପାଶ୍ୱାନ ଚାହୁଁଥିବା ୫ ସିଟ୍ ସୋନବରସା, ଅଲୌଲି, ରାଜଗୀର, ଏକମା, ମୋରବାରେ ପ୍ରାର୍ଥୀ ଦେଇ ବିବାଦ ସେ ସୃଷ୍ଟି କରିଛନ୍ତି। ସେହିପରି ୧୨ ଜଣିଆ ଦ୍ୱିତୀୟ ତାଲିକାରେ ଦିନକ ତଳେ ସାମିଲ ହୋଇଥିବା ଗାୟିକା ମୈଥିଳି ଠାକୁରଙ୍କୁ ବିଜେପି ଅଲିନଗରରୁ ପ୍ରାର୍ଥୀ କରିଛି।

ଅନ୍ୟପଟେ ଏଲଜେପିକୁ ମହୁଆ ଆସନ ଦେବାକୁ ନେଇ କ୍ଷୁବ୍ଧ ଥିବା ଆରଏଲଏମ ମୁଖ୍ୟ ଉପେନ୍ଦ୍ର କୁଶ୍ୱାହ ଦିଲ୍ଲୀରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହାଙ୍କୁ ଭେଟିବା ପରେ ଶାନ୍ତ ହୋଇଛନ୍ତି। ପୂର୍ବରୁ କୁଶ୍ୱାହ ମେଣ୍ଟରେ କିଛି ଭଲ ନ ଥିବା କହିଥିଲେ। ମାତ୍ର ୪୫ ମିନିଟର ବୈଠକ ପରେ ତାଙ୍କ ସ୍ୱର ବଦଳି ଯାଇଥିଲା। କୁଶ୍ୱାହଙ୍କୁ ରାଜ୍ୟସଭା ପଠାଇବାକୁ ଏବଂ ଗୋଟିଏ ଏମଏଲସି ଆସନ ଦେବାକୁ ପ୍ରତିଶ୍ରୁତି ଦିଆଯାଇଥିବା ସୂଚନା ମିଳିଛି। ଏହା ମଧ୍ୟରେ ଶୁକ୍ରବାର ସନ୍ଧ୍ୟାରେ ପ୍ରଦେଶ କଂଗ୍ରେସ ଅଧ୍ୟକ୍ଷ ରାଜେଶ ରାମ, ପ୍ରଭାରୀ କୃଷ୍ଣ ଅଲ୍ଲାବରୁ ଏବଂ ନେତା ସକିଲ ଅହମ୍ମଦଙ୍କ ଉପସ୍ଥିତିରେ କଂଗ୍ରେସ କର୍ମୀ ପପୁ ଯାଦବଙ୍କ ସମର୍ଥକଙ୍କୁ ମାଡ଼ ମାରିଛନ୍ତି। ଟିକଟ ବଣ୍ଟନକୁ କେନ୍ଦ୍ର କରି ଏହି ହଙ୍ଗାମା ହୋଇଛି। ଏଠାରେ ବିକ୍ରମ ବିଧାନସଭାର ଦଳୀୟ କର୍ମୀ ସିଟ୍ ବିକା ଯାଉଥିବା ଅଭିଯୋଗ କରିବାରୁ ଏପରି ହୋଇଥିଲା।

### ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟର ତିନି ପ୍ରାଧ୍ୟାପକଙ୍କ ଗବେଷଣା


## କୁଣ୍ଡଳୀ ମେଳକ ନ ହେବାରୁ ୩୭% ବିବାହ ବିଚ୍ଛେଦ

ବନାରସ, ୧୫।୧୦ (ଏଜେନ୍ସି): ଆଧୁନିକ ଯୁଗରେ ଅଧିକାଂଶ ଲୋକ କୁଣ୍ଡଳୀ ମେଳକ ନ କରି ବିବାହ କରୁଛନ୍ତି। କିଏ ପ୍ରେମ ବିବାହ କରୁଛି ତ ଆଉ କିଏ ପରିବାରର ଇଚ୍ଛାରେ ଜୀବନ ସଙ୍ଗିନୀ ବାଛୁଛନ୍ତି। ମାତ୍ର ପରବର୍ତ୍ତୀ ସମୟରେ ବିବାଦ ହେଉ ଅବା ଅନ୍ୟ କୌଣସି କାରଣ ସେହି ପ୍ରେମ ନ ରହି ବିବାହ ବିଚ୍ଛେଦ ଘଟୁଛି। ପ୍ରେମ ବ୍ୟାପାର, ଲିଭ୍-ଇନ ଏବଂ ଘରୋଇ ହିଂସା ଆଦି ଯୋଗୁଁ ହେଉଥିବା ବିବାହ ବିଚ୍ଛେଦ ଉପରେ ବନାରସ ହିନ୍ଦୁ ବିଶ୍ୱବିଦ୍ୟାଳୟ (ବିଏଚ୍‌ୟୁ)ର ତିନି ପ୍ରାଧ୍ୟାପକ ଏକ ଗବେଷଣା କରିଛନ୍ତି। ଏଥିରୁ ଚାଞ୍ଚଲ୍ୟକର ତଥ୍ୟ ସାମ୍ନାକୁ ଆସିଛି। ବିବାହ ପୂର୍ବରୁ ବର-କନ୍ୟାଙ୍କ କୁଣ୍ଡଳୀ ମେଳକ କରାଯାଇ ନ ଥିବାରୁ ୩୭ ପ୍ରତିଶତ ଛାଡ଼ପତ୍ର ହୋଇଥିଲା ବୋଲି ଜଣାପଡ଼ିଛି। ଗ୍ରହଦୋଷ ଥିବା ସତ୍ତ୍ୱେ ବିବାହ କରାଯାଉଛି। ଏଭଳି ବରକନ୍ୟା ବିବାହ ପରେ ପ୍ରେମରେ ପଡ଼ି ପରସ୍ପରର ହତ୍ୟା କିମ୍ବା ସମ୍ପର୍କରେ ଫାଟ ଆସିବା ପରେ ନୂଆ ଜୀବନସାଥି ଖୋଜୁଛନ୍ତି।

ବିଏଚ୍‌ୟୁର ୩ ପ୍ରାଧ୍ୟାପକ ଏବଂ ୨ ଜଣ ଗବେଷକ ୬ ମାସରେ ଏହି ଗବେଷଣା ଶେଷ କରିଥିଲେ। ବିଶ୍ୱବିଦ୍ୟାଳୟରେ ସୋମବାର ଆୟୋଜିତ ସେମିନାରରେ ଏହାର ସୂଚନା ଦିଆଯାଇଥିଲା। ଏଥିରେ ଇନ୍ଦୋରର ‘ମାଆ ଶାରଦା ଜ୍ୟୋତିଷଧାମ ଅନୁସନ୍ଧାନ ପ୍ରତିଷ୍ଠାନ’ ନେତୃତ୍ୱ ନେଇଥିଲା। ଭାରତର ୧୫ ରାଜ୍ୟ ସମେତ ନେପାଳ, ସିଙ୍ଗାପୁର, ଦୁବାଇର ଗବେଷକ ମଧ୍ୟ ଏହି ଗବେଷଣାରେ ସାମିଲ ଥିଲେ। ଗବେଷଣାର ସୂଚନା ଦେଇ ପ୍ରାଧ୍ୟାପକ ବିନୟ ପାଣ୍ଡେୟ କହିଥିଲେ ଯେ ଯୁବକ ଏବଂ ଯୁବତୀଙ୍କ କୁଣ୍ଡଳୀରେ ୩୬ରୁ ୩୨ ଗୁଣ ମିଶିବା ପରେ ବି ଗ୍ରହ ମେଳକ ଜରୁରୀ ହୋଇଥାଏ। କିନ୍ତୁ ଲୋକେ ଏବେ ନିଜକୁ ଆଧୁନିକ ଦେଖାଇବା ପାଇଁ ସନାତନ ଧର୍ମର ପରମ୍ପରା ପାଳନ କରୁନାହାନ୍ତି। ଅଧିକାଂଶ ବିବାହ ଫଟୋସୁଟ୍‌ରେ ବ୍ୟସ୍ତ ଥାଆନ୍ତି। ମନ୍ତ୍ରୋଚାରଣର ଆବଶ୍ୟକତା ବୁଝୁ ନାହାନ୍ତି। ଫଳରେ ବିବାହ ଭାଙ୍ଗି ଯାଉଛି ଏବଂ ବରକନ୍ୟା ପରସ୍ପରକୁ ହତ୍ୟା କରୁଛନ୍ତି। ଯାହାର କୁଣ୍ଡଳୀ ଏବଂ ଗ୍ରହ ମେଳକ କରାଯାଇଥାଏ, ତାଙ୍କ ବିବାହ ଶତ ପ୍ରତିଶତ ଠିକ୍ ଚାଲିଥାଏ। ଏହା ବୈଜ୍ଞାନିକ ତଥ୍ୟ। ଜ୍ୟୋତିଷଶାସ୍ତ୍ର ଏକ ପ୍ରକାରର ଗଣିତ ହିଁ।

ପ୍ରାଧ୍ୟାପକଙ୍କ ଅନୁଯାୟୀ, ଏହି ଗବେଷଣାରେ ବିଏଚ୍‌ୟୁ ଓପିଡିକୁ ଆସୁଥିବା ସାରା ଦେଶର ତଥ୍ୟ ଏବଂ ୩ ବର୍ଷ ଭିତରେ ଉତ୍ତର ପ୍ରଦେଶର ୧୨ ଜିଲ୍ଲାରେ ବିବାହ ବିଚ୍ଛେଦ ହୋଇଥିବା ଦମ୍ପତିଙ୍କ ତଥ୍ୟ ସଂଗ୍ରହ କରାଯାଇଥିଲା। ଦେଶର ଏଭଳି ୨୫୦ ମାମଲାରେ ଦମ୍ପତିଙ୍କ ପରିବାର ବର୍ଗଙ୍କୁ ତିନୋଟି ପ୍ରଶ୍ନ ପଚରା ଯାଇଥିଲା। ଏହି ତଥ୍ୟରୁ ଜଣାପଡ଼ିଥିଲା ଯେ ଯେଉଁ ବର-ବଧୂଙ୍କ କୁଣ୍ଡଳୀ ଠିକ୍ ସେ ମେଳକ କରାଯାଇ ନ ଥିଲା ସେମାନଙ୍କ ବିବାହ ବର୍ଷେରୁ ଦୁଇ ବର୍ଷ ଭିତରେ ଭାଙ୍ଗି ଯାଇଥିଲା। ଅନ୍ୟ ୬୩ ପ୍ରତିଶତ ମାମଲାରେ ସନାତନ ରୀତିନୀତି ଅନୁଯାୟୀ ବିବାହ କରାଯାଇ ନ ଥିଲା। ହୋଟେଲ ବୁକିଂକୁ ଦେଖି ବିବାହ ସମୟ ଧାର୍ଯ୍ୟ କରାଯାଇଥିଲା। ବିବାହ ସମୟରେ ମନ୍ତ୍ରୋଚାରଣ ମଧ୍ୟ ଠିକ୍‌ରେ କରାଯାଇ ନ ଥିଲା। ଦେଶରେ ଛାଡ଼ପତ୍ର ମାମଲା ବଢୁଥିବା ଦେଖି ଏହାର କାରଣ ଜାଣିବା ପାଇଁ ଏପରି ଗବେଷଣା କରାଯାଇଥିଲା।

# ମହାଭାରତର 'କର୍ଣ୍ଣ' ପଙ୍କଜ ଧୀର୍‌ଙ୍କ ପରଲୋକ



■ **ନୂଆଦିଲ୍ଲୀ, ୧୫ ।୧୦ (ଏଜେନ୍ସି):** ବର୍ଷୀଆନ ଅଭିନେତା ପଙ୍କଜ ଧୀର ୬୮ ବର୍ଷ ବୟସରେ ପରଲୋକଗମନ କରିଛନ୍ତି । ୧୯୮୮ରେ ଦୂରଦର୍ଶନରେ ପ୍ରସାରିତ ବିଆର୍ ଚୋପ୍ରାଙ୍କ ଲୋକପ୍ରିୟ ମେଗା ସିରିଏଲ 'ମହାଭାରତ'ରେ ସେ କର୍ଣ୍ଣ ଭୂମିକାରେ ଅବତୀର୍ଣ୍ଣ ହୋଇ ଲୋକପ୍ରିୟତା ହାସଲ କରିଥିଲେ ଓ ଘରେଘରେ ପରିଚିତ ହୋଇଥିଲେ । ସେ କର୍କଟ ରୋଗରେ ପୀଡିତ ଥିଲେ ଓ ଦୀର୍ଘଦିନ ଧରି ଚିକିତ୍ସିତ ହୋଇଆସୁଥିଲେ । ତାଙ୍କର ଏକ ବଡ଼ ଅସ୍ତ୍ରୋପଚାର ମଧ୍ୟ କରାଯାଇଥିଲା । ତାଙ୍କ ଦେହାନ୍ତରେ ଭାରତୀୟ ଟେଲିଭିଜନ ଜଗତରେ ଶୋକର ଛାୟା ଖେଳିଯାଇଛି । ମୃତ୍ୟୁବେଳେ ତାଙ୍କ ନିକଟରେ ପୁଅ ନିତିନ ଓ ପତ୍ନୀ ଅନୀତା ଉପସ୍ଥିତ ଥିଲେ । ସେ ସୋଲଜର, ଆନ୍ଦାଜ, ବାଦଶାହା ଓ ତୁମ୍ କୋ ନା ଭୁଲ ପାଏଙ୍ଗେ ଭଳି ହିନ୍ଦୀ ଚଳଚିତ୍ରରେ ଅଭିନୟ କରି ସଫଳତା ହାସଲ କରିଥିଲେ । ଚନ୍ଦ୍ରକାନ୍ତା, ବଡ଼େ ବହୁ, ଜି ହରର ଶୋ, କାନୁନ୍ 'ସସୁରାଲ ସିମୋର କା' ଭଳି ସିରିୟଲରେ ମଧ୍ୟ ଅଭିନୟ କରିଥିଲେ ।


ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-110 ♦THURSDAY ♦16 OCTOBER 2025 ♦PAGE-16 ♦₹ 6.00

♦ବର୍ଷ-୪୩ ♦ସଂଖ୍ୟା-୧୧୦ ♦ଗୁରୁବାର ♦୧୬ ଅକ୍ଟୋବର ୨୦୨୫ ♦ପୃଷ୍ଠା-୧୬ ♦ଟ.୬.୦୦


**ପୁଲିସ୍ ଚାକିରି ବେପାର**

# ଟ୍ରେନ୍‌ରେ ଯାଇଥିଲେ ଆଉ ୧୮୬

## ଦଲାଲ୍‌ଙ୍କଠାରୁ ସୂଚନା ମିଳିବା ପରେ ଘାଣ୍ଟୁଛି କ୍ରାଇମ୍‌ବ୍ରାଞ୍ଚ

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ପୁଲିସ୍ ଏସ୍‌ଆଇ ଚାକିରି ବିକ୍ରି ରାକେଟ୍ ଧରାପଡ଼ିବା ପରେ ନୂଆନୂଆ ତଥ୍ୟ ସାମ୍ନାକୁ ଆସୁଛି । ପୂର୍ବରୁ ୧୧୪ଜଣ ପରୀକ୍ଷାର୍ଥୀ ଓ ୩ଜଣ ଦଲାଲ୍‌ଙ୍କ ସମେତ ମୋଟ୍ ୧୧୭ଜଣ ଧରାପଡ଼ିଥିବା ବେଳେ ଆଉ ୧୮୬ ପରୀକ୍ଷାର୍ଥୀ ଟ୍ରେନ୍ ଯୋଗେ ଆନ୍ଧ୍ରପ୍ରଦେଶ ଯାଇଥିବା ତଥ୍ୟ କ୍ରାଇମ୍‌ବ୍ରାଞ୍ଚ ହାତରେ ଲାଗିଛି । ଟ୍ରେନ୍‌ରେ ଯାଇଥିବା ପରୀକ୍ଷାର୍ଥୀଙ୍କ ତାଲିକା କରିବା ସହ ସେମାନଙ୍କୁ ଧରିବା ପାଇଁ କସରତ ଆରମ୍ଭ ହୋଇଛି । ସେହିପରି ଅନେକ ପୁଲିସ୍ କନେଷ୍ଟବଳ ମଧ୍ୟ ଏସ୍‌ଆଇ ଚାକିରି ଆଶାରେ ଟଙ୍କା ଦେଇଥିବାର ପ୍ରମାଣ କ୍ରାଇମ୍‌ବ୍ରାଞ୍ଚ ପାଖରେ ପହଞ୍ଚିଛି । ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ମାଷ୍ଟମାଇଣ୍ଡ କୁହାଯାଉଥିବା ଶଙ୍କର ପୃଷ୍ଟି ଓ ମୁନା ମହାନ୍ତିଙ୍କୁ ଗିରଫ କରିବାରେ କ୍ରାଇମ୍‌ବ୍ରାଞ୍ଚ ବିଫଳ ହୋଇଥିବା ବେଳେ ଏକାବେଳେ ୩ଶହ ପଦ ବିକ୍ରି ପାଇଁ ବଡ଼ ଡିଲ୍ ସରିଥିବା ତଥ୍ୟ ମେଧାବୀଙ୍କ ମଧ୍ୟରେ ଆଲୋଡ଼ନ ସୃଷ୍ଟି କରିଛି ।

କ୍ରାଇମ୍‌ବ୍ରାଞ୍ଚ ସୂତ୍ରରୁ ମିଳିଥିବା ତଥ୍ୟ ଅନୁଯାୟୀ ଆନ୍ଧ୍ରପ୍ରଦେଶର ଶ୍ରୀକାକୁଲମ୍‌ରୁ ୩ଟି ବସ୍ ଧରାପଡ଼ିବା ପୂର୍ବରୁ ଦୁଇଟି ପର୍ଯ୍ୟାୟରେ ପ୍ରାୟ ୧୮୬ ଜଣ ପରୀକ୍ଷାର୍ଥୀ ଆନ୍ଧ୍ରପ୍ରଦେଶ ଯାଇଥିଲେ । ସେଠାରେ ସେମାନଙ୍କୁ ଦୁଇଟି ଗ୍ରୁପ୍ କରି ଭିନ୍ନ ଭିନ୍ନ ସ୍ଥାନକୁ ନିଆଯିବାର ଯୋଜନା ହୋଇଥିଲା । ହେଲେ

**କ୍ରାଇମ୍‌ବ୍ରାଞ୍ଚ ସ୍କାନର୍‌ରେ କନେଷ୍ଟବଳ; ବସ୍ ନ ପାଇ ବର୍ତ୍ତିଗଲେ ୧୩**

୩ଟି ବସ୍‌ରୁ ୧୧୭ ଜଣ ଗିରଫ ହେବା ଖବର ପାଇବା ପରେ ସମସ୍ତେ ଫେରାର୍ ହୋଇଯାଇଛନ୍ତି । କିଛି ପରୀକ୍ଷାର୍ଥୀ ତତ୍କାଳ ଓଡ଼ିଶା ଫେରିବା ପରିବର୍ତ୍ତେ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ବୁଲିବାକୁ ପଳାଇଥିଲେ । ଆଉ କିଛି ପୃଥକ୍ ଭାବେ ଟ୍ରେନ୍‌ରେ ହିଁ ଓଡ଼ିଶା ଫେରିଛନ୍ତି । ହେଲେ ସେମାନଙ୍କ ଅରିଜିନାଲ୍ ସାର୍ଟିଫିକେଟ୍ ଦଲାଲ୍‌ଙ୍କ ପାଖରେ ରହିଯାଇଛି । ପଚରାଉଚୁରା ବେଳେ ଦଲାଲ୍‌ମାନେ ଏହାକୁ ସ୍ୱୀକାର କରିଛନ୍ତି । ସେମାନଙ୍କ ନିକଟରୁ ସେମାନଙ୍କ ତାଲିକା ପାଇବା ସହ ଟଙ୍କା ନେଣଦେଣ ସମ୍ପର୍କରେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛି । ସେମାନଙ୍କୁ କ୍ରାଇମ୍‌ବ୍ରାଞ୍ଚ ଖୋଜୁଥିବା ବେଳେ ଗିରଫଦାରୀ ଭୟ ଥିବାରୁ ଅନେକ ପରୀକ୍ଷାର୍ଥୀ ସେମାନଙ୍କ ଫୋନ୍ ସୁଇଚ୍‌ଅଫ୍ କରି ଫେରାର୍ ହୋଇଯାଇଛନ୍ତି ।

ଅପରପକ୍ଷରେ ଏସ୍‌ଆଇ ଚାକିରି କରିବା ପାଇଁ ଅନେକ କନେଷ୍ଟବଳ ଟଙ୍କା ଦେଇଥିବା ମଧ୍ୟ ଜଣାପଡ଼ିଛି । ସପ୍ତମ ବାଟାଲିଅନ୍‌ରେ କାର୍ଯ୍ୟରତ ଯବାନ ଜିତେନ୍ଦ୍ର ନାଥ ଏବଂ ଯାଜପୁର ଟାଉନ୍ ଥାନାରେ କାର୍ଯ୍ୟରତ ବଳରାମ ବାରିକ ବସ୍‌ରେ ଯାଉଥିବାବେଳେ ଧରାପଡ଼ିଛନ୍ତି । ଢେଙ୍କାନାଳସ୍ଥିତ ଓଏସ୍‌ଏପି ପ୍ରଥମ ବାଟାଲିଅନ୍, ବୌଦ୍ଧସ୍ଥିତ ପଞ୍ଚମ ଆଇଆର୍‌ବିଏନ୍ ଏବଂ ବାଲେଶ୍ୱର ପୁଲିସ୍ ଜିଲ୍ଲାର ପ୍ରାୟ ୧୩ ଜଣ ଯବାନ୍ ବସ୍ ଫେଲ୍ ▶ପୃଷ୍ଠା-୧୧

## ଆଗୁଆ ଜାମିନ ଆବେଦନ କଲେ ୫ ଅଭିଯୁକ୍ତ

■ **ଭୁବନେଶ୍ୱର/କଟକ, ୧୫ ।୧୦ (ସମିସ):** ପୁଲିସ୍ ସବ୍ ଇନ୍ସପେକ୍ଟର ଚାକିରି ବିକ୍ରି ମାମଲାରେ ମୋଟ୍ ୧୧୯ ଜଣ ଗିରଫ ହୋଇଥିବା ବେଳେ ମୁଖ୍ୟ କାର୍ପଟଦାରଙ୍କୁ ଧରିବାରେ କ୍ରାଇମବ୍ରାଞ୍ଚ ବିଫଳ ହୋଇଛି । ଘଟଣାକୁ ୧୬ଦିନ ବିତିଥିଲେ ମଧ୍ୟ ଅଭିଯୁକ୍ତଙ୍କ ଟେର୍ ପାଇପାରୁନାହିଁ । ଘଟଣାର ମାଷ୍ଟରମାଇଣ୍ଡ କୁହାଯାଉଥିବା ପଞ୍ଚସପ୍ଟ କମ୍ପାନୀର ନିର୍ଦ୍ଦେଶକ ଶଙ୍କର ପୃଷ୍ଟି ସମେତ ୫ ଅଭିଯୁକ୍ତ ହାଇକୋର୍ଟରେ ଆଗୁଆ ଜାମିନ ଆବେଦନ କରିଛନ୍ତି । ଶଙ୍କରଙ୍କ ସହିତ ପଞ୍ଚସପ୍ଟ କମ୍ପାନୀର ଆଉ ଜଣେ ନିର୍ଦ୍ଦେଶକ ତଥା ଶଙ୍କରର ପତ୍ନୀ ଦୀପ୍ତିମୟୀ ସାହୁ, ଦଲାଲ୍ ମୁନା ମହାନ୍ତି, ଶ୍ରୀକାନ୍ତ ମହାରଣା ଓ ସୁକାନ୍ତ ମହାରଣା ଆଗୁଆ ଜାମିନ୍ ପାଇଁ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି ।

ଅପରପକ୍ଷରେ ମାଷ୍ଟରମାଇଣ୍ଡ ଶଙ୍କର ଦେଶ ଛାଡ଼ି ପଳାଇ ଯିବାରେ ସକ୍ଷମ ହୋଇଥିବା ପୁଲିସ୍ ସୂତ୍ରରୁ ଜଣାପଡ଼ିଛି । ସେ ପ୍ରଥମେ ଉତ୍ତରପ୍ରଦେଶ ଦେଇ ନେପାଳରେ ▶ପୃଷ୍ଠା-୧୧

**ନୂଆପଡ଼ା ଉପନିର୍ବାଚନ**

# ସ୍ନେହାଙ୍ଗିନୀ ପ୍ରାର୍ଥୀ, ନବୀନ ସାରଥୀ



■ **ଭୁବନେଶ୍ୱର, ୧୫।୧୦ (ସମିସ):** ନୂଆପଡ଼ା ଉପନିର୍ବାଚନ ପାଇଁ ପୂର୍ବତନ ମନ୍ତ୍ରୀ, ବିଜୁ ମହିଳା ଜନତା ଦଳ ସଭାନେତ୍ରୀ ତଥା ପଶ୍ଚିମ ଓଡ଼ିଶାର ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ ଘୋଷଣା କରି ସମସ୍ତଙ୍କୁ ଚକିତ କରିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ଆଜି ନବୀନ ନିବାସରେ ସେ ସ୍ନେହାଙ୍ଗିନୀଙ୍କ ପ୍ରାର୍ଥିତ୍ୱ ସମ୍ପର୍କରେ ଗଣମାଧ୍ୟମକୁ ସୂଚନା ଦେବା ସହ ତାଙ୍କ ପାଇଁ ନିଜେ ପ୍ରଚାର ମଇଦାନକୁ ଓହ୍ଲାଇବେ ବୋଲି ଘୋଷଣା କରିଛନ୍ତି ।

ବୁଧବାର ଦଳୀୟ କାର୍ଯ୍ୟାଳୟରେ ବିଜେଡି ସୁପ୍ରିମୋ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଦଳର ବରିଷ୍ଠ ନେତାମାନଙ୍କ ଉପସ୍ଥିତିରେ ସ୍ନେହାଙ୍ଗିନୀଙ୍କ ନାମ ଘୋଷଣା କରିଛନ୍ତି । ଏହି ଅବସରରେ ନବୀନ ▶ପୃଷ୍ଠା-୧୧

## କିନ୍ନର ଓ ଯୁବକଙ୍କ ଝୁଲନ୍ତା ଶବ ଉଦ୍ଧାର

■ **ଜୟପୁର, ୧୫ ।୧୦ (ସମିସ):** ଜୟପୁର ଗୋପବନ୍ଧୁ ନଗରରେ ଝୁଲନ୍ତା ଅବସ୍ଥାରେ ୨ ଜଣଙ୍କ ଶବ ଉଦ୍ଧାର ହୋଇଛି । ମୃତକ ୨ ଜଣ ହେଲେ ମନ୍ଦିରର ପୂଜକ କିନ୍ନର ରାଜୁ ମାଛ ଏବଂ ତାଙ୍କ ବନ୍ଧୁ ପାଇକସାହିର ସମରା ଜାନୀ । ସୂଚନା ଅନୁଯାୟୀ, ଗୋପବନ୍ଧୁ ନଗରରେ ଥିବା କନକ ଦୁର୍ଗା ମନ୍ଦିରର ପୂଜକ ଭାବେ ରାଜୁ ମାଛ ଦୀର୍ଘ ଦିନ ହେବ କାର୍ଯ୍ୟ କରୁଥିଲେ । ଜୟନଗରର ସମରା ଜାନୀ ମିସ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ବେଳେ ଉଭୟଙ୍କ ମଧ୍ୟରେ ବନ୍ଧୁତା ଗଢି ଉଠିଥିଲା । ମନ୍ଦିର ପରିସରରେ ଏକ ଲାଲ ରଙ୍ଗର ଶାଢି ବେକରେ ବନ୍ଧାଥିବା ଅବସ୍ଥାରେ ୨ ଜଣଙ୍କ ଶବ ଝୁଲୁଥିବା ଆଜି ଦେଖିବାକୁ ମିଳିଥିଲା । ଟାଉନ ପୁଲିସ ପହଞ୍ଚି ଶବକୁ ଜବତ କରି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଶବ ବ୍ୟବଚ୍ଛେଦ କରିଛି । ଏନେଇ ଜୟପୁର ଟାଉନ ପୁଲିସ ୨ଟି ଅପମୃତ୍ୟୁ ମାମଲା ରୁଜୁ କରି ▶ପୃଷ୍ଠା-୧୧

## ଜୟ ଢୋଲକିଆ ବିଜେପି ପ୍ରାର୍ଥୀ, ଆଜି କରିବେ ନାମାଙ୍କନ

■ **ଭୁବନେଶ୍ୱର, ୧୫।୧୦ (ସମିସ):** ବିଜେପି ସଂସଦୀୟ ବୋର୍ଡ ପକ୍ଷରୁ ବୁଧବାର ନୂଆପଡା ବିଧାନସଭା ନିର୍ବାଚନ ପାଇଁ ପ୍ରାର୍ଥୀ ଭାବେ ଜୟ ଢୋଲକିଆଙ୍କ ନାମ ଘୋଷଣା କରାଯାଇଛି । ଦଳୀୟ ପ୍ରାର୍ଥୀ ଘୋଷଣା ହେବା ପରେ ଶ୍ରୀ ଢୋଲକିଆ ଗୁରବାର ନାମାଙ୍କନ ପତ୍ର ଦାଖଲ କରିବେ ।

ସୂଚନା ଅନୁଯାୟୀ ଆସନ୍ତାକାଲି ସକାଳ ୧୦.୩୦ ଘଟିକାରେ ନୂଆପଡାସ୍ଥିତ 'ଗୋତମା' ଏୟାରଷ୍ଟ୍ରିପଠାରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହେବ ଏବଂ ଏଥିରେ ଅନ୍ୟ ଦଳର ଶତାଧିକ ସରପଞ୍ଚ, ସମିତି ସଭ୍ୟ, ୱାର୍ଡମେମ୍ବରଙ୍କ ସମେତ ପୂର୍ବତନ ଜନପ୍ରତିନିଧି ଓ ସମର୍ଥକମାନେ ସାମିଲ ହେବେ । ଏହା ପରେ ଏକ ବିଶାଳ ଶୋଭାଯାତ୍ରାରେ ଶ୍ରୀ ଢୋଲକିଆ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଯାଇ ନାମାଙ୍କନ ପତ୍ର ଦାଖଲ କରିବେ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, ରାଜ୍ୟ ସଭାପତି ମନମୋହନ ସାମଲ, ଉପମୁଖ୍ୟମନ୍ତ୍ରୀ, ମନ୍ତ୍ରିମଣ୍ଡଳର ସଦସ୍ୟ, ସାଂସଦ ଓ ବିଧାୟକ ଏବଂ ଦଳୀୟ ପଦାଧିକାରୀ ଓ ନେତୃବୃନ୍ଦ ଉପସ୍ଥିତ ରହିବେ ବୋଲି ଦଳ ପକ୍ଷରୁ ସୂଚନା ମିଳିଛି ।

**କାହା ଚାପରେ ଗୃହ ବିଭାଗ**

## ୭ଦିନରେ ବଦଳିଗଲା ଏଏସ୍‌ପିଙ୍କ ବଦଳି ନିର୍ଦ୍ଦେଶ

■ **ଭୁବନେଶ୍ୱର, ୧୫ ।୧୦ (ସମିସ):** ରାଜ୍ୟ ଗୃହ ବିଭାଗରେ ଏବେ ଘଡ଼ିକେ ଘୋଡ଼ା ଛୁଟୁଛି । ନୂଆ ପଦୋନ୍ନତି ପାଇଥିବା ଡିଏସ୍‌ପିମାନଙ୍କୁ ନିଯୁକ୍ତି ମିଳୁନଥିବାରୁ ପୁଲିସ ମହଲରେ ଅସନ୍ତୋଷ ଲାଗି ରହିଥିବା ବେଳେ ଏବେ ପୁଣି ଏକ ବିଚିତ୍ର ଘଟଣା ଦେଖିବାକୁ ମିଳିଛି । ମାତ୍ର ୭ ଦିନ ମଧ୍ୟରେ ଜଣେ ଅତିରିକ୍ତ ଏସପିଙ୍କ ବଦଳିକୁ ପରିବର୍ତ୍ତନ କରିଥିବା ବେଳେ ଦୁଇ ଜଣ ଅତିରିକ୍ତ ଏସପିଙ୍କ ବଦଳିକୁ ବାତିଲ କରିଦିଆଯାଇଛି । ସପ୍ତାହ ମଧ୍ୟରେ ବଦଳି ନିର୍ଦ୍ଦେଶନାମାରେ ଏଭଳି ଅସ୍ଥିରତା ବିଭାଗ ମୁଖିଆଙ୍କ ନିଷ୍ପତ୍ତି ନେବାର କ୍ଷମତାକୁ ପଦାରେ ପକାଇଛି । ରାଜ୍ୟ ଗୃହ ବିଭାଗରେ ଚାଲିଛି କ'ଣ? କାହା ଇଙ୍ଗିତରେ ପରିଚାଳିତ ହେଉଛି ରାଜ୍ୟର ଏହି ଗୁରୁତ୍ୱପୂର୍ଣ୍ଣ ବିଭାଗ? ଏଭଳି ଅନେକ ପ୍ରଶ୍ନ ଏବେ ସମସ୍ତଙ୍କ ମନରେ ଉଙ୍କି ମାରୁଛି । ନିଷ୍ପତ୍ତି ନେବାରେ ଅପରିପକ୍ୱତା ନାଁ ରାଜନୈତିକ ଚାପରେ ଏଭଳି କରାଯାଉଛି, ତାହା ମଧ୍ୟ ଏବେ ବଡ଼ ପ୍ରଶ୍ନ ।

ସୂଚନା ଅନୁସାରେ, ଗତ ୮ ତାରିଖ ଦିନ ରାଜ୍ୟ ଗୃହ ବିଭାଗ ୧୯ ଜଣ ଅତିରିକ୍ତ ଏସପିଙ୍କୁ ବିଭିନ୍ନ ଜିଲ୍ଲା ଓ ୟୁନିଟ୍‌କୁ ବଦଳି କରିଥିଲା । ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟକୁ ବଦଳି ହୋଇଥିଲା । ସେହିଭଳି କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କୁ ଡିଆଇବି ଭଦ୍ରକ ଓ ଭଦ୍ରକ ଡିଆଇବିର ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀଙ୍କୁ ରାୟଗଡ଼ା ଜିଲ୍ଲାକୁ ବଦଳି ହୋଇଥିଲା । ହେଲେ ୭ ଦିନ ମଧ୍ୟରେ ସବୁ ଓଲଟପାଲଟ ହୋଇ ଯାଇଥିଲା । ଗତକାଲି ଅର୍ଥାତ୍ ୧୪ ତାରିଖ ଦିନ ଗୃହ ବିଭାଗ ପକ୍ଷରୁ ଆଉ

**ହୋଇପାରୁନି ଡିଏସପି ନିଯୁକ୍ତି**

ଏକ ନିର୍ଦ୍ଦେଶନାମା ପ୍ରକାଶ ପାଇଥିଲା । ବ୍ରହ୍ମପୁରର ଅତିରିକ୍ତ ଏସପି ସୀମା ସ୍ୱାଇଁଙ୍କୁ ଉତ୍ତର କେନ୍ଦ୍ରାଞ୍ଚଳ ରେଞ୍ଜ ଆଇଜିଙ୍କ କାର୍ଯ୍ୟାଳୟ ପରିବର୍ତ୍ତେ ଅତିରିକ୍ତ ଏସପି ଗଞ୍ଜାମ ଭାବେ ବଦଳି କରାଯାଇଛି । ଗଞ୍ଜାମର ଅତିରିକ୍ତ ଏସପି ରଞ୍ଜିତ କୁମାର ପୃଷ୍ଟିଙ୍କୁ କମିସନରେଟ ପୁଲିସକୁ ବଦଳି ହୋଇଛି । ସେହିଭଳି ଡିଆଇବି ଭଦ୍ରକର ଅତିରିକ୍ତ ଏସପି ଅଂଶୁମାନ ଦ୍ୱିବେଦୀଙ୍କର ରାୟଗଡ଼ା ଜିଲ୍ଲାକୁ ହୋଇଥିବା ବଦଳିକୁ ବାତିଲ କରାଯାଇଛି । ତାଙ୍କ ସ୍ଥାନରେ ଭଦ୍ରକକୁ ▶ପୃଷ୍ଠା-୧୧

# ଏଫ୍‌ସିଆଇ ଉଠାଉନି ବଳକା ଚାଉଳ

## ହିତାଧିକାରୀଙ୍କୁ ଅଧିକ ୫ କେଜି ଚାଉଳ ଦେବେ ସରକାର

■ **ଭୁବନେଶ୍ୱର, ୧୫।୧୦ (ସମିସ):** ରାଜ୍ୟରେ ରାସନକାର୍ଡ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଅର୍ଥାତ୍ ମାସିକ ୧୦ କେଜି ଚାଉଳ ଯୋଗାଇ ଦେବାକୁ ସରକାର ଯୋଜନା କରୁଛନ୍ତି । ବୁଧବାର ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଜେ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ମାତ୍ର ରାଜ୍ୟ ସରକାରଙ୍କ ଏହି ଯୋଜନା ପଛରେ କୌଣସି ମହତ୍ ଉଦ୍ଦେଶ୍ୟ ନୁହେଁ, ବରଂ ବାଧ୍ୟବାଧକତା ଥିବା ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଏକାଧିକବାର ଅନୁରୋଧ ସତ୍ତ୍ୱେ ଏଫସିଆଇ(ଭାରତୀୟ ଖାଦ୍ୟ ନିଗମ) ଓଡ଼ିଶାର ବଳକା ଚାଉଳ ଉଠାଉନାହିଁ । ମୁଖ୍ୟମନ୍ତ୍ରୀଙ୍କଠାରୁ ଆରମ୍ଭ କରି ବିଭାଗୀୟ ମନ୍ତ୍ରୀ, କୃଷିମନ୍ତ୍ରୀ ଦିଲ୍ଲୀକୁ ବାରମ୍ବାର ଦୌଡ଼ି ଏନେଇ ଦାବି କରି ନୟାନ୍ତ ହେଲେଣି । ମାତ୍ର କେନ୍ଦ୍ର ସରକାର ଓଡ଼ିଶାର ଏହି ଦାବି ପ୍ରତି ତିଳେହେଲେ ଆଗ୍ରହ ଦେଖାଉ ନାହାନ୍ତି । ଫଳରେ ରାଜ୍ୟରେ ମହଜୁଦ୍ ଥିବା ଲକ୍ଷ ଲକ୍ଷ କୁଇଣ୍ଟାଲ ଚାଉଳ ନଷ୍ଟ ହୋଇଯିବାକୁ ବସିଛି । ତେଣୁ ରାଜ୍ୟ ସରକାର ବାଧ୍ୟ ହୋଇ ଏହି ଚାଉଳକୁ ପିଡିଏସ ମାଧ୍ୟମରେ

**ନଷ୍ଟ ହେବା ପୂର୍ବରୁ ଚାଉଳ ବାଣ୍ଟି ଦେବାକୁ ଚାହୁଁଛନ୍ତି ସରକାର**

**ବାରମ୍ବାର ଦିଲ୍ଲୀରେ ଗୁହାରି କରି ନୟାନ୍ତ ହେଲାଣି ଓଡ଼ିଶା**



ହିତାଧିକାରୀଙ୍କୁ ବାଣ୍ଟିବା ନେଇ ଯୋଜନା କରିଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି ।

ଗତ ମୌସୁମୀ ଅଧିବେଶନରେ ନିଜେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଏଫସିଆର ଗୁମର ବିଧାନସଭାରେ ଖୋଲିଥିଲେ । ଶ୍ରୀ ପାତ୍ର କହିଥିଲେ ଯେ ୨୦୨୪-୨୫ ବର୍ଷରେ ୬୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉତ୍ପାଦନ ହୋଇଛି । ଏଫସିଆଇ ଏବଂ ପିଡିଏସ ବ୍ୟବସ୍ଥା ମାଧ୍ୟମରେ ୫୦ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଖର୍ଚ୍ଚ ହୋଇଛି । ଆଉ ୧୩ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ବଳକା ରହିଛି । ଏହାକୁ ଉଠାଇବା ନେଇ ଆମେ କେନ୍ଦ୍ରକୁ ଅନୁରୋଧ କରିଛୁ । ରାଜ୍ୟ ସରକାରଙ୍କ ଆବେଦନ କେନ୍ଦ୍ର ନିକଟରେ ବିଚାରଧୀନ ରହିଛି । ଯଦି ଏଥିରେ ବିଳମ୍ବ ହୁଏ, ତାହେଲେ ଆମେ ରାଜ୍ୟର ଚାଉଳ ନଷ୍ଟ ହେବାକୁ ଦେବୁ ନାହିଁ । ବଳକା ଚାଉଳକୁ ଆମେ ଟେଣ୍ଡର ମାଧ୍ୟମରେ ବିକ୍ରି କରିବୁ ବୋଲି ମନ୍ତ୍ରୀ ସୂଚନା ▶ପୃଷ୍ଠା-୧୧


# ପୀତବାସଙ୍କ ହତ୍ୟା ଅଭିଯୁକ୍ତ ଚିହ୍ନଟ !

## ପୁଲିସ ପଞ୍ଝାରେ ସାର୍ପସୁଟର, ମାଷ୍ଟରମାଇଣ୍ଡର ନିକଟତର ପୁଲିସ

**ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼**

**୫ମ ଥର ପାଇଁ ବାଲାଜୀ ଓ ଜଣେ ମଦ ବ୍ୟବସାୟୀଙ୍କୁ ମାରାଥନ୍ ଜେରା**

■ **ବ୍ରହ୍ମପୁର,୧୫ ।୧୦(ସମିସ):** ବିଜେପି ନେତା ପୀତବାସ ପଣ୍ଡାଙ୍କ ହତ୍ୟାକାଣ୍ଡକୁ ବିତିଯାଇଛି ୧୦ଦିନ । ପରିବାର ପକ୍ଷରୁ ସମ୍ପନ୍ନ ହୋଇଛି ଦଶାହ କାର୍ଯ୍ୟ । ହତ୍ୟାକାରୀଙ୍କୁ ଧରିବାରେ ଓ ରହସ୍ୟ ଉନ୍ମୋଚନରେ ବିଳମ୍ବ ଘଟୁଥିବାରୁ ଓକିଲଙ୍କ ମହଲରେ ଅସନ୍ତୋଷ କୁହୁଳିବାରେ ଲାଗିଛି । ଅଭିଯୁକ୍ତଙ୍କ ଗିରଫଦାରୀ ସମ୍ପର୍କରେ ପୁଲିସ କୌଣସି ସୂଚନା ଦେଉନଥିବା ବେଳେ ଗୁଳିକାଣ୍ଡ ଘଟଣାରେ ବ୍ରହ୍ମପୁର ପୁଲିସକୁ ବଡ଼ ସଫଳତା ମିଳିଥିବା ସୂଚନା ମିଳିଛି । ହତ୍ୟାକାଣ୍ଡରେ ନିୟୋଜିତ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଥିବା ବେଳେ ପୁଲିସ ପଞ୍ଝାରେ ସୁପାରିକିଲର ଥିବା ସୂଚନା ମିଳିଛି । ଫଳରେ ପୁଲିସ ମାଷ୍ଟର ମାଇଣ୍ଡର ନିକଟତର ହୋଇଥିବା ନିର୍ଭରଯୋଗ୍ୟ ସୂତ୍ରରୁ ଜଣାପଡିଛି । ଗଠିତ ଟିମ୍ ପଡ଼ୋଶୀ ପଶ୍ଚିମବଙ୍ଗ ସମେତ ବିହାର ଓ ଦିଲ୍ଲୀରେ ଖୋଳତାଡ଼ କରୁଛି । ପୀତବାସଙ୍କ ହତ୍ୟାରେ ବିହାରୀ ସାର୍ପସୁଟରଙ୍କୁ ନିୟୋଜିତ କରାଯାଇଥିବା ବେଳେ ସ୍ଥାନୀୟ ଅପରାଧୀଙ୍କ ସହାୟତା ▶ପୃଷ୍ଠା-୧୧



# ତୁଟୁନି ଦୀପାବଳି ତାରିଖ ଦ୍ୱନ୍ଦ୍ୱ

■ **ପୁରୀ, ୧୫।୧୦ (ସମିସ):** ପାଞ୍ଜିକୁ ନେଇ ଅନେକ ସମୟରେ ଦ୍ୱନ୍ଦ୍ୱ ଦେଖାଦେଉଛି । ବିଭିନ୍ନ ପାଞ୍ଜିରେ ବିଭିନ୍ନ ମତ, ତିଥିରେ ପାର୍ଥକ୍ୟ ରହୁଛି । ଚଳିତବର୍ଷ ଏକାଧିକ ପର୍ବପର୍ବାଣୀରେ ଦ୍ୱନ୍ଦ୍ୱ ଉପୁଜିଲାଣି । ଏବେ ଦୀପାବଳିର ପାଳି । କେଉଁ ତାରିଖରେ ଦୀପାବଳି ଓ ପୟା ଶ୍ରାଦ୍ଧ କରାଯିବ ତାକୁ ନେଇ ଲୋକଙ୍କ ମନରେ ଦ୍ୱନ୍ଦ୍ୱ ସୃଷ୍ଟି ହୋଇଛି । ଚଳିତ ବର୍ଷ ଦୀପଦାନ, ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବା ବିଧି ଆସନ୍ତା ୨୦ ତାରିଖରେ କରିବା ପାଇଁ ମୁକ୍ତି ମଣ୍ଡପ ପଣ୍ଡିତମାନେ ମତ ରଖିଛନ୍ତି । ଧର୍ମଶାସ୍ତ୍ର ଅନୁସାରେ ଗଣନା କରାଯାଇଥିବା ବେଳେ ୨୧ ତାରିଖ ଦିନ ପୟା ଶ୍ରାଦ୍ଧ କରିବା ଠିକ୍ ନୁହେଁ ବୋଲି ମୁକ୍ତିମଣ୍ଡପ ପଣ୍ଡିତଙ୍କ ମତକୁ ପାଞ୍ଜି ସମୀକ୍ଷକ ଖଣ୍ଡନ କରିଥିବା ବେଳେ ବିବାଦ ଦେଖାଦେଇଛି । ୨୧ ତାରିଖରେ ପୟାଶ୍ରାଦ୍ଧ ଓ କାଉଁରିଆ ଜାଳିବାରେ କୌଣସି ଅସୁବିଧା ନ ଥିବା ନେଇ ଯୁକ୍ତି ଆସିଥିବାବେଳେ

**୨୦ରେ ଦୀପଦାନ ଶ୍ରାଦ୍ଧ ଶାସ୍ତ୍ରସମ୍ମତ: ମୁକ୍ତିମଣ୍ଡପ ପଣ୍ଡିତ ସଭା**

**୨୧ରେ ପାଳନ କରିବା ପାଇଁ ଯୁକ୍ତି ବାଢ଼ିଲେ ପାଞ୍ଜି ସମୀକ୍ଷକ**

ଶ୍ରୀମନ୍ଦିରରେ ୨୧ ତାରିଖରେ ଅମାବାସ୍ୟା ନୀତି ସହ ମହାପ୍ରଭୁଙ୍କର ସାଗର ବିଜେ ନୀତି କରାଯିବ ବୋଲି ଜଣାପଡ଼ିଛି ।

ଏହି ବିବାଦକୁ ନେଇ ବୁଧବାର ଭକ୍ତ ସାଲବେଗ ପୀଠରେ ମୁକ୍ତିମଣ୍ଡପ ପଣ୍ଡିତ ସଭା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ ଆୟୋଜନ କରାଯାଇଥିଲା । ଏଥିରେ ଉପସ୍ଥିତ ମୁକ୍ତିମଣ୍ଡପ ପଣ୍ଡିତ କହିଥିଲେ, ଆସନ୍ତା ୨୦ ତାରିଖରେ ଦୀପଦାନ ଶ୍ରାଦ୍ଧ କରାଯିବା ଶାସ୍ତ୍ରସମ୍ମତ । କାରଣ ୨୧ ତାରିଖ ପ୍ରଦୋଷକୁ ଏକ ଦଶ ଦଣ୍ଡ (୨୪ ମିନିଟ୍) ଅମାବାସ୍ୟା ତିଥି ନାହିଁ । ତେଣୁ ୨୧ ତାରିଖ ଦିନ ଦୀପଦାନ ଶ୍ରାଦ୍ଧ କରାଯାଇ ପାରିବ ନାହିଁ । ଗତବର୍ଷ ଭଳି ଏଥର ମଧ୍ୟ ବିଭିନ୍ନ ପଞ୍ଜିକାରେ ଦୁଇଦିନ ଦୀପାବଳି, ଦୀପଦାନ ପୟାଶ୍ରାଦ୍ଧ ରହିଛି । ଶ୍ରୀମନ୍ଦିର ସ୍ୱୀକୃତିପ୍ରାପ୍ତ ୫ଟି ପଞ୍ଜିକାରେ ୨୦ ତାରିଖରେ ଶ୍ୟାମାପୂଜା, ଦୀପଦାନ ଓ ପୟାଶ୍ରାଦ୍ଧ ଲେଖାଯାଇଛି ଅର୍ଥ ସେହିଦିନଠାରୁ ରାତି ପର୍ଯ୍ୟନ୍ତ ତା' ପରଦିନ ସନ୍ଧ୍ୟା ପର୍ଯ୍ୟନ୍ତ ଅମାବାସ୍ୟା ତିଥି ରହୁଥିବାରୁ ଦୀପଦାନ ଓ ପୟାଶ୍ରାଦ୍ଧ କରିବା ନେଇ ମୁକ୍ତିମଣ୍ଡପ ପଣ୍ଡିତ କହିଛନ୍ତି । ତେଣୁ ସରକାର ୨୧ ତାରିଖର ଛୁଟିକୁ ପରିବର୍ତ୍ତନ କରି ୨୦ ତାରିଖ କରିବାକୁ ଦାବି କରିଥିଲେ । ଯେଉଁମାନେ ସ୍ୱୀକୃତିପ୍ରାପ୍ତ ପଞ୍ଜିକାକୁ ବିରୋଧ କରୁଛନ୍ତି ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଥିଲେ ମୁକ୍ତିମଣ୍ଡପ ପଣ୍ଡିତ ସଭାର କାର୍ଯ୍ୟକାରୀ ସଭାପତି ଆଦିତ୍ୟ ହୃଦୟ ମିଶ୍ର, ସମ୍ପାଦକ ପ୍ରଫୁଲ୍ଲ କୁମାର ମିଶ୍ର, ▶ପୃଷ୍ଠା-୧୧

## ଋଣ ନାଁରେ ଯୁବକ ଠକେଇର ଶିକାର

# ଏ ଥାନାରୁ ସେ ଥାନାକୁ ଧାଇଁ ଧାଇଁ ନିରାଶ

ବଲାଙ୍ଗିର,୧୫ ।୧୦(ସମିସ): ବଲାଙ୍ଗିର ଜିଲ୍ଲାରେ ଋଣ କରି ଋଣ ଟଙ୍କାକୁ ହଡପ କରାଯିବା ଭଳି ଠକେଇ ସାଂଘାତିକ ହୋଇଥିବା ଅଭିଯୋଗ ହୋଇଛି । ତେବେ ସବୁଠାରୁ ଦୁର୍ଭାଗ୍ୟଜନକ ବିଷୟ ହେଉଛି ଥାନାରେ ଲିଖିତ ଅଭିଯୋଗ କରିବା ପାଇଁ ଯୁବକ ଜଣକ ଦୁଇ ଦିନ ହେଲା ଏ ଥାନାରୁ ସେ ଥାନାକୁ ଧାଉଁଛନ୍ତି । ମାମଲା କିନ୍ତୁ ରୁଜୁ ହେଉନି । ଏହିଭଳି ଘଟଣା ବଲାଙ୍ଗିର ଜିଲ୍ଲାରେ ଅନେକ ଥର ଦେଖିବାକୁ ମିଳିଛି । ମାମଲା ରୁଜୁ କରି ତଦନ୍ତ କରିବାକୁ ପୁଲିସ କାହିଁକି ଅନିଚ୍ଛା ପ୍ରକାଶ କରୁଛି ତାକୁ ନେଇ ପ୍ରଶ୍ନ ଉଠିଛି ।



- କେହି ଅଭିଯୋଗ ରଖୁ ନାହାନ୍ତି
- ହଇରାଣ ହେବା ଅପେକ୍ଷା ଚୁପ୍ ରହିବାକୁ ସ୍ଥିର
- ପୁଲିସ ବ୍ୟବସ୍ଥା ପ୍ରତି ଭରସା ବୁଡି ଯାଉଛି

ଅଭିଯୋଗ ଅନୁସାରେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ବୁରୋଭାଡି ଗାଁର ସୀତାକାନ୍ତ ଠେଲା ଏକ ଗ୍ୟାରେଜ ମିସ୍ତ୍ରୀ ଭାବେ କାମ କରନ୍ତି । ଗ୍ୟାରେଜକୁ ସବୁବେଳେ ଯା ଆସ କରିବା ସମୟରେ ନିକଟସ୍ଥ ଗାଁର ଅଞ୍ଜନ ନାଗ ନାମକ ଜଣେ ଯୁବକ ଆସିଥାନ୍ତି । ତେବେ ସଂପୃକ୍ତ ଯୁବକ ଜଣକ ନିଜକୁ ଏକ ଘରୋଇ ଫାଇନାନ୍ସ କମ୍ପାନୀର କର୍ମଚାରୀ ବୋଲି ପରିଚୟ ଦେଇ ସୀତାକାନ୍ତଙ୍କ ନାମରେ ଏକ ଋଣ କରିବାକୁ କହିଥିଲେ । ଏଥିପାଇଁ ସେ ସମସ୍ତ ପ୍ରକାର ଦସ୍ତାବିଜ ପ୍ରସ୍ତୁତ କରି ଋଣ ପାଇଁ ଆବେଦନ କରିଥିଲେ । ପୂର୍ବରୁ ଏକ ସାମଗ୍ରୀ କିଣିବା ସମୟରେ ସୀତାକାନ୍ତଙ୍କ ଏକ ଋଣ ରହିଥିବାରୁ ସଙ୍ଗେ ସଙ୍ଗେ ଋଣ ଆପ୍ରୁଭ ହୋଇଥିଲା । ତେବେ ଗତ ଅଗଷ୍ଟ ୨ ତାରିଖରେ ଋଣ ଟଙ୍କା ଜମା ହେବା ପରେ ୩ ତାରିଖରେ ଟଙ୍କାକୁ ୟୁପିଆଇ ମାଧ୍ୟମରେ ସଂପୃକ୍ତ ଯୁବକ ଜଣକ ଟ୍ରାନ୍ସଫର କରି ନେଇଥିଲେ । ପରବର୍ତ୍ତୀ ସମୟରେ ଋଣ ଦେଇଥିବା କମ୍ପାନୀର କର୍ମଚାରୀ ତାଙ୍କୁ ଏନେଇ କହିବା ପରେ ଅଞ୍ଜନ ସେହି କମ୍ପାନୀରେ କାମ କରୁ ନ ଥିବା ଜଣାପଡିଥିଲା । ସଂସ୍ଥା ମ୍ୟାନେଜର ଏନେଇ ଥାନାରେ ଅଭିଯୋଗ କରିବାକୁ କହିଥିଲେ । ପରେ ସଂପୃକ୍ତ ଯୁବକ ଜଣକ ପୁଇଁନ୍ତଲା ଥାନାକୁ ଅଭିଯୋଗ କରିବା ପାଇଁ ଯାଇଥିଲେ; କିନ୍ତୁ ସେଠାରେ ତାଙ୍କୁ ଟାଉନ ଥାନାରେ ଅଭିଯୋଗ କରିବାକୁ ଜଣେ ଅଧିକାରୀ କହିଥିଲେ । ଯୁବକ ଜଣକ ବୁଧବାର ଟାଉନ ଥାନାକୁ ଆସିଥିଲେ; ହେଲେ ଏଠି ସେ ହତାଶ ହୋଇଥିଲେ । ପୁଣି ପୁଇଁନ୍ତଲା ଥାନା ଯିବାକୁ ତାଙ୍କୁ କୁହାଯାଇଥିଲା । ବାରମ୍ବାର ସେ ଏ ଥାନାରୁ ସେ ଥାନାକୁ ଦୌଡି ଦୌଡି ଷବେ ନିରାଶ ହୋଇଛନ୍ତି । ପୁଲିସ ବ୍ୟବସ୍ଥା ପ୍ରତି ତାଙ୍କର ଆଉ ବିଶ୍ୱାସ ନାହିଁ । ପୁଲିସ କେବଳ ହଇରାଣ କରୁଛି । ବରଂ ଚୁପ୍ ରହିବା ଠିକ୍ ହେବ ବୋଲି ସେ କ୍ଷୋଭର ସହ ପ୍ରକାଶ କରିଛନ୍ତି ।

## ଲୋୟର ସୁକତେଲ ପ୍ରକଳ୍ପ ଅଧିକାରୀଙ୍କ ଦାଦାଗିରି

# ଅନୁମତି ନେଲେନି; ନାଲି ଆଖି ଦେଖାଉଛନ୍ତି

ବଲାଙ୍ଗିର,୧୫ ।୧୦(ସମିସ)

ବଲାଙ୍ଗିର ଲୋୟର ସୁକତେଲ ପ୍ରକଳ୍ପ ଅଧିକାରୀ ତଥା ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ନାମରେ ସାଂଘାତିକ ଅଭିଯୋଗ ଆସିଛି । ଜଣେ ଜମି ମାଲିକଙ୍କୁ କୌଣସି ସୂଚନା ନ ଦେଇ ତାଙ୍କ ଜମି ଖୋଳି ଦେଇଛନ୍ତି । ଏଣୁ ସେହି ଜମିରେ ହୋଇଥିବା ଫସଲ ନଷ୍ଟ କରିଛନ୍ତି । ପୁଲିସ ଫୋର୍ସ ଉପସ୍ଥିତିରେ ବଳପୂର୍ବକ ଏହି କାମ କରାଯାଇଛି । ଏବେ ନ୍ୟାୟ ପାଇଁ ଜମି ମାଲିକ ଜଣକ ବାରଦୁଆର ହେଉଛନ୍ତି । ପ୍ରକଳ୍ପ ଅଧିକାରୀଙ୍କ ସହ ମେଳି କରି ପୁଲିସ ତାଙ୍କୁ ଡରାଉଛି । ପ୍ରଶାସନ ମଧ୍ୟ ଶୁଣୁନି । ବଲାଙ୍ଗିର ଜିଲ୍ଲା ଲୋଇସିଂହା ତହସିଲର କୁଶମେଲ ଗାଁରୁ ଏହି ଅଭିଯୋଗ ଆସିଛି ।

ବଲାଙ୍ଗିର ଜିଲ୍ଲାର ଜୀବନ ରେଖା ଲୋୟର ସୁକତେଲ ପ୍ରକଳ୍ପରୁ ଚାଷୀଙ୍କୁ ପାଣି ଯୋଗାଇବା ପାଇଁ ବିଜେଡି ସରକାର ସମୟରେ ପ୍ରେସରାଇଜ ପାଇପ ଜଳସେଚନ ବ୍ୟବସ୍ଥା କରାଯାଇଥିଲା । ଚାଷୀଙ୍କ ସ୍ୱାର୍ଥକୁ ଦେଖି କେନାଲ ବ୍ୟବସ୍ଥା ବଦଳରେ ଏହି ବ୍ୟବସ୍ଥା କରାଯାଇଥିଲା । ବର୍ତ୍ତମାନ ପାଇପ ବିଛାଇବା ପାଇଁ ବିଭାଗୀୟ ଅଧିକାରୀ ଚାଷୀଙ୍କୁ ହଇରାଣ କରୁଥିବା ଅଭିଯୋଗ ହୋଇଛି । ଅଭିଯୋଗ ଅନୁସାରେ କୁଶମେଲ ମୌଜାର ଖାତା ନଂ ୩୫୧/୪୧୪, ୩୫୧/୪୧୩ ଅନ୍ତର୍ଭୁକ୍ତ ପ୍ଲଟ ନଂ ୪୯୨, ୪୯୨/୩୧୩୦, ୪୯୨/୩୧୨୪ ଦିନେଶ ବଂଶଲଙ୍କ ନାମରେ ରହିଛି । ଏହି ଜମି ଉପରେ ଗତ କିଛି ଦିନ ହେଲା ଲୋୟର ସୁକତେଲ ପ୍ରକଳ୍ପ ପକ୍ଷରୁ ବୁଲଡୋଜର ଲଗାଇ ମାଟି ଖୋଳା ଯାଉଛି । ଏହି ଜମିରେ ଲୋୟର ସୁକତେଲ ପ୍ରକଳ୍ପରୁ ଜଳସେଚନ ପାଇଁ ପାଇପ୍ ପଡିବ । ତେବେ ଜମି ଖୋଳିବା ଲାଗି ମାଲିକଙ୍କୁ ପ୍ରକଳ୍ପ ପକ୍ଷରୁ କୌଣସି ସୂଚନା ଦିଆଯାଇନି । ବିନା ଅନୁମତିରେ କିଭଳି କାମ କରାଯାଉଛି ବୋଲି ଦିନେଶ ପ୍ରଶ୍ନ କରିଛନ୍ତି । ଫସଲ ଅମଳ ସମୟରେ ଏହିଭଳି କାମକୁ ସେ ପ୍ରତିବାଦ କରିଛନ୍ତି । ତାଙ୍କ କହିବା ଅନୁସାରେ ଏହି ଜମିକୁ ନେଇ ବିବାଦ ରହିଛି; ଯାହା ଏବେ କୋର୍ଟରେ ବିଚାରାଧୀନ ରହିଛି । ତାଙ୍କ ଜମିକୁ ଲାଗି ଏକ ରାସ୍ତା ତିଆରି ସମୟରେ ଜୋର ଜବରଦସ୍ତ ୧୫ ଫୁଟ ଜାଗା ମାଡି ବାସିବା ନେଇ ବିବାଦ ଦେଖା ଦେଇଥିଲା । ସେହିପରି ଏକ ବିବାଦୀୟ ଜମିରେ ସରକାରୀ ଅଧିକାରୀଙ୍କ ଉପସ୍ଥିତିରେ କିଭଳି କାମ କରାଯାଉଛି ତାହା ସବୁଠାରୁ ବଡ ପ୍ରଶ୍ନ ବୋଲି ସେ କହିଛନ୍ତି । ସବୁଠାରୁ ଆଶ୍ଚର୍ଯ୍ୟର ବିଷୟ ହେଉଛି ସଂପୃକ୍ତ ଜମି ମାଲିକ ତାଙ୍କ ଜମିରେ ହେଉଥିବା କାମ ବିଷୟରେ କିଛି ଅନୁମତି ପତ୍ର ଅଛି କି ବୋଲି ପଚାରିବାରୁ ପ୍ରକଳ୍ପ ଅଧିକାରୀ କୌଣସି ଉତ୍ତର ରଖି ନ ଥିଲେ । ଓଲଟି ସରକାରୀ କାମ ଚାଲିଛି । ସେଥିପାଇଁ କାହାରି କୌଣସି ଅଣୁମତି ଲୋଡା ନାହିଁ ବୋଲି ପ୍ରକଳ୍ପ ଅଧିକାରୀ କହିଥିଲେ । ତେବେ କାମ କରିବା ପୂର୍ବରୁ ତାଙ୍କୁ ସ୍ଥାନୀୟ ସଦର ଥାନା ଅଧିକାରୀ ମଧ୍ୟ ଫୋନରେ ଫୋର୍ସ ଲଗାଇ କାମ କରିବେ ବୋଲି ଚେତାବନୀ ଦେଇଥିବା ସେ ଅଭିଯୋଗ କରିଛନ୍ତି । କାମ କରିବା ଦିନ ମଧ୍ୟ କିଛି ଅସୁବିଧା ହେଲେ ପୁଲିସ ପାଖକୁ ଆଉ ନ ଯିବାକୁ ଥାନା ଅଧିକାରୀ ନାଲି ଆଖି ଦେଖାଇ ଥିବା ସେ କହିଛନ୍ତି । ତେବେ ଏହି କାମ ପାଇଁ ତାଙ୍କ ଜମି ନଷ୍ଟ କରାଯାଇଥିବା ସତ୍ତ୍ୱେ ତାଙ୍କ ଅଭିଯୋଗ କେହି ଶୁଣୁ ନ ଥିବା ସେ ଅଭିଯୋଗ କରିଛନ୍ତି । ଏନେଇ ଜମି ମାଲିକ ଶ୍ରୀ ବଂଶଲ ଉପଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିବା ବେଳେ ସେ ମଧ୍ୟ କିଛି ଶୁଣି ନ ଥିଲେ । ଏହାଫଳରେ ସେ ବୁଧବାର ଏ ନେଇ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଛନ୍ତି । ଯଦି ତାଙ୍କୁ ନ୍ୟାୟ ନ ମିଳେ ତେବେ ବାଧ୍ୟ ହୋଇ କୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି । ଏନେଇ ପ୍ରତିକ୍ରିୟା ପାଇଁ ପ୍ରକଳ୍ପ ମୁଖ୍ୟ ନିର୍ମାଣ ଯନ୍ତ୍ରୀ ସୁରେନ୍ଦ୍ର ଭୋଇଙ୍କୁ ବାରମ୍ବାର ଯୋଗାଯୋଗ କରାଯାଇଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ ।



- ପାଇପ୍ ବିଛାଇବାକୁ ଜମି ଖୋଳିଦେଲେ, ଫସଲ ନଷ୍ଟ
- ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ ଉପସ୍ଥିତିରେ ଚାଲିଲା ଡୋଜର
- ପୁଲିସ ଫୋର୍ସ ଉପସ୍ଥିତିରେ ବଳପୂର୍ବକ କାମ
- ପୁଲିସ ଡରାଉଛି, ଉପ ଜିଲ୍ଲାପାଳ ଶୁଣୁ ନାହାନ୍ତି
- ନ୍ୟାୟ ନ ମିଳିଲେ କୋର୍ଟ ଯିବାକୁ ଚେତାବନୀ

# ଦୁର୍ଘଟଣାରେ ଜଳିଗଲା ଟ୍ରକ୍, ବାଇକ୍

ଦେଓଗାଁ,୧୫ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଦେଓଗାଁ କଲେଜ ଛକ

**ବାଇକ୍ ଚାଳକଙ୍କୁ ଘୋଷାଡି ନେଲା**

**ରାସ୍ତାରେ ମୁଣ୍ଡ, ଗଣ୍ଡି ଅଲଗା ହୋଇଗଲା**

**ଡେଇଁ ପଳାଇଲା ଟ୍ରକ୍ ଚାଳକ**

ନିକଟରେ ବୁଧବାର ରାତିରେ ଏକ ଟ୍ରକ୍ ଓ ଗୋଟିଏ ବାଇକ୍ ମଧ୍ୟରେ ଭୟଙ୍କର ଦୁର୍ଘଟଣା ଘଟିଛି । ଏହି ଘଟଣାରେ ଉଭୟ ଗାଡି ଜଳି ଯାଇଛି । ଏଥିରେ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । ମୃତ ଯୁବକ ଜଣକ ସଇଁନ୍ତଲା ନବୀନ ଛକରେ ଥିବା ସରିଫ ଷ୍ଟିଲର ମାଲିକ ସରିଫ ସାହା (୩୫) । ଦେଓଗାଁ ପଟରୁ ଟ୍ରକ୍‌ଟି ଦୃତ ଗତିରେ ଆସୁଥିଲା । କଲେଜ ଛକଠାରେ ୟୁଟର୍ଣ୍ଣ ବେଳେ ବାଇକ୍ ଚାଳକଙ୍କୁ ଘୋଷାଡି ନେଇଥିଲା । କଲେଜ ଛକରୁ ପ୍ରାୟ ଶହେ ମିଟର ଦୂର ବିଦ୍ୟୁତ୍ ଗ୍ରୀଡ ସାମ୍ନା ପର୍ଯ୍ୟନ୍ତ ଟ୍ରକ୍‌ଟି ବାଇକ୍‌କୁ ଘୋଷାଡି ନେଇଥିଲା । ଏହା ଏତେ ଭୟଙ୍କର ଥିଲା ଯେ, ରାସ୍ତାରେ ବାଇକ୍ ଚାଳକଙ୍କ ମୁଣ୍ଡ ଓ ଗଣ୍ଡି ଅଲଗା ହୋଇଯାଇଥିଲା । ପ୍ରାୟ ଅଧା କିଲୋମିଟର ଦୂରରେ ଟ୍ରକ୍ ଓ ବାଇକ୍ ଜଳି ଯାଇଥିଲା । ଟ୍ରକ୍ ଚାଳକ କିନ୍ତୁ ଗାଡିରୁ ଡେଇଁ ପଳାଇବାକୁ ସକ୍ଷମ ହୋଇଛି । ଲୋକଙ୍କଠାରୁ ଖବର ପାଇ ସ୍ଥାନୀୟ ଦମକଳ କେନ୍ଦ୍ରର କର୍ମଚାରୀ ପହଞ୍ଚି ନିଆଁ ଲିଭାଇଥିଲେ । ଦେଓଗାଁ ଥାନା ଅଧିକାରୀ ବୁଲୁ ମୁଣ୍ଡା ଓ ଡିଏସପି ସମର୍ଥ କେ. ବେହେରା ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ । ପୁଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ବଲାଙ୍ଗିର ଭୀମ ଭୋଇ ମେଡିକାଲକୁ ପଠାଇଛି । ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି । ପୁଲିସ ଅଧିକ ତଦନ୍ତ ଜାରି ରଖିଛି ।

# ବିଭିନ୍ନ ସମସ୍ୟା ନେଇ ବ୍ଲକ୍ ସାମ୍ନାରେ ବିକ୍ଷୋଭ



ସଇଁତଲା,୧୫ ।୧୦(ସମିସ): କୁଇକେଡା ପଞ୍ଚାୟତ ରେଙ୍ଗାଲିରେ ଦୀର୍ଘ ଦିନ ହେବ ବିଭିନ୍ନ ସମସ୍ୟା ଲାଗି ରହିଛି । ଗାଁର ରାସ୍ତା ଠିକ୍ ନାହିଁ । ଗାଁକୁ ବିଶୁଦ୍ଧ ଜଳ ଯୋଗାଇ ଦେବା ପାଇଁ ଟାଙ୍କି ବ୍ୟବସ୍ଥା କରାଯାଇଛି; ହେଲେ ବର୍ଷେ ହେବ କେବଳ ପାଇପ୍ ବିଛା ହୋଇଛି । ସେହିଭଳି ଗାଁରେ ବାରମ୍ବାର ବିଦ୍ୟୁତ କାଟ୍ ହେଉଛି । ଏହିସବୁ ସମସ୍ୟା ନେଇ ଗାଁ ଲୋକେ ଦୀର୍ଘ ଦିନ ହେବ ପ୍ରଶାସନଠୁ ଆରମ୍ଭ କରି ନେତାମନ୍ତ୍ରୀଙ୍କୁ ଗୁହାରି କରୁଥିଲେ ବି କେହି କର୍ଣ୍ଣପାତ କରୁନାହାନ୍ତି । ଶେଷରେ ବୁଧବାର ଯୁବ ନେତା ସାମୁଏଲ ନନ୍ଦଙ୍କ ନେତୃତ୍ୱରେ କିଛି ପଞ୍ଚାୟତ ପ୍ରତିନିଧିଙ୍କ ସମେତ ଗାଁର ମହିଳା ବ୍ଲକ କାର୍ଯ୍ୟାଳୟକୁ ଆସି ପ୍ରତିବାଦ କରିବା ସହ ସ୍ଥାୟୀ ସମାଧାନ ପାଇଁ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ । କୁଇକେଡା ନାଏବ ସରପଞ୍ଚ ବନ୍ଦିତା ପଟେଲ, ୱାର୍ଡ ସଭ୍ୟ କଜଳୀ ମଲିକ, ପୂର୍ବତନ ସମିତି ସଭ୍ୟ ବାରୁ ନନ୍ଦ, ଆରତୀ ନନ୍ଦ, ରମେଶ ମହାନନ୍ଦ, ବିନୋଦିନୀ ଆଡଜୁଆ, ଜାନକୀ ନନ୍ଦ, ସୂର୍ଯ୍ୟକାନ୍ତ କୁମ୍ଭାର, ସୁମି ବାଗ ଓ କଞ୍ଚନୀ ବାରିକ ପ୍ରମୁଖ ଉପସ୍ଥିତ ଥିଲେ ।

## ବଲାଙ୍ଗିରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

# ଡବଲ ଇଞ୍ଜିନ ସରକାର ଲୋକଙ୍କ ପାଇଁ ଅଭିଶପ୍ତ

ବଲାଙ୍ଗିର,୧୫ ।୧୦(ସମିସ) ବଲାଙ୍ଗିରରେ ବିଜେଡିର ଜନସମ୍ପର୍କ ପଦଯାତ୍ରା ଅଭିଯାନ ଅନୁଷ୍ଠିତ ହୋଇଯାଇଛି । ଏଥିରେ ବଲାଙ୍ଗିର ପୌରାଧ୍ୟକ୍ଷା ଲିକା ସାହୁ, ଉପାଧ୍ୟକ୍ଷା ଗାୟତ୍ରୀ ଭୋଇ, କାଉନସିଲର ଶମ୍ଭୁ ନାଗ ପ୍ରମୁଖ ନେତୃତ୍ୱ ନେଇଥିଲେ । ଦଳର ବରିଷ୍ଠ ନେତୃବୃନ୍ଦ ନବୀନ ପଟ୍ଟନାୟକଙ୍କ ସରକାର ସମୟର ଜନହିତକର ଯୋଜନା ବାବଦରେ ଲୋକଙ୍କୁ ଅବଗତ କରିଥିଲେ । ଏବେ ଡବଲ ଇଞ୍ଜିନ ସରକାର ଲୋକଙ୍କ ପାଇଁ ଅଭିଶପ୍ତ । ବିଜେପି ସରକାର କେବଳ ରଙ୍ଗମରା ଓ ମିଥ୍ୟା ପ୍ରତିଶୃତିର ଭଣ୍ଡାର ବୋଲି ଅଭିଯୋଗ କରି ବିଜେଡି ନେତୃମଣ୍ଡଳି କଡା ସମାଲୋଚନା କରିଥିଲେ । ଏହି ପଦଯାତ୍ରାରେ ଦଳର ନରସିଂହ ବାଗ, ବିଧୁଭୂଷଣ ତ୍ରିପାଠୀ, ପାଣ୍ଡବ କୁମ୍ଭାର, ଗୁଞ୍ଜି ଖାଁ, ଦମୟନ୍ତୀ ବାଗ, ସୁମନ ନନ୍ଦ, ସନ୍ତୋଷ ଦନ୍ତା, ବନମାଳୀ ବାଗ, ଦିଲୀପ ବରଗିତି, ମୁନୁ ପୋଢ଼, ପବିତ୍ର ନେପାକ, କାଉନସିଲର ଗଙ୍ଗା ଚାନ୍ଦ, ଶତ୍ରୁଘ୍ନ ବାଗ, ନନ୍ଦିନୀ ପୋଢ଼, ସନ୍ତୋଷିନୀ କୁଅଁର, ସଞ୍ଜୁଲତା ଦନ୍ତାଙ୍କ ସମେତ ଶତାଧିକ ବିଜୁ ଜନତା ଦଳର କର୍ମୀ ସାମିଲ ହୋଇଥିଲେ ।

**ବିଜେପି ସରକାର ରଙ୍ଗମରା ଓ ମିଥ୍ୟା ପ୍ରତିଶ୍ରୁତିର ଭଣ୍ଡାର**




# ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ



ଟିଟିଲାଗଡ,୧୫ ।୧୦(ସମିସ): ଟିଟିଲାଗଡ ନୀଳଚକ୍ର ନଗର ନିବାସୀ ଅବସରପ୍ରାପ୍ତ ଶିକ୍ଷକ ଯୁଧିଷ୍ଠିର ତ୍ରିପାଠୀ (୭୯)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ଶନିବାର ବଲାଙ୍ଗୀର ଡାକ୍ତରଖାନାରେ ପରଲୋକ ଘଟିଛି । ଟିଟିଲାଗଡ ସରକାରୀ ବାଳକ ହାଇସ୍କୁଲ ସମେତ କଣ୍ଟାବାଞ୍ଜି, କୁମ୍ଭାରୀ ଆଦି ସ୍ଥାନରେ ସେ ନିଜ କର୍ମମୟ ଜୀବନ ଅତିବାହିତ କରିଥିଲେ । ସ୍ଥାନୀୟ ମୁକ୍ତିଧାମଠାରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି ।

# ବେଲପଡା କଲେଜରେ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ



ବେଲପଡା,୧୫ ।୧୦(ସମିସ): ବେଲପଡା ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ଛାତ୍ରଛାତ୍ରୀଙ୍କୁ ନେଇ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଛି । ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ମେହେର ସଭାପତିତ୍ୱ କରିଥିଲେ । ପ୍ରାଧ୍ୟାପକା ଲିଲିମା ପଣ୍ଡା, ଗାୟତ୍ରୀ ମିଶ୍ର, ମନୋଜ ମହାଖୁଡ ଅତିଥି ଭାବେ ଯୋଗ ଦେଇଥିଲେ । ଅଧ୍ୟାପକ ସୁଦାମ ଚନ୍ଦ୍ର ମହାପାତ୍ର ସ୍ୱାଗତ ଭାଷଣ ଦେଇ ସନ୍ତୁଳିତ ଖାଦ୍ୟ ଖାଇବା ଉପରେ ପରାମର୍ଶ ଦେଇଥିଲେ । ଅଧ୍ୟାପକ ଡ. ଗଙ୍ଗାଧର ଦେହେରି ଧନ୍ୟବାଦ ଅର୍ପଣ କରିଥିଲେ ।

# ବନ୍ଧୁକ, ଖଣ୍ଡା ଧରି ଆତଙ୍କ ଘଟଣାରେ ୫ ଗିରଫ



ଦେଓଗାଁ,୧୫ ।୧୦(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଅଧୀନ ଦେଓଗାଁ କଛାରପାଲିରେ ସୋମବାର ସନ୍ଧ୍ୟାରେ ଦୁର୍ବୃତ୍ତଙ୍କ ଆତଙ୍କ ଘଟଣାରେ ପୁଲିସ ପଦକ୍ଷେପ ନେଇଛି । ବୁଧବାର ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି । ଏମାନେ ହେଲେ ଦେଓଗାଁ ଥାନା ଅଧୀନ ଅର୍ଡା ଗାଁର କାଳିଆ ବେହେରା (୨୮), ପଶ୍ଚିମବଙ୍ଗ ମୁର୍ଶିଦାବାଦ ଜିଲ୍ଲା ବେଲଡଙ୍ଗା ଥାନା ହରେକନଗରର ମହମ୍ମଦ ସାନାଉଲ୍ଲା ଖାଁ (୩୮), ବଲାଙ୍ଗିର ସାଗରପଡାର ସାଗର ମାହାକୁର (୨୫), ଶାସ୍ତ୍ରୀନଗରର ମୁକେଶ ବଗର୍ତ୍ତି(୩୦) ଓ ସଇଁନ୍ତଲା ଥାନା କମଲଡଗା ଗାଁର କିଷାନ ମାଝି (୨୫) । ସମସ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ଜେଲ୍ ପଠାଇ ଦିଆଯାଇଛି । ସେମାନଙ୍କଠାରୁ ଗୋଟିଏ ବାଇକ,୨ଟି ମୋବାଇଲ ଫୋନ ସହ ମାରଣାସ୍ତ୍ର ଜବତ ହୋଇଛି । ଏହାସହ ଅନ୍ୟ ଅଭିଯୁକ୍ତଙ୍କୁ ମଧ୍ୟ ଶୀଘ୍ର ଗିରଫ କରାଯିବ । ଅରାଜକତାକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ଥାନା ଅଧିକାରୀ ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି ।

# ଆଦ୍ୟାଶକ୍ତି ନାରୀ ସଂଗଠନର କନ୍ୟା ସନ୍ତାନ ଦିବସ



ବଲାଙ୍ଗୀର,୧୫ ।୧୦(ସମିସ): ସ୍ଥାନୀୟ ତେଲିଗୋଠପଡାଠାରେ ଥିବା ପୂର୍ଣ୍ଣଚନ୍ଦ୍ର ପାଠାଗାରରେ ଆଦ୍ୟାଶକ୍ତି ନାରୀ ସଂଗଠନ ତରଫରୁ ଅନ୍ତର୍ଜାତୀୟ କନ୍ୟା ସନ୍ତାନ ଦିବସ ସହିତ ନୂଆଁଖାଇ ଭେଟ ଅନୁଷ୍ଠିତ ହୋଇଯାଇଛି । ସଭାପତି ମାଳତି ଉଦ୍‌ଗାତା ପ୍ରଦୀପ ପ୍ରଜ୍ଜଳନ ପୂର୍ବକ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ । ଉପଦେଷ୍ଟା ମଦନ ମୋହନ ରଥ, ଚୁଡେନ୍ଦ୍ର ବେହେରା, ସୁନାଧର ବନଛୋର ଏବଂ ଧର୍ମବ୍ରତ ରଥ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥଲେ । ରେଭେନ୍ସା କଲେଜର ପୂର୍ବତନ ଅଧ୍ୟକ୍ଷା ଆରତି ତ୍ରିପାଠି ଏବଂ କୁମୁଦିନୀ ମିଶ୍ର ଏଥିରେ ଯୋଗଦେଇ କନ୍ୟା ସନ୍ତାନର ଆବଶ୍ୟକତା, ସେମାନଙ୍କ ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ନିରାପତ୍ତା ଉପରେ ବକ୍ତବ୍ୟ ରଖିଥିଲେ । ଏହି ଅବସରରେ ଅନ୍ତାକ୍ଷରୀ, ଭଜନ ଓ ନୃତ୍ୟ ପ୍ରଭୃତି କାର୍ଯ୍ୟକ୍ରମକୁ ଆରତୀ ମିଶ୍ର ଓ ରାଜଶ୍ରୀ ତ୍ରିପାଠୀ ସଂଯୋଜନା କରିଥିଲେ । ନିହାରିକା ମିଶ୍ର, ନିରୁପମା ମିଶ୍ର, ବିଜୟଲକ୍ଷ୍ମୀ ମିଶ୍ର ଓ ସଂଯୁକ୍ତା ମିଶ୍ର ନୂଆଁଖାଇ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ । ମିନତି ଗୁରୁ ଏକକ ଅଭିନୟ କରିଥିବା ବେଳେ କୁନି କଳାକାର ସୃଜନୀ ଶୁଭଲକ୍ଷ୍ମୀ ଆବାହନୀ ସଂଗୀତ ଗାନ କରିଥିଲେ । ମାଧୁରୀ କୁଅଁର, ସଂଗୀତା ମିଶ୍ର, କୁମୁଦିନି ପୃଷ୍ଟି, ବାସନ୍ତୀ ଦାସ, କଲ୍ଲୋଳିନୀ ମିଶ୍ର, ମିନାକ୍ଷୀ ଗୁରୁ, ସରୋଜା ମାଝି, ପୁଷ୍ପଲତା ମିଶ୍ର, ସସ୍ମିତା ଖମାରୀ, ସୁନିତା ରଥ, ମାମୀ ସିଂହଦେଓ, ସ୍ୱର୍ଣ୍ଣମୟୀ ମିଶ୍ର, ଚିନ୍ମୟୀ ଉଦ୍‌ଗାତା, ବୀଣାପାଣି ଆ.ର୍ଯ୍ୟ, ଦୀପ୍ତିମୟୀ ମିଶ୍ର, ରଶ୍ମି ପାତ୍ର, ସୁଷମା ଦାସ, ତପସ୍ୱିନୀ ପଶାୟତ ଓ ଭାଗବତୀ ପାଣିଗ୍ରାହୀ ପ୍ରମୁଖ ସହଯୋଗ କରିଥିଲେ । ଶେଷରେ ସଂପାଦିକା କସ୍ତୁରୀ ରଥ ଧନ୍ୟବାଦ ଅର୍ପଣ କରିଥିଲେ ।

# ଅର୍ଡା, ବନ୍ଧପଡ଼ାରେ 'ସୁରଭି' କାର୍ଯ୍ୟକ୍ରମ



ବଲାଙ୍ଗିର/ଦେଓଗା,୧୫ ।୧୦(ସମିସ)

ଦେଓଗାଁ ବ୍ଲକ୍ ଅର୍ଡା ଉଚ୍ଚ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କାର୍ଯ୍ୟକ୍ରମରେ ଏବିଇଓ କବିରାଜ ମାଝୀ, ସିଆରସିସି ପଦ୍ମଲୋଚନ ସୁନା, ସ୍କୁଲ ପରିଚାଳନା କମିଟି ଉପ ସଭାପତି କୌଶଲ୍ୟା ସାମଲ, ପ୍ରଧାନ ଶିକ୍ଷକ କୈଳାସ କର୍ତ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ୧୧ଟି ସ୍କୁଲର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ବିଭିନ୍ନ ପ୍ରତିଯୋଗିତାରେ ଉତ୍ତୀର୍ଣ୍ଣ ପ୍ରତିଭାଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା । ସଂଜୀବ ଷଡଙ୍ଗୀ ମଞ୍ଚ ପରି.ଳନା କରିଥିଲାବେଳେ ପ୍ରଶାନ୍ତ ପୋତ ଧନ୍ୟବାଦ ଅର୍ପଣ କରିଥିଲେ । ସେହିଭଳି ଦେଓଗାଁ ବ୍ଲକ୍ ବନ୍ଧପଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସ୍ଥାନୀୟ ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ପ୍ରଦୀପ ଜେନା ଏଥିରେ ସଂଯୋଜନା କରିଥିଲେ । କ୍ଲଷ୍ଟରର ସମସ୍ତ ବିଦ୍ୟାଳୟର ଛାତ୍ରଛାତ୍ରୀ ବକ୍ତୃତା, ରଚନା ଲିଖନ, ସୃଜନାତ୍ମକ ଲିଖନ, ପିଏମ ପୋଷଣ ଶିଳ୍ପକଳା, ଚିତ୍ରକଳା, ଏଫଏଲଏମର ଗଣିତ, ସାହିତ୍ୟ, ଗଳ୍ପକଥନ, ଦୌଡ ଆଦି ପ୍ରତିଯୋଗିତାରେ ଭାଗ ନେଇଥିଲେ । ଏହି ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ଦଳଗତ, ଏକକ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ ପ୍ରଥମ ସ୍ଥାନ ଅଧିକାର କରିଥିବା କୃତୀ ପ୍ରତିଯୋଗୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ । ଶିକ୍ଷକ ଉପେନ୍ଦ୍ର ମେହେର, ଅଶୋକ ଭୋଇ, ଦେବବ୍ରତ ନାଥ, ଶୁଭସ୍ମିତା ନାୟକ, ବିଷ୍ଣୁପ୍ରିୟା ନାଏକ, ମିନକେତନ ଭୋଇ, ମେଘନାଦ ରଣା, ସୁଦାମ ଭୋଇ, ଗଦାଧର ରଣା, ବିନାୟକ ପାଣିଗ୍ରାହୀ, ଦୁଃଖିଶ୍ୟାମ ବଗର୍ତ୍ତି, ବର୍ଷା ବେହେରା, ଯୁଧିଷ୍ଠିର କର୍ଣ୍ଣ, ବାସୁଦେବ ପ୍ରଧାନୀ, ସୁଧାଂଶୁ ବରିହା ପ୍ରମୁଖ ସହଯୋଗ କରିଥିଲେ । ଘାସିରାମ ଗଡତ୍ୟା ଧନ୍ୟବାଦ ଅର୍ପଣ କରିଥିଲେ ।



## ବୀରମହାରାଜପୁର ସ୍ୱାସ୍ଥ୍ୟକେନ୍ଦ୍ରର ବିକଳ ଚିତ୍ର

# ନାହାନ୍ତି ଡାକ୍ତର, ଆବଶ୍ୟକ କର୍ମଚାରୀ



**ବୀରମହାରାଜପୁର, ୧୫।୧୦ (ସମିସ):** ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରୁ ଦୀର୍ଘ ଦିନ ହେଲା ଡେପୁଟେସନରେ ଯାଇଥିବା କେତେକ ଡାକ୍ତର ଆଉ ଫେରି ନ ଥିବା ଜଣାଯାଇଛି> ଆହୁରିମଧ୍ୟ ଆବଶ୍ୟକ ଅନ୍ୟ କର୍ମଚାରୀମାନଙ୍କୁ ଫେରାଇ ଅଣର ଯାଇ ନ ଥିବାରୁ କର୍ମଚାରୀ ଅଭାବ ଯୋଗୁଁ ଜନସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ପ୍ରକାଶ ଯେ ସରକାର ବୀରମହାରାଜପୁର ଉପଖଣ୍ଡସ୍ତରୀୟ ଡାକ୍ତରଖାନାର ନିର୍ମାଣ, ସୌନ୍ଦର୍ଯ୍ୟକରଣ ପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରିଚାଲିଛନ୍ତି। ମାତ୍ର ଦୁଃଖର ବିଷୟ ଉକ୍ତ ଡାକ୍ତରଖାନରେ ଆବଶ୍ୟକ ଡାକ୍ତର ଓ କର୍ମଚାରୀ ର ଅଭାବ ଯୋଗୁଁ ରୋଗୀମାନେ ଠିକ ଭାବେ ସ୍ୱାସ୍ଥ୍ୟସେବା ପାଇଁ ନ ପାରି ରାତିଅଧରେ ବୁର୍ଲା, କଟକ, ଭୁବନେଶ୍ୱର, ରାଉରକେଲା, ବଲାଙ୍ଗିର ସ୍ଥାନାନ୍ତରିତ ହୋଇ ଖର୍ଚ୍ଚାନ୍ତ ରେ ପଡ଼ିବା ସହ ହଇରାଣ ହରକତ ହେବା ଓ ଅନେକ ସମୟରେ ରୋଗୀ ମୃତ୍ୟୁମୁଖରେ ପଡ଼ୁ ଥିବା ନଜିର ରହିଛି। ପ୍ରକାଶ ଯେ ଉକ୍ତ ଡାକ୍ତରଖାନାର କେତେକ ଡାକ୍ତର ଓ କର୍ମଚାରୀମାନଙ୍କୁ ବିଭିନ୍ନ ଆଳରେ ଅନ୍ୟତ୍ର ଡେପୁଟେସନରେ ପଠାଯାଇଥିଲା, ଫଳରେ ରୋଗୀ ସେବା ବିପର୍ଯ୍ୟସ୍ତ ହେଇପଡ଼ିଛି। ବାହାରେ ଚକ୍ ଚକ୍ ଭିତରେ ଫମ୍ପା ନୀତିରେ ଚାଲିଛି ଏ ସ୍ୱାସ୍ଥ୍ୟକେନ୍ଦ୍ର। ଅନେକ ଡାକ୍ତର, ଚକ୍ଷୁରୋଗ ବିଶେଷଜ୍ଞ, ଫାର୍ମାସିଷ୍ଟଙ୍କ ସମେତ ଅନେକ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ ସ୍ୱାସ୍ଥ୍ୟ ବିଭାଗ ଏ ଯାଏ ଫେରାଇ ଆଣି ନାହିଁ। ପ୍ରକାଶ ଥାଉକି ଏଠାରେ ଜଣେ ମାତ୍ର ବିଶେଷଜ୍ଞ ଡାକ୍ତର ଥିବା ବେଳେ ଆବଶ୍ୟକ ସଂଖ୍ୟକ ଏମ୍‌ବିବିଏସ ଡାକ୍ତର ନାହାନ୍ତି। ଆବଶ୍ୟକ ସୁଇପର ନ ଥିବାରୁ ଡାକ୍ତରଖାନାର ପରିମଳ ବ୍ୟବସ୍ଥା ଭୁଶୁଡ଼ି ପଡ଼ିଛି। ରକ୍ତଭଣ୍ଡାର ନିର୍ମାଣ ହୋଇଛି ହେଲେ କାର୍ଯ୍ୟକାରୀ ହେଉନାହିଁ, ଫଳରେ ରୋଗୀଙ୍କ ପାଇଁ ରକ୍ତ ଆବଶ୍ୟକ ହେଲେ ଅନେକ ସମୟରେ ରୋଗୀମାନେ ଅନେକ ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି। ନବ ନିର୍ମାଣ ବିଶ୍ରାମ କକ୍ଷ ଲେବର ରୁମ୍ ସାମ୍ନାରୁ ବର୍ଷା ପାଣି ଝରୁଥିବାରୁ ଜିଲ୍ଲାପାଳ ଡାକ୍ତରଖାନା ପରିଦର୍ଶନ ସମୟରେ ତାଗିଦ୍ କରିଥିଲେ। ମାତ୍ର ଜିଲ୍ଲାପାଳଙ୍କ ଅଦେଶକୁ ବେଖାତିର କରି ଠିକାଦାର ନିମ୍ନମାନର କାର୍ଯ୍ୟ କରି ଚାଲୁଥିବାରୁ ଚଟାଣର ପ୍ଲେଟ୍ ଗୁଡ଼ିକ ଭାଙ୍ଗି ଯାଉଯାଇଥିବା ଦେଖିବାକୁ ମିଳିଛି। ଜିଲ୍ଲାପାଳ ତଥା ଜିଲ୍ଲା ପ୍ରଶାସନ ଏଥିପ୍ରତି ତୁରନ୍ତ ଦୃଷ୍ଟି ଦେଇ ଏସବୁର ସମାଧାନ କରିବାକୁ ବୁଦ୍ଧିଜୀବୀ ମହଲରେ ଦାବି ହେଉଛି।

# କେହି ଶୁଣିଲେନି; ମିଳିମିଶି ଚାପିଦେଲେ

**ବଲାଙ୍ଗିର/ପାଟଣାଗଡ଼, ୧୫।୧୦(ସମିସ)**

- ପୁଲିସ ଉପସ୍ଥିତିରେ କପାକ୍ଷେତରେ ଡୋଜର ଚାଲିଥିଲା
- ଏସ୍‌ପିଙ୍କ ନିର୍ଦ୍ଦେଶ ସତ୍ତ୍ୱେ ମିଳିଲାନି କ୍ଷତିପୂରଣ
- ଶାସକ ଦଳର କର୍ମୀ ହୋଇଥିବାରୁ ଦାଦାଗିରି
- ନ୍ୟାୟ ନ ମିଳିଲେ ଆତ୍ମହତ୍ୟା କରିବାକୁ ଚେତାବନୀ



ମହାଜନଠାରୁ ଋଣ ଆଣି ୩ ଏକର କପା ଚାଷ କରିଥିଲେ। କପା ଚାଷ ଅମଳ ହେଲେ ଋଣ ସୁଝିବେ ଓ ପରିବାର ପ୍ରତିପୋଷଣ କରିବେ ବୋଲି ଆଶା ବାନ୍ଧିଥିଲେ; କିନ୍ତୁ ତାଙ୍କ ଆଶା ଆଶାରେ ରହିଗଲା। ଜେସିବି ଲଗାଇ ଅମଳ ହୋଇଥିବା ଗୋଟିଏ ଏକର ଚାଷ ଜମିକୁ ପୁଲିସ ଉପସ୍ଥିତିରେ ଦୁର୍ବୃତ୍ତ ଉପାଡ଼ିଦେଲେ। ନ୍ୟାୟ ଆଶାନେଇ ଏସପି, ଜିଲ୍ଲପାଳ, ତହସିଲଦାର, ଥାନାଧିକାରୀଙ୍କ ଦ୍ୱାରସ୍ଥ ପରେ ମଧ୍ୟ ନ୍ୟାୟ ମିଳିଲାନି। ପରେ ଏସପିଙ୍କ ଦ୍ୱାରସ୍ଥ ହେବାପରେ ଖପ୍ରାଖୋଲ ଥାନାରେ ମାମଲା ରୁଜୁ ହେଲା; କିନ୍ତୁ ଏ ପର୍ଯ୍ୟନ୍ତ କ୍ଷତିପୂରଣ ମିଳିପାରିନାହିଁ। ପାଟଣାଗଡ଼ ଉପଖଣ୍ଡ ଖପ୍ରାଖୋଲ ଥାନା ଅଞ୍ଚଳରେ ଏଭଳି ଏକ ହୃଦୟ ବିଦାରକ ଘଟଣା ଘଟିଛି।

ଅଭିଯୋଗ ଅନୁସାରେ ଖପ୍ରାଖୋଲ ଥାନା ମାଲପଡ଼ା ଗାଁର ଆଦିବାସୀ ଚାଷୀ ବୈଷ୍ଣବ ବରିହା ୧୧।୫।୨୦ରେ ଓଡ଼ିଆପାଲି ଗାଁର ଚନ୍ଦ୍ରଭାନୁ ସାହୁଙ୍କ ଜମିର ଖାତା ନଂ ୧୦ ପ୍ଲଟ ନଂ ୪୬୭ର ୩ ଏକର ଜମିକୁ ୩୦ ହଜାର ଟଙ୍କାରେ ବନ୍ଧକ ରଖିଥିଲେ। ସେହିଦିନଠାରୁ ସେ ବନ୍ଧକ ଜମିରେ କପା ଚାଷ କରିଆସୁଛନ୍ତି। ହଠାତ ଗତ ସେପ୍ଟେମ୍ବର ୨୨ ତାରିଖ ପୂର୍ବାହ୍ନ ୧୦ଟାରେ କପା ଚାଷ ହୋଇଥିବା ଜମି ଉପରେ ଖପ୍ରାଖୋଲ ଥାନା ମହୁରୁଣି ଗ୍ରାମର ଉପେନ୍ଦ୍ର ଭୋଇ ଏକ ଜେସିବି ମାଧ୍ୟମରେ ପ୍ରାୟତଃ ଗୋଟିଏ ଏକର କପା ଫସଲ ଉପାଡ଼ି ଦେଇଥିଲେ। ଚାଷ କରିଥିବା ବୈଷ୍ଣବ ଓ ଜମି ମାଲିକ ଚନ୍ଦ୍ରଭାନୁ ଉପେନ୍ଦ୍ରଙ୍କୁ ହାତ ଯୋଡ଼ି ଫସଲ ନ ଉପାଡ଼ିବାକୁ ଗୁହାରି କରିଥିଲେ; କିନ୍ତୁ ଉପେନ୍ଦ୍ର କିଛି ନ ଶୁଣି ଏହି ଜମି ଗୋଟିଏ କମ୍ପାନୀ କିଣିଛି କହି ପୁଲିସ ଉପସ୍ଥିତିରେ ଅମଳ ହେବାକୁ ଥିବା କପାକ୍ଷେତ ଉଜାଡ଼ି ଦେଇଥିଲେ। କ୍ଷତି ହୋଇଥିବା ଚାଷର କ୍ଷତି ପୂରଣ ତାଙ୍କ ଘରକୁ ଆସି ନେଇଯିବା ପାଇଁ କହିଥିଲେ; ପରେ କିନ୍ତୁ କ୍ଷତିପୂରଣ ଦେଇ ନ ଥିଲେ। ଏହି ଘଟଣାକୁ ନେଇ ଚାଷୀ ଶ୍ରୀ ବରିହା ଖପ୍ରାଖୋଲ ପୁଲିସ ଉପରେ ଭରସା ନ କରି ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଥିଲେ। ଏସପିଙ୍କ ନିର୍ଦ୍ଦେଶ କ୍ରମେ ଖପ୍ରାଖୋଲ ଥାନା ଅଧିକାରୀ ଏକ ମାମଲା ରୁଜୁ କରିଥିଲେ। ଏ ପର୍ଯ୍ୟନ୍ତ କିନ୍ତୁ ଶ୍ରୀ ବରିହାଙ୍କୁ କୌଣସି କ୍ଷତିପୂରଣ ମିଳିପାରିନାହିଁ। ଏହାଫଳରେ ସେ ମାନସିକ ଚାପରେ ରହିଛନ୍ତି। ତାଙ୍କୁ ନ୍ୟାୟ ମିଳି ନ ଥିବା ସେ ଅଭିଯୋଗ ଆଣିଛନ୍ତି। ସେ ଆହୁରି କହିଛନ୍ତି ଯେ ଉପେନ୍ଦ୍ର ଜଣେ ଶାସକ ଦଳର କର୍ମୀ ହୋଇଥିବାରୁ ମାମଲାକୁ ଚାପି ଦେଇଛନ୍ତି। ନ୍ୟାୟ ପାଇଁ ସେ ଏସପି, ଜିଲ୍ଲପାଳ, ତହସିଲଦାର ଓ ଥାନାଧିକାରୀଙ୍କ ଦ୍ୱାରସ୍ଥ ହୋଇଛନ୍ତି; କିନ୍ତୁ କେହି ତାଙ୍କ ଗୁହାରି ଶୁଣୁନାହାନ୍ତି। ନ୍ୟାୟ ନ ମିଳିଲେ ସେ ଆତ୍ମହତ୍ୟା କରିବେ ବୋଲି 'ସକାଳ'କୁ ପ୍ରତିକ୍ରିୟା ଦେଇ କହିଛନ୍ତି। ଏନେଇ ଥାନା ଅଧିକାରୀଙ୍କୁ ପଚାରିବାରୁ ମାମଲା ରୁଜୁ ହୋଇଛି। ଫସଲ ଅମଳ ପର୍ଯ୍ୟନ୍ତ କାମ ବନ୍ଦ କରାଯାଇଛି। ଜମି ତାଙ୍କର ନୁହେଁ। ତଦନ୍ତ ଚାଲିଛି ବୋଲି କହିଛନ୍ତି।

## ନିବୃତ୍ତିଜୋର ପୋଲରେ ରଶି ଲଗାଇ ଯୁବକଙ୍କ ଆତ୍ମହତ୍ୟା

**ତରଭା, ୧୫।୧୦ (ସମିସ):** ତରଭା-ଖଳିଆପାଲି ନିବୃତ୍ତିଜୋର ପୋଲରେ ରଶୀ ଲଗାଇ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ ବୁଧବାର ସନ୍ଧ୍ୟାରେ ନିବୃତ୍ତିଜୋର ପୋଲତଳେ ଜଣେ ଯୁବକ ମୁହଁମାଡ଼ି ପଡ଼ିଥିବାର ଦେଖି ଲୋକେ ତରଭା ପୁଲିସକୁ ଖବର ଦେଇଥିଲେ। ତରଭା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦେଖିବାରୁ ଘଟଣାସ୍ଥଳଟି ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ଅଧୀନରେ ଆସୁଥିବା ଜାଣି ପୁଇଁନ୍ତଲା ଥାନାକୁ ସୂଚନା ଦେଇଥିଲେ। ରାତି ୯ଟାରେ ପୁଇଁନ୍ତଲା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବ ଉଦ୍ଧାର କରିଥିଲା। ମୃତ ଯୁବକଙ୍କ ବେକରେ ଗୋଟିଏ ନଡ଼ିଆ କତାର ରଶୀ ଲାଗିଥିଲା ଓ ନୀଳ ରଙ୍ଗର ଟ୍ରାଉଜର ଓ ଆକାଶୀ ରଙ୍ଗର ଜର୍ସି ପିନ୍ଧିଥିବା ଦେଖା ଯାଇଛି। ଯୁବକ ପିନ୍ଧିଥିବା ଜର୍ସିରେ ବାଣୀ ବିନାୟକ କ୍ଲବ, ଠୋକର ଲେଖାଥିବା ଲୋଗୋ ଥିବାଦେଖିବାକୁ ମିଳିଛି। ଯୁବକଙ୍କ ବୟସ ୩୦ ରୁ ୩୨ ବର୍ଷ ହେବ ବୋଲି ଅନୁମାନ କରାଯାଉଛି। ଡାହାଣ ହାତ କହୁଣୀ ନିକଟରେ ଏକ ଟାଟୁ କଟାଯାଇଛି। ଯୁବକ ଜଣଙ୍କ ପୋଲବାଡ଼ରେ ରଶୀ ବାନ୍ଧି ତଳକୁ ଝୁଲି ପଡ଼ିଥିବା ଏବଂ ଓଜନ ସମ୍ଭାଳି ନପାରି ରଶୀଟି ଛିଣ୍ଡି ଯାଇଥିବା ଚର୍ଚ୍ଚା ହେଉଛି। ରିପୋର୍ଟ ଲେଖା ସମୟ ପର୍ଯ୍ୟନ୍ତ ଯୁବକଙ୍କ ପରିଚୟ ମିଳି ପାରିନାହିଁ।

## ଗଞ୍ଜେଇ ମାମଲାରେ ଜେଲ୍ ଗଲେ ସରପଞ୍ଚଙ୍କ ସ୍ୱାମୀ

**ବୌଦ୍ଧ, ୧୫।୧୦(ସମିସ):** ବୌଦ୍ଧ ଜିଲ୍ଲାରେ ଦିନକୁ ଦିନ ଗଞ୍ଜେଇ ମାମଲା ବୃଦ୍ଧି ପାଉଛି। ଏଥିରେ ଅନେକ ନେତାଙ୍କ ଲିଙ୍କ୍ ରହୁଛି। ବିଗତ ଦିନରେ ଅନେକ ନେତା ଗଞ୍ଜେଇ ମାମଲାରେ ଜେଲ୍ ଯାଇଥିବା ନଜିର ରହିଛି। ମାର୍ଚ୍ଚରେ କନ୍ଧମାଳ ଅଞ୍ଚଳରୁ ବୌଦ୍ଧ ଓ ଆଠମଲ୍ଲିକ ଦେଇ କୋଲକାତାକୁ ଏକ ଗାଡିରେ ଗଞ୍ଜେଇ ଚୋରା ଚାଲାଣ ହେଉଥିଲା। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବୌଦ୍ଧ ପୁଲିସ ଗଞ୍ଜେଇ ଭର୍ତ୍ତି ଗାଡିକୁ ବ୍ରିଜ ଛକରେ ଅଟକାଇ ତଦନ୍ତ କରିଥିଲା। ତଦନ୍ତ ପରେ ଗାଡ଼ିରୁ ୮ କୁଇଣ୍ଟାଲ ୩୭ କେଜି ଗଞ୍ଜେଇ ମିଳିଥିଲା। ଗାଡି ଛାଡି ମାଫିଆ କିନ୍ତୁ ଫେରାର ମାରିଥିଲା। ଏ ସଂକ୍ରାନ୍ତରେ ବୌଦ୍ଧ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। ତଦନ୍ତ ପରେ କନ୍ଧମାଳ ଥାନା ରେଙ୍ଗାଲି ପଞ୍ଚାୟତ ସରପଞ୍ଚଙ୍କ ସ୍ୱାମୀ ପ୍ରମୋଦ ରଣା ଏଥବରେ ସାମିଲ ଥିବା ଜଣା ପଡ଼ିଥିଲା। ଦୀର୍ଘ ୭ ମାସର ଲୁଚକାଳି ପରେ ପୁଲିସ ପ୍ରମୋଦଙ୍କୁ କନ୍ଧମାଳସ୍ଥିତ ତାଙ୍କ ପେଟ୍ରୋଲ ପମ୍ପରୁ ଗିରଫ କରିଛି। ଗିରଫ ପରେ ପ୍ରମୋଦଙ୍କୁ ରାତାରାତି ବୌଦ୍ଧ ଥାନାରେ ହଜାର କରାଯାଇଥିଲା। ବୁଧବାର ପ୍ରମୋଦଙ୍କୁ ବୌଦ୍ଧ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ପଠେଇ ଦିଆଯାଇଛି।

## ବେଆଇନ ବାଲି ଚାଲାଣ ; ୪ ଟ୍ରାକ୍ଟର ଜବତ

**ଡୁଙ୍ଗୁରିପାଲି, ୧୫।୧୦(ସମିସ):** ସୁବର୍ଣ୍ଣପୁର ଜିଲ୍ଲା ମାଇନିଂ ବିଭାଗ ପକ୍ଷରୁ ଡୁଙ୍ଗୁରିପାଲି ବ୍ଲକର ନଦୀରୁ ବେଆଇନ ବାଲିଚାରଣ ଉପରେ ଚଢ଼ଉ କରି ୪ଟି ଟ୍ରାକ୍ଟରକୁ ଜବତ କରି ଡୁଙ୍ଗୁରିପାଲି ଥାନାରେ ଅଟକ ରଖିଥିବା ଜଣାପଡ଼ିଛି। ଏହି ଗାଡ଼ି ଗୁଡ଼ିକ ଅଙ୍ଗନଦୀରୁ ବାଲି ଉଠାଇ ବିଭିନ୍ନ ଅଞ୍ଚଳକୁ ଯାଉଥିବା ବେଳେ ଚେରୁପାଲିରୁ ଡୁଙ୍ଗୁରିପାଲି ମଧ୍ୟରେ ୪ଟି ବାଲି ବୋଝେଇ ଟ୍ରାକ୍ଟରକୁ ମାଇନିଂ ବିଭାଗ ଧରି ଥାନାରେ ଅଟକ ରଖିଛି।

## ଏମଆର୍‌ଆଇ ବ୍ୟବସ୍ଥା ନାହିଁ

**ବଲାଙ୍ଗିର, ୧୫।୧୦(ସମିସ):** ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ୍ ଏବଂ ହସ୍ପିଟାଲ ଉପରେ ନିକଟସ୍ଥ ସୋନେପୁର, ବୌଦ୍ଧ, ବରଗଡ଼, ବଲାଙ୍ଗିର, ନୂଆପଡ଼ା ଜିଲ୍ଲାର ରୋଗୀ ନିର୍ଭର କରୁଛନ୍ତି। ଏଠାରେ କିନ୍ତୁ ଏମଆର୍‌ଆଇ ବ୍ୟବସ୍ଥା ମଧ୍ୟ ନାହିଁ। ଏଥିପ୍ରତି ଦୃଷ୍ଟି ଦେବାକୁ ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗଙ୍କୁ ସମାଜସେବୀ ପ୍ରମୋଦ ବଗର୍ତ୍ତି ଜଣାଇଛନ୍ତି।

## ଲଡୁଗାଁରେ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**କୋକସରା, ୧୫।୧୦(ସମିସ):** କୋକସରା ବ୍ଲକ ଲଡୁଗାଁ ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଉଦ୍‌ଘାଟନୀ ଉତ୍ସବରେ ଲଡୁଗାଁ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ନାଏକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ଉମେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା, ପ୍ରେମଲାଲ ସାହୁ, ଜୟନ୍ତ ଦିଶାରୀ, ବିଶ୍ୱଜିତ ମେହେର, ସିଆରସିସି ଫାଲଗୁନି ବାଣୁଆ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ



ଉଦ୍‌ଘାଟନ କରିଥିଲେ। ଛାତ୍ରଛାତ୍ରୀମାନଙ୍କୁ ନେଇ ୨୬ଟି ପ୍ରତିଯୋଗିତା ଆୟୋଜିତ ହୋଇଥିଲା।ଏଥିରେ ୭୮ ଜଣ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ପର୍ଯ୍ୟବେକ୍ଷକ ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ କୁମାର ଭାଟି, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଦୟାନିଧି ପାତ୍ରୀ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ବ୍ଲକ ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ପଙ୍କଜମୁଖ ଚୌଧୁରୀ ମୁଖ୍ୟବକ୍ତା, ସଞ୍ଜୟ ଅଗ୍ରୱାଲ, ସିଆରସିସି ଫାଲଗୁନି ବାଣୁଆ, ସରକାରୀ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ବୁଦ୍ଧିରାମ ନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ମଞ୍ଚାସିନ ରହି କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶୃତିମୟୀ ଦୁର୍ଗା ମଞ୍ଚ ପରିଚାଳନା କରିଥିଲେ। ଏଥିରେ ଲଡୁଗାଁ କ୍ଲଷ୍ଟର ସମସ୍ତ ବିଦ୍ୟାଳୟର ଶିକ୍ଷକ, ଶିକ୍ଷୟିତ୍ରୀ ଓ ସରକାରୀ ଉଚ୍ଚ ବିଦ୍ୟାଳୟର କର୍ମଚାରୀ ସହଯୋଗ କରିଥିଲେ।

## ତରଭା ଅଞ୍ଚଳରେ ବୁଲା କୁକୁରଙ୍କ ଦୌରାତ୍ମ୍ୟ

**ତରଭା, ୧୫।୧୦(ସମିସ):** ତରଭା ସହର ସମେତ ଆଖପାଖ ଗ୍ରାମ ଓ ୫୭ ନମ୍ବର ଜାତୀୟ ରାଜପଥରେ ବୁଲା କୁକୁର ଓ ଗାଇଗୋରୁଙ୍କ ସଂଖ୍ୟା ହୁ ହୁ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଗାଈ ଗୋରୁ ଓ ବୁଲା କୁକୁରଙ୍କ ଯୋଗୁଁ ଟ୍ରାଫିକ ସମସ୍ୟା ସୃଷ୍ଟି ହେବା ସହ ନିୟମିତ ବ୍ୟବଧାନରେ ଦୁର୍ଘଟଣା ଘଟୁଛି। ଅନ୍ୟପକ୍ଷରେ କୁକୁର କାମୁଡ଼ାରେ ଆହତ ହୋଇ ଲୋକେ ଡାକ୍ତରଖାନା ଦୌଡ଼ୁଛନ୍ତି। ଗତ ସୋମବାର କୁକୁର କାମୁଡ଼ାରେ ୪ ଜଣ ଆହତ ହୋଇ ବଲାଙ୍ଗିର ଡାକ୍ତରଖାନାକୁ ଚିକିତ୍ସା ପାଇଁ ଯାଇଥିଲେ। ରାସ୍ତାରେ ଗୋରୁ ଗାଇଙ୍କୁ ନ ଛାଡି ଘରେ ବାନ୍ଧି ରଖିବା ପାଇଁ ଏନ୍‌ଏସି ତରଫରୁ ସେପ୍ଟେମ୍ବରରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସପ୍ତାହେ ଧରି ପ୍ରଚାର କରାଯାଇଥିଲା। ହେଲେ ଏହା କାର୍ଯ୍ୟକାରୀ କରାଯାଉ ନାହିଁ। ଏନେଇ ଏନ୍‌ଏସି ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ଆମେ ଏଥିପ୍ରତି ସଚେତନ ଅଛୁ। ଗୋରୁ ଗାଇଙ୍କୁ ଧରି ଗୋଶାଳା ପର୍ଯ୍ୟନ୍ତ ନେବାପାଇଁ ଗାଡ଼ି ନାହିଁ। ଆମେ ସୋନପୁର ମ୍ୟୁନସିପାଲିଟିକୁ ଗାଡ଼ି ମାଗିଛୁ। ସେଠାରୁ ଆସିଲେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି। ବଲାଙ୍ଗିରରୁ ନିୟମିତ ବ୍ୟବଧାନରେ ଗୋଟିଏ ଗାଡ଼ିରେ ବୁଲା କୁକୁରଙ୍କୁ ଆଣି ୫୭ ନମ୍ବର ଜାତୀୟ ରାଜପଥ ତରଭା ଛକରେ ଛଡ଼ା ଯାଉଥିବା ଅଭିଯୋଗ ହେଉଛି।

## ସ୍ୱାମୀ ବିବେକାନନ୍ଦ ପବ୍ଲିକ୍ ସ୍କୁଲରେ କଲାମଙ୍କ ଜୟନ୍ତୀ




**ଭବାନୀପାଟଣା, ୧୫।୧୦(ସମିସ):** ସ୍ଥାନୀୟ ତାରିଣୀ ମନ୍ଦିରସ୍ଥିତ ସ୍ୱାମୀ ବିବେକାନନ୍ଦ ପବ୍ଲିକ ସ୍କୁଲରେ ଭାରତର ପୂର୍ବତନ ରାଷ୍ଟ୍ରପତି ତଥା ଭାରତ ରତ୍ନ ଡ଼ା ଏପିଜେ ଅବଦୁଲ କଲାମଙ୍କ ଜୟନ୍ତୀ ପାଳିତ ହୋଇଯାଇଛି ପ୍ରଥମେ ତାଙ୍କ ପ୍ରତିଛବିରେ ପୁଷ୍ପମାଲ୍ୟା ଦେଇ ସଭା ଆରମ୍ଭ ହୋଇଥିଲା। ଅବଦୁଲ କଲାମ ଏକାଧିକ ପୁସ୍ତକ ମଧ୍ୟ ରଚନା କରିଛନ୍ତି। ତାଙ୍କଦ୍ୱାରା ଲିଖିତ 'ଇଗନାଇଟେଡ୍ ମାଇଣ୍ଡସ୍, 'ୱିଙ୍ଗସ୍ ଅଫ୍ ଫାୟାର' ଓ 'ଇଣ୍ଡିଆ ୨୦୨୦-ଏ ଭିଜନ୍ ଫର୍ ଦ ନ୍ୟୁ ମିଲେନିୟମ୍'ଦେଶର କୋଟି କୋଟି ଲୋକଙ୍କ ଲାଗି ପ୍ରେରଣାର ଉତ୍ସ ସାଜିଛି ଓ ପ୍ରତେକ ଛାତ୍ରଛାତ୍ରୀ ଦେଶପ୍ରେମ, ରାଷ୍ଟ୍ରଗଠନ ଭାଇଚାରା ସହ କଲାମଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ସ୍କୁଲର ଅଧ୍ୟକ୍ଷ ତଥା ପ୍ରତିଷ୍ଠାତା ଡ଼. ଶିବରାମ ନାୟକ ମୁଖ୍ୟଅତିଥି ଓ ଆରକେ ସାଇକେଲ ମୁଖ୍ୟ ରୂପେଶ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଉଦବୋଧନ ଦେଇଥିଲେ। ସ୍କୁଲର ସମସ୍ତ ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ରହିଥିବା ବେଳେ ସରିତା ବାଗେଲ, ଚନ୍ଦ୍ରପ୍ରଭା ମିଶ୍ର ଓ ବିକାଶ ତାଣ୍ଡି ସହଯୋଗ କରିଥିଲେ। ଶିକ୍ଷକ ଆଶିଷ ତାଣ୍ଡି ଧନ୍ୟବାଦ ଅର୍ପଣ କରିଥିଲେ।


# ମହାରାଜା ପ୍ରତାପ କେଶରୀ ଦେଓ ସ୍ମାରକୀ ବକ୍ତୃତା

**ଭବାନୀପାଟଣା, ୧୫।୧୦(ସମିସ)**


କଳାହାଣ୍ଡି ମହାରାଜା ପ୍ରତାପ କେଶରୀ ଦେଓଙ୍କ ସ୍ମୃତିରେ 'ମହାରାଜା ପ୍ରତାପ କେଶରୀ ଦେଓ ସ୍ମାରକୀ ବକ୍ତୃତା' ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟ ଓ କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ମିଳିତ ଆନୁକୂଲ୍ୟରେ ଅନୁଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଉଦ୍ୟମରେ ଚଳିତ ବର୍ଷ ଅକ୍ଟୋବର ୧୫ ତାରିଖରୁ ସ୍ମାରକୀ ବକ୍ତୃତାର ଶୁଭାରମ୍ଭ ହୋଇଛି।ମହାରାଜ ପ୍ରତାପ କେଶରୀ ଦେଓ କଳାହାଣ୍ଡିର ଶିକ୍ଷା ବିକାଶ ପାଇଁ ଏକ ଯୁଗାନ୍ତକାରୀ ପଦକ୍ଷେପ ନେଇଥିଲେ ଫଳସ୍ୱରୂପ କଳାହାଣ୍ଡି ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା। ମହାବିଦ୍ୟାଳୟ ପାଇଁ ସେ ୫୫ ଏକର ଭୂମିଦାନ କରିଥିଲେ। ଯାହା କଳାହାଣ୍ଡିର ଶିକ୍ଷା ବିକାଶ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ସାଜି ବର୍ତ୍ତମାନ ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ପରିଣତ ହୋଇଛି। ବାସ୍ତବରେ ମହାରାଜଙ୍କ ଏହି ବଦାନ୍ୟତା ଚିରସ୍ମରଣୀୟ। ତାଙ୍କ ସ୍ମୃତିରେ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ଭିତରେ ସର୍ଜନାତ୍ମକବୀଜ ଅଙ୍କୁରୋଦଗମ ପାଇଁ ସ୍ମାରକୀ ବକ୍ତୃତାର ସୃଷ୍ଟି ହୋଇଛି। ପ୍ରତିବର୍ଷ ସ୍ମାରକୀ ବକ୍ତୃତା ମହାରାଜା ପ୍ରତାପକେଶରୀ ଦେଓଙ୍କ ଜନ୍ମଦିନରେ ଅନୁଷ୍ଠିତ ହେବ। ଚଳିତ ବର୍ଷ 'ଦି ଆପ୍ଲିକେସନ ଅଫ୍ ଆର୍ଟିଫିସିଆଲ ଇଣ୍ଟିଲିଜେନ୍ସ ଇନ୍ ଡେ ଟୁ ଡେ ଲାଇଫ' ଶୀର୍ଷକରେ ବକ୍ତୃତା ଅନୁଷ୍ଠିତ ହୋଇଛି। ଭାରପ୍ରାପ୍ତ କୁଳପତି ଡ.ନିବେଦିତା ନାଥ ସଭାପତି ଆସନ ଅଳଙ୍କୃତ କରି ଉଦଘାଟନୀ




ଅଭିଭାଷଣ ଦେଇ ମହାରାଜା ପ୍ରତାପ କେଶରୀ ଦେଓଙ୍କ ସ୍ମୃତିଚାରଣ କରିଥିଲେ। ଜୀବବିଜ୍ଞାନ ବିଭାଗର ମୁଖ୍ୟ ତଥା ମହାରାଜା ପ୍ରତାପ କେଶରୀ ଦେଓ ସ୍ମାରକୀ ବକ୍ତୃତାର ସଂଯୋଜକ ଡ.ସୁବ୍ରତ କୁମାର ପାଣିଗ୍ରାହୀ ସ୍ୱାଗତ ଭାଷଣ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପ୍ରତାପ କେଶରୀ ଦେଓଙ୍କ ନାତି ମହାରାଜା ଅନନ୍ତ ପ୍ରତାପ ଦେଓ ମୁଖ୍ୟ ଅତିଥି ରୂପେ ଯୋଗଦାନ କରି କଳାହାଣ୍ଡି ପ୍ରତି ନିଜ ଅଜାଙ୍କ ଅବଦାନ ସମ୍ପର୍କରେ ବଖାଣିଥିଲେ। ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ତଥା ସିଣ୍ଡିକେଟ ସଦସ୍ୟ ଡ. ଫଣିନ୍ଦମ ଦେଓ ମହାରାଜା ପ୍ରତାପ କେଶରୀ ଦେଓଙ୍କ ରାଜନୈତିକ ଜୀବନ ଓ ବ୍ୟକ୍ତିତ୍ୱର ମୂଲ୍ୟାୟନ କରିଥିଲେ। କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର କାର୍ଯ୍ୟକାରୀ ସଭାପତି କୃଷ୍ଣାବତାର ଦେଓ ମହାରାଜଙ୍କ ଶିକ୍ଷା ପ୍ରତି ଥିବା ଦୃଷ୍ଟିକୋଣ ସମ୍ପର୍କରେ କହିଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କମ୍ପ୍ୟୁଟର ଇଞ୍ଜିନିୟରିଂ ବିଭାଗର ସହକାରୀ ପ୍ରଫେସର ଡ. ଶୁଭଶ୍ରୀ ଦର୍ଶନ ମୁଖ୍ୟ ବକ୍ତାରୂପେ ଯୋଗଦାନ କରି କୃତ୍ରିମ ବୁଦ୍ଧିମତାର ଉପଯୋଗ, କୃତ୍ରିମ ବୁଦ୍ଧିମତାର ଉପକାରିତା ଓ ଅପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଓ ବାଣିଜ୍ୟ ପ୍ରତ୍ୟେକ କ୍ଷେତ୍ର ପାଇଁ କୃତ୍ରିମ ବୁଦ୍ଧିମତା ବରଦାନ ସଦୃଶ ବୋଲି ଉଦାହରଣ ମାଧ୍ୟମରେ ବୁଝାଇଥିଲେ। ରାଜନୀତିବିଜ୍ଞାନ ବିଭାଗର ମୁଖ୍ୟ ଡକ୍ଟର କୈଳାସ ଚନ୍ଦ୍ର ଦାସ ମଞ୍ଚ ପରିଚାଳନା କରିଥିବାବେଳେ ଉପକୁଳସଚିବ ମେଜର ଡକ୍ଟର ଜୟଦେବ ସାହୁ ଧନ୍ୟବାଦ ଅର୍ପଣ କରିଥଲେ। ଉକ୍ତ ବକ୍ତୃତାମାଳାରେ ସିଣ୍ଡିକେଟ ସଦସ୍ୟ ଡକ୍ଟର ଭବାନୀଶଙ୍କର ନେଗୀ, ପ୍ରଫେସର ରଜନୀକାନ୍ତ ବେହେରା, କଳ୍ପନା ମିଶ୍ର, ସୁମନ ରଥ, ଜୀବବିଜ୍ଞାନ ବିଭାଗର ଅତିଥି ଅଧ୍ୟାପକ ରାଜକୁମାର ବେହେରା, ଅଧ୍ୟାପିକା ଭକ୍ତିସୁଧା ଦଣ୍ଡସେନା, ଅର୍ପିତା ନାୟକ, ବର୍ଷା ବୈଶାଖୀ ସାହୁ, ରଞ୍ଜିତା ତାଣ୍ଡି, ଉଦ୍ଭିଦବିଜ୍ଞାନ ବିଭାଗର ମୁଖ୍ୟ ଡ. ଘନଶ୍ୟାମ ବେହେରା, ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ସୁଚିତ ମଣ୍ଡଳୀ, ବାଣିଜ୍ୟ ବିଭାଗର ମୁଖ୍ୟ ଡକ୍ଟର ହଳଧର ସାହୁ, ଅର୍ଥନୀତି ବିଭାଗର ବରିଷ୍ଠ ପ୍ରାଧ୍ୟାପକ ସୀମାଞ୍ଚଳ ମିଶ୍ର, ସହକାରୀ ପ୍ରଫେସର ନକୁଳ ଚରଣ ମାଝୀ, ସହକାରୀ ପ୍ରଫେସର ଡୋଳାମଣି ଧରୁଆ, କଳାହାଣ୍ଡି ଲେଖିକା ସଂଘର ସଦସ୍ୟା, କଳାହାଣ୍ଡି ଶିକ୍ଷା ବିକାଶ ପରିଷଦର ସଦସ୍ୟ ତଥା ବିଶ୍ୱବିଦ୍ୟାଳୟର ସମସ୍ତ କର୍ମଚାରୀ, ଛାତ୍ରଛାତ୍ରୀ ଓ ଭବାନୀପାଟଣା ସହରର ବୁଦ୍ଧିଜୀବୀଗଣ ଉପସ୍ଥିତ ଥିଲେ।



# ସମ୍ପାଦକୀୟ



ଗଣତନ୍ତ୍ରରେ ଏକ ଦୃଢ଼ ବିରୋଧୀ ଦଳ ଅପରିହାର୍ଯ୍ୟ।
-ନବୀନ ପଟ୍ଟନାୟକ


ସକାଳ
THE SAKALA

## ରାଜନୀତିରେ 'ନବୀନ-ସିଦ୍ଧାନ୍ତ'

ଆଗାମୀ ଦିନରେ ଯେତେବେଳେ ଏକବିଂଶତାବ୍ଦୀର ରାଜନୈତିକ ଇତିହାସ ଲେଖାଯିବ, ଐତିହାସିକ, ଗବେଷକ ଓ ପାଠକମାନେ ଜାଣି ଆଶ୍ଚର୍ଯ୍ୟ ହେବେ ଯେ ନିରାଡ଼ମ୍ବର ଜୀବନଯାପନ କରୁଥିବା ସଫେଦ୍ କୁର୍ତ୍ତାପାଇଜାମା ଓ ହାୱାଇ ଚପଲ୍ ପରିହିତ ଜଣେ ବ୍ୟକ୍ତିତ୍ୱ କିଭଳି ପ୍ରଥମ ଅଢ଼େଇ ଦଶନ୍ଧି ଧରି ଜାତୀୟ ରାଜନୀତିକୁ ଆଚ୍ଛନ୍ନ କରି ରଖିଥିଲେ। ତେବେ କ'ଣ ଥିଲା ସେ ଶାସନର ଆଧାର ଓ ପ୍ରକାର? ଏ ପ୍ରଶ୍ନର ଉତ୍ତର ଖୋଜିବା ବେଳେ ରାଜନୀତିଜ୍ଞ ଓ ଐତିହାସିକମାନଙ୍କୁ ଆହୁରି ଆଶ୍ଚର୍ଯ୍ୟଚକିତ ହେବାକୁ ପଡ଼ିବ ଯେ ସେହି ଶାସନକାଳ କୌଣସି ନିର୍ଦ୍ଦିଷ୍ଟ ବାଦ(ଇଜିମ୍), ଆଦର୍ଶ(ଆଇଡୋଲଜି), ଦର୍ଶନ(ଫିଲୋସଫି), ବ୍ୟବସ୍ଥା(ଫର୍ମ ଅଫ୍ ଗଭର୍ଣ୍ଣମେଣ୍ଟ) ଆଦିରେ ପରିଚାଳିତ ନଥିଲା, ବରଂ ସେ ସବୁର ଊର୍ଦ୍ଧ୍ୱରେ ଅଥଚ ସାରସଂଗ୍ରହରେ ଜନ୍ମ ନେଇଥିବା 'ନବୀନ ଥିଓରି' ବା 'ନବୀନ ସିଦ୍ଧାନ୍ତ' ଥିଲା ସେ ଶାସନର ମୂଳାଧାର।

ରାଜନୀତିରେ 'ନବୀନ ସିଦ୍ଧାନ୍ତ' ଏଭଳି ଏକ ପ୍ରୟୋଗାତ୍ମକ ତତ୍ତ୍ୱ, ଯେଉଁଥିରେ ସମାହିତ ହୋଇରହିଛି କୃଷି ବିକାଶରୁ ଶିଳ୍ପାୟନ, ଦାରିଦ୍ର୍ୟ ଦୂରୀକରଣରୁ ବୁଭୁକ୍ଷା ନିବାରଣ, ଏନ୍ତୁଡ଼ିଶାଳରୁ ଶ୍ମଶାନ, ବିଦ୍ୟାଳୟରୁ କ୍ରୀଡ଼ାଙ୍ଗନ, ଗ୍ରାମ୍ୟ ବିକାଶରୁ ସଂଯୋଗୀକରଣ, ଜନଜାତି କଲ୍ୟାଣରୁ ନଗର ଉନ୍ନୟନ, କେନ୍ଦୁପତ୍ରରୁ ଶ୍ରୀଅନ୍ନ, ଆର୍ଥିକ ବିକାଶରୁ ସାମାଜିକ ଅନ୍ତର୍ଭୁକ୍ତୀକରଣ, କୁଟୀର ଶିଳ୍ପରୁ ଖାଦ୍ୟ ପ୍ରକ୍ରିୟାକରଣ, ଦିବ୍ୟାଙ୍ଗ ଓ ମହିଳା ସଶକ୍ତୀକରଣ, ସ୍ୱାସ୍ଥ୍ୟ କଲ୍ୟାଣ, ଧର୍ମ ସମ୍ପ୍ରଦାୟ ନିର୍ବିଶେଷରେ ଧର୍ମାନୁଷ୍ଠାନର ଉତ୍ତରଣ। ସମାଜର କୌଣସି ବର୍ଗ 'ନବୀନ ସିଦ୍ଧାନ୍ତ'ରୁ ବଞ୍ଚିତ ନୁହନ୍ତି। ବିଶ୍ୱ ରାଜନୀତିରେ ଏଭଳି ପ୍ରଗତିର ପରିଭାଷା ଓ ବିକାଶର ବ୍ୟାକରଣ ବୋଧହୁଏ ବିରଳ।

'ନବୀନ ସିଦ୍ଧାନ୍ତ'ର ଜନକ ନବୀନ ପଟ୍ଟନାୟକ ୨୪ ବର୍ଷର ମୁଖ୍ୟମନ୍ତ୍ରିତ୍ୱ କାଳରେ ଆର୍ଥିକ ଓ ପ୍ରାକୃତିକ ବିପର୍ଯ୍ୟୟ ପ୍ରପୀଡ଼ିତ ଓଡ଼ିଶାକୁ ଯେଭଳି ପ୍ରଶମନ ପରିଚାଳନା ଓ ବିକାଶର ମଡେଲ୍ କରି ବିଶ୍ୱ ଦରବାରରେ ଉପସ୍ଥାପନା କରିପାରିଛନ୍ତି ତାହା ତ ଅଭୂତପୂର୍ବ ନିଶ୍ଚୟ; ସର୍ବୋପରି ଶାନ୍ତି, ସହାବସ୍ଥାନ ଓ ସର୍ବଧର୍ମସମନ୍ୱୟର ଯେଉଁ ଉଦାହରଣଟିଏ ସୃଷ୍ଟି କରିଛନ୍ତି ତାହା ନୋବେଲ୍ ଆଶାୟୀ ଗବେଷକଙ୍କ ପାଇଁ ଉତ୍କୃଷ୍ଟ ବିକଳ୍ପଟିଏ ସୃଷ୍ଟି କରିସାରିଛି। ଗାନ୍ଧୀ ଦର୍ଶନ ଓ ସର୍ବୋଦୟ ଅର୍ଥନୀତିକୁ ସେ ହିଁ ଠିକ୍ ରୂପେ ବୁଝି ପାରିଛନ୍ତି, ଯିଏ ମନ୍ତ୍ରୀ ଓ ସଚିବମାନଙ୍କ କାର୍ଯ୍ୟାଳୟକୁ 'ଲୋକସେବା ଭବନ' ନାମରେ ନାମିତ କରିପାରନ୍ତି ଏବଂ ସମ୍ବିଧାନର ମୁଖବନ୍ଧରେ 'ଅହିଂସା' ଶବ୍ଦକୁ ଯୋଡ଼ିବାର ପ୍ରସ୍ତାବ ବାରମ୍ବାର ଉପସ୍ଥାପନା କରିପାରନ୍ତି। ଓଡ଼ିଆ ଭାଷା ଓ ଓଡ଼ିଶୀ ସଙ୍ଗୀତର ଶାସ୍ତ୍ରୀୟ ମାନ୍ୟତା ପାଇଁ ସେଭଳି ଜଣେ ଓଡ଼ିଆପ୍ରାଣ ସେବାସାଧକ ହିଁ ସଂଗ୍ରାମ କରିପାରନ୍ତି, ଯିଏ ଶାସନ ପ୍ରଶାସନକୁ ଓଡ଼ିଆ ଅସ୍ମିତାରେ ଅଭିମନ୍ତ୍ରିତ କରିବାର ସଂକଳ୍ପ ନିଅନ୍ତି। ଏ ସବୁ ବୈଶିଷ୍ଟ୍ୟ ନବୀନ ପଟ୍ଟନାୟକଙ୍କ ରାଜନୈତିକ ବ୍ୟକ୍ତିତ୍ୱ, ଚିନ୍ତନ ଓ ଆଦର୍ଶକୁ ଆହୁରି ଋଦ୍ଧିମନ୍ତ କରିଛି ଏବଂ ଉପସ୍ଥାପିତ ହୋଇଛି ତାଙ୍କ ନିରବତାର ଭାଷାରେ। ବୈଷୟିକ ଜ୍ଞାନକୌଶଳ, ସହଯୋଗିତା, ଶୃଙ୍ଖଳା ବିନା ଆଧୁନିକ ବିକାଶର ପ୍ରତିଯୋଗିତା ଜିତା ଯାଇପାରିବ ନାହିଁ। ତେଣୁ ସେ ଶାସନ-ପ୍ରଶାସନକୁ ୫-ଟି ଆଧାରରେ ବିବର୍ତ୍ତନ କରିଛନ୍ତି ଏବଂ ଦକ୍ଷତା ବିକାଶକୁ ପ୍ରାଧାନ୍ୟ ଦେଇଛନ୍ତି, ଯାହା ଏକବିଂଶ ଶତାବ୍ଦୀର ଶାସନ-ପ୍ରଶାସନର ସର୍ବଶ୍ରେଷ୍ଠ ଓ ସର୍ବଗ୍ରାହ୍ୟ ବିକଳ୍ପ ହୋଇସାରିଛି।



ମୁଖ୍ୟମନ୍ତ୍ରୀର ପଦ ଓ ଦାୟିତ୍ୱର ଊର୍ଦ୍ଧ୍ୱରେ ନବୀନ ପଟ୍ଟନାୟକ ଆଧୁନିକ ଓଡ଼ିଶା ରାଜନୀତିର ଏଭଳି ଏକ ସଂଜ୍ଞା ଲେଖିସାରିଛନ୍ତି, ଯାହାର ବ୍ୟୁତ୍ପତ୍ତିରେ ପ୍ରତିଫଳିତ ହୋଇଛି - ସମନ୍ୱୟୀ ସଂଘୀୟ ଭାବନା, ବୈଷମ୍ୟରହିତ ରାଷ୍ଟ୍ରବାଦ, ଆଞ୍ଚଳିକ ସ୍ୱାର୍ଥକୈନ୍ଦ୍ରିକ ସମର୍ଥନ, ସମଦୂରତ୍ୱର ସମୀକରଣ ଓ ସହଯୋଗର ସନ୍ତୁଳନ। ସାମାଜିକ ସୁରକ୍ଷାର ବଳୟ ଭିତରେ ଅର୍ଥନୈତିକ ଉତ୍‌ଥାନର ଯେଉଁ ନବସୂତ୍ର ସେ ପ୍ରତିଷ୍ଠା କରିଛନ୍ତି, ତାହା ସାମାଜିକ-ଅର୍ଥନୀତିରେ ଏକ ନବଯୁଗ ପ୍ରତିଷ୍ଠା କରିଛି। ସେ କହନ୍ତି ଗଣତନ୍ତ୍ରରେ ଜନତା ହିଁ ନିର୍ଦ୍ଧାରକ, ନିର୍ବାଚନ ଏକ ପ୍ରକ୍ରିୟା ମାତ୍ର। ଶାସକ ଓ ଶାସନ ବ୍ୟବସ୍ଥାରେ କ୍ଷମତା ସଦା ପରିବର୍ତ୍ତନଶୀଳ। ତେଣୁ ଜଣେ ରାଜନେତାର ଆଦର୍ଶ ଜନକୈନ୍ଦ୍ରିକ ହେବା ଆବଶ୍ୟକ। ରାଜନୀତିକୁ ସେ କେବେ ମଧ୍ୟ କ୍ଷମତା ଲିପ୍‌ସାର ଦୃଷ୍ଟିରେ ଦେଖିନାହାନ୍ତି। ଏଣୁ ତ ସେ ବିରୋଧୀଙ୍କ ପ୍ରତି ବ୍ୟକ୍ତିଗତ ପ୍ରତିକ୍ରିୟାଶୀଳ ନୁହନ୍ତି। ତାଙ୍କ ଉକ୍ତିରେ 'ମୁଁ ବାସ୍ତବରେ କ୍ଷମତା ବିଷୟରେ ଚିନ୍ତା କରେ ନାହିଁ, ବରଂ ରାଜ୍ୟବାସୀଙ୍କ ସେବାକୁ ପ୍ରାଧାନ୍ୟ ଦିଏ।' ...'କ୍ଷମତା ଲିପ୍‌ସାକୁ ମୁଁ ଭଲ ପାଏ ନାହିଁ।'

ଗଣତନ୍ତ୍ର-ସମାଜବାଦ-ସାମ୍ୟବାଦର ସମ୍ମିଶ୍ରଣରେ ନବୀନ ବାବୁ ଗଣତନ୍ତ୍ରର ଯେଉଁ ଏକ ଭିନ୍ନ ପନ୍ଥା ନିର୍ଦ୍ଧାରଣ କରିଥିଲେ ତାହାର ଆଧାର ଥିଲା 'ଥ୍ରିପି' ସୂତ୍ର - ପ୍ରୋ-ପୋର(ଦରିଦ୍ର କଲ୍ୟାଣ), ପ୍ରୋଗ୍ରେସିଭ୍(ପ୍ରଗତିଶୀଳ), ପିପୁଲ୍ ଓରିଏଣ୍ଟେଡ୍(ଜନକୈନ୍ଦ୍ରିକ)। ଜନତାଙ୍କ ଦ୍ୱାରା ନିର୍ବାଚିତ ସରକାରର ପ୍ରଥମ ଓ ପ୍ରମୁଖ କର୍ତ୍ତବ୍ୟ ଓ ଦାୟିତ୍ୱ ହେଉଛି ଜନକଲ୍ୟାଣ। ଗଣତନ୍ତ୍ରର ଏହି ଗୂଢ଼ସୂତ୍ରକୁ ବୁଝି ସେ ଲୋକସେବା ଭବନରେ ପ୍ରତିଷ୍ଠା କଲେ ମହାତ୍ମା ଗାନ୍ଧୀଙ୍କ ପରିକଳ୍ପିତ 'ଟାଲିସ୍‌ମ୍ୟାନ', ଯାହା ନୀତି ନିର୍ଦ୍ଧାରକଙ୍କ ପାଇଁ ଆଲୋକବର୍ତ୍ତିକା ସଦୃଶ ସୂଚାଇ ଦିଏ ଯେ ଯୋଜନା କିମ୍ବା ନୀତିନିର୍ଦ୍ଧାରଣ ବେଳେ ପ୍ରଥମେ ଏହି ଭାବନା ଆସିବା ଆବଶ୍ୟକ - 'ତାହା ଦ୍ୱାରା ସମାଜର ସବୁଠାରୁ ଗରିବ ବର୍ଗର ଲୋକଟି କେତେମାତ୍ରାରେ ଉପକୃତ ହେବ।'

ନବୀନ ବାବୁ ଶାସନ କ୍ଷମତାରେ ରୁହନ୍ତୁ କି ବିରୋଧୀ ଦଳରେ, ସବୁବେଳେ ଗୋଟିଏ ଦୃଢ଼ୋକ୍ତି କରନ୍ତି - 'ଓଡ଼ିଶାର ସାଢ଼େ ଚାରିକୋଟି ଅଧିବାସୀ ମୋ ପରିବାରର ସଦସ୍ୟ। ମୁଁ ଓଡ଼ିଶାବାସୀଙ୍କୁ ବିଶ୍ୱାସ କରେ, ମୋ ପ୍ରତି ସେମାନଙ୍କ ଭଲ ପାଇବା ଓ ସ୍ନେହ ମୋତେ ସବୁଦିନ ସେବା ପାଇଁ ପ୍ରେରଣା ଦିଏ। ଜୀବନର ଶେଷନିଃଶ୍ୱାସ ପର୍ଯ୍ୟନ୍ତ ଓଡ଼ିଶାବାସୀଙ୍କ ସେବା ପାଇଁ ମୁଁ ଉତ୍ସର୍ଗୀକୃତ।'

ଗୋଟିଏ ବାକ୍ୟରେ ନବୀନ ପଟ୍ଟନାୟକଙ୍କ ରାଜନୈତିକ ଆଦର୍ଶ ବା 'ନବୀନ ସିଦ୍ଧାନ୍ତ'କୁ ବର୍ଣ୍ଣନା କରିବାକୁ ହେଲେ ଏତିକି କହିଲେ ଯଥେଷ୍ଟ ହେବ ଯେ ସେ ହିଁ ପ୍ରକୃତ ଶାସକ, ଯିଏ ଜନତାଙ୍କୁ ଶାସିତ ଭାବରେ ନୁହେଁ, ବରଂ ପରିବାରର ସଦସ୍ୟ ରୂପେ ବିବେଚନା କରେ। ନବୀନ ପଟ୍ଟନାୟକଙ୍କ ବ୍ୟତୀତ ଏଭଳି ରାଜଯୋଗୀ ଆଜିର ଦିନରେ ତ ବିରଳ, ଆଗାମୀ କିଛି ବର୍ଷ ଭିତରେ ଜନ୍ମ ନେବେ କି ନାହିଁ ସନ୍ଦେହ। ●

## ଦେଶର ବୌଦ୍ଧିକ ସମ୍ପଦ

**ବୈକୁଣ୍ଠନାଥ ମିଶ୍ର**

ସଭ୍ୟତାର ଗତି ଯେତେ ପ୍ରଖର, ଆମ ମାନସିକତାର ଗତି ତତୋଧିକ ନିମ୍ନଗାମୀ ହେବାରେ ଲାଗିଛି। ନିଜ ବ୍ୟତୀତ ଅନ୍ୟକଥା ଭାବିବାକୁ ଆଜିର ଯୁବପିଢ଼ି ପାଖରେ ସମୟ ନାହିଁ। ଯୁବବର୍ଗ ଆଜି ସାଜିଛି ଲିଓ ଟଲ୍‌ଷ୍ଟୟଙ୍କ କାହାଣୀର ନାୟକ ପାହୋମ, ଯାହାକୁ କୁହାଯାଇଥିଲା ଯେ ସୂର୍ଯ୍ୟାସ୍ତ ପୂର୍ବରୁ ସେ ଯାତ୍ରା ଆରମ୍ଭ କରିଥିବା ସ୍ଥାନରେ ପହଞ୍ଚିବା ଦ୍ୱାରା ଯେତେ ଜମି ସେ ଅତିକ୍ରମ କରିଥିବ ସେତକ ଜମି ତା'ର ହେବ। କିନ୍ତୁ ଅତ୍ୟଧିକ ଲୋଭର ବଶୀଭୂତ ହୋଇ ଜମି ତ ଦଖଲ କରିପାରିଲା ନାହିଁ, ଅକାଳରେ ତା' ଜୀବନ ସୂର୍ଯ୍ୟ ଅସ୍ତ ହୋଇଗଲା। ଲେଖକଙ୍କ ଗଳ୍ପର ଶେଷକଥା ହେଲା ଅନ୍ତିମକାଳରେ ମଣିଷ ପାଇଁ ମାତ୍ର ଛ'ହାତ ଭୂମି ଦରକାର। ତା'ଠାରୁ ଅଧିକ ନୁହେଁ। ଆଜିର ଯୁବବର୍ଗ ଧନ ପାଇଁ ଯେପରି ଅଣନିଃଶ୍ୱାସୀ ହୋଇ ଧାଉଁଛି ସେଥିରେ ଅନ୍ୟକଥା ଛାଡ଼ନ୍ତୁ ନିଜ ବୃଦ୍ଧ ପିତାମାତାଙ୍କୁ ଧ୍ୟାନ ଦେବାକୁ ତା' ପାଖରେ ସମୟ ନାହିଁ। ଯେଉଁ ବାପା ମା' ଦିନେ ପୁଅଝିଅଙ୍କୁ ମଣିଷ କରିବାକୁ ଗଣ୍ଡେ ଖାଇ ଦଣ୍ଡେ ଜିଇଁ ଦିନରାତି ଏକକରି ଦେଉଥିଲେ ସେମାନେ ଆଜି ଅଲୋଡ଼ା ଅଖୋଜା। ପୁଅ ଆଜି ଉଚ୍ଚପଦସ୍ଥ ଅଧିକାରୀ ହୋଇ ଧନର ପାହାଡ଼ ସୃଷ୍ଟି କରିଥିଲେ ମଧ୍ୟ ବାପାମା' ଆଜି ନିଃସ୍ୱ, କାଙ୍ଗାଳ। କେବଳ ଏତିକି ଆତ୍ମସନ୍ତୋଷ ଯେ ପିଲାମାନଙ୍କୁ ଆଜି ଗଣରେ ଜଣେ କରିପାରିଛନ୍ତି।

୨୦୧୧ ଜନଗଣନା ଓ ବର୍ତ୍ତମାନର ଆକଳନ ଅନୁସାରେ ଭାରତ ଏକ ଯୁବବର୍ଗର ଦେଶ। କିନ୍ତୁ ମିଳିତ ଜାତିସଂଘ ଜନସଂଖ୍ୟା ପାଣ୍ଠି (ପପୁଲେସନଫଣ୍ଡ)ର ସଦ୍ୟ ଆକଳନ ଅନୁଯାୟୀ ୨୦୫୦ ସୁଦ୍ଧା ଭାରତ ଆଉ ଯୁବ କିଶୋରଙ୍କ ଦେଶ ନ ହୋଇ ବୟସ୍କଙ୍କ ଦେଶଭାବେ ବିବେଚିତ ହେବ। ବର୍ତ୍ତମାନ ଭାରତର ୬୦ବର୍ଷରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କ ସଂଖ୍ୟା ୧୪.୫ କୋଟି ବା ଏକ-ଦଶମାଂଶ। ୨୦୫୦ ମସିହା ସୁଦ୍ଧା ଏହା ୩୦କୋଟି ଛୁଇଁବ। ସମପରିମାଣରେ ୧୫ ରୁ ୫୯ବର୍ଷ ବୟସ୍କ ବ୍ୟକ୍ତିଙ୍କ ସଂଖ୍ୟା ହ୍ରାସ ପାଇଥିବ। ସେତେବେଳ ଭାରତ ଆଉ ଯୁବବର୍ଗର ଦେଶ ନହୋଇ ବୟସ୍କଙ୍କ ଦେଶରେ ପରିଣତ ହେବ। 'ଏଜ୍ ୱେଲ ଫାଉଣ୍ଡେସନ'ର ଜାତୀୟ ରିପୋର୍ଟ ଅନୁସାରେ ଦେଶର ବୟସ୍କଙ୍କ ଆୟ ଓ ବ୍ୟୟ ଧାରାରେ ପରିବର୍ତ୍ତନ ଆସିଛି। ପ୍ରାୟ ୬୦ ପ୍ରତିଶତ ବୃଦ୍ଧବୃଦ୍ଧାଙ୍କର ଆୟର ଉତ୍ସ ସେମାନଙ୍କ ପେନ୍‌ସନ। ଶତକଡ଼ା ୩୭ ବୟସ୍କ ଆର୍ଥିକ ଦୃଷ୍ଟିରୁ ସ୍ୱଚ୍ଛଳ। ମାସିକ ପେନସନ ବ୍ୟତୀତ ସେମାନଙ୍କ ଭିତରୁ ୧୯.୫ ପ୍ରତିଶତ ଜମିରୁ ଆୟ, ଘରଭଡ଼ା ଓ ଆର୍ଥିକ ନିବେଶରୁ ସୁଧ ପାଉଛନ୍ତି। ୪୮.୫ ପ୍ରତିଶତ ବୟସ୍କଙ୍କ ପାଖରେ ଅନ୍ୟାନ୍ୟ ମୂଲ୍ୟବାନ ସାମଗ୍ରୀ ରହିଛି। କିନ୍ତୁ ସେମାନଙ୍କ ମଧ୍ୟରେ ୭୦ପ୍ରତିଶତଙ୍କର ଆଣ୍ଠୁଗଣ୍ଠି ସମସ୍ୟା ଓ ୮୦ ପ୍ରତିଶତଙ୍କର ମଧୁମେହ ଓ ଉଚ୍ଚ ରକ୍ତଚାପ ରୋଗ ରହିଛି। ପ୍ରାୟ ୨୫ ପ୍ରତିଶତ ବୟସ୍କ ବିପତ୍ନୀକ କିମ୍ବା ବିଧବା। ୪୯ ପ୍ରତିଶତ ଜୀବନସାଥୀଙ୍କ ସହ ରହୁଛନ୍ତି। ମାତ୍ର ୨୯.୫ ପ୍ରତିଶତ ସେମାନଙ୍କ ସନ୍ତାନ ସହ ଏକତ୍ର ବାସରେ ଅଛନ୍ତି। ମୋଟାମୋଟି ଭାବେ ୭୫ ଭାଗରୁ ଊର୍ଦ୍ଧ୍ୱ ବୟସ୍କ ନିଜ ସନ୍ତାନଙ୍କ ଦ୍ୱାରା ଅବହେଳିତ। ଦୁଃଖ ଓ ପରିତାପର କଥା ଯେ କିଛି ବୟସ୍କଙ୍କର ସବୁଥାଇ ମଧ୍ୟ ସେମାନେ ଜରାଶ୍ରମରେ ରହୁଛନ୍ତି। ଜଣେ ଖ୍ୟାତନାମା ସନ୍ଥ ନିକଟରେ ଯେଉଁ ବକ୍ତବ୍ୟ ରଖିଛନ୍ତି ତାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ। ତାଙ୍କ କହିବା କଥା ଯେ ଭାରତର ବୃଦ୍ଧାଶ୍ରମରେ ରହୁଥିବା ବ୍ୟକ୍ତିଙ୍କ ମଧ୍ୟରେ କେହି ମୁସଲମାନ ନାହାନ୍ତି। ଏହାର କାରଣ ଦର୍ଶାଇବାକୁ ଯାଇ ସେ କହିଛନ୍ତି ଯେ ମୁସଲମାନ ଶିଶୁମାନେ ତାଙ୍କ ଧର୍ମ ପୁସ୍ତକ ସହ ଓତପ୍ରୋତଃ ଭାବେ ଜଡ଼ିତ। କୌଣସି ଧର୍ମଶାସ୍ତ୍ରରେ ବୃଦ୍ଧ ପିତାମାତାଙ୍କୁ ଅବହେଳା କରବା ଏକ ପାପ ବୋଲି ବିବେଚନା କରାଯାଏ। ବାଲ୍ୟାବସ୍ଥାରୁ ସେମାନେ ଆଧ୍ୟାତ୍ମିକତା ସହ ଜଡ଼ିତ। ଅପରପକ୍ଷେ ହିନ୍ଦୁମାନଙ୍କ ମଧ୍ୟରୁ ପ୍ରାୟ ୯୦ପ୍ରତିଶତ ଗୀତା ଭାଗବତ ଭଳି ନୀତିଶାସ୍ତ୍ର ଅଧ୍ୟୟନ କରନ୍ତି ନାହିଁ। ସୁତରାଂ ସେମାନେ ନୀତି ନୈତିକତାଠାରୁ ଦୂରେଇ ଯାଉଛନ୍ତି। ଦ୍ୱିତୀୟତଃ ମୁସଲମାନ ଦମ୍ପତିଙ୍କର ଏକାଧିକ ସନ୍ତାନ ଥିବାରୁ ଜଣେ ନହେଲେ ଆଉ ଜଣେ ବୃଦ୍ଧ ପିତାମାତାଙ୍କର ଯତ୍ନ ନେଉଛନ୍ତି।

ପିଲାମାନେ ଉଚ୍ଚଶିକ୍ଷିତ ହୋଇ ସହରରେ ଅବସ୍ଥାନ କଲା ପରେ ପିତାମାତାଙ୍କୁ ଦୂରରେ ରଖି ନିଜ ସଂକ୍ଷିପ୍ତ ସଂସାର ମଧ୍ୟରେ ଆବଦ୍ଧ ରହିବାକୁ ପସନ୍ଦ କରନ୍ତି। ସେଥିରେ ପିତାମାତାଙ୍କ ସ୍ଥାନ କାହିଁ? ଯେଉଁ କେତେ ଜଣ ଅନନ୍ୟୋପାୟ ହୋଇ ପିଲାଙ୍କ ପାଖରେ ରହୁଛନ୍ତି, ସେମାନଙ୍କ ଭିତରୁ ଅଧିକାଂଶଙ୍କର ଦୁଃଖ ଅବର୍ଣ୍ଣନୀୟ। ନା ସେମାନଙ୍କର କୌଣସି ମତାମତ ଦେବାର ଅଧିକାର ଅଛି କିମ୍ବା ନାତିନାତୁଣୀଙ୍କୁ ସ୍ନେହ କରିବାର ଅବସର। ଫକୀର ମୋହନଙ୍କ ଡାକମୁନ୍‌ସୀ ଗଳ୍ପରେ ସିନା ଗୋଟିଏ ଗୋପାଳର ଅବିଚାର କଥା ଆମେ ପଢ଼ିଥିଲୁ ; ହେଲେ ଆଜିର ସମାଜରେ ଗୋପାଳମାନଙ୍କର ଅଭାବ ନାହିଁ। ସହରୀ ସଭ୍ୟତା ସହ ତାଳ ଦେଇ ଚାଲି ପାରୁନଥିବା ଓ ପ୍ରଦୂଷିତ ବାୟୁମଣ୍ଡଳରେ ଅଣନିଃଶ୍ୱାସୀ ହୋଇଥିବା ବୟସ୍କ ଲୋକଟି ଝୁରି ହୁଏ ଗାଁର ସେ ପ୍ରାକୃତିକ ଶୋଭା ସୁଷମାକୁ, ଯେଉଁଠି ଦିନେ ସେ ଛାଡ଼ି ଆସିଥିଲା ଉନ୍ମୁକ୍ତ ବାତାବରଣ, ସୁଶୀତଳ ତରୁଛାୟା, ସୁବିସ୍ତୀର୍ଣ୍ଣ ଶସ୍ୟକ୍ଷେତ୍ର ଏବଂ ଗ୍ରାମ୍ୟ ତଟିନୀର ବାଲୁକା ବେଳାଭୂମି କିମ୍ବା ଆମ୍ବ ନଡ଼ିଆ ପଣସ ବୃକ୍ଷ ସମ୍ଭାର। ଆଜି ସେ ସବୁ ତା' ପାଇଁ ସାଜିଛି ସ୍ୱପ୍ନ।

ଇଂରାଜୀରେ ଏକ ପ୍ରବାଦ ଅଛି - 'ଏ ସେଟିଙ୍ଗ ସନ୍ ଇଜ୍ ନେଭର ଓରସିପଡ୍ ଆଣ୍ଡ ଏ ଡାଇଙ୍ଗ ହର୍ସ ଇଜ୍ ଲିଟିଲ୍ ଫେଡ।' ଅର୍ଥାତ ଅସ୍ତଗାମୀ ସୂର୍ଯ୍ୟଙ୍କୁ କେହି ପୂଜା କରନ୍ତି ନାହିଁ କିମ୍ବା ମୁମୂର୍ଷୁ ଘୋଡ଼ାକୁ କେହି ଦାନାଦିଏ ନାହିଁ। ସତରେ କ'ଣ ବୟସ୍କମାନେ ଅଲୋଡ଼ା? ଇଂଲିଶ ଲେଖକ ଜିନ୍ ଉରେଙ୍କ ଗଳ୍ପର ମର୍ମାଂଶ ଏଠାରେ ପ୍ରଣିଧାନଯୋଗ୍ୟ। ରୁମାନିଆ ନିକଟରେ ଥିବା ଗୋଟିଏ କ୍ଷୁଦ୍ର ଦେଶର ରାଜା ଘୋଷଣା କଲେ ଯେ, ବୃଦ୍ଧ ପିତାମାତାଙ୍କୁ ତାଙ୍କ ପିଲାମାନେ ନିଜ ହାତରେ ହତ୍ୟା କରନ୍ତୁ। କାରଣ ସେମାନେ ଅକର୍ମଣ୍ୟ ଓ ପରାଙ୍ଗପୁଷ୍ଟ। ସେମାନେ ଦେଶ ପ୍ରଗତିର ବାଧକ। ସବୁ ଯୁବକମାନେ ରାଜାଦେଶ ଗ୍ରହଣ କଲେ। ହେଲେ ଜଣେ ଯୁବକ ନିଜ ପିତାଙ୍କୁ ହତ୍ୟା କରି ନପାରି ମାଟିତଳେ କୋଠରିରେ ଲୁଚାଇ ରଖିଲା। ପୂର୍ବ ବର୍ଷ ମରୁଡ଼ି ଯୋଗୁଁ ଶସ୍ୟ ହାନି ଘଟିଥିଲା। ଏବର୍ଷ ବର୍ଷାଋତୁ ଆସିଥିଲେ ମଧ୍ୟ କାହାପାଖରେ ବିହନ ଗଣ୍ଡାଏ ବି ନଥିଲା। ପୁଅଟି ଅତି ବିମର୍ଷ ଓ କାତର ଥିବା ଦେଖି ବୃଦ୍ଧ ଏହାର କାରଣ ପଚାରିଲେ। ସବୁ ଶୁଣି ବୃଦ୍ଧ ନିଜ ଘର ସାମନା କଚାରାସ୍ତାକୁ ହଳ କରିବାକୁ କହିଲେ। ଯୁବକଟି ତାହାହିଁ କରିବାରୁ ଅନେକ ଶସ୍ୟ ଗଛ ଉଠିଲା ଏବଂ ଯୁବକ ତାକୁ ନେଇ କ୍ଷେତରେ ରୋପଣ କଲା। କିଛିଦିନ ପରେ ଯୁବକର କ୍ଷେତ ସବୁଜିମାରେ ଭରିଗଲା। ରାଜା ଯୁବକକୁ ଏହାର କାରଣ ପଚାରିଲେ। ଯୁବକ କିଛି ଉତ୍ତର ଦେବା ପୂର୍ବରୁ ପ୍ରଥମେ କହିଲା, 'ଆଜ୍ଞା ମୁଁ ରାଜାଦେଶ ଅବମାନନା କରି ପିତାଙ୍କୁ ହତ୍ୟା କରି ନଥିବାରୁ ମୋତେ ସମୁଚିତ ଦଣ୍ଡ ମିଳୁ। ପିତାଙ୍କ ପରାମର୍ଶ ଅନୁସାରେ କାମ କରିବାରୁ ଆଜି ଏ ଶସ୍ୟ କ୍ଷେତ୍ର ସମ୍ଭବ ହୋଇଛି।' ରାଜା ଯୁବକକୁ ଦଣ୍ଡ ଦେବେ କ'ଣ ବରଂ ଦେଶର ସମସ୍ତ ବୟସ୍କଙ୍କୁ ହତ୍ୟା କରାଯାଇଥିବା ଆତ୍ମଗ୍ଲାନିରେ ଜର୍ଜରିତ ହୋଇ ଯୁବକକୁ ଆଲିଙ୍ଗନ କରି କହିଲେ, 'ମୁଁ ଏକ ସାଂଘାତିକ ଭୁଲ କରିଛି। ମୁଁ ଅନ୍ଧ ହୋଇଯାଇଥିଲି। ତୁମେ ମୋର ଆଖି ଖୋଲି ଦେଇଛ। ଏବେ ମୁଁ ବୁଝୁଛି ବାସ୍ତବରେ ବୃଦ୍ଧମାନେ କେତେ ଆବଶ୍ୟକ ଏବଂ ତାଙ୍କ ଅଭିଜ୍ଞତା ସମ୍ପନ୍ନ ଉପଦେଶ କେତେ ମୂଲ୍ୟବାନ।'

ବୃଦ୍ଧମାନେ କେବେ ବି ଅଦରକାରୀ ନୁହନ୍ତି। ତାଙ୍କ ପ୍ରଜ୍ଞାଯୁକ୍ତ ଅଭିଜ୍ଞତା ସର୍ବାଦୌ ମୂଲ୍ୟବାନ। ସେମାନେ ଗୋଟିଏ ଦେଶର ବୌଦ୍ଧିକ ସମ୍ପଦ। ଏକଥା ସମସ୍ତ ନାଗରିକ ଓ ସର୍ବୋପରି ସରକାର ବୁଝିବା ଅତ୍ୟନ୍ତ ଜରୁରୀ। ●


ସିଦ୍ଧଳ(ଜଗତସିଂହପୁର),
ମୋ: ୯୯୩୭୪୫୦୫୪୦

## ଲେଖା ଓ ଲେଖକ

**ଅଞ୍ଜନ ଚାନ୍ଦ**

ଆଗରୁ ପୂଜା ପତ୍ରିକାଗୁଡ଼ିକ ପୂଜା ବେଳରେ ନହେଲେ ପୂଜା ପରେ ବାହାରୁଥିଲା। ଏବେ ସମ୍ପାଦକମାନେ ଅତ୍ୟଧିକ ସଚେତନ ହୋଇ ଦୁର୍ଗା ପୂଜାର ବହୁପୂର୍ବରୁ ପତ୍ରିକାଗୁଡ଼ିକୁ ଛାପି ଦେଉଛନ୍ତି। ଉନ୍ମୋଚନ ଉତ୍ସବ ପାଳନ କରୁଛନ୍ତି। ସାମାଜିକ ଗଣମାଧ୍ୟମରେ ବିଜ୍ଞାପିତ କରୁଛନ୍ତି। କିଛିଦିନ ପରେ କହୁଛନ୍ତି ବଜାରରୁ ଆମ ପତ୍ରିକା ଉଭାନ ହୋଇଯାଇଛି। ଅନ୍ୟମାନେ ଭାବୁଛନ୍ତି ଯେଉଁ ପତ୍ରିକା ଯେତେ ଆଗରୁ ବଜାରକୁ ଆସିବ ସେ ପତ୍ରିକା ସେତେ ପରିମାଣରେ ଅଧିକ ବିକ୍ରି ହେବ। ସେଥିପାଇଁ ସମ୍ପାଦକ/ପ୍ରକାଶକମାନେ ଏବେ ପୂଜା ପତ୍ରିକା କାମ ଶୀଘ୍ର ସାରିବାକୁ ଖୁବ ତରତର।

ଏଥର ପୂଜା ଆଗରୁ ମୁଁ ବନ୍ଧୁ ନଟବରଙ୍କ ଆବାସିକ କାର୍ଯ୍ୟାଳୟକୁ ଯାଇ ଦେଖିଲି ସେ ପୂରା ଦମରେ କାମରେ ଲାଗିଛନ୍ତି। ମୋତେ ଦେଖି କହିଲେ - 'ଭାଇ, ଟିକେ ଦେଖିଲ। ଆଜି ଦୁଇଟି ଲେଖା ଡାକରେ ଆସିଛି।' ମୁଁ ଲଫାପା ଖୋଲି ଦେଖିଲି ଦୁଇଟି ଗପ। ଜଣେ ବହୁ ପରିଚିତ ବରିଷ୍ଠ ଗାଳ୍ପିକ, ଅନ୍ୟ ଜଣେ ଅପରିଚିତ ଯୁବ ଗାଳ୍ପିକ। ଯୁବକଙ୍କ ଗପରେ ନୂତନତ୍ୱ ଓ ପାଠକୀୟତା ରହିଛି। ବରିଷ୍ଠ କେବଳ ଅନେକ ବାକ୍ୟ ସମନ୍ୱୟରେ କିଛି ଅଦ୍ଭୁତ କଥା ଲେଖିଛନ୍ତି, ଯାହା ପଢ଼ିବାକୁ ଭଲ ଲାଗୁନାହିଁ। ଡିଟିପି ଅପରେଟର କହିଲେ- 'ଆଉ ଗୋଟିଏ ଗପ ଯାଇପାରିବ।' ମୁଁ ଯୁବ ଗାଳ୍ପିକଙ୍କ ଗପଟିକୁ ବାଛିଲି। ନଟବର ପଚାରିଲେ - 'ଅନ୍ୟ ଗପଟି କାହାର?' ମୋ ଠାରୁ ବରିଷ୍ଠ ଗାଳ୍ପିକଙ୍କ ନାଁ ଶୁଣି ସେ ଚମକି ପଡ଼ିଲେ। କହିଲେ - 'ହେ ଭଗବାନ, କି ବୁଦ୍ଧି ଯେ ତୁମର! କାହାକୁ ଛାଡ଼ି କାହାକୁ ଦେଉଛ।' ଗପଟିକୁ ନପଢ଼ି ସିଧା ଟାଇପ କରିବା ପାଇଁ ଦେଇଦେଲେ। ଯୁବ ଗାଳ୍ପିକଙ୍କ ଭଲ ଗପ ତାହାର ଉପଯୁକ୍ତ ସ୍ଥାନ ଡଷ୍ଟବିନକୁ ଚାଲିଗଲା।



ନଟବରଙ୍କ ପରି ଅନେକ ସମ୍ପାଦକ ଭାବନ୍ତି ନାହିଁ ଯେ, ସେମାନେ କେବଳ ନିଜ ପତ୍ରିକା ନୁହେଁ, ଓଡ଼ିଆ ସାହିତ୍ୟକୁ ସମ୍ପାଦନା କରୁଛନ୍ତି। ଏଇ ପତ୍ରପତ୍ରିକା ମାଧ୍ୟମରେ ହିଁ ଓଡ଼ିଆ ସାହିତ୍ୟ ନିଜ ପରିଚୟ ସୃଷ୍ଟି କରୁଛି। ଯେକୌଣସି ସାହିତ୍ୟ ତାହାର ରଚନା ବଳରେ ହିଁ ବିଭବଶାଳୀ ହୋଇଥାଏ। ଲେଖକଙ୍କ ନାମ ଯେତେ ବିଖ୍ୟାତ ହୋଇଥିଲେ ବି ଲେଖା ଭଲ ହୋଇ ନଥିଲେ ପାଠକ ତାହାକୁ ନାପସନ୍ଦ କରିଦିଏ। ଅଥଚ ଏବେ ଏଠାରେ ପ୍ରାୟ ପତ୍ରିକାରେ ଲେଖାକୁ ଛାଡ଼ି ଲେଖକଙ୍କୁ ଚୟନ କରିବାର ପ୍ରକ୍ରିୟା ଜାରିରହିଛି। ବରିଷ୍ଠ ଲେଖକ, ବିଶିଷ୍ଟ ଲେଖକ, ପୁରସ୍କୃତ ଲେଖକ, ପଦାଧିକାରୀ ଲେଖକ, ପୁଣି କିଏ ସାହିତ୍ୟ ସଙ୍ଗଠନର ବଡ଼ କର୍ମକର୍ତ୍ତା, ପତ୍ରିକା ସମ୍ପାଦକ, ଅର୍ଥ ସାହାଯ୍ୟ ଅଥବା ବିଜ୍ଞାପନ ଯୋଗାଇ ଦେଉଥିବା ଧନିକ - ଏମାନଙ୍କୁ ପତ୍ରିକାର ପ୍ରମୁଖ ସ୍ଥାନରେ ରଖାଯାଉଛି। ଯେଉଁମାନେ ଲେଖା ବାହାରିଲେ ସୌଜନ୍ୟ କପି ପାଇଁ ଦାବି କରିବେ ନାହିଁ, ବରଂ ନିଜେ ଆଠ ଦଶ କପି କିଣି ଅନ୍ୟମାନଙ୍କୁ ବାଣ୍ଟିବେ, ଡିଟିପି ହୋଇ ଆସିଥିବା ଲେଖା, ଯାହାକୁ ଟାଇପ ନକରି ସିଧାସଳଖ ଛପା ହୋଇ ପାରିବ; ଏମାନଙ୍କ ପ୍ରତି ମଧ୍ୟ ସମ୍ପାଦକମାନଙ୍କ ଦରଦ ରହୁଛି। ଏସବୁ ବାଦ ଯଦି କିଛି ସ୍ଥାନ ବଳିପଡ଼େ ତେବେ ହୁଏତ ଅନ୍ୟ ଲେଖାପ୍ରତି ଦୃଷ୍ଟି ଦିଆଯାଉଛି।

ଦିନେ ଜଣେ ବନ୍ଧୁ ପଚାରିଲେ - 'ମୁଁ ଏତେ ସାହିତ୍ୟସଭା, କବିତା ଆସରକୁ ଯାଉଛି, ସବୁଠାରେ ତ କେବଳ ପ୍ରଶଂସା ଶୁଣିଛି। ଆଲୋଚନା କି ସମାଲୋଚନା କିଛି ବି ନାହିଁ।' ମୁଁ କହିଲି - 'ତା'ର ଗୋଟିଏମାତ୍ର କାରଣ। ଧାଡ଼ିଏ ବି ଲେଖା ନପଢ଼ି ଗୁଡ଼ାଏ ପ୍ରଶଂସା କରିହେବ, କିନ୍ତୁ ଲେଖାଟିକୁ ସମ୍ପୂର୍ଣ୍ଣ ନପଢ଼ି ଧାଡ଼ିଏ ବି ଆଲୋଚନା କରି ହେବନାହିଁ। ସୁତରାଂ ଆଲୋଚନା ଅଥବା ସମାଲୋଚନା ପାଇଁ ନିଷ୍ଠାପର ପାଠକୀୟତା ତଥା ସତ୍‌ସାହସ ଅଭାବରୁ ଏବେ ଆମ ସାହିତ୍ୟରେ ଅତ୍ୟଧିକ ପ୍ରଶଂସା ହିଁ ଦେଖାଯାଉଛି।' ଏ ପ୍ରସଙ୍ଗରେ ଛୋଟ କଥାଟିଏ ଖୁବ ପ୍ରଯୁଜ୍ୟ। ଏକଦା ଜଣେ ରାଜା ଘୋଷଣା କଲେ- 'ଆଜି ଦରବାରରେ ସେ ସ୍ୱରଚିତ କବିତାଟିଏ ପଢ଼ି ଶୁଣାଇବେ। ସମସ୍ତେ ଖୁସିରେ ସମ୍ମତି ଜଣାଇଲେ। ରାଜା କବିତା ପଢ଼ିଲେ। ବାଃ, ବାଃ, କି ଚମତ୍କାର କବିତା, ଦରବାରୀମାନେ ପ୍ରଶଂସା କଲେ। କେବଳ ବିଦୂଷକ କିଛି ନକହି ନିରବରେ ବସିଥା'ନ୍ତି। ରାଜା ପଚାରିଲେ - 'ଆପଣ କିଛି କହୁନାହାନ୍ତି?' ବିଦୂଷକ କହିଲେ - 'ମଣିମା! ମୋତେ କବିତାଟି ଭଲ ଲାଗିଲାନାହିଁ।' ରାଜା ରାଗିଯାଇ ଆଦେଶ ଦେଲେ - 'ଏ ଅରସିକକୁ ସାତଦିନ କାରାଗାରରେ ରଖ।' କିଛିଦିନ ପରେ ରାଜା ପୁଣି ଗୋଟିଏ କବିତା ଲେଖିଲେ ଏବଂ ଦରବାରରେ ପଢ଼ିବେ ବୋଲି ଘୋଷଣା କଲେ। ସେଦିନ ବିଦୂଷକ ବିଳମ୍ବରେ ଦରବାରକୁ ଆସିଲେ। ରାଜା କାରଣ ପଚାରିବାରୁ ସେ କହିଲେ - 'ମଣିମା! ଆପଣଙ୍କ ଘୋଷଣା ଶୁଣିବା ପରେ ମୁଁ ବିପଣୀକୁ ଯାଇଥିଲି। ସାତ ଦିନର ସଉଦା କିଣି ଘରେ ରଖିଦେଇ ଆସିଛି।'

ଏବେ ସେପରି ସତ କହିବାର ସାହସ ରଖୁଥିବା ବିଦୂଷକଙ୍କ ଆତ୍ମା ବିଲୁପ୍ତପ୍ରାୟ; ଅଥଚ ସେହି ରାଜକୀୟ କବିଙ୍କ ଆତ୍ମା ବହୁଧା ବିଭକ୍ତ ହୋଇ ଆମ ଭିତରେ ବାଣ୍ଟିଯାଇଛି। ପ୍ରଶଂସାପ୍ରବଣତା ଓଡ଼ିଆ ସାହିତ୍ୟରେ ଲେଖକ ସଂଖ୍ୟା ଅତ୍ୟଧିକ ବଢ଼ାଇ ଦେଇଛି। ପରିଚୟ ସଙ୍କଟରେ ପଡ଼ିଥିବା କିଛିଲୋକ ପରିଚୟ ସୃଷ୍ଟି କରିବାର ସହଜ ବାଟ ଭାବି ସାହିତ୍ୟ ଭିତରକୁ ଧସେଇ ପଶୁଛନ୍ତି। ଅନେକ ପୁସ୍ତକ ରଚନା ହେଉଛି। ପ୍ରକାଶକମାନେ ଲେଖକଙ୍କ ଅର୍ଥରେ ଲାଭବାନ ହେଉଛନ୍ତି ଏବଂ ଆମ ସାହିତ୍ୟ ଦିନକୁ ଦିନ ମେଦବହୁଳ ରୋଗରେ ଆକ୍ରାନ୍ତ ହେଉଛି।

ସାହିତ୍ୟ ସଂରଚନା ଏକ ନୈସର୍ଗିକ ପ୍ରବୃତ୍ତି। ଏଥିରେ ଲେଖକ କେବଳ ମାଧ୍ୟମ। ଏକ ଅଦୃଶ୍ୟ ଶକ୍ତିର ପ୍ରେରଣାରେ କେଉଁ ଅଜ୍ଞାତ ସ୍ଥାନରୁ ଆସୁଥିବା ଭାବକୁ ସେ ଲେଖନୀ ମାଧ୍ୟମରେ ପ୍ରକାଶ କରନ୍ତି। ଏହି ଭାବନାର ସ୍ରୋତ ମଧ୍ୟ ନିୟତ ନୁହେଁ। ଯେଉଁଦିନ ତାହା ଆସିବା ବନ୍ଦ ହୋଇଯାଏ ଲେଖକ ପୁଣି ସାଧାରଣ ଲୋକ ହୋଇଯା'ନ୍ତି। ନିଜେ ଚେଷ୍ଟା କରି ଲେଖାଟିଏ ଲେଖିଲେ ତାହା ପାଠକଙ୍କ ନିକଟରେ ସମାଦୃତ ହୋଇପାରେ ନାହିଁ। ସୁତରାଂ ସାହିତ୍ୟରେ ଲେଖା ହିଁ ଗୁରୁତ୍ୱପୂର୍ଣ୍ଣ, କଦାଚିତ୍ ଲେଖକ ନୁହନ୍ତି। ●

ବାଲେଶ୍ୱର, ମୋ: ୬୩୭୦୬୬୧୧୪୭

## ଅଗ୍ରଗାମୀ ଚେତନାର ଦ୍ୟୋତନା: କବି ଅନ୍ନପୂର୍ଣ୍ଣା

**ପ୍ରଫେସର ମଣୀନ୍ଦ୍ର କୁମାର ମେହେର**

**ସାହିତ୍ୟ ସରିତ୍**

ନାରୀକବି ଅନ୍ନପୂର୍ଣ୍ଣା ନବଚେତନାର ଏକ ତେଜସ୍ୱିୟ କିରଣ। ଉଚ୍ଚଶିକ୍ଷା ଲାଭ ନ କରି ସାଧାରଣ ଗ୍ରାମ୍ୟବଧୂ ଭାବରେ ଜୀବନ ଅତିବାହିତ କରି ମଧ୍ୟ ଜଣେ ନିଜସ୍ୱ ଅନ୍ତର୍ଚ୍ଚେତନାର ଦ୍ୟୁତିରେ ଉଦ୍ଭାସିତ କରି ଦେଇପାରେ ତା'ର ଚତୁର୍ଦ୍ଦିଗକୁ -ଏହାର ଦିବ୍ୟ ଦୃଷ୍ଟାନ୍ତ ଅନ୍ନପୂର୍ଣ୍ଣା। ମହାକାଶ ବକ୍ଷର ଏକ ନୀଳ ନକ୍ଷତ୍ର ସେ। ଧରିତ୍ରୀର ଆହ୍ୱାନରେ ସତେ କି ଅବତରଣ କରିଆସିଥିଲେ ମର୍ତ୍ତ୍ୟମଣ୍ଡଳକୁ। ସେଇ ଶୁଭ ଧରାବତରଣ ନଥିଲା ଆଦୌ ତାତ୍ପର୍ଯ୍ୟବିହୀନ। ଉତ୍କଳ ଭୂମିରେ ମାନବଚେତନାକୁ ଅଭିନ୍ନ ଉପଲବ୍ଧିରେ ଅଭିମନ୍ତ୍ରିତ କରିଦେବା ପାଇଁ ହିଁ ଓହ୍ଲାଇ ଆସିଥିଲେ ସେ ସ୍ୱର୍ଗର ଦେବୀ ଭାବରେ।

ରେନାସାଁ କ'ଣ ତାହା କ'ଣ ଜାଣିଥିଲେ ସେ ପୁସ୍ତକ ଅଧ୍ୟୟନ କରି? ସେ ଯାହା ଜାଣି ନଥିଲେ ତାଙ୍କ ଅନ୍ତରାତ୍ମା ତାହା ଯଥାର୍ଥ ଭାବରେ ଉପଲବ୍ଧି କରିସାରିଥିଲା। ଯେଉଁ ସମୟରେ ନାରୀଜୀବନ ଥିଲା ଗୃହପ୍ରାଚୀର ମଧ୍ୟରେ ସୀମାବଦ୍ଧ, ସେହି ସମୟରେ ଅନ୍ନପୂର୍ଣ୍ଣାଙ୍କ ଲେଖା ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ହେବା ଯୋଗୁଁ ସମାଜରେ ସୃଷ୍ଟି ହୋଇଥିଲା ଆଲୋଡ଼ନ। ବିଭିନ୍ନ ସଭା ସମିତିରେ ତାଙ୍କ ଯୋଗଦାନ ଓ ଆଧୁନିକ ଯୁଗର କବି ଲେଖକଙ୍କ ସହିତ ତାଙ୍କର ସାରସ୍ୱତ ସମ୍ପର୍କ ହୋଇଥିଲା ବହୁଚର୍ଚ୍ଚିତ ପ୍ରସଙ୍ଗ। ଅନ୍ନପୂର୍ଣ୍ଣା ଜାଣିଥିଲେ ଯେ ତାଙ୍କର ଏହି ସକ୍ରିୟ ସାହିତ୍ୟିକ କାର୍ଯ୍ୟକ୍ରମ ବିଭିନ୍ନ ବ୍ୟକ୍ତି ଭିନ୍ନ ଭିନ୍ନ ଦୃଷ୍ଟିରେ ଆଲୋଚନା କରିବେ। ମାତ୍ର ସେଥିପାଇଁ ସେ ଅଟକି ଯିବାର ପ୍ରଶ୍ନ ଉଠୁନଥିଲା। ତାଙ୍କ ପରମପୂଜ୍ୟ ସ୍ୱାମୀଙ୍କ ନଥିଲା ଏ ବିଷୟରେ କୌଣସି ଆପତ୍ତି। ସେ ହୃଦୟଙ୍ଗମ କରିପାରିଥିଲେ ଯେ ଅନ୍ନପୂର୍ଣ୍ଣା ବିଭୁଆଶିଷରୁ ଉତଥିତା ଏକ ଅସାମାନ୍ୟ ସୃଜନ ସଳିତା। ତାଙ୍କୁ ଲିଭାଇ ଦେବାର ଶକ୍ତି କାହାରି ପାଖରେ ନାହିଁ।

ଅନ୍ନପୂର୍ଣ୍ଣାଙ୍କ ଅବିଚଳିତ ଇଚ୍ଛାଶକ୍ତି ତାଙ୍କ କବିତାରେ ମଧ୍ୟ ପ୍ରତିବିମ୍ବିତ ହୋଇଉଠିଛି ସାର୍ଥକ ଭାବରେ। ସ୍ୱରଚିତ 'ଦୃଢ଼ଶକ୍ତି'ଶୀର୍ଷକ କବିତାରେ ସେ ଲେଖିଛନ୍ତି - 'ସତ୍ୟ ସତ୍ୟ ସର୍ବସତ୍ୟ ନାହିଁ କିଛି ଭୟ, ସତ୍ୟର ସାଧନା ସଂଗେ ସକଳ ବିଜୟ / ସତ୍ୟଜ୍ୟୋତି ବ୍ୟାପୀ ଅଛି କାହିଁ ଅନ୍ଧକାର, ସତ୍ୟପ୍ରେମେ ପୂର୍ଣ୍ଣାକ୍ଷର ନାହିଁ ମୋ ବିଚାର।' ସତ୍ୟ ସହ ଯେଉଁ ଆତ୍ମାର ସମ୍ପର୍କ ଯେତିକି ଘନିଷ୍ଠ, ସିଏ ସେତିକି ନିର୍ଭୟ। ଅନ୍ନପୂର୍ଣ୍ଣା ସତ୍ୟର ଆରାଧନାରେ ଜୀବନ ସମର୍ପିତ କରିଥିବାରୁ ସେ ଥିଲେ ସର୍ବଦା ଭୟଶୂନ୍ୟ। ଜନ୍ମଭୂମି ଉତ୍କଳ ତାଙ୍କ ପାଇଁ ଥିଲା ପ୍ରେରଣାଦାୟିନୀ ଜନନୀ। 'ଉତ୍କଳ ଭୂମି' ନାମକ କବିତାରେ ସେ ଢାଳି ଦେଇଛନ୍ତି ତାଙ୍କ ହୃଦୟର ପରିପୂର୍ଣ୍ଣ ଶ୍ରଦ୍ଧା ଓ ଭକ୍ତି। ପଣ୍ଡିତ ନୀଳମଣି ବିଦ୍ୟାରତ୍ନଙ୍କ ଉତ୍ସାହରେ ପ୍ରକାଶିତ ହୋଇଥିଲା ତାଙ୍କ 'ପଦ୍ୟମାଳା' ପ୍ରଥମ ଓ ଦ୍ୱିତୀୟ ଭାଗ। ପରେ ଆଲୋକ ଦେଖିଲା 'ପକ୍ଷୀଘରା'। 'ସହକାର' ପତ୍ରିକାର ସମ୍ପାଦିକା ଭାବରେ ସେ ସେତେବେଳେ କାର୍ଯ୍ୟନିର୍ବାହ କରିବା କ'ଣ କମ ସାହସିକତାର ପରିଚୟ! 'କଳ୍ପକୁଞ୍ଜ', 'ଆଶାହାଟ', 'ମନଶ୍ରୀ', ବିବିଧ କବିତା ତଥା ଗଦ୍ୟସମ୍ଭାରକୁ ନେଇ ତାଙ୍କର ପ୍ରକାଶିତ ହୋଇଛି 'ନାରୀକବି ଅନ୍ନପୂର୍ଣ୍ଣା ରଚନାଶ୍ରୀ।' ଜୀବନାନୁଭବର ବ୍ୟାପକତା କି ସରଳ, ମଧୁର ଓ କୋମଳ ଭାବରେ ପ୍ରକାଶିତ ହୋଇପାରେ, ତାହା ପ୍ରତିଟି ଅନୁରାଗୀ ପାଠକ ଏଥିରେ ନିଶ୍ଚୟ ଲକ୍ଷ୍ୟ କରିପାରିବେ। 'ନିଜ ହୃଦୟକୁ ଦେଖ, ତା'ପରେ କବିତା ଲେଖ' ବୋଲି ଫିଲିପ ସିଡନୀ ଯାହା କହିଛନ୍ତି, ତାହାର ପ୍ରାଣୋଚ୍ଛଳ ପରିପ୍ରକାଶ ହେଉଛି ଅନ୍ନପୂର୍ଣ୍ଣାଙ୍କ କବିତା ଏବଂ ସାମଗ୍ରିକ ଭାବରେ ତାଙ୍କ ସାହିତ୍ୟର ଆବେଦନ।

କଷ୍ଟ, ଯାତନା ଓ ବେଦନା ସତ୍ତ୍ୱେ ସ୍ୱକୀୟ ସାଧନାରେ ଥିଲେ ସେ ସର୍ବଦା ଅବିଚଳିତ। ସମାଜରେ ବ୍ୟାପ୍ତ ଅଚେତନତା ଦୂର କରିବାରେ ବିରାଜିତା ଏକ ଅଗ୍ନିଶିଖା। ପାଠକ ପ୍ରାଣର ଅହଂକୈନ୍ଦ୍ରିକ ସମସ୍ତ ଆବର୍ଜନାକୁ ଧୋଇ ନେବାରେ ଏକ ନିର୍ମଳ ନିର୍ଝରିଣୀ। ସକଳ ବିରୁଦ୍ଧ ପରିସ୍ଥିତି ସହ ସଂଘର୍ଷ କରି ଆଗକୁ ଅଗ୍ରସର ହୋଇଯିବା ନିମନ୍ତେ ସେ ମେଘାବୃତ୍ତ ଆକାଶ ବକ୍ଷର ଏକ ବିଜୁଳିରେଖା। ଶାନ୍ତି, ଆଶା, ନିରାଶା, ଦୁଃଖ, ମୃତ୍ୟୁ, ଅଶ୍ରୁ, ଗର୍ବ, ବିଚ୍ଛେଦ- ଏପରି ବହୁ ମାନବିକ ଅନୁଭବକୁ ସେ ବ୍ୟକ୍ତ କରିଛନ୍ତି ସହଜ, ସରଳ ଲାଳିତ୍ୟ ସଂଯୋଗ ସହିତ। କବିତାର ସାରଲ୍ୟରେ କିପରି କବି ହୃଦୟର ନମନୀୟତା ପ୍ରସ୍ଫୁଟିତ ହୋଇପାରେ ସୁବାସିତ ପୁଷ୍ପର ମସୃଣତା ନେଇ, ତାହା ଅନୁଭବ କରିବାକୁ ଯିଏ ଆକୁଳ, ତାଙ୍କ ଆତ୍ମାରେ ଏହା ପ୍ରଦାନ କରିପାରିବ ସାନ୍ତ୍ୱନାର ଚନ୍ଦନ ପ୍ରଲେପ। ●

ଭୁବନେଶ୍ୱର, ମୋ: ୭୦୭୭୫୫୩୭୦୭

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।







# ଭାରତର ରାଜନୀତିରେ 'ନବୀନ' ସିଦ୍ଧାନ୍ତ

■ ରାମଶଙ୍କର

ମହାତ୍ମା ଗାନ୍ଧୀଙ୍କ ଜନ୍ମ ଶତବାର୍ଷିକୀ ପାଳନ ଅବସରରେ ଭାରତ ସରକାରଙ୍କର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଦ୍ୱାରା ୨୪ ସେପ୍ଟେମ୍ବର ୧୯୬୯ ରେ ମହାବିଦ୍ୟାଳୟରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ନିମନ୍ତେ 'ରାଷ୍ଟ୍ରୀୟ ସେବା ଯୋଜନା' ସ୍ଥାପିତ ହୋଇଛିଫ ସାମାଜିକ ସମସ୍ୟା ସମାଧାନ ଦିଗରେ ଜନସାଧାରଣଙ୍କର ଭାଗିଦାରିତା ସୃଷ୍ଟି କରିବା ନିମନ୍ତେ ଆବଶ୍ୟକ 'ନେତୃତ୍ୱକାରୀ ସାମର୍ଥ୍ୟକୁ' ବିଦ୍ୟାର୍ଥୀମାନଙ୍କ ମଧ୍ୟରେ ପ୍ରୋତ୍ସାହିତ କରିବା ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ। ଏକ ବେସରକାରୀ ସଂଗଠନ ଜିଲ୍ଲା ସଦର ମହକୁମାରେ ୫୦ଜଣ ବିଦ୍ୟାର୍ଥୀଙ୍କୁ ନେଇ ୫ଦିନିଆ ଶିବିର ଆୟୋଜନ କରିଥା'ନ୍ତି। ଅନ୍ଧବିଶ୍ୱାସ ମୁକ୍ତ ଓ ବୈଜ୍ଞାନିକ ଚିନ୍ତାଧାରାଯୁକ୍ତ ଜୀବନ ସଫଳତାର ପ୍ରଥମ ପାହାଚ ଏବଂ ସମ୍ବିଧାନର ଧାରା -୫୧(କ) ଅନ୍ତର୍ଗତ ନାଗରିକଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟ ସମ୍ପର୍କରେ ବିଦ୍ୟାର୍ଥୀମାନଙ୍କୁ ପ୍ରଶିକ୍ଷଣ ଦେବା କାର୍ଯ୍ୟ ମୁଁ କରୁଥାଏ। ତେଣୁ ଉକ୍ତ ବେସରକାରୀ ସଂଗଠନ ମୋତେ ନିମନ୍ତ୍ରଣ କରିଥା'ନ୍ତି। ମହାବିଦ୍ୟାଳୟରେ 'ରାଷ୍ଟ୍ରୀୟ ସେବା ଯୋଜନା' ଦାୟିତ୍ୱରେ ଥିବା ଅଧ୍ୟାପକ ବିଦ୍ୟାର୍ଥୀମାନଙ୍କୁ ନେତୃତ୍ୱ ଦେବାକୁ ଆବଶ୍ୟକ ଦୁଇଟି ଯୋଗ୍ୟତା ସମ୍ପର୍କରେ ବୁଝାଉଥା'ନ୍ତି। ପ୍ରଥମ, ଜନତାଙ୍କ ସହ ବ୍ୟକ୍ତିଗତ ପ୍ରତ୍ୟକ୍ଷ ସମ୍ପର୍କ। ଦ୍ୱିତୀୟରେ ଜନସାଧାରଣଙ୍କ ସହ ଭାବର ଆଦାନ ପ୍ରଦାନ ନିମନ୍ତେ ବାକ୍-ପଟୁତା। ସିଧାସଳଖ ସମ୍ପର୍କ ଓ ଭଲ କହିଲା ବାଲା ନହେଲେ ସଫଳ ନେତା ହୋଇ ପାରିବ ନାହିଁ। ଅଧ୍ୟାପକଙ୍କ ପାଠ ପଢ଼ା ସରିବା ପରେ ମୋ ପାଳି ଆସିଲା। ମାତ୍ର ମୁଁ ମୋ ବିଷୟକୁ ନ ଯାଇ ବିଦ୍ୟାର୍ଥୀ ଓ ଅନ୍ୟ ଅଧ୍ୟାପକଙ୍କ ଉପସ୍ଥିତିରେ ମୋର ଗୋଟିଏ ପ୍ରଶ୍ନ ଥିଲା, ଓଡ଼ିଶାରେ ଜନପ୍ରିୟତାର ଶୀର୍ଷରେ ଥିବା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନସମ୍ପର୍କ ଓ ବାକ୍‌ପଟୁତା। ବିଦ୍ୟାର୍ଥୀମାନଙ୍କ ଅପେକ୍ଷା ଅଧ୍ୟାପକବନ୍ଧୁମାନେ ସ୍ତବ୍ଧ। ବିରୋଧୀ ରାଜନୈତିକ ଦଳ ଓ ରାଜନୈତିକ ସମୀକ୍ଷକ ନବୀନ ବାବୁଙ୍କ ବିରୁଦ୍ଧରେ ଅପପ୍ରଚାର କରୁଥିଲେ ଯେ ତାଙ୍କର ଜନସାଧାରଣଙ୍କ ସହିତ ଆଦୌ ସମ୍ପର୍କ ନାହିଁ ଏବଂ ନବୀନ ବାବୁ ଭାଷଣ କଥା ଛାଡ଼ନ୍ତୁ ଅନ୍ୟ ପକ୍ଷରେ ବହୁତ କମ୍ କଥା କହନ୍ତି। ତେବେ କେଉଁ ଆଧାରରେ ସେ ଓଡ଼ିଶାବାସୀଙ୍କ ହୃଦୟ ଜିଣିଥିଲେ? ଯାହାଙ୍କୁ ଦେଖିବା ପାଇଁ ରାସ୍ତାକଡ଼ରେ ହଜାର ହଜାର ଆବାଳ ବୃଦ୍ଧ ବନିତା ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରୁଥିଲେ? ଭାରତର ରାଜନୀତିରେ ଏକ ନୂତନ ସିଦ୍ଧାନ୍ତ ସୃଷ୍ଟି କରିଥିଲେ ନବୀନ ବାବୁ। ଜନସାଧାରଣଙ୍କ ସହ ପ୍ରତ୍ୟକ୍ଷ ସମ୍ପର୍କର ସେତୁ ସୃଷ୍ଟି କରିଥିଲେ 'ଜନ କଲ୍ୟାଣ ଯୋଜନା'ର ସୁଫଳ ଜରିଆରେ ଓଡ଼ିଶାବାସୀଙ୍କ ମୁହଁରେ ହସ ଫୁଟାଇ। ମିଥ୍ୟା ପ୍ରତିଶ୍ରୁତି ଓ ଲମ୍ବା ଭାଷଣ ପରିବର୍ତ୍ତେ ତିନୋଟି ଶବ୍ଦ ମାଧ୍ୟମରେ କୋଟିକୋଟି ଓଡ଼ିଶାବାସୀଙ୍କ ହୃଦୟକୁ ଜିତିଥିଲେ - 'ଆପଣମାନେ ଖୁସି ତ' ? ସାଢ଼େ ଚାରିକୋଟି ଓଡ଼ିଶାବାସୀ କେବଳ ନୁହନ୍ତି ଦେଶବାସୀ ଜାଣିଛନ୍ତି ଯେ ଗତ ବିଧାନସଭା ନିର୍ବାଚନରେ ଭାରତର ପ୍ରଧାନମନ୍ତ୍ରୀ, ଗଣ୍ଡା ଗଣ୍ଡା କେନ୍ଦ୍ରମନ୍ତ୍ରୀ, ଭାଜପା ଶାସିତ ରାଜ୍ୟର ମୁଖ୍ୟମନ୍ତ୍ରୀ, ଓଡ଼ିଶାବାସୀଙ୍କୁ ମିଥ୍ୟା ପ୍ରତିଶ୍ରୁତି ଦେଇ ଭୋଟ ନେଇଛନ୍ତି। ମାତ୍ର ଏକ ବର୍ଷ ମଧ୍ୟରେ ତାହା ପ୍ରମାଣ ହୋଇସାରିଛି। ଭାରତର ରାଜନୈତିକ ଇତିହାସରେ ନବୀନବାବୁ ନୂଆ ସିଦ୍ଧାନ୍ତର ପ୍ରତୀକ ପାଲଟିଛନ୍ତି। ■


**ଅଧ୍ୟକ୍ଷ,**
**ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟ, ଖୋର୍ଦ୍ଧା,**
**ମୋ: ୯୩୩୭ ୬୨୧୪୫୫**


# ଅନନ୍ୟ ନବୀନ

■ ଡ. ବିମ୍ବାଧର ବେହେରା

ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ସଂପ୍ରତି ଓଡିଶା ବିଧାନସଭାର ବିରୋଧୀଦଳ ନେତା ମାନ୍ୟବର ନବୀନ ପଟ୍ଟନାୟକଙ୍କର ଜନ୍ମ ଜୟନ୍ତୀ ଆକ୍ଟୋବର ୧୬ ତାରିଖ। ଏହି ପରିପ୍ରେକ୍ଷୀରେ କୌଣସି ରାଜନୈତିକ ବାଦ ବିସମ୍ବାଦର ଊର୍ଦ୍ଧ୍ୱରେ ତାଙ୍କ ମହାନ ବ୍ୟକ୍ତିତ୍ୱର ଆକଳନ କରାଯାଇପାରେ। ଓଡ଼ିଶାର ମାଟି କଟକରେ ୧୯୪୬ ମସିହା ଅକ୍ଟୋବର ୧୬ ତାରିଖରେ ସେ ଭୂମିଷ୍ଠ ହୋଇଥିଲେ ଓଡ଼ିଶାର ପ୍ରବାଦପୁରୁଷ ପୂର୍ବତନ ମୁଖ୍ୟମନ୍ତ୍ରୀ, ପୂର୍ବତନ କେନ୍ଦ୍ର ଇସ୍ପାତ ମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପରିବାରରେ। ସମୟ ସ୍ରୋତରେ ଦୀର୍ଘ ୨୪ ବର୍ଷ କାଳ କେବଳ ଓଡ଼ିଶାରେ ନୁହଁ ଜାତୀୟ ରାଜନୀତିରେ ନବୀନବାବୁ ଥିଲେ ଜଣେ ନିଆରା ବ୍ୟକ୍ତିତ୍ୱ। ଓଡ଼ିଶାର ସାମାଜିକ, ଅର୍ଥନୈତିକ ବିକାଶ ସହ ରାଜ୍ୟର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ପାଇଁ କେତେକ ସ୍ୱତନ୍ତ୍ର ପଦକ୍ଷେପ ନେଇଥିଲେ ସେ। ଆଜି ମୋର ମନେପଡ଼େ ଜୁଲାଇ ପଚିଶ ୨୦୧୩ ମସିହାର ଏକ ସ୍ମରଣୀୟ ସନ୍ଧ୍ୟା ସ୍ଥାନ ରବୀନ୍ଦ୍ରମଣ୍ଡପ ଭୁବନେଶ୍ୱର, ଓଡ଼ିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ତଥା ସାରସ୍ୱତ ସମ୍ବର୍ଦ୍ଧନା ଉତ୍ସବ। ମଞ୍ଚ ଉପରେ ବହୁ ଉଚ୍ଚପଦସ୍ଥ କର୍ମକର୍ତ୍ତା, ମନ୍ତ୍ରୀଙ୍କ ସହ ମୁଖ୍ୟଅତିଥି ଥିଲେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ମାନ୍ୟବର ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ସ୍ୱହସ୍ତରୁ ଉତ୍ତରୀୟ ତଥା ତାମ୍ର ଫଳକ ସହ ବରିଷ୍ଠ ସାରସ୍ୱତ ସାଧକ ଭାବେ ସମ୍ବର୍ଦ୍ଧିତ ହେବା ମୋ ପାଇଁ ଜୀବନର ନିଶ୍ଚିତ ଭାବେ ଏକ ଅଭୁଲା ମୁହୂର୍ତ୍ତ। ସେହି ରୋମାଞ୍ଚିତ ସଞ୍ଚୟ ଆଜିବି ସ୍ମୃତି ପେଟିକାରୁ ଭାସି ଆସେ।

ଦ୍ୱିତୀୟଥର ମାର୍ଚ୍ଚ ୫ ତାରିଖ ୨୦୧୭ ମସିହା ପଞ୍ଚାୟତରାଜ ଦିବସ ପାଳିତ ହେଉଥାଏ ଭୁବନେଶ୍ୱରସ୍ଥ ଆଦିବାସୀ ପଡିଆରେ, ସେଦିନ ପ୍ରବାଦପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କର ଜୟନ୍ତୀ ମଧ୍ୟ ଥାଏ, ସାରାଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ବରିଷ୍ଠ ନାଗରିକ ତଥା ସାମାଜିକ ସମ୍ପୃକ୍ତି ଥିବା ବ୍ୟକ୍ତିମାନଙ୍କୁ ସମ୍ବର୍ଦ୍ଧିତ କରିବାର କାର୍ଯ୍ୟକ୍ରମ ଥାଏ। ସରକାରଙ୍କ ତରଫରୁ ବସ୍ ଯୋଗେ ସେମାନଙ୍କୁ ନେଇ ଭୁବନେଶ୍ୱରସ୍ଥ ବିଭିନ୍ନ ହୋଟେଲରେ ବିଶ୍ରାମ ସୁଯୋଗ ଦେବା ସହ ସୁନ୍ଦର ଆତିଥେୟତା ପ୍ରଦାନ କରାଯାଇଥିଲା ଏବଂ ସେମାନଙ୍କ ମଧ୍ୟରେ କେନ୍ଦୁଝରରୁ ଆଉ କେତେଜଣଙ୍କ ସହିତ ମୁଁ ମଧ୍ୟ ସେ ସୁଯୋଗ ଲାଭ କରିଥିଲି। ବିରାଟ ସୁସଜ୍ଜିତ ମଞ୍ଚରେ ମୁଖ୍ୟଅତିଥି ଥିଲେ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ମହୋଦୟ, ତାଙ୍କ ଉପସ୍ଥିତିରେ ତତ୍କାଳୀନ ମନ୍ତ୍ରୀ ଅରୁଣ କୁମାର ସାହୁ ଉତ୍ତରୀୟ ସହ ଆମକୁ ସମ୍ବର୍ଦ୍ଧିତ କରିଥିଲେ। ସେଇବେଳର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମହୋଦୟଙ୍କର ଭାବଗମ୍ଭୀର ସଂକ୍ଷିପ୍ତ ବକ୍ତବ୍ୟ ମଧ୍ୟରେ ବରିଷ୍ଠ ନାଗରିକମାନଙ୍କ ପ୍ରତି ତାଙ୍କର ଥିଲା ଶ୍ରଦ୍ଧା ଓ ସମ୍ମାନ, ସେହି ଅପରାହ୍ଣର ମଧୁର ସ୍ମୃତି ଏବେଯାଏ ଜୀବିତ ଅଛି।

ରାଜନୈତିକ ପରିସରରେ ପ୍ରବେଶ କରିବା ପୂର୍ବରୁ ମାନନୀୟ ନବୀନ ପଟ୍ଟନାୟକ ଜଣେ ଲେଖକ ଭାବେ ପ୍ରତିଷ୍ଠା ଅର୍ଜନ କରିଥିଲେ। ଇଂରାଜୀରେ ଅନେକ ଗ୍ରନ୍ଥର ପ୍ରଣେତା ସହ ବିଭିନ୍ନ ରୋଗ ନିରାକରଣ ପାଇଁ ଭାରତରେ ଥିବା ଔଷଧୀୟ ବୃକ୍ଷ ଉପରେ ତାଙ୍କର ସୃଜନୀ ପ୍ରତିଭା ବେଶ ଦୃଷ୍ଟିଆକର୍ଷଣ କରେ, ତାହା ଥିଲା 'ଗାର୍ଡେନ ଅଫ ଲାଇଫ', 'ଆନ ଇଣ୍ଟ୍ରୋଡକ୍ସନ ଟୁ ଦି ହିଲିଙ୍ଗ ପ୍ଲାଣ୍ଟସ ଅଫ ଇଣ୍ଡିଆ', ନିଶ୍ଚିତ ଭାବେ ଆରଣ୍ୟକ ପରିବେଶ ପ୍ରତି ତାଙ୍କ ହୃଦୟରେ ଆବେଗ ଥିଲା, ଯାହା ଏଥିରେ ପ୍ରତିଫଳିତ। ତାଙ୍କର ଭାଷଣଗୁଡ଼ିକ ଖୁବ୍ ସଂକ୍ଷିପ୍ତ ଥିଲେ ମଧ୍ୟ ବିନ୍ଦୁ ଭିତରେ ସିନ୍ଧୁ ଦର୍ଶନର ଅବକାଶ ଥିଲା। ଦୀର୍ଘବର୍ଷ ଧରି ଓଡ଼ିଶାର ଶାସନ ଡୋରିକୁ ନିୟନ୍ତ୍ରିତ କରିଥିବା ଏପରି ମହାଦ୍ରୁମଙ୍କ ବ୍ୟକ୍ତିତ୍ୱର ସାରବତ୍ତା ସଂକ୍ଷିପ୍ତ ପରିସରରେ ଆକଳନ କରିବା ଅନ୍ଧଙ୍କ ହାତୀ ଦେଖା ସହ ସମାନ। ■


**ଜନଜାତି ଗବେଷକ ତଥା ଅବସରପ୍ରାପ୍ତ ପ୍ରାଧ୍ୟାପକ,**
**ଧରଣୀଧର ସ୍ୱୟଂ ଶାଶିତ ମହାବିଦ୍ୟାଳୟ,**
**କେନ୍ଦୁଝର**



ବିଜୁ ଜନତା ଦଳ



୧୬ ଅକ୍ଟୋବର, ୨୦୨୫

ନବ ଉତ୍କଳର ବିଶ୍ୱକର୍ମା,
ସାଢ଼େ ଚାରିକୋଟି ଓଡ଼ିଆଙ୍କ ହୃଦୟର ସ୍ପନ୍ଦନ,
ଆମ ସମସ୍ତଙ୍କ ପ୍ରିୟ ମାନ୍ୟବର ପୂର୍ବତନ ମୁଖ୍ୟମନ୍ତ୍ରୀ
ତଥା ବିଜୁ ଜନତା ଦଳର ରାଜ୍ୟ ସଭାପତି
**ଶ୍ରୀଯୁକ୍ତ ନବୀନ ପଟ୍ଟନାୟକଙ୍କ**
**ଶୁଭ ଜନ୍ମଦିନ**
ଅବସରରେ
**ହାର୍ଦ୍ଦିକ ଶୁଭେଚ୍ଛା ଓ ଶୁଭକାମନା**

ଏହି ଶୁଭ ଜନ୍ମଦିନରେ
ଜଗତର ନାଥ ଜଗନ୍ନାଥ ମହାପ୍ରଭୁଙ୍କ
ନିକଟରେ ଆପଣଙ୍କର ଦୀର୍ଘ
ଓ ନିରାମୟ ଜୀବନ ପାଇଁ ପ୍ରାର୍ଥନା କରୁଛି।

**ସୁବାସିନୀ ଜେନା**
ବିଧାୟିକା, ବସ୍ତା ନିର୍ବାଚନ ମଣ୍ଡଳୀ



୭୯ତମ ଜନ୍ମଦିବସ




ଶୁଭେଚ୍ଛା ସହ...

ସକାଳ THE SAKALA
www.sakalaepaper.com

# ଯାହାଙ୍କ ପାଇଁ ଓଡ଼ିଶା ଏବେ ଆଦର୍ଶ ରାଜ୍ୟ

■ ମହମ୍ମଦ ହିଫ୍‌ଜୁର ରହେମାନ୍



ନବୀନ ପଟ୍ଟନାୟକ । ରାଜନୀତି ତାଙ୍କ ପାଇଁ କ୍ଷମତା ଆହରଣ ନୁହେଁ, ଲୋକଙ୍କ ସେବା ଓ ରାଜ୍ୟର ବିକାଶ ହିଁ ଏକମାତ୍ର ବ୍ରତ । କ୍ଷମତାରେ ଥାଆନ୍ତୁ କି ନ ଥାଆନ୍ତୁ, ନିଷ୍ଠା ଓ ଆନ୍ତରିକତା ସହ ସାଢେ ଚାରି କୋଟି ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରିଛନ୍ତି । ୧୯୯୭ରେ ପ୍ରଥମ ଥର ପାଇଁ ଆସିକା ଲୋକସଭା ଆସନରୁ ସାଂସଦ ଭାବେ ନିର୍ବାଚିତ ହେବା ଠାରୁ ଆଜି ପର୍ଯ୍ୟନ୍ତ ସେ ନିଜର ଜୀବନକୁ ସମ୍ପୂର୍ଣ୍ଣ ଭାବେ ଓଡିଶାବାସୀଙ୍କ ବିକାଶ ପାଇଁ ଉତ୍ସର୍ଗ କରିଦେଇଛନ୍ତି । ନିଜର ସ୍ୱଚ୍ଛ ଓ ନିର୍ମଳ ଭାବମୂର୍ତ୍ତି ପାଇଁ ଗତ ୨୫ ବର୍ଷରୁ ଅଧିକ ସମୟ ତାଙ୍କର ନିରନ୍ତର ସେବା ଅନ୍ୟମାନଙ୍କ ପାଇଁ ଉଦାହରଣ ହୋଇଛି ।

କ୍ଷମତାରେ ଥିବା ସମୟରେ ଓଡ଼ିଶାର ଚିତ୍ରକୁ ବଦଳାଇ ଦେଇଥିଲେ ନବୀନ ପଟ୍ଟନାୟକ । ଭୋକର ଭୂଗୋଳରୁ ଓଡିଶା ଆଜି ଶସ୍ୟ ସମୃଦ୍ଧ । ଅଭାବ ଅନଟନ, ଦାରିଦ୍ର୍ୟ, ଅନାହାର, ଅନଗ୍ରସର ଭଳି ଶବ୍ଦ ଯାହା ଓଡିଶାକୁ ସବୁବେଳେ ବିଶ୍ୱ ଦରବାରରେ ନିନ୍ଦିତ କରୁଥିଲା, ତାହା ଆଜି ଇତିହାସ ପାଲଟିଯାଇଛି । ବିଶ୍ୱ ଦରବାରରେ ଓଡିଶା ଅନେକ କ୍ଷେତ୍ରରେ ମଡେଲ ରାଜ୍ୟର ମାନ୍ୟତା ପାଇଛି । ବିପର୍ଯ୍ୟୟ ମୁକାବିଲା ହେଉ କି ଓଡିଆଙ୍କ ପାଇଁ ଖାଦ୍ୟ ସୁରକ୍ଷା ସୁନିଶ୍ଚିତ କରିବା, ସାରା ବିଶ୍ୱ ଓଡିଶା ମଡେଲକୁ ପ୍ରଶଂସା କରୁଛି । ମିସନ ଶକ୍ତି ଜରିଆରେ ୭୦ ଲକ୍ଷ ମହିଳାଙ୍କ ସଶକ୍ତୀକରଣ ଠାରୁ ଆରମ୍ଭ କରି ଅଭେଦ୍ୟ ମାଓ ଗଡକୁ ସ୍ୱାଭିମାନ ଅଞ୍ଚଳରେ ରୂପାନ୍ତରିତ କରିବା, ଚାଷୀଙ୍କ ପାଇଁ କାଳିଆ ଯୋଜନା, ଓଡିଶାକୁ ବିଶ୍ୱସ୍ତରରେ ପୁଞ୍ଜିନିବେଶର ହବ୍ ଭାବେ ଗଢି ତୋଳିବା, ବିଶ୍ୱ ଦରବାରରେ ଓଡିଶାକୁ କ୍ରୀଡା ରାଜଧାନୀ ଭାବେ ପ୍ରତିଷ୍ଠିତ କରିବା, ଦକ୍ଷତା ବିକାଶ ଜରିଆରେ ଲକ୍ଷ ଲକ୍ଷ ଓଡିଆ ଯୁବକ ଯୁବତୀଙ୍କୁ ଆତ୍ମନିର୍ଭରଶୀଳ କରିବା, ଜାଗା ମିସନ ଜରିଆରେ ବସ୍ତିବାସିନ୍ଦାଙ୍କୁ ଜମି ଅଧିକାର ପ୍ରଦାନ ଭଳି ଲୋକାଭିମୁଖୀ ଯୋଜନା ଥିଲା ନୂଆ ଓଡିଶାର ବିନ୍ଧାଣୀ ରୂପେ ପରିଚିତ ନବୀନଙ୍କ ଅବଦାନ ।

ଅର୍ଥ ଅଭାବରୁ କାହାର ଜୀବନ ଯିବ ନାହିଁ । ଚିକିତ୍ସା ପାଇଁ ଜମିବାଡ଼ି, ଗହଣା ବିକିବାକୁ ପଡ଼ିବ ନାହିଁ । ରାଜ୍ୟବାସୀଙ୍କ ପାଇଁ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ କାର୍ଡ ପ୍ରଚଳନ କରି ନବୀନ ଅନ୍ୟମାନଙ୍କ ପାଇଁ ରାସ୍ତା ଦେଖାଇଥିଲେ । ଚିକିତ୍ସା କ୍ଷେତ୍ରରେ ଏହା ଆଣିଥିଲା ବୈପ୍ଳବିକ ପରିବର୍ତ୍ତନ । ନୂଆ ସରକାର କ୍ଷମତାକୁ ଆସିଲା ପରେ ମଧ୍ୟ ଆୟୁଷ୍ମାନ ସ୍ୱାସ୍ଥ୍ୟ କାର୍ଡରେ ରହିଛି ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ଛାପ । ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ହେଉ କି କୋଣାର୍କ ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଠାରୁ ଆରମ୍ଭ କରି ତାରାତାରିଣୀ ଓ ସମଲେଶ୍ୱରୀ ପୀଠ । ଏସବୁ ଐତିହ୍ୟ କ୍ଷେତ୍ରର ବିକାଶ ପାଇଁ ତାଙ୍କର ଅବଦାନ ମଧ୍ୟ ଅତୁଳନୀୟ ।

ସେହିଭଳି କୋଭିଡ ମୁକାବିଲାରେ ମଧ୍ୟ ଓଡିଶା ସାରା ଦେଶ ପାଇଁ ସାଜିଥିଲା ମଡେଲ । ଅଦୃଶ୍ୟ ଭୂତାଣୁ ବିରୋଧରେ ଲଢିବାକୁ ଯେତେବେଳେ କେହି ଚିନ୍ତା କରିପାରୁନଥିଲେ ସେତେବେଳେ ନବୀନ ଦେଇଥିଲେ ମୁକାବିଲାର ସୂତ୍ର । ସଂକ୍ରମଣ ଚେନ୍ ରୋକିବା ସହ ପ୍ରତ୍ୟେକ ଜୀବନ ମୂଲ୍ୟବାନ ଲକ୍ଷ୍ୟ ରଖି ଆରମ୍ଭ କରିଥିଲେ ମୁକାବିଲା । ରାଜ୍ୟରେ ସମସ୍ତଙ୍କୁ ମାଗଣା କୋଭିଡ ଚିକିତ୍ସା ପ୍ରଦାନ କରାଯାଇଲା ।

ନବୀନ ପଟ୍ଟନାୟକଙ୍କ ସଫଳତାରେ ଯୋଡ଼ି ହୋଇ ରହିଛି ଜନହିତକର କାର୍ଯ୍ୟକ୍ରମର ଏଭଳି ଲମ୍ବା ତାଲିକା । ଜଣେ ନମ୍ର ନେତା ଭାବେ ପରିଚିତ ନବୀନଙ୍କ କାର୍ଯ୍ୟଧାରା ଅନ୍ୟମାନଙ୍କ ପାଇଁ ଉଦାହାରଣ ହୋଇଛି ।

ନବୀନ ଏବେ କ୍ଷମତାରେ ନାହାନ୍ତି ସତ, କିନ୍ତୁ ରାଜ୍ୟବାସୀଙ୍କ ସେବାରେ ସେ ଏବେ ବି ଉତ୍ସର୍ଗୀକୃତ । ସାଢ଼େ ଚାରି କୋଟି ଓଡ଼ିଆ ଏବେ ବି ତାଙ୍କର ପରିବାର । ଏବେ ବି ସେମାନଙ୍କ ସୁଖଦୁଃଖ ସହିତ ନିଜକୁ ଯୋଡ଼ି ହୋଇ ରଖିଛନ୍ତି । କାହାରି ଟିକିଏ ଅସୁବିଧା ହେଲେ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଏହାର ସମାଧାନ ପାଇଁ ପରାମର୍ଶ ଦେଉଛନ୍ତି । ବିରୋଧୀ ଦଳ ନେତାଙ୍କ ଭୂମିକା କେମିତି ହୁଏ, ତାହା ସେ ତାଙ୍କର ଆଚରଣ ଜରିଆରେ ଉଦାହରଣ ସୃଷ୍ଟି କରିଛନ୍ତି । ରାଜ୍ୟ ବିଧାନସଭାର ୫୦ରୁ ଅଧିକ ବିଧାୟକ ଥିଲେ ମଧ୍ୟ ସେ କେବେହେଲ ନିର୍ବାଚିତ ସରକାରକୁ ଅସ୍ଥିର କରିବାକୁ ପ୍ରୟାସ କି ନାହାନ୍ତି । ଜାତୀୟ ଗଣମାଧ୍ୟମରେ ଚାଲିଥିବା ଚର୍ଚ୍ଚା ଅନୁଯାୟୀ ନବୀନ ଚାହିଁଲେ ରାଜ୍ୟରେ ବିଜେପି ସରକାରକୁ ଦୋହଲାଇ ଦେଇପାରିବେ । କିନ୍ତୁ କ୍ଷମତାଲୋଭୀ ନ ହୋଇ ଲୋକମାନଙ୍କର ମତାମତକୁ ସମ୍ମାନ ଜଣାଇ ବିରୋଧୀ ଦଳର ନେତା ଭାବେ ନିଜର ଗଠନମୂଳକ ଦାୟିତ୍ୱକୁ କିପରି ନିର୍ବାହ କରେ ତାହା ସେ ଦେଖାଇ ଦେଇଛନ୍ତି । ତାଙ୍କର ନିନ୍ଦୁକ ମଧ୍ୟ ଏହା ସ୍ୱୀକାର କରିବାକୁ ବାଧ ହେଉଛନ୍ତି । ■


# ବିରଳ ବ୍ୟକ୍ତିତ୍ୱ

■ ବିଜୟ କୁମାର ମହାନ୍ତି

ନବୀନ ପଟ୍ଟନାୟକଙ୍କୁ ମୁଁ ୨୦୦୨ ମସିହାରେ ନବୀନ ନିବାସରେ ପ୍ରତ୍ୟକ୍ଷ ଭାବରେ ଦେଖିବା ଏବଂ ଆଲୋଚନା କରିବାର ସୁଯୋଗ ପାଇଥିଲି । ସେତେବେଳେ ମୁଁ କୁଚିଣ୍ଡାର ଆମ ଭାତପୁରା ଗ୍ରାମରେ ଥିଲି । ଆମ ଘରେ ଲାଗିଥିବା ଲ୍ୟାଣ୍ଡଫୋନ୍‌ରେ ନବୀନ ନିବାସରୁ ଫୋନ୍ ଆସିଲା ଯେ, ମୁଖ୍ୟମନ୍ତ୍ରୀ ଆପଣଙ୍କ ସହ କଥା ହେବା ପାଇଁ ଚାହାନ୍ତି । ସେ ରେଢ଼ାଖୋଲ ଉପନିର୍ବାଚନରେ ମୋର ସହଯୋଗ ଲୋଡ଼ିବା ସହ ନବୀନ ନିବାସ ଆସି ଆଲୋଚନା କରିବାକୁ ଅନୁରୋଧ କରିଥିଲେ । ମୁଁ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସଭାପତି ଭାବରେ ସେହିବର୍ଷ ନିର୍ବାଚିତ ହୋଇଥିଲି । ରେଢ଼ାଖୋଲରେ ଆମ ସଂଘର ସଂଗଠନ ସୁଦୃଢ଼ ଥିଲା ଏବଂ ମୋର ରାଜନୈତିକ ସମ୍ପର୍କ ମଧ୍ୟ ଭଲ ଥିଲା । ନବୀନ ନିବାସରେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଥିବା ସମସ୍ୟା ଏବଂ ନିର୍ବାଚନରେ ବିଷୟରେ ମୋ ସହିତ ଆଲୋଚନା କରିଥିଲେ ଏବଂ ପରାମର୍ଶ ମଧ୍ୟ ଲୋଡ଼ିଥିଲେ । ସେତେବେଳେ ରେଢ଼ାଖୋଲ ନିର୍ବାଚନ ମଣ୍ଡଳୀରେ ଅତିଶୟ ବର୍ଷା ବିପ୍ଳାବିତ, ବନ୍ୟା, ଧମା ଅଞ୍ଚଳରେ ବନ୍ୟାଜନିତ ବ୍ୟାପକ କ୍ଷୟକ୍ଷତି ସମ୍ପର୍କରେ ମୁଁ ମୁଖ୍ୟମନ୍ତ୍ରୀଙ୍କର ଦୃଷ୍ଟି ଆକର୍ଷଣ କରି ତା'ର ପ୍ରତିକାର ପାଇଁ କେତେକ ପ୍ରସ୍ତାବ ଦେଇଥିଲି । ସେ ମୋ ମତାମତକୁ ଶୁଣି ନିଜେ ହାତରେ ଲେଖି ସେଗୁଡ଼ିକୁ କାର୍ଯ୍ୟକାରୀ କରିବାକୁ ଆଶ୍ୱାସନା ଦେଇଥିଲେ । ଏଥିସହିତ ଓଡ଼ିଶା କେନ୍ଦୁପତ୍ର କର୍ମଚାରୀ ସଂଘର ସହଯୋଗ ମଧ୍ୟ କାମନା କରିଥିଲେ । ମୋର ଏହି ପ୍ରଥମ ପରିଚୟ ଓ ଆଲୋଚନାରେ ନବୀନ ପଟ୍ଟନାୟକଙ୍କ ସରଳତା, ସମସ୍ୟା ଜାଣିବାର ଉତ୍ସୁକତା ଓ ସମାଧାନ ପାଇଁ ପ୍ରଚେଷ୍ଟା ଏବଂ ସର୍ବୋପରି ପ୍ରଥମ ପରିଚୟରୁ ହିଁ ଆତ୍ମୀୟତାର ଏକ ବଡ଼ ଝଲକ ମୁଁ ପାଇଲି । ତାଙ୍କର ପ୍ରଥମ ପରିଚୟରେ ଆଲୋଚନାର ବୈଶିଷ୍ଟ୍ୟ ମୋତେ ତାଙ୍କ ବ୍ୟକ୍ତିତ୍ୱ ପ୍ରତି ଆକୃଷ୍ଟ କରିଥିଲା । ୨୦୦୨-୦୩ ମସିହାର କଥା । ସେତେବେଳେର କେନ୍ଦୁପତ୍ର ତୋଳାଳିମାନଙ୍କର ଆର୍ଥିକ ସଙ୍କଟ ଏତେ ଉତ୍କଟ ଥିଲା ଯେ ଚପଲ କିଣିବା ସମସ୍ତଙ୍କ ପାଇଁ ସମ୍ଭବପର ହେଉନଥିଲା । ଠିକ୍ ସମୟରେ ସରକାର ନିଜେ ଚପଲ କିଣି ହଜାର ହଜାର ସଂଖ୍ୟାରେ ତୋଳାଳିଙ୍କୁ ବଣ୍ଟନ କଲେ । ଏହା ଦରଦୀ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବ୍ୟକ୍ତିତ୍ୱର ଅନ୍ୟ ଏକ ପରିଚୟ । ସେହିପରି ୧ପଇସାରେ ଗୋଟିଏ ପତ୍ର ଦର ନିର୍ଦ୍ଧାରଣ ସେତେବେଳେ ଉଚ୍ଚ ସରକାରୀ ସ୍ତରରେ ଏବଂ ଅର୍ଥ ବିଭାଗରେ ଘୋର ବିରୋଧ ହେଲା । ଏହାସତ୍ତ୍ୱେ ନିଷ୍ପତ୍ତିକୁ ଦୃଢ଼ତାର ସହ କାର୍ଯ୍ୟକାରୀ କରିବା ସେତେବେଳର ତାଙ୍କର ଅନ୍ୟ ଏକ ସାହସିକ ପଦକ୍ଷେପ ଥିଲା । ଏହା ଏକ ସ୍ମରଣୀୟ ଘଟଣା । ଆମ ସଂଘ କେନ୍ଦୁପତ୍ର ତୋଳାଳିଙ୍କ କଲ୍ୟାଣ ପାଇଁ ବିଭିନ୍ନ ଦାବି ଓ ଆନ୍ଦୋଳନ କରିଛି । କିନ୍ତୁ ମୁଖ୍ୟମନ୍ତ୍ରୀ ଭାବେ ନବୀନ ପଟ୍ଟନାୟକ ଅସହିଷ୍ଣୁ ମନୋଭାବ ନ ରଖି ଯଥାସମ୍ଭବ ଆମର ଅନେକ ଦାବି ପୂରଣ କରିଛନ୍ତି । ଜଙ୍ଗଲ ଅଧିକାର ଆଇନ ପ୍ରଚଳନ ପରେ କେନ୍ଦୁପତ୍ର ସଂସ୍ଥାର ସମସ୍ତ ଲାଭକୁ କେନ୍ଦୁପତ୍ର ଶ୍ରମିକମାନଙ୍କ ମଧ୍ୟରେ ବଣ୍ଟନ ଯୋଜନା ମଧ୍ୟ କାର୍ଯ୍ୟକାରୀ ହେଲା । କେନ୍ଦୁପତ୍ର ତୋଳାଳି ଓ ଶ୍ରମିକମାନଙ୍କ ପ୍ରତି ତାଙ୍କର ସ୍ନେହ ଓ ସମର୍ଥନ ଥିଲା ଅନନ୍ୟ ।

୨୦୧୪ରେ ବୁର୍ଲା ଏନଏସି ଅଧ୍ୟକ୍ଷାଙ୍କ ବିରୋଧରେ କେତେକ କାଉନସିଲ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଏହାଜାଣି ସେ ଅନାସ୍ଥା ପ୍ରସ୍ତାବ ଆଗତକାରୀମାନଙ୍କ ଉପରେ ବିରକ୍ତ ହେଲେ ଏବଂ ଏଥିରୁ ବିଚ୍ୟୁତ ହେବା ପାଇଁ ନିର୍ଦ୍ଦେଶ ଦେଲେ । ସେହିପରି ସମ୍ବଲପୁରରେ ମହିଳା ଜିଲ୍ଲାପାଳଙ୍କୁ ଦୁର୍ବ୍ୟବହାର ଘଟଣାକୁ ମଧ୍ୟ କଡ଼ା ଶବ୍ଦରେ ନିନ୍ଦା କରିଥିଲେ । ୧୯୯୯-୨୦୦୦ ମସିହାରେ ଓଡ଼ିଶାରେ ଭୟାବହ ବାତ୍ୟା ଓ ବନ୍ୟାଗ୍ରସ୍ତ ଓଡ଼ିଶାରେ ଘୋର ଆର୍ଥିକ ଦୁରବସ୍ଥା ସମୟରେ ସେ ୨୦୦୦ ମସିହାରେ ମୁଖ୍ୟମନ୍ତ୍ରୀ ଦାୟିତ୍ୱ ନେବା ଏବଂ ଅର୍ଥନୀତିକୁ ସଜାଡ଼ିବା ଏକ ବିଶେଷ ଘଟଣା । ଖାଦ୍ୟ ନିରାପତ୍ତା ଆଇନ୍ ଲାଗୁ ହୋଇ ନ ଥିବା ବେଳେ ଓଡ଼ିଶାରେ ଦରିଦ୍ର ସୀମାରେଖା ତଳେ ଥିବା ସମସ୍ତ ରାଜ୍ୟବାସୀଙ୍କୁ କିଲୋ ପ୍ରତି ଟ. ୨/- ରେ ଚାଉଳ ଯୋଗାଇବା ସେତେବେଳର ଯୁଗାନ୍ତକାରୀ ଘଟଣା ।

ସେହିପରି ବିଭିନ୍ନ ରାଜ୍ୟ ଯୋଜନା ଯଥା - ବିଜୁ ପକ୍କା ଘର ଯୋଜନା, ଗୋପବନ୍ଧୁ ରାଜ୍ୟ ଯୋଜନା, ମଧୁବାବୁ ପେନସନ ଯୋଜନା, ସ୍କୁଲ ଛାତ୍ରଛାତ୍ରୀମାନଙ୍କୁ ପୋଷାକ ଯୋଜନା, ମଧ୍ୟାହ୍ନ ଭୋଜନ ଯୋଜନା ଏବଂ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଆଦି ସାମାଜିକ ନ୍ୟାୟ ପ୍ରତିଷ୍ଠା ସକାଶେ ତାଙ୍କର ସାହସିକ ପଦକ୍ଷେପ ଯୋଗୁଁ ଓଡ଼ିଶା ସମଗ୍ର ଦେଶରେ ଉଦାହରଣ ସୃଷ୍ଟି କରିଥିଲା । ୨୦୧୩ ମସିହାରେ ଏକ ସମାବେଶରେ ମୁଁ ଏସଡିଏର ଅଧ୍ୟକ୍ଷ ଭାବରେ ନବୀନ ପଟ୍ଟନାୟକଙ୍କୁ ମହାନଗର ନିଗମ ଗଠନ ପାଇଁ ଏକ ମାନଚିତ୍ର ଓ ବିବରଣୀ ଦେଇ ସମ୍ବଲପୁରକୁ ମହାନଗର ନିଗମ କରିବାକୁ ଅନୁରୋଧ କରିଥିଲି । ସେହିଦିନ ହିଁ ସେ ସମ୍ବଲପୁରକୁ ମହାନଗର ନିଗମ ଘୋଷଣା କରିଥିଲେ । ଏହା ମୋ ମନରେ ଆଜିପର୍ଯ୍ୟନ୍ତ ସ୍ମରଣୀୟ ହୋଇରହିଛି । ମୁଁ ଜିଲ୍ଲା ସଭାପତି, ରାଜ୍ୟ ହସ୍ତଶିଳ୍ପ ନିଗମର ଅଧ୍ୟକ୍ଷ, ରାଜ୍ୟ ଅର୍ଥ ଆୟୋଗର ସଦସ୍ୟ ଓ ସମ୍ବଲପୁର ଉନ୍ନୟନ ପ୍ରାଧିକରଣ ଅଧ୍ୟକ୍ଷ ଭାବରେ ବିଭିନ୍ନ ସମୟରେ ନବୀନ ବାବୁଙ୍କୁ ସାକ୍ଷାତ କରିଛି । ତାଙ୍କଠାରେ ଏକ ସରଳ, ଅମାୟିକ ତଥା ଏକ ବିରଳ ବ୍ୟକ୍ତିତ୍ୱର ଭାବମୂର୍ତ୍ତି ମୁଁ ଦେଖିଛି । ଆହୁରି ଅନେକ ପ୍ରତ୍ୟକ୍ଷ ଘଟଣା ଥିଲେ ମଧ୍ୟ ଅଧିକ ଏଥିରେ ବର୍ଣ୍ଣନା କରିବା ସମ୍ଭବପର ନୁହେଁ । ଏଣୁ କିଛି ସ୍ୱତନ୍ତ୍ର ଘଟଣାର ଅବତାରଣା କରିଛି । ଏଥିରୁ ତାଙ୍କର ବିରଳ ବ୍ୟକ୍ତିତ୍ୱର ପରିଚୟ ଯଥେଷ୍ଟ । ■



ଡି - ୮, ସରସ୍ୱତୀ ଏନକ୍ଳେଭ, ସମ୍ବଲପୁର,
ମୋ: ୯୪୩୭୮୦୬୫୨୭


# ଜନକଲ୍ୟାଣକାରୀ ଯୋଜନାର ଦୀର୍ଘ ଯାତ୍ରା

■ ସୋନାଲି ବେହେରା


ଦୀର୍ଘ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଓଡ଼ିଶାର ସବୁଠୁ ପ୍ରିୟ ନେତା ହେଲେ ନବୀନ ପଟ୍ଟନାୟକ । ଲଗାତାର ପାଞ୍ଚ ଥର ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ନବୀନ । ତାଙ୍କର ଦୂରଦୃଷ୍ଟି ଏବଂ ସୁଦକ୍ଷ ନେତୃତ୍ୱ ବଳରେ ଓଡ଼ିଶା ରୂପାନ୍ତରଣ ଆଜି ଶିଖର ଛୁଇଁଛି । ରାଜନୀତିରେ ନବୀନଙ୍କ ପ୍ରବେଶ ଓଡ଼ିଶା ରାଜନୀତିର ଏକ ଯୁଗାନ୍ତକାରୀ ପରିବର୍ତ୍ତନ ।

ରାଜ୍ୟର ସମସ୍ତ ଗ୍ରାମାଞ୍ଚଳରେ ଉନ୍ନତ ଭିତ୍ତିଭୂମିର ବିକାଶ ଥିଲା ନବୀନ ପଟ୍ଟନାୟକଙ୍କ ମୂଳ ଲକ୍ଷ୍ୟ । ଏହା ଅଧୀନରେ ପ୍ରାୟ ୬୭୯୪ ଗ୍ରାମ ପଞ୍ଚାୟତରେ ବିଭିନ୍ନ ପ୍ରକଳ୍ପ ପାଇଁ ପାଣ୍ଠି ଖର୍ଚ୍ଚ ହେଉଛି । ଏହି ଯୋଜନାରେ ରାଜ୍ୟର ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ଉନ୍ନତ ଏବଂ ସୁଲଭ ସାଧାରଣ ସେବା ଯୋଗାଇ ଦିଆଯାଉଛି । ଏହି କଲ୍ୟାଣମୂଳକ ଯୋଜନାର ଏକ ସେବା ହେଉଛି 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯାହାର ମୂଳ ଲକ୍ଷ୍ୟ ଥିଲା ଗ୍ରାମାଞ୍ଚଳର ବିକାଶ ସହ ଓଡ଼ିଆ ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ପ୍ରଚାର ଓ ପ୍ରସାର । ଏହି ସେବା ଦ୍ୱାରା ଆର୍ଥିକ ସହାୟତା ମିଳିଛି । ଯାହା ଫଳରେ ବିଭିନ୍ନ ପଞ୍ଚାୟତକୁ ଉନ୍ନୟନ କାର୍ଯ୍ୟ ପାଇଁ ଅନୁଦାନ ମିଳିଛି । ସେହିପରି ଭାବରେ ଅନ୍ୟ ଏକ ସେବା 'ମହିଳା ସଶକ୍ତୀକରଣ' । ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ମହିଳା ସଶକ୍ତୀକରଣ ଏବଂ ସ୍ୱାବଲମ୍ବୀ କରିଛି 'ମିଶନ ଶକ୍ତି' । ଗ୍ରାମଗୁଡ଼ିକରେ ସଡ଼କ ସଂଯୋଗ ପାଇଁ ରାଜ୍ୟ ସରକାରଙ୍କ ଏକ ସୁଫଳ ଯୋଜନା ହେଉଛି MMSY-CUUDA । ଏହି ଯୋଜନା ମାଓବାଦୀ ପ୍ରଭାବିତ ଓ ଚ୍ୟାଲେଞ୍ଜପୂର୍ଣ୍ଣ ଅଞ୍ଚଳରେ ଲାଗୁ ହୋଇଥିଲା । ବିଭିନ୍ନ ଗ୍ରାମପଞ୍ଚାୟତସ୍ତରରୁ ବ୍ଲକ୍ ଏବଂ ଜିଲ୍ଲା ପର୍ଯ୍ୟନ୍ତ ଏକ ସୁଗମ, ସୁଲଭ ଜନ ପରିବହନ ବ୍ୟବସ୍ଥା ହେଉଛି 'ଲକ୍ଷ୍ମୀ ବସ୍' ସେବା । ମହିଳା, ଛାତ୍ରଛାତ୍ରୀ ଏବଂ ଦିବ୍ୟାଙ୍ଗମାନେ ମାତ୍ର ୫ ଟଙ୍କାରେ ଯାତ୍ରା କରିପାରିବେ । ଓଡ଼ିଶାର ଏକ ସ୍ମାର୍ଟ ତଥା ଅତ୍ୟାଧୁନିକ ସାର୍ବଜନୀନ ପରିବର୍ତ୍ତନ ହେଉଛି 'ମୋ ବସ' (ଯାହାକି ବର୍ତ୍ତମାନ 'ଆମ ବସ୍' ନାମରେ ପରିଚିତ) ନବୀନଙ୍କ ପାଇଁ ସଫଳ ହୋଇପାରିଛି । ଏହି ସେବାରେ ରାଜ୍ୟର ସହରାଞ୍ଚଳର ଯାତାୟାତ ସୁରକ୍ଷା, ସହଜ ଓ ସୁଲଭରେ ପରିବର୍ତ୍ତନ ଆଣିପାରିଛି । ଭୁବନେଶ୍ୱର, କଟକ, ଖୋର୍ଦ୍ଧା, ପୁରୀ, ପିପିଲି, କୋଣାର୍କ ସହିତ ଅନ୍ୟାନ୍ୟ ପ୍ରମୁଖ ସହର ତଥା ରାଉରକେଲା, ସମ୍ବଲପୁର, ବ୍ରହ୍ମପୁର ମଧ୍ୟ ଏହି ସେବା ଲାଭ କରୁଛି । Mo-E-Ride ଭଳି ଇ-ରିକ୍ସା ସେବାଗୁଡ଼ିକ ଯୋଗୁ ଯାତ୍ରୀମାନେ ଦୂରସ୍ଥାନରୁ ମୁଖ୍ୟ ବସ୍ ଷ୍ଟପ୍ ପର୍ଯ୍ୟନ୍ତ ସହଜରେ ପହଞ୍ଚି ପାରୁଛନ୍ତି । 'ମୋ ସେବା କେନ୍ଦ୍ର' ଦ୍ୱାରା ସମସ୍ତ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ଓ ଜନସାଧାରଣ ପାଇଁ ମାଗଣା ୱାଇଫାଇ ହଟ୍‌ସ୍ପଟ ବ୍ୟବସ୍ଥା କରାଯାଇଛି । 'କାଳିଆ ଯୋଜନା' ଦ୍ୱାରା କୃଷକମାନଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ଋଣ ଜାଲରୁ ଚାଷୀମାନଙ୍କୁ ମୁକ୍ତ କରିବା ଓ ଯେଉଁମାନେ ବାର୍ଦ୍ଧକ୍ୟ, ଅକ୍ଷମତା ବା ରୋଗ ହେତୁ ଚାଷ କାମ କରିପାରନ୍ତି ନାହିଁ, ସେମାନଙ୍କ ପରିବାରକୁ ଜୀବିକା ନିର୍ବାହ ପାଇଁ ସହାୟତା ଯୋଗାଇ ଦିଆଯାଏ । 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ହେଉଛି ନବୀନ ସରକାରଙ୍କ ଦ୍ୱାର ଆରମ୍ଭ କରାଯାଇଥିବା ଏକ ବଡ଼ ଧାରଣର ସ୍ୱାସ୍ଥ୍ୟ ଯୋଜନା । 'ଆହାର ଯୋଜନା' ଦ୍ୱାରା ସହରାଞ୍ଚଳରେ ଗରିବମାନଙ୍କୁ ୫ ଟଙ୍କିଆ ମୂଲ୍ୟରେ ଆହାର ମିଳିପାରୁଛି । 'ବିଜୁ ସଶକ୍ତିକରଣ ଯୋଜନା' ମାଧ୍ୟମରେ ମେଧାବୀ ଛାତ୍ରଛାତ୍ରୀମାନଙ୍କୁ ଲାପ୍‌ଟପ୍ କିଣିବା ପାଇଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସହରାଞ୍ଚଳରେ ଥିବା ଗରିବ ଲୋକଙ୍କୁ ଜୀବିକା ପାଇଁ ସହାୟତା ପ୍ରଦାନ କରିବା ଏବଂ ସହରାଞ୍ଚଳ ଭିତ୍ତିଭୂମିର ବିକାଶ ପାଇଁ 'ମୁକ୍ତ ଯୋଜନା' କାର୍ଯ୍ୟକାରୀ ହୋଇଛି । 'ବନିଶ୍ରୀ ଯୋଜନା' ଦ୍ୱାରା ଦିବ୍ୟାଙ୍ଗ ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ଶିକ୍ଷା ପାଇଁ ସହାୟତା ହେଉଛି ଛାତ୍ରବୃତ୍ତି । ନବୀନ ସରକାରଙ୍କର ଏକ ଗୁରୁତ୍ୱପୂର୍ଣ୍ଣ ଯୋଜନା ଥିଲା ' 5T ଯୋଜନା' । ସରକାର ସେବା ପ୍ରଦାନରେ 'ଟାଇମ୍' (Time), 'ଟ୍ରାନ୍ସଫର୍‌ମେସନ୍' (Transformation), 'ଟେକ୍ନୋଲୋଜି' (Technology), 'ଟ୍ରାନ୍ସପରସି' (Trancpercy), 'ଟିମ୍‌ୱାର୍କ' (Teamwork) ମାଧ୍ୟମରେ ପରିବର୍ତ୍ତନ ଆଣିବା ଏହାର ମୂଳ ଲକ୍ଷ ।

ରାଜ୍ୟ ରାଜନୀତିର ଏହି ଗୁରୁତ୍ୱପୂର୍ଣ୍ଣ ସମୟ ନବୀନ ପଟ୍ଟନାୟକଙ୍କ ଗୁରୁତ୍ୱ ସାବ୍ୟସ୍ତ କରିଛି । ବିଭିନ୍ନ କ୍ଷେତ୍ରରେ ତାଙ୍କର ଦୂରଦୃଷ୍ଟି ସଂପନ୍ନ ନେତୃତ୍ୱ ଯୋଗୁ ଓଡ଼ିଶା ଆଜି ଦେଶ ତଥା ବିଶ୍ୱ ଦରବାରରେ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିପାରିଛି । ଶିକ୍ଷାଠାରୁ ସ୍ୱାସ୍ଥ୍ୟ ଏବଂ ମାତୃଶକ୍ତିର ବିକାଶ ପର୍ଯ୍ୟନ୍ତ ନବୀନଙ୍କ କଲ୍ୟାଣକାରୀ ଯୋଜନା ଓଡ଼ିଶାର ରୂପାନ୍ତରଣ ଦିଗରେ ଏକ ମୂଳଦୁଆ ସ୍ଥାପନ କରିଛି । ଏହି ଯୋଜନାଗୁଡ଼ିକ କେବଳ ରାଜନୈତିକ ପ୍ରତିଶ୍ରୁତି ନୁହେଁ, ମାତ୍ର ଓଡ଼ିଶାର କୋଟି କୋଟି ଗରିବ ଓ ଦୁର୍ବଳ ଶ୍ରେଣୀର ଲୋକଙ୍କ ଜୀବନର ଏକ ସ୍ଥାୟୀ ପରିବର୍ତ୍ତନ ଆଣିଛି । ■



ସାମ୍ବାଦିକତା ଓ ଗଣଯୋଗାଯୋଗ,
ଭୁବନେଶ୍ୱର



# ରାଜନୀତିର ଭିନ୍ନ ସ୍ୱର ନବୀନ

■ ମହେଶ୍ୱର ସାହୁ

ପ୍ରଜାମାନଙ୍କର ଶୃଙ୍ଖଳିତ ଜୀବନଯାପନ ପାଇଁ ଶାସନ ଗାଦିରେ ବସିଥିବା ବ୍ୟକ୍ତିବିଶେଷ ଦ୍ୱାରା ପ୍ରଣୀତ ଅନୁଶାସନ ଧାରାକୁ ରାଜନୀତି କୁହାଯାଇଥାଏ। ପୁରାଣ ବର୍ଣ୍ଣିତ ରାଜା ହେଉ କି ଅବତାରୀ ପୁରୁଷ ଅବା ଇତିହାସର କେଉଁ ସମ୍ରାଟ - ସମସ୍ତେ ନିଜ ନିଜର ସ୍ୱତନ୍ତ୍ର ନୀତିରେ ଶାସନ କରିଆସିଛନ୍ତି। ଏହି ନୀତିରେ କିଏ ପ୍ରଜାନୁରଞ୍ଜକର ଆଖ୍ୟା ପାଇଛି ତ କିଏ ବ୍ୟଭିଚାରୀ ବା ସ୍ୱେଚ୍ଛାଚାରୀ ଶାସକର ଟୀକା ପିନ୍ଧି ଜନମାନସରେ ରେଖାଙ୍କିତ ହୋଇ ରହିଯାଇଛି। ଆଜିର ଗାଣତନ୍ତ୍ରିକ ବ୍ୟବସ୍ଥାରେ ମଧ୍ୟ ସମାନ ନୀତି ଅନୁସରଣରେ ଶାସନ ଚାଲିଛି। ଫରକ୍ ଏତିକି ହୋଇଛି ଯେ, ଶାସନ ଗାଦିରେ ବସୁଥିବା ବ୍ୟକ୍ତିବିଶେଷ ବା ଦଳକୁ ସାଧାରଣଜନତା ସେମାନଙ୍କର ସାମ୍ବିଧାନିକ ଅଧିକାର ସାବ୍ୟସ୍ତ କରି ଦେଶ ବା ରାଜ୍ୟ ଶାସନର ଅଧିକାର ବା କ୍ଷମତା ଦେଉଛନ୍ତି, ଯାହା ସମୟାନ୍ତରରେ ପରିବର୍ତ୍ତନଶୀଳ।

ରାଜ୍ୟ ବା ପ୍ରଜା ଶାସନର ଧାରା ବା ନୀତିକୁ ରାଜନୀତି କୁହାଯାଉଥିଲେ ହେଁ, ସାଧାରଣ ଭାବେ କପଟତାର ଦାଓପେଞ୍ଚ ହିଁ ରାଜନୀତିର ପ୍ରକୃତ ପରିଭାଷାକୁ ବୁଝାଇଥାଏ। ଶାସନ ଗାଦି ଅକ୍ତିଆର କରିବା ପାଇଁ କଳ-ବଳ-କୌଶଳର ନୀତି ହିଁ ରାଜନୀତିର ଏକ ବିପକ୍ଷ ବା ବିପରୀତ ପରିଚୟ ସୃଷ୍ଟି କରିଛି। ଆଜିର ଗଣତନ୍ତ୍ରରେ ଖୁବ୍ କମ୍ ନେତା ଦେଖାଯା'ନ୍ତି, ଯେଉଁମାନେ କି ଏହି ଭିନ୍ନ ରାଜନୀତିର ସ୍ୱର ଓ ସ୍ୱାକ୍ଷରଠୁ ବହୁ ଦୂରରେ। ସେମାନେ ଶାସନ କ୍ଷମତାରେ ଥା'ନ୍ତୁ କି ନ ଥାଆନ୍ତୁ, ପ୍ରଜାନୁରଞ୍ଜକର ମାଳା ପିନ୍ଧି ଜନତାଙ୍କ ମାନସପଟରେ ସର୍ବଦା ଝଟକୁଥା'ନ୍ତି। ସେମାନେ ନିଜ ଦଳ, ନିଜ ପରିବାର, ନିଜ ସଂପର୍କୀୟ କିମ୍ବା ନିଜ ଅନୁଗତ - କାହାକୁ ବି ଖୁସି କରିବା ବଦଳରେ ଜନକଲ୍ୟାଣର ମନ୍ତ୍ରରେ ଦୀକ୍ଷିତ ହୋଇ ନିନ୍ଦା-ପ୍ରଶଂସାର ଊର୍ଦ୍ଧ୍ୱରେ ରହି ଜୀବନ ବିତାଉଥା'ନ୍ତି। ଏମିତି ଅନେକଙ୍କ ମଧ୍ୟରୁ ଜଣେ ହେଉଛନ୍ତି, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଦୀର୍ଘ ୨୪ ବର୍ଷର ନିରଂକୁଶ ଶାସନ ଗାଦିରେ ଥିବା ବିଜୁ ଜନତା ଦଳର ସର୍ବମାନ୍ୟ ସଭାପତି ନବୀନ ଏବେ ବିରୋଧୀ ଦଳ ନେତା। ଭୋଟ ରାଜନୀତିରେ ନବୀନ ଆଜି ମୁଖ୍ୟମନ୍ତ୍ରୀ ଆସନରୁ ଅପସରି ଯାଇଛନ୍ତି ସତ; ଓଡ଼ିଶାର କୋଟି କୋଟି ଜନତା ଆଜି ବି ତାଙ୍କୁ ମୁଖିଆ ଭାବେ ଗଣୁଛନ୍ତି।



ଦୁର୍ଭିକ୍ଷ, ଅନାହାର, ନିରକ୍ଷରତା, ବେକାରୀ, ପ୍ରାକୃତିକ ବିପର୍ଯ୍ୟୟର ତାଡ଼ନାରେ ଜର୍ଜରିତ ଓଡ଼ିଶାର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିବାର ପଣ ନେଇ ନବୀନ ଓଡ଼ିଶା ରାଜନୀତିରେ ପ୍ରବେଶ କରିଥିଲେ। ପ୍ରବାଦ ପୁରୁଷ ବିଜୁ ବାବୁଙ୍କ ଦେହାନ୍ତ ପରେ ବିଜୁଙ୍କ ପ୍ରତି ଓଡ଼ିଶାବାସୀଙ୍କ ଅକୁଣ୍ଠ ଭଲ ପାଇବାକୁ ଆଧାର କରି ୧୯୯୭ ମସିହା ଡିସେମ୍ବର ୨୬ ତାରିଖରେ ଜନ୍ମ ନେଇଥିବା ବିଜୁ ଜନତା ଦଳର ମଙ୍ଗ ଧରିଥିଲେ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ପୁତ୍ର ନବୀନ। ୨୦୦୦ ମସିହା ମାର୍ଚ୍ଚ ମାସ ୫ ତାରିଖରେ ନବୀନ ଓଡ଼ିଶାର ୧୪ତମ ମୁଖ୍ୟମନ୍ତ୍ରୀ ପଦ ଅଳଙ୍କୃତ କରିବା ପୂର୍ବରୁ ୧୯୯୮ ମସିହା ସାଧାରଣ ନିର୍ବାଚନରେ ଓଡ଼ିଶାରୁ ସାଂସଦ ନିର୍ବାଚିତ ହୋଇ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱାଧୀନ ଏନ୍‌ଡିଏ ମେଣ୍ଟ ସରକାରରେ ଖଣି ମନ୍ତ୍ରୀ ଭାବେ କେନ୍ଦ୍ର କ୍ୟାବିନେଟରେ ସ୍ଥାନ ପାଇଥିଲେ। ଏହାପରେ ୨୦୦୦ ମସିହାର ସାଧାରଣ ନିର୍ବାଚନ ଜିତି ନବୀନ ବିଜେଡି-ବିଜେପି ମେଣ୍ଟର ନେତା ଭାବେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଆସନ ଅଳଙ୍କୃତ କରିଥିଲେ। ୨୦୦୪ ମସିହା ସାଧାରଣ ନିର୍ବାଚନରେ କେନ୍ଦ୍ରରେ ଏନ୍‌ଡିଏର ନିର୍ବାଚନ ପରାଜୟ ସତ୍ତ୍ୱେ ଓଡ଼ିଶାରେ ନବୀନଙ୍କ ଦୂରଦର୍ଶୀ ଶାସନ ନୀତି ପାଇଁ ରାଜ୍ୟବାସୀ ପୁଣି ଥରେ ବିଜେଡି-ବିଜେପି ମେଣ୍ଟକୁ ଜିତାଇଲେ ଏବଂ ନବୀନ ପୁଣିଥରେ ମୁଖ୍ୟମନ୍ତ୍ରୀ ହେଲେ। କିନ୍ତୁ ରାଜ୍ୟରେ ଧର୍ମୀୟ ବିଭେଦ କାରଣକୁ ନେଇ ବିଜେପିଠାରୁ ଦୂରେଇ ଯାଇ ୨୦୦୯ ସାଧାରଣ ନିର୍ବାଚନରେ ବିଜୁ ଜନତା ଦଳ ଏକାକୀ ଲଢ଼ିଲା ଏବଂ ଓଡ଼ିଶାବାସୀ ନବୀନଙ୍କ ଉପରେ ଆସ୍ଥା ପ୍ରକଟ କରି ତାଙ୍କୁ ପୁଣି ଥରେ ମୁଖ୍ୟମନ୍ତ୍ରୀ ଆସନରେ ବସାଇଲେ।

ସୁତରାଂ ୨୦୦୦ ମସିହାରୁ ୨୦୨୪ ମସିହା ପର୍ଯ୍ୟନ୍ତ ଦୀର୍ଘ ୨୪ବର୍ଷ ଧରି ଓଡ଼ିଶାର ମୁଖ୍ୟମନ୍ତ୍ରୀ ଭାବେ ନବୀନ ଏଭଳି ଏକ ପରିବେଶ ସୃଷ୍ଟି କରିଛନ୍ତି, ଏବେ ଏବେ ନୂଆକରି ସାବାଳକ ହୋଇ ଭୋଟ ଦେଇଥିବା ଯୁବକଯୁବତୀମାନେ ତାଙ୍କ ଜୀବନକାଳ ଭିତରେ କେବଳ ଗୋଟିଏ ଚେହେରାକୁ ହିଁ ମୁଖ୍ୟମନ୍ତ୍ରୀ ଭାବେ ଦେଖି ଆସିଛନ୍ତି। ଆଜି ଅନ୍ୟ ଜଣେ ମୁଖ୍ୟମନ୍ତ୍ରୀ ଆସନରେ ବସିଥିଲେ ହେଁ, ଏବେବି ଓଡ଼ିଶାର ମୁଖ୍ୟମନ୍ତ୍ରୀ କିଏ ପଚାରିଲେ କିଛି ଲୋକଙ୍କ ପାଟିରୁ ଅଜାଣତରେ ବା ଅଭ୍ୟାସଗତରେ ନବୀନ ପଟ୍ଟନାୟକ ବୋଲି ବାହାରି ଆସୁଛି। ଏହା କେବଳ ନବୀନଙ୍କ ଦୀର୍ଘବର୍ଷର ଶାସନ ଅବଧି ପାଇଁ ନୁହେଁ; ଚିରାଚରିତ ରାଜନୀତିକ ଦାଓପେଞ୍ଚ ବା କପଟତାରୁ ଦୂରେଇ ନବୀନ ଓଡ଼ିଶା ରାଜନୀତିରେ ଛାଡ଼ିଯାଇଥିବା ଅଲିଭା ଛାପ ଯୋଗୁଁ।

କହିବାକୁ ଗଲେ, ନବୀନ କୌଣସି ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ନୁହେଁ; ତାଙ୍କ ନିର୍ବିବାଦୀୟ ନେତୃତ୍ୱ, ସ୍ୱଳ୍ପଭାଷୀ, ସୁବିଚାର ଓ ଜନକଲ୍ୟାଣକାରୀ ଦୂରଦର୍ଶୀ ଶାସନ ପାଇଁ ଆଜି ଓଡ଼ିଶାର ଘରେ ଘରେ ଜଣେ ପରିଚିତ ଓ ପୂଜନୀୟ ବ୍ୟକ୍ତିତ୍ୱ। ଦଳୀୟ ଭାବନା ନେଇ କୁତ୍ସାରଟନା କରୁଥିବା ଅନ୍ୟଦଳର ଲୋକଟିଏ ନବୀନଙ୍କୁ ସମ୍ମୁଖରେ ଦେଖିଲେ ଲଜ୍ଜାବୋଧ କରେ, ଆଉ ତାଙ୍କୁ ଯଥୋଚିତ ସମ୍ମାନ ଜଣାଇବାକୁ କୁଣ୍ଠାବୋଧ କରେ ନାହିଁ। କେବଳ ଓଡ଼ିଶାର ରାଜନୈତିକ ଦୃଶ୍ୟପଟରେ ନୁହେଁ; କେନ୍ଦ୍ରରେ ମଧ୍ୟ ସର୍ବଦଳୀୟ ଗ୍ରହଣୀୟତା ନବୀନଙ୍କୁ ଜଣେ ସର୍ବମାନ୍ୟ ଲୋକପ୍ରିୟ ରାଜନେତାର ମାନ୍ୟତା ଦେଇଛି।

ଏସବୁ ସତ୍ତ୍ୱେ ବିବାଦୀୟ ପ୍ରସଙ୍ଗରେ ସମଦୂରତା ବଜାୟ ରଖି ନବୀନ ରାଜ୍ୟସ୍ୱାର୍ଥକୁ ସର୍ବାଦୌ ଗୁରୁତ୍ୱ ଦେଇ ଆସିଛନ୍ତି। ତାଙ୍କ ଶାସନକାଳରେ ଅନୁସୃତ ନୀତି ଯୋଜନାକୁ ଆଜି ଅନେକ ରାଜ୍ୟ ଏବଂ କେନ୍ଦ୍ର ସରକାର ଅନୁସରଣ କରୁଛନ୍ତି। ଦୀର୍ଘ ୨୪ ବର୍ଷର ଶାସନ ଭିତରେ ଓଡ଼ିଶାକୁ ବିକାଶର ଶିଖରରେ ପହଞ୍ଚାଇବା ପାଇଁ ନବୀନ ଏମିତି କିଛି ପ୍ରସଙ୍ଗ ଅଛୁଆଁ ରଖିଯାଇ ନାହାନ୍ତି, ଯାହାକୁ ନେଇ ଏବର ନୂଆ ସରକାର ଲୋକଙ୍କ ଦୃଷ୍ଟି ଆକର୍ଷଣ କରିପାରିଛି।

ସବୁ ପ୍ରକାର ପ୍ରତିକୂଳ ସ୍ଥିତିରୁ ସୁଧୁରି ଓଡ଼ିଶା ବିକାଶ ଦିଗରେ ଆଗେଇ ଯାଉଥିବାବେଳେ ଆଉ କିଛି ନୂଆ ସମ୍ଭାବନାର ସ୍ୱପ୍ନ ଅବା ଭେଳିକିରେ ରାଜ୍ୟବାସୀ ଭାରତୀୟ ଜନତା ପାର୍ଟି- ବିଜେପି ହାତରେ ରାଜ୍ୟ ଶାସନକୁ ଟେକି ଦେଇଛନ୍ତି। ହେଲେ ନୂଆ ସରକାରଙ୍କ ସତର ମାସ ଶାସନର ସ୍ଥିତି ଓ ଗତିରୁ ରାଜ୍ୟବାସୀ ସେଭଳି କିଛି ଆଭାସ କି ଆଶା-ଆଶ୍ୱାସନା ପାଇପାରୁ ନାହାନ୍ତି, ଯାହା ନବୀନଙ୍କଠାରୁ ମିଳିଥିଲା।

ଅଳ୍ପରେ ସନ୍ତୁଷ୍ଟ ଓଡ଼ିଶାବାସୀ ଶାନ୍ତିପ୍ରିୟ। କିନ୍ତୁ ଆଜି ଓଡ଼ିଶାର କୋଣଅନୁକୋଣରେ ଅଶାନ୍ତିର କଳରବ। ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ। ପୁଲିସକୁ ଅପରାଧୀଙ୍କ ଭୟ ନାହିଁ। କାଳରାତ୍ରିର ଭୟଠାରୁ ଦିନର ସାଧାରଣ ଜୀବନଯାତ୍ରା ଅଧିକ ବିପନ୍ନ ହୋଇପଡ଼ିଛି। ପାରସ୍ପରିକ ସୌହାର୍ଦ୍ଦ୍ୟପୂର୍ଣ୍ଣ ସଂପର୍କ ଆଜି ଅବିଶ୍ୱାସର ଅଳନ୍ଧୁରେ କବଳିତ।

ଏଭଳି ସ୍ଥିତିରେ ରାଜନୈତିକ ଫାଇଦା ଉଠାଇବା ବଦଳରେ ନବୀନ କିନ୍ତୁ ରାଜ୍ୟବାସୀଙ୍କୁ ଶାନ୍ତି ବଜାୟ ରଖିବାକୁ ନିବେଦନ କରିବା ସହ ରାଜ୍ୟସ୍ୱାର୍ଥ ଓ ଜନସ୍ୱାର୍ଥକୁ ଗୁରୁତ୍ୱ ଦେବା ପାଇଁ ରାଜ୍ୟ ସରକାରଙ୍କୁ ସଜାଗ କରୁଛନ୍ତି। ରାଜ୍ୟର ଗରିମାକୁ ଅକ୍ଷୁଣ୍ଣ ରଖିବା ପାଇଁ ଆପରାଧିକ ତତ୍ତ୍ୱମାନଙ୍କ ପ୍ରତି ସତର୍କ ରହିବା ସହ କଠୋର ନୀତି ଆପଣାଇବାକୁ ଶାସନମୁଖ୍ୟଙ୍କୁ ଚେତାଇ ଦେଉଛନ୍ତି।

ଆଜିର ସମୟରେ ରାଜନୈତିକ ବିରାଦରୀ ବା ରାଜନୈତିକ ପୃଷ୍ଠପୋଷକତାରୁ କ୍ଷମତାକେନ୍ଦ୍ରର ଅଂଶୀଦାର ହୋଇପାରିଥିବା ଅନେକ ରାଜନେତା ବିବାଦୀୟ ଓ ବିତର୍କିତ। କ୍ଷମତା ହାସଲ ପରେ ଜନକଲ୍ୟାଣ ପାଇଁ ଚିନ୍ତା କରିବା ବଦଳରେ ସ୍ୱ-ସ୍ୱାଚ୍ଛନ୍ଦ୍ୟକୁ ଗୁରୁତ୍ୱ ଦେଇ ଲୋକପ୍ରିୟତା ହରାଇ ବସୁଛନ୍ତି। ତେଣୁ ଏବର ରାଜନୈତିକ ଚିତ୍ରପଟରେ ନବୀନଙ୍କ ଭଳି ଜଣେ ସର୍ବାଜନାଦୃତ ନେତା ନିଶ୍ଚିତ ଭାବେ ବିରଳ। ଆଜି ତାଙ୍କର ୭୯ତମ ଜନ୍ମଦିନରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଶତାୟୁ କାମନା ସହ ପ୍ରଣିପାତ। ■

# ସାଇକ୍ଲୋନ୍ ହିରୋ

■ ସ୍ୱାଧୀନିକା ସାମଲ

ପ୍ରାକୃତିକ ବିପର୍ଯ୍ୟୟ ଆଗରେ ଯେତେବେଳେ ସବୁ ରାଜ୍ୟ ତାହାର ହାତ ଟେକିଦେଉ ଥିଲା, ସେତେବେଳେ ଏପରି ଜଣେ ମୁଖ୍ୟମନ୍ତ୍ରୀ ଥିଲେ, ଯିଏ କି ଏପରି ସମୟରେ ପ୍ରାକୃତିକ ବିପର୍ଯ୍ୟୟକୁ ମାତ୍ ଦେଇଥିଲେ ନିଜର ବୁଦ୍ଧି ବଳରେ। ସେ ହେଉଛନ୍ତି ଆମର ପ୍ରିୟ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ସମୁଦ୍ର ତଟୀୟ ରାଜ୍ୟ ହୋଇଥିବାରୁ ଓଡ଼ିଶାକୁ ପ୍ରତିବର୍ଷ ବାତ୍ୟାର ସାମ୍ନା କରିବାକୁ ହୁଏ। କିନ୍ତୁ ନବୀନ ପଟ୍ଟନାୟକଙ୍କ ଶାସନ ସମୟରେ ଓଡ଼ିଶା ବାତ୍ୟାକୁ ମାତ୍ ଦେବାରେ ରୋଲ୍ ମଡେଲ୍ ପାଲଟିଥିଲା ସମସ୍ତ ଦେଶ ପାଇଁ। ଏପରିକି ନବୀନ ପଟ୍ଟନାୟକଙ୍କୁ 'Cyclone Man' ବା 'Cyclone Hero' ଭାବରେ ଆଖ୍ୟା ଦିଆଯାଇଛି। ଭୌଗୋଳିକ ଦୃଷ୍ଟିକୋଣରୁ ଦେଖିଲେ ଓଡ଼ିଶା ବାତ୍ୟା ସମ୍ବେଦନଶୀଳ ରାଜ୍ୟ। ଓଡ଼ିଶାର ଜଣେ ପ୍ରତିଷ୍ଠିତ ନେତା, ଯିଏ କି ନିଜ ରାଜନୈତିକ ଯାତ୍ରାରେ ନିଜର ନାମକୁ ଶୀର୍ଷରେ ରଖିଛନ୍ତି ତାଙ୍କର ଦୃଢ଼ ସଂକଳ୍ପ ଓ ସାମାଜିକ ସେବା ଯୋଗୁଁ। ତାଙ୍କର ସମସ୍ତ ଯୋଜନାରେ ମାନବ ଜୀବନ ଏବଂ ଆର୍ଥିକ ସମ୍ପଦକୁ ଅଧିକ ଗୁରୁତ୍ୱ ଦିଆଯାଇଥାଏ। ୧୯୯୯ ମସିହା ଅକ୍ଟୋବର ୨୯ ଏକ ଭୟାବହ ଦିନ ଥିଲା ସମଗ୍ର ଓଡ଼ିଶାବାସୀଙ୍କ ପାଇଁ। ଏହି ପ୍ରାକୃତିକ ବିପର୍ଯ୍ୟୟରେ ୧୦,୦୦୦ରୁ ଅଧିକ ଲୋକଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ରାଜ୍ୟରେ ଯଥେଷ୍ଟ ପ୍ରସ୍ତୁତି ନ ଥିଲା। ସେହି ସମୟରେ ନବୀନ ପଟ୍ଟନାୟକ ଏ ପ୍ରସଙ୍ଗରେ ଅଧିକ ଗୁରୁତ୍ୱ ଦେଇଥିଲେ। ୨୦୦୧ ମସିହାରେ ନବୀନ ପଟ୍ଟନାୟକ OSDMA (Odisha State Disaster Management Authority) ଗଠନ କରିଥିଲେ। ଏହି ସଂସ୍ଥା ପ୍ରାକୃତିକ ବିପର୍ଯ୍ୟୟ ପୂର୍ବ ପ୍ରସ୍ତୁତି, ଜନସଚେତନତା, ଉଦ୍ଧାର କରିବା ଉପରେ ଅଧିକ ଗୁରୁତ୍ୱ ଦେଉଥିଲା। ୨୦୧୩ ମସିହାରେ 'ଫାଇଲିନ' ବାତ୍ୟା ସମୟରେ ନବୀନଙ୍କ ସଠିକ୍ ନେତୃତ୍ୱ ଓ ଶାସନ ବଳରେ ୧୦ ଲକ୍ଷ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ନିଆଯାଇଥିଲା। ମାତ୍ର ୨୧ ଜଣଙ୍କ ମୃତ୍ୟୁ ହୋଇଥିଲା ଯାହାକି ସମଗ୍ର ବିଶ୍ୱରେ ବଡ଼ ରେକର୍ଡ ଥିଲା। ଏଥିପାଇଁ ଜାତିସଂଘ ଓ ବିଶ୍ୱ ବ୍ୟାଙ୍କ ଓଡ଼ିଶାକୁ 'Model in disaster management' ବୋଲି କହିଥିଲେ। ସେହିପରି ୨୦୧୪ ମସିହାରେ 'ହୁଦ୍‌ହୁଦ୍' ବାତ୍ୟା ହୋଇଥିଲା ଓଡ଼ିଶାରେ। ଯାହାର ପ୍ରଭାବ କମ୍ ଥିଲା, ଯାହାକି ନବୀନଙ୍କ ସର୍ବୋତ୍ତମ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ଥିଲା।

୨୦୧୮ ମସିହାରେ 'ତିତ୍‌ଲି' ବାତ୍ୟା ଓଡ଼ିଶାରେ ହେଇଥିଲା ନବୀନ ନିଜ ତତ୍ତ୍ୱାବଧାନରେ ସବୁ ନିରୀକ୍ଷଣ କରିଥିଲେ। ସେହି ସମୟରେ ଗ୍ରାମ ସ୍ତରରେ ଉଦ୍ଧାର ଟିମ୍ ଏବଂ ବ୍ଲକ୍ ସ୍ତର ନିୟନ୍ତ୍ରଣ କକ୍ଷ ଖୋଲା ଯାଇଥିଲା। ଦୀର୍ଘ ୨୦ ବର୍ଷ ପରେ ସବୁଠୁ ବଡ଼ ବାତ୍ୟା ଥିଲା 'ଫନି'। ଏହି ବାତ୍ୟାରେ ୧୨,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଥିଲା।

UNESCO ଓ UN ପକ୍ଷରୁ ଓଡ଼ିଶାକୁ 'Heroic disaster preparedness' ଭାବେ ସମ୍ମାନିତ ମଧ୍ୟ କରାଯାଇଥିଲା। ଏପରିକି କୋଭିଡ୍‌ର ଭୟାବହ ସମୟରେ ମଧ୍ୟ ବାତ୍ୟା ପରିଚାଳନା ସଠିକ୍ ଭାବେ ହୋଇଥିଲା। ଏହି ସମୟ ତାଙ୍କ ଦୃଢ଼ ପରିଚାଳନା ଏବଂ ଉତ୍ତମ ଶାସନକୁ ଦେଖାଏ। ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ୯୦୦ ରୁ ଅଧିକ ବାତ୍ୟା ଶିବିର ଗଠନ କରିବା ସଙ୍ଗେ ସଙ୍ଗେ ୫୦,୦୦୦ ରୁ ଅଧିକ ବାତ୍ୟା ସ୍ୱେଚ୍ଛାସେବୀଙ୍କୁ ଉଚିତ୍ ପ୍ରଶିକ୍ଷଣ ଦିଆଯାଇଥିଲା। ଏପରିକି ଅନେକ ରାଜ୍ୟ ଏବଂ ଦେଶ ତାଙ୍କର ଏହି ନେତୃତ୍ୱକୁ ଅନୁସରଣ କରିଥିଲେ। ନବୀନ ପଟ୍ଟନାୟକ ନିଜେ 'Zero Casualty policy' ଆରମ୍ଭ କରିଥିଲେ, ଯାହାର ଅର୍ଥ ହେଉଛି ଦୁର୍ଘଟଣାରେ ମୃତ୍ୟୁ ସଂଖ୍ୟା ଶୂନ। ନବୀନ ପଟ୍ଟନାୟକ ଓଡ଼ିଶାକୁ ଦୁର୍ଘଟଣା ସହନଶୀଳ ରାଜ୍ୟ ଭାବେ ସମଗ୍ର ଦେଶରେ ପରିଚିତ କରିଥିଲେ। ସେ କେବଳ ରାଜନେତା ନ ଥିଲେ ସେ ଥିଲେ ଆଦର୍ଶ ନେତୃତ୍ୱର ଜ୍ୱଳନ୍ତ ଉଦାହରଣ ସମଗ୍ର ଦେଶ ପାଇଁ। ଏପରିକି ତାଙ୍କୁ 'Best CM' ବୋଲି ମଧ୍ୟ କୁହାଯାଏ। ■

ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ,
ଭୁବନେଶ୍ୱର




# ଓଡ଼ିଶା ରାଜନୀତିର ମହାନାୟକ

■ ମିହିର ରାୟ

ଭାରତୀୟ ରାଜନୀତିର ବିଶାଳ ମଞ୍ଚରେ କିଛି ବିରଳ ବ୍ୟକ୍ତିତ୍ୱ ଏମିତି ଥାଆନ୍ତି, ଯେଉଁମାନେ ନିଜର ନମ୍ରତା, ନିଷ୍ଠା ଓ କର୍ମନିର୍ଭର ଦୃଷ୍ଟିକୋଣ ଦ୍ୱାରା ଇତିହାସରେ ଅମର ହୋଇ ରହନ୍ତି। ଏମିତି ଏକ ଅନନ୍ୟ ବ୍ୟକ୍ତିତ୍ୱ ହେଉଛନ୍ତି ନବୀନ ପଟ୍ଟନାୟକ, ଯିଏ ଓଡ଼ିଶାରେ ୨୪ ବର୍ଷ ଧରି ମୁଖ୍ୟମନ୍ତ୍ରୀ ଭାବେ ଶାସନ କରି ପାଞ୍ଚଟି ନିରନ୍ତର କାର୍ଯ୍ୟକାଳରେ ବିଜୟୀ ହୋଇ ଏକ ଅସାଧାରଣ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ନମ୍ରତା, କମ୍ କଥାବାର୍ତ୍ତା ଶୈଳୀ, କର୍ମନିଷ୍ଠା ଓ ସଂସ୍କାରବାଦୀ ଚିନ୍ତାଧାରା ତାଙ୍କୁ ଓଡ଼ିଶା ତଥା ଭାରତୀୟ ରାଜନୀତିରେ ଏକ ପ୍ରେରଣାଦାୟୀ ଆଲୋକସ୍ତମ୍ଭରେ ପରିଣତ କରିଛି। ନବୀନଙ୍କ ଶାସନକାଳରେ ଓଡ଼ିଶାର ବିକାଶ, ସାମାଜିକ ସଂସ୍କାର ଓ ରାଷ୍ଟ୍ରୀୟ ରାଜନୀତିରେ ତାଙ୍କର ଅବଦାନ ଏକ ସ୍ୱର୍ଣ୍ଣିମ ଅଧ୍ୟାୟ ରଚନା କରିଛି। ତାଙ୍କର ଅସାଧାରଣ ସଫଳତା, ମହାନ ବ୍ୟକ୍ତିତ୍ୱ ଓ ଐତିହାସିକ ମହତ୍ତ୍ୱକୁ ଅବଲୋକନ କଲେ ଏକ ପ୍ରେରଣାଦାୟୀ କାହାଣୀ ସାମ୍ନାକୁ ଆସେ।

ନବୀନ ପଟ୍ଟନାୟକଙ୍କ ଶାସନ ଓଡ଼ିଶାକୁ ଏକ ନୂତନ ଦିଗନ୍ତରେ ପହଞ୍ଚାଇଛି। ତାଙ୍କର ପ୍ରଥମ କାର୍ଯ୍ୟକାଳରୁ ହିଁ ଦୁର୍ନୀତି ବିରୋଧୀ ଅଭିଯାନ ଏକ ନଜିର ସୃଷ୍ଟି କରିଥିଲା। ୨୦୦୦ ରୁ ୨୦୧୨ ମଧ୍ୟରେ ୨୬ ଜଣ ମନ୍ତ୍ରୀଙ୍କୁ ଦୁର୍ନୀତି ଅଭିଯୋଗରେ ବରଖାସ୍ତ କରି ସେ ପାରଦର୍ଶୀ ପ୍ରଶାସନର ଏକ ଆଦର୍ଶ ସ୍ଥାପନ କରିଥିଲେ। ବିପର୍ଯ୍ୟୟ ପରିଚାଳନାରେ ଓଡ଼ିଶାକୁ ବିଶ୍ୱ ମାନଚିତ୍ରରେ ପ୍ରତିଷ୍ଠିତ କରିବାରେ ତାଙ୍କର ଦୂରଦୃଷ୍ଟି ଅନନ୍ୟ। ୧୯୯୯ର ସୁପର୍ ସାଇକ୍ଲୋନ୍‌ର ଭୟାବହ ଧ୍ୱଂସ ପରେ ସେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ଓଏସ୍‌ଡିଏମ୍‌ଏ) ଗଠନ କରିଥିଲେ। ଏହା ଫାଇଲିନ, ହୁଡ଼ହୁଡ଼ ଓ ଫନି ଭଳି ବିପର୍ଯ୍ୟୟରେ ଲକ୍ଷାଧିକ ଜୀବନ ରକ୍ଷା କରିବାରେ ସଫଳ ହୋଇଥିଲା। ଏହି ପ୍ରୟାସ ପାଇଁ ଜାତିସଂଘ ସମେତ ବିଶ୍ୱବ୍ୟାପୀ ସଂସ୍ଥାଗୁଡ଼ିକ ଓଡ଼ିଶାକୁ ପ୍ରଶଂସା କରିଛନ୍ତି।

ଦାରିଦ୍ର୍ୟ ନିରାକରଣରେ ନବୀନଙ୍କର ଯୋଜନାଗୁଡ଼ିକ ଏକ ବିପ୍ଳବ ଆଣିଛି। ନୀତି ଆୟୋଗର ରିପୋର୍ଟ ଅନୁଯାୟୀ, ୨୦୦୫-୦୬ ରୁ ୨୦୨୨-୨୩ ମଧ୍ୟରେ ଓଡ଼ିଶାର ବହୁଆୟାମୀ ଦାରିଦ୍ର୍ୟ ୬୩.୮୪% ରୁ ୧୧.୦୭% କୁ ହ୍ରାସ ପାଇଛି, ଯାହାଦ୍ୱାରା ୧୦୨.୭୮ ଲକ୍ଷ ଲୋକ ଦାରିଦ୍ର୍ୟରୁ ମୁକ୍ତି ପାଇଛନ୍ତି। 'ମମତା ଯୋଜନା' ଗର୍ଭବତୀ ମହିଳାମାନଙ୍କୁ ସଶକ୍ତ କରିଛି ଓ ରାଜ୍ୟର ମାତୃ ମୃତ୍ୟୁ ହାର ଓ ଶିଶୁ ମୃତ୍ୟୁ ହାରକୁ ନିୟନ୍ତ୍ରଣ ସ୍ତରକୁ ଆଣିବାରେ ସକ୍ଷମ ହୋଇଛି। 'କାଳିଆ ଯୋଜନା' କୃଷକମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିଛି, 'ମିଶନ୍ ଶକ୍ତି' ମାଧ୍ୟମରେ ରାଜ୍ୟର ପ୍ରାୟ ସତୁରି ଲକ୍ଷ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀରେ ସାମିଲ ହୋଇ ଆର୍ଥିକ ସ୍ୱାଧୀନତା ହାସଲ କରିଛନ୍ତି, ଓ 'ଜାଗା ମିଶନ୍' ସହରୀ ଗରିବମାନଙ୍କୁ ଆବାସ ଯୋଗାଇଛି। ମହିଳା ସଶକ୍ତୀକରଣରେ ତାଙ୍କର ଅବଦାନ ଅତୁଳନୀୟ। ପଞ୍ଚାୟତରେ ୫୦% ମହିଳା ସଂରକ୍ଷଣ ଏବଂ ମିଶନ୍ ଶକ୍ତି ମାଧ୍ୟମରେ ମହିଳାମାନଙ୍କୁ ନେତୃତ୍ୱ ପ୍ରଦାନ କରିବାରେ ସେ ଏକ ନୂତନ ଦୃଷ୍ଟାନ୍ତ ସ୍ଥାପନ କରିଛନ୍ତି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ନବୀନଙ୍କର ପଦକ୍ଷେପ ଓଡ଼ିଶାକୁ ଏକ ଆଧୁନିକ ରାଜ୍ୟରେ ପରିଣତ କରିଛି। 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' ମାଧ୍ୟମରେ ଲକ୍ଷାଧିକ ଲୋକଙ୍କୁ ମାଗଣା ଚିକିତ୍ସା ଯୋଗାଇ ଦିଆଯାଇଛି। 'ମୋ ସ୍କୁଲ୍' ଓ '୫ଟି' ଯୋଜନା ମାଧ୍ୟମରେ ସ୍କୁଲ୍‌ଗୁଡ଼ିକରେ ଆଧୁନିକ ଅନ୍ତର୍ଗଠନ ଓ ଶିକ୍ଷାର ଗୁଣବତ୍ତା ବୃଦ୍ଧି କରିଛି। ଉପଜାତି କଲ୍ୟାଣ ଓ ଆଦିବାସୀ ବିକାଶରେ ମଧ୍ୟ ତାଙ୍କର ଯୋଜନାଗୁଡ଼ିକ ଫଳପ୍ରଦ ହୋଇଛି।

ଅର୍ଥନୈତିକ ବିକାଶରେ ନବୀନଙ୍କର ଦୂରଦୃଷ୍ଟି ଓଡ଼ିଶାକୁ ଏକ ଶକ୍ତିଶାଳୀ ରାଜ୍ୟରେ ପରିଣତ କରିଛି। ଖଣିଜ ସମ୍ପଦର ସଦୁପଯୋଗ ମାଧ୍ୟମରେ ରାଜ୍ୟର ଋଣ ହ୍ରାସ କରାଯାଇଛି। ନୀତି ଆୟୋଗଙ୍କ ରିପୋର୍ଟ ଅନୁଯାୟୀ, ଏକଦା ଋଣଗ୍ରସ୍ତ ହୋଇ ପଡ଼ିଥିବା ଓଡିଶା, ମୁଣ୍ଡପିଛା ଋଣଭାର କ୍ଷେତ୍ରରେ ଦେଶର ସମସ୍ତ ରାଜ୍ୟ ମାନଙ୍କ ଭିତରେ ସବୁଠାରୁ ନିମ୍ନରେ ରହିଥିଲା। ଏହାଛଡା, ଆର୍ଥିକ ଶୃଙ୍ଖଳା କ୍ଷେତ୍ରରେ ନୀତି ଆୟୋଗଙ୍କ ୨୦୨୩ମସିହାର ରିପୋର୍ଟ ଅନୁଯାୟୀ, ଓଡିଶା ଦେଶର ରାଜ୍ୟ ମାନଙ୍କ ଭିତରେ ପ୍ରଥମ ସ୍ଥାନ ହାସଲ କରିଥିଲା। ନବୀନଙ୍କ ନୂତନ ଶିଳ୍ପନୀତି ଯୋଗୁ ଶିଳ୍ପ ପ୍ରତିଷ୍ଠା କ୍ଷେତ୍ରରେ, ଓଡିଶା ବିଶ୍ୱର ପ୍ରତିଷ୍ଠିତ ଶିଳ୍ପ ଅନୁଷ୍ଠାନ ମାନଙ୍କୁ ଆକୃଷ୍ଟ କରିବାରେ ସଫଳ ହୋଇଥିଲା। ଏହି କାରଣରୁ, ଓଡିଶା ପୁଞ୍ଜି ନିବେଶ କ୍ଷେତ୍ରରେ, ୨୦୨୧-୨୨, ୨୦୨୨-୨୩ ଓ ୨୦୨୩-୨୪ ମସିହାରେ ଦେଶରେ ଯଥାକ୍ରମେ ତୃତୀୟ, ଦ୍ୱିତୀୟ ଓ ପ୍ରଥମ ସ୍ଥାନ ହାସଲ କରିଥିଲା। ରାଜ୍ୟର ସାମାଜିକ ବ୍ୟୟ ୧୫.୧% କମ୍ପାଉଣ୍ଡ ବାର୍ଷିକ ବୃଦ୍ଧି ହାରରେ ବଢ଼ିଛି, ଯାହା ପୂର୍ବ ଭାରତରେ ଓଡ଼ିଶାକୁ ଶୀର୍ଷସ୍ଥାନରେ ରଖିଛି। କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାକୁ ଏକ ଆନ୍ତର୍ଜାତୀୟ ହବ୍ କରିବାରେ ତାଙ୍କର ଅବଦାନ ଅତୁଳନୀୟ। ଭାରତୀୟ ହକି ଟିମ୍‌ର ସ୍ପନ୍‌ସରଶିପ୍ ଓ କଳିଙ୍ଗ ଷ୍ଟାଡିୟମ୍‌ର ଆଧୁନିକୀକରଣ, ରାଉରକେଲାରେ ବିଶ୍ୱର ସର୍ବ ବୃହତ ହକି ଷ୍ଟାଡିଅମ ନିର୍ମାଣ ଓଡ଼ିଶାକୁ କ୍ରୀଡ଼ା ଜଗତରେ ଏକ ନୂତନ ପରିଚୟ ଦେଇଛି।

ନବୀନଙ୍କ ନମ୍ରତା, କର୍ମନିଷ୍ଠା ଓ ସଂସ୍କାରବାଦୀ ଦୃଷ୍ଟିକୋଣ ଭାରତୀୟ ରାଜନୀତିରେ ଏକ ନୂତନ ଆଦର୍ଶ ସ୍ଥାପନ କରିଛି। ନବୀନ ପଟ୍ଟନାୟକ କେବଳ ଜନନେତା ନୁହଁନ୍ତି, ସେ ଓଡ଼ିଶାର ଏକ ଜୀବନ୍ତ କିମ୍ବଦନ୍ତୀ କହିଲେ ଅତ୍ୟୁକ୍ତି ହେବନାହିଁ। ତାଙ୍କର ସଫଳତା, ନମ୍ରତା ଓ ଜନସେବାର ଅଙ୍ଗୀକାର ଭବିଷ୍ୟତ ପିଢ଼ିକୁ ପ୍ରେରଣା ଦେବ। ତାଙ୍କର ଶାସନ ଓଡ଼ିଶାକୁ ଏକ ନୂତନ ପରିଚୟ ଦେଇଛି, ଯାହା ଦେଶ ଓ ବିଦେଶରେ ସମ୍ମାନର ସହ ଉଲ୍ଲେଖ କରାଯାଏ। ନବୀନ ପଟ୍ଟନାୟକଙ୍କ କାହାଣୀ ହେଉଛି ଏକ ସଫଳତାର ଗାଥା, ଯେଉଁଥିରେ ନମ୍ରତା, ନିଷ୍ଠା ଓ ଜନସେବାର ମିଶ୍ରଣ ଓଡ଼ିଶାକୁ ଏକ ଉଜ୍ଜ୍ୱଳ ଭବିଷ୍ୟତର ପଥ ଦେଖାଇଛି। ରାଜନୀତି କ୍ଷେତ୍ରରେ ନବୀନଙ୍କ ଆବିର୍ଭାବ, ପ୍ରଭାବଶାଳୀ ପ୍ରଦର୍ଶନ, ନିରନ୍ତର ଜନସାଧରଣଙ୍କ ଆଶୀର୍ବାଦ ହାସଲ ଇତ୍ୟାଦି ତାଙ୍କୁ ଓଡିଶା ରାଜନୀତିର ମହାନାୟକ ପରିଚୟ ପ୍ରଦାନ କରିଛି। ■

-ରାଉରକେଲା





# ଶୁଭକାମନା

■ ଅମିତ୍ ମଲ୍ଲିକ

୧
ଏକବିଂଶ ଶତାବ୍ଦୀରେ ନେଲେ ଶାସନ ଭାର
ପ୍ରଗତି ପଥରେ ବଦଳିଗଲା ଛବି ଓଡ଼ିଶାର
ତାଙ୍କରି ଶାସନ ଆଣିଦେଲା ଶାନ୍ତି ଓ ପ୍ରଗତି
ନବୀନ ନିର୍ମାତାଙ୍କୁ ଜନ୍ମଦିନର ଶୁଭେଚ୍ଛା ସବୁରି
୨
ବାତ୍ୟାଠାରୁ ବିପର୍ଯ୍ୟୟ ଯାଏଁ କଲେ ଅଟୀରେ ଦମନ
ଜିତିଲେ ଚାରିକୋଟି ଓଡ଼ିଆଙ୍କ ମନ
ବିପର୍ଯ୍ୟୟ କବଳରୁ କଲେ ଓଡ଼ିଶା ସୁରକ୍ଷା
ସାରାବିଶ୍ୱ ପାଇଁ ଆଣିଦେଲେ 'ନବୀନ' ଶିକ୍ଷା
୩
ଭୋକିଲାଙ୍କ ପେଟ ପ୍ରତି ଦରଦ ତାଙ୍କର
ଗରିବଙ୍କୁ ତୁଷ୍ଟ ପାଇଁ କଲେ ପାଞ୍ଚ ଟଙ୍କାରେ ଆହାର
ବିଜୁ ସ୍ୱାସ୍ଥ୍ୟ କାର୍ଡ ଅମୋଘ ଅସ୍ତ୍ର
ତାଙ୍କ ପାଇଁ ଉଲ୍ଲସିତ ସ୍ୱାବଲମ୍ବୀ ମା'
ଘରେ ଘରେ ପହଞ୍ଚିଛି ବିକାଶର ରାହା,
୪
ହକି ବିକାଶରୁ ରାଜ୍ୟର ବିକାଶ, ଓଡ଼ିଶା ପ୍ରଗତିରେ ତାଙ୍କ ଛବି ପ୍ରକାଶ
କଥାରେ ନୁହେଁ; କାମରେ ଦେଖାଇଲେ 'ଗରିବ ହଟାଅ'
ସାରା ଓଡ଼ିଶାରୁ ହଟିଲେ ଦୁସ୍ଥ ଅସହାୟ
୫
କହନ୍ତି ଅଳପ କଥା, କରନ୍ତି ବେଶୀ କାମ
ଶାନ୍ତ ଓ ସଚ୍ଚୋଟ କହିଲେ ନବୀନ ହିଁ ନାମ
ତାଙ୍କ ପାଇଁ ବଦଳିଛି ଓଡ଼ିଶା ଓ ଓଡ଼ିଆଙ୍କ ଛବି
ଓଡ଼ିଶାର ଆକାଶରେ ନବୀନ ହିଁ ଏକମାତ୍ର ରବି
ଜୀବନ ବଦଳାନ୍ତି, ନିରବରେ ଧୀରେ,
ନବୀନଙ୍କ ପାଇଁ ଶୁଭକାମନା ସବୁରି ହୃଦରେ ।

–ମୁଦ୍ରାକର ଓ ପ୍ରକାଶକ 'ସକାଳ'

# ହକି ଜଗତକୁ ନବୀନଙ୍କ ଅବଦାନ

■ ଜ୍ଞାନେଶ୍ୱରୀ ପାତ୍ର

ଓଡ଼ିଶା ଆଜି ଭାରତର ହକିର ହୃଦୟ କେନ୍ଦ୍ର ଭାବେ ପରିଚିତ । ଏହି ଗୌରବର ପଛରେ ଅଛନ୍ତି ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ଯିଏ ରାଜ୍ୟରେ ହକିକୁ ଏକ ଉଚ୍ଚ ସୋପାନକୁ ନେଇ ଯାଇଛନ୍ତି । ତାଙ୍କ ଦୃଷ୍ଟିଭଙ୍ଗୀ, ପ୍ରତିଶ୍ରୁତି ଓ ଖେଳାଳିମାନଙ୍କ ପ୍ରତି ସହାନୁଭୂତି ଫଳରେ ଓଡ଼ିଶା ଏବେ ଭାରତର ହକି ମାନଚିତ୍ରରେ ଏକ ଅଗ୍ରଗାମୀ ରାଜ୍ୟ ହୋଇଯାଇଛି । ନବୀନ ପଟ୍ଟନାୟକ ହକିକୁ ନିଜ ଶାସନରେ ଏକ ପ୍ରାଥମିକତା ଭାବରେ ଗ୍ରହଣ କରିଥିଲେ । ତାଙ୍କ ନେତୃତ୍ୱରେ ଭୁବନେଶ୍ୱରରେ ବିଶ୍ୱସ୍ତରୀୟ କଳିଙ୍ଗ ଷ୍ଟାଡିୟମ୍ ଏବଂ ରାଉରକେଲାରେ ବିର୍ସା ମୁଣ୍ଡା ହକି ଷ୍ଟାଡିୟମ୍ ନିର୍ମିତ ହୋଇଛି । ଯାହା ବିଶ୍ୱର ସବୁଠୁ ବଡ଼ ହକି ଷ୍ଟାଡିୟମ୍ ମଧ୍ୟରୁ ଗଣ୍ୟ । ଏହି ଦୁଇଟି ଷ୍ଟାଡିୟମ୍ ଓଡ଼ିଶାକୁ ହକିର ମହାନଗରୀ ଭାବେ ପରିଚିତ କରାଇଛି । ୨୦୧୮ ଓ ୨୦୨୩ ମସିହାରେ ଓଡ଼ିଶା ଦୁଇ ଥର 'ହକି ବିଶ୍ୱ କପ୍' ଆୟୋଜନ କରି ବିଶ୍ୱର ମଞ୍ଚରେ ଗୌରବ ସୃଷ୍ଟି କରିଛି । ଏହା ଦ୍ୱାରା ଓଡ଼ିଶା ମାତ୍ର ଭାରତର ନୁହେଁ, ବିଶ୍ୱ ହକି ଜଗତର ମଧ୍ୟ ଏକ ମହତ୍ତ୍ୱପୂର୍ଣ୍ଣ କେନ୍ଦ୍ର ହୋଇଯାଇଛି । ନବୀନ ପଟ୍ଟନାୟକ ହକିକୁ ଗ୍ରାମାଞ୍ଚଳରୁ ଆଣି ବିଭିନ୍ନ ଜିଲ୍ଲାରେ ହକି ଏକାଡେମୀ, ଖେଳ ପ୍ରଶିକ୍ଷଣ କେନ୍ଦ୍ର ଓ ସୁବିଧା ସୃଷ୍ଟି କରିଛନ୍ତି । ଓଡ଼ିଶା ସରକାର 'ହକି ଇଣ୍ଡିଆ'ର ଅଧିକୃତ ସଂସ୍ଥା ଭାବେ ଭାରତୀୟ ପୁରୁଷ ଓ ମହିଳା ହକି ଦଳକୁ ଆର୍ଥିକ ସହାୟତା ଓ ପ୍ରୋତ୍ସାହନ ଦେଇଆସୁଛି । ଏହି ସମର୍ଥନ ଫଳରେ ଭାରତୀୟ ହକି ଦଳ ଅଲମ୍ପିକ ଓ ଅନ୍ତର୍ଜାତୀୟ ମଞ୍ଚରେ ଉଲ୍ଲେଖ୍ୟନୀୟ ସଫଳତା ଲାଭ କରିପାରିଛି । ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ଓଡ଼ିଶାର ଯୁବ ସମାଜ ମଧ୍ୟରେ ହକି ପ୍ରତି ଅପାର ଆଗ୍ରହ ଦେଖାଯାଉଛି । ସେ ମାତ୍ର ଖେଳକୁ ପ୍ରୋତ୍ସାହନ ଦେଇନାହାଁନ୍ତି । ଏହାକୁ ଏକ ସାମାଜିକ ଓ ଆର୍ଥିକ ସୁଦୃଢ଼ତାର ମାଧ୍ୟମ ଭାବେ ପରିଣତ କରିଛନ୍ତି । ନବୀନ ପଟ୍ଟନାୟକଙ୍କ ଦୃଢ଼ ପ୍ରୟାସ, ଦୃଷ୍ଟିଭଙ୍ଗୀ ଓ ଖେଳ ପ୍ରତି ସେମାନଙ୍କ ଭଲ ପାଇବା ଫଳରେ ଓଡ଼ିଶା ଆଜି ହକି ମାନଚିତ୍ରରେ ଏକ ଗୌରବମୟ ସ୍ଥାନ ଅଧିକାର କରିଛି । ଓଡ଼ିଶାର ହକି ଦଳ ଏବଂ ଯୁବ ପିଢ଼ି ତାଙ୍କୁ ନିଜେ ମନୋବଳ ଓ ପ୍ରେରଣାର ଉତ୍ସ ଭାବେ ଦେଖନ୍ତି । ଓଡ଼ିଶାକୁ ଖେଳ ଜଗତରେ ଏକ ଉଦାହରଣ ସୃଷ୍ଟି କରିଦେଇଛନ୍ତି ନବୀନ ପଟ୍ଟନାୟକ । ଯେଉଁଠି ହକି କେବଳ ଏକ ଖେଳ ନୁହେଁ, ଏହା ଏକ ଗୌରବ ଓ ଆତ୍ମସମ୍ମାନର ପ୍ରତୀକ । ■

–ସାମ୍ବାଦିକତା ଏବଂ ଗଣଯୋଗାଯୋଗ ବିଭାଗ
ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

# କୋଟି ହୃଦୟର ମଣି: ନବୀନ

■ ଡାକ୍ତର ସାଗର ରଂଜନ ତ୍ରିପାଠୀ

ଲେଖକ ଜୀବନରୁ ପ୍ରବୀଣ ରାଜନେତା ଭାବେ ବିରଳ ବ୍ୟକ୍ତିତ୍ୱ ନବୀନ ପଟ୍ଟନାୟକଙ୍କ ଅନେକ କୃତି କୀର୍ତ୍ତି ରହିଛି ଏହା ପ୍ରତ୍ୟେକ ଓଡ଼ିଆ ସ୍ୱୀକାର କରିବେ । ଖୁବ ସରଳ, ଅମାୟିକ, ଅଳ୍ପଭାଷୀ, ନମ୍ର ସ୍ୱଭାବ ମଣିଷ ନବୀନ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ପଦ ଭାର ଗ୍ରହଣ କରି ଓଡ଼ିଶାରେ ଦୀର୍ଘ ପଚିଶି ବର୍ଷ ଧରି ନିରବଚ୍ଛିନ୍ନ ଶାସନ କରି ଏକ ଇତିହାସ ସୃଷ୍ଟି କରିଛନ୍ତି । ବର୍ତ୍ତମାନ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକ ନିଜ ଆନୁଷ୍ଠାନିକ ପରିଚୟ ଦେଲେ ସୁଦ୍ଧା ସେ ଏବେ ବି ଚାରିକୋଟି ଓଡ଼ିଆଙ୍କ ହୃଦୟରେ ଉର୍ଜସ୍ୱଳ ସ୍ଥାନ ଅଧିକାର କରୁଛନ୍ତି ଏଥିରେ ଦ୍ୱିମତ ନାହିଁ । ସେ ସବୁ ବେଳେ କହିବା ଅପେକ୍ଷା ସେ ନିଜ କାମ କରିବା ଉପରେ ଗୁରୁତ୍ୱ ଦେବା ତାଙ୍କର ବ୍ୟକ୍ତିତ୍ୱର ସ୍ୱତନ୍ତ୍ରତା । ରାଜନୀତି କ୍ଷେତ୍ରରେ ଆସନ ପଦ ଦଖଲ କରିବା ଏବଂ ପୁଣି ସେହି ପଦ ଆସନରୁ ଅପସରି ଯିବା ସତ୍ତ୍ୱେ ବ୍ୟକ୍ତି ନିଜର ନୈସର୍ଗିକ ବ୍ୟକ୍ତିତ୍ୱ ବଳରେ ଶାସିତଙ୍କ ଠାରୁ ଦୂରେଇ ଯାଇ ନ ଥାଏ ତାହା ନିଜ ବିଦ୍ୱତ୍ତା, ଗୁଣବତ୍ତା ତଥା ମହତ୍ତ୍ୱ ପୂର୍ଣ୍ଣ ଗୁଣ ସମୁଚୟର ପ୍ରଭାବରେ ସେ ନିଜ ମର୍ଯ୍ୟାଦା ଅକ୍ଷୁଣ୍ଣ ରଖିଥାଏ । ନବୀନ ପଟ୍ଟନାୟକ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ କନିଷ୍ଠ ସନ୍ତାନ ଯିଏ କ୍ଷମତାରୁ ଦୂରେଇ ଗଲା ପରେ ମଧ୍ୟ ଆଜି ତାଙ୍କ ପରି ବ୍ୟକ୍ତିତ୍ୱ ଯେ ଲୋକଙ୍କ ହୃଦୟରୁ ଅପସରି ଯାଇନାହିଁ ଏ କଥା ମଧ୍ୟ ଆଜି ଆମକୁ ସ୍ୱୀକାର କରିବାକୁ ପଡ଼ିବ ।

ରାଜନୀତିର ପରିପକ୍ୱ ସ୍ୱର ଓଡ଼ିଶାର ପୂର୍ବତନ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଆଜି ୭୯ ତମ ଜୟନ୍ତୀରେ ତାଙ୍କର ଜୀବନୀ ସଂପର୍କରେ ଆଲୋଚନା ସହିତ ବିଭିନ୍ନ କାର୍ଯ୍ୟକ୍ରମ ସାରା ରାଜ୍ୟରେ ନବୀନ ପଟ୍ଟନାୟକଙ୍କୁ ଭଲ ପାଉଥିବା ବ୍ୟକ୍ତି, ଅନୁଷ୍ଠାନ, ଏବଂ ବିଜୁ ଜନତା ଦଳର କାର୍ଯ୍ୟକର୍ତ୍ତାଙ୍କ ଦ୍ୱାରା ଆୟୋଜନ କରାଯାଉଛି ଅଭିନନ୍ଦନୀୟ । ନବୀନ ପଟ୍ଟନାୟକ ଜଣେ ଉଚ୍ଚକୋଟୀର ଇଂରାଜୀ ଲେଖକ ଭାବେ ନିଜ ନିଷ୍ଠା ଓ ସାଧନା ବଳରେ ଦେଶ ଓ ଦେଶ ବାହାରେ ଅଜସ୍ର ଶ୍ରଦ୍ଧା ଓ ସମ୍ମାନ ଲାଭ କରିଥିଲେ । ଭାରତୀୟ ଜଡ଼ି ବୁଟି ବୃକ୍ଷ ଲତା ଗୁଡିକର ଔଷଧୀୟ ଗୁଣ ସଂପର୍କରେ ପୁସ୍ତକ The garden of Life ନବୀନ ବାବୁଙ୍କ ଅନେକ ରଚନା ଭିତରୁ ଅନ୍ୟତମ । ଲୋକପ୍ରିୟ ଲେଖକ ଭାବରେ ନବୀନ ପଟ୍ଟନାୟକଙ୍କ ପାଇଁ ପ୍ରତିଷ୍ଠା ଓ ପ୍ରସିଦ୍ଧି ସବୁ ବେଳେ ଚର୍ଚ୍ଚା ରହି ଆସିଥିଲା କିନ୍ତୁ ରାଜନେତା ଭାବେ ପ୍ରବେଶ ହୁଏ ୧୯୯୭ ରେ ଯେତେବେଳେ ତାଙ୍କ ପିତା ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ବିୟୋଗ ହୁଏ । ୧୭ ଏପ୍ରିଲ ୧୯୯୭ରେ ବିଜୁ ବାବୁଙ୍କ ବିୟୋଗ ପରେ ରାଜନୀତିରେ ତରୁଣ ନବୀନ ପଟ୍ଟନାୟକ ଓଡ଼ିଶା ମାଟି ସହ ପରିଚିତ ହେଲେ । ବିଜୁ ପଟ୍ଟନାୟକ ତାଙ୍କ ଜୀବଦ୍ଦଶାରେ କେବେବି ନିଜ ପୁଅଙ୍କୁ ରାଜନୀତିରେ ଆଣିବା ପାଇଁ ଇଚ୍ଛା ପ୍ରକାଶ କରି ନ ଥିଲେ । ବଡ ବିସ୍ମୟ ବିଷୟ ଯେ ,ଓଡ଼ିଆ ଭାଷା ସଂସ୍କୃତି ଓ ଜୀବନ ଶୈଳୀ ସହିତ ଅଭ୍ୟସ୍ତ ନଥିବା ଜଣେ ମଣିଷ ଯେ ସଫଳ ରାଜନେତା ର ପରିଚୟରେ ଓଡ଼ିଶାର ମୁଖ୍ୱମନ୍ତ୍ରୀ ଭାବେ ଲୋକ ପ୍ରିୟତାର ଶୀର୍ଷକୁ ଛୁଇଁ ପାରିଥିଲେ ଏବଂ ଏହା ମଧ୍ୟ ଅନୁଶୀଳନ ଓ ଗବେଷଣା ବିଷୟ । ନବୀନ ପଟ୍ଟନାୟକଙ୍କ ରାଜନୀତି ର ସମୃଦ୍ଧ ସ୍ୱର ଏବଂ ବିରଳ ବ୍ୟକ୍ତିତ୍ୱ ଅଧିକାରୀ ଭାବରେ ସାରା ଭାରତ ବର୍ଷ ରେ ଜଣେ ଅମାୟିକ ରାଜନେତା ଭାବେ ପ୍ରସିଦ୍ଧି ଅର୍ଜନ କରି ଛନ୍ତି ।

ତାଙ୍କର ବିନମ୍ର ବ୍ୟବହାର ଗୋଟିଏ ଭଲ ଗୁଣ । ଚେହେରାରେ ସ୍ମିତହାସ ଓ ମୁଖମଣ୍ଡଳ କାନ୍ତିର ଆକର୍ଷଣ ନିଆରା । ସାଂପ୍ରତିକ ସମାଜରେ ରାଜନୀତିରେ ନମ୍ରତା ଏବଂ ଉଦାରତା ଭାବର ମଣିଷ ବିରଳ । ସରଳ ସ୍ୱଚ୍ଛ ଶୁଭ୍ର ପରିଧାନ ରେ ସେ ଯେପରି ଆକର୍ଷଣୀୟ,ଖୁବ୍ କମ୍ କଥା କହିବା ମଣିଷ ନବୀନ ପଟ୍ଟନାୟକ ଜଣେ ସ୍ଥିତପ୍ରଜ୍ଞ ଭାବେ ତାଙ୍କ ବ୍ୟକ୍ତିତ୍ୱ ବଳରେ ଅନେକଙ୍କୁ ଆକର୍ଷଣ କରିବାରେ ନିଆରା ମଣିଷ ଲୋକ ପ୍ରିୟ ରାଜନେତା ପରିଚୟ ସୃଷ୍ଟି କରି ପାରିଛନ୍ତି । ଭାରତ ରାଜନୀତିର ଇତିହାସରେ ହୁଏତ ନବୀନ ପଟ୍ଟନାୟକ ହିଁ ଏକମାତ୍ର ବ୍ଯକ୍ତି ରହିଛନ୍ତି ଯିଏ ଖୁବ୍ କମ୍ କଥା କହି ସମସ୍ତଙ୍କ ହୃଦୟ ଜିଣିବା କଳା ଶିଖି ପାରିଛନ୍ତି ।

ଓଡ଼ିଶା ରାଜନୀତିର ଇତିହାସରେ ଅନେକ ନେତାଙ୍କ ଅନେକ କାହାଣୀ ସଂପର୍କରେ ଆମେ ଜାଣିଥାଉ ଓ ପଢିଥାଉ ।ଓଡ଼ିଆଙ୍କ ସ୍ୱାଭିମାନ ପାଇଁ କିଏ ଲଢେଇ କରିଛି, କିଏ ପୁଣି ଆମ ଓଡ଼ିଶାର ଭାଷା ସାହିତ୍ୟ ସଂସ୍କୃତି ସ୍ୱାଭିମାନ ସୁରକ୍ଷା ଓ ଅସ୍ମିତା ପାଇଁ ଲଢେଇ କରି ସଫଳ ହୋଇ ପାରିଛି ।ଓଡ଼ିଶା ରାଜନୀତିର ଇତିହାସ ବଡ଼ ଚମତ୍କାର ଘଟଣାବଳୀର ମୁକସାକ୍ଷୀ । କାଳଖଣ୍ଡର ପ୍ରବାହ ମାନ ଧାରାରେ ଅନେକ ନେତା ନେତୃତ୍ୱ ନେବା ପାଇଁ ଆସିଛନ୍ତି ଏବଂ ଶାସନ ଗାଦି ରୁ ଫେରିଯାଇ ଛନ୍ତି କିନ୍ତୁ ଜଣେ ଉଦାର ରାଜନେତା ଭାବେ ନବୀନ ପଟ୍ଟନାୟକଙ୍କ ଶାସନର କଳା ଓ କୌଶଳ କାହାଣୀ କେବଳ ଭିନ୍ନ ନୁହଁ ବରଂ ଅନେକ ସ୍ୱତନ୍ତ୍ରତାର ସ୍ୱାକ୍ଷର ବହନ କରି ଓଡିଶାବାସୀଙ୍କ ହୃଦୟ ଜିଣିଛି । ଓଡ଼ିଶା ମାଟିର ଜଣେ ଜଣେ ବରପୁତ୍ରଙ୍କ ବିଷୟରେ ଏବଂ ଓଡ଼ିଶା ପ୍ରଦେଶ ଗଠନ ପାଇଁ ତାଙ୍କର ଅବଦାନ ସଂପର୍କରେ ଆଲୋଚନା କରୁ । ସମୃଦ୍ଧ ଓଡିଶା ଗଢ଼ିବା ପାଇଁ ଏମାନଙ୍କ ଯୋଗଦାନ ମଧ୍ୟ ସ୍ମରଣୀୟ କିନ୍ତୁ ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତି ଏବଂ ଲୋକଙ୍କ ସହ ବିଶେଷ ଭାବରେ ପରିଚୟ ନ ଥିବା ବ୍ୟକ୍ତି ଆକସ୍ମିକ ରାଜନୀତି ରେ ପ୍ରବେଶ ସହ ରାଜନୈତିକ ଦଳ ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ଭାବେ ନବୀନ ପଟ୍ଟନାୟକ ଅପ୍ରତିଦ୍ୱନ୍ଦ୍ୱୀ କୀର୍ତ୍ତିମାନ ସ୍ଥାପନ କରି ସକ୍ଷମ ହେଲେ ଏହା କହିବା ବେଳେ ତାଙ୍କ ରାଜନୈତିକ ଇତିହାସ ସମ୍ପର୍କରେ ଅବଗତ କରାଇବା ଉଚିତ୍ ମନେ କରେ ।


ସେ ଯେତେବେଳେ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ପ୍ରଚାର ପାଇଁ ଆସିଥିଲେ ସାକ୍ଷାତ ହୁଏ ଏହି ଲେଖକର । ମୋ ଗାଁ ପୋଲସରାରେ ନିର୍ବାଚନ ପ୍ରଚାର ସମୟ । ଖୁବ୍ ସରଳ ନମ୍ର ଓ ଶାନ୍ତ ନବୀନ ପଟ୍ଟନାୟକଙ୍କୁ ଦେଖି ଖୁସି ହେବା ସହ ଦୁଇ ପଦ କଥା ହେବା ସୁଯୋଗ ମଧ୍ୟ ମୁଁ ପାଇଥିଲି ତାଙ୍କ ସହ ଥିଲେ ଗଞ୍ଜାମ ମାଟିର ଗର୍ବ ଗୌରବ ଧୁରୀଣ ରାଜନେତା ରାମକୃଷ୍ଣ ପଟ୍ଟନାୟକ ଯିଏ କି ଓଡ଼ିଶାର ବେଶ୍ ଲୋକ ପ୍ରିୟ ପ୍ରଭାବଶାଳୀ ନେତା ଭାବେ ପରିଚିତ ଥିଲେ ଏବଂ ବିଜୁ ଜନତା ଦଳର ପ୍ରତିଷ୍ଠା ପାଇଁ ତାଙ୍କ ଅବଦାନ ସ୍ମରଣୀୟ । ନବୀନ ପଟ୍ଟନାୟକ ଆସିକା ସଂସଦୀୟ କ୍ଷେତ୍ରରୁ ନିର୍ବାଚନ ବିଜୟ ହୋଇ ଆସିକା ସାଂସଦ ଓ କେନ୍ଦ୍ରରେ ପ୍ରଧାନ ମନ୍ତ୍ରୀ ଅଟଳ ବିହାରୀ ବାଜପେୟୀଙ୍କ ନେତୃତ୍ୱରେ ଏନ୍‌ଡିଏ ସରକାରଙ୍କ ମନ୍ତ୍ରୀ ମଣ୍ଡଳରେ ମନ୍ତ୍ରୀ ହେଲେ । ଏହାପରେ ୧୯୯୯ ରେ ଚାରି କୋଟି ଓଡ଼ିଆଙ୍କ ପ୍ରିୟ ମୁଖ୍ୟମନ୍ତ୍ରୀ ହୋଇ ଦୀର୍ଘବର୍ଷ ଶାସନ କାଳର ଅନୁଭବ ସାଉଁଟି ଆଣିବାରେ ଜଣେ ଅପ୍ରତିଦ୍ୱନ୍ଦ୍ୱୀ ନେତା ଭାବେ ନବୀନ ପଟ୍ଟନାୟକ ଅମଳିନ କୀର୍ତ୍ତି ଅର୍ଜନ କରିଛନ୍ତି । ଗୋଟିଏ ପରେ ଗୋଟିଏ ନିର୍ବାଚନ ରେ ଅଧିକରୁ ଅଧିକ ଲୋକପ୍ରିୟ ଏବଂ ପ୍ରଭାବଶାଳୀ ନେତା ହୋଇ ଗୋଟିଏ ରାଜ୍ୟର ନେତୃତ୍ୱ ନେବାର ଯେଉଁ ବିରଳ କୀର୍ତ୍ତିମାନ ନବୀନ ପଟ୍ଟନାୟକ ତିଆରି କରି ଜଣେ ସଫଳ ପ୍ରବୀଣ ଏବଂ ପରିପକ୍ୱ ଅନୁଭବୀ ରାଜନେତା ଭାବେ ଗ୍ରହଣୀୟ ହୋଇଥିଲେ ଏହା ମଧ୍ୟ ସ୍ମରଣୀୟ ଯେତିକି ବିସ୍ମୟ ସେତିକି । ଓଡ଼ିଶାରେ ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣି ଉଲ୍ଲେଖନୀୟ କାର୍ଯ୍ୟ କରିଛନ୍ତି ନବୀନ ପଟ୍ଟନାୟକ । ଓଡ଼ିଶା ଇତିହାସରେ ସେ ସ୍ୱୟଂ ଗୋଟିଏ ରାଜନୀତି ସଂସ୍କୃତିର ଇତିହାସ ଲେଖିବା ପାଇଁ ଯେ ସମର୍ଥ । ଓଡ଼ିଶା ରାଜନୀତି ରେ ରାଜ୍ୟ ତଥା ଦେଶର ରାଜନୈତିକ ବିଚାର ମଂଚ ରେ ସେ ସମସ୍ତ ଙ୍କ ପାଇଁ ଚର୍ଚ୍ଚାରେ ରହିବା କ୍ୱଚିତ ବ୍ୟକ୍ତିର ଭାଗ୍ୟରେ ହିଁ ଦେଖାଯାଏ । ସବୁବେଳେ ସମସ୍ତଙ୍କୁ ଆଚମ୍ବିତ କରି ବିଜୁ ଜନତା ଦଳର ସର୍ବୋଚ୍ଚ ନେତା ମାନନୀୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ ୨୫ ବର୍ଷ ମଧ୍ୟରେ ରାଜ୍ୟ ଶାସନରେ ଅପ୍ରତିଦ୍ୱନ୍ଦ୍ୱୀ ହେଲେ କିପରି ଯଦି ଆଲୋଚନା କରାଯାଏ ଏହା ବିରୋଧୀ ଦଳର ଦୁର୍ବଳ ବିଧି ବ୍ୟବସ୍ଥା ନା ନବୀନ ପଟ୍ଟନାୟକଙ୍କ ଶାସନ ରଣ କୌଶଳ ଏହି କଥା ମଧ୍ୟ ଗବେଷଣା ବିଷୟ ରାଜନୀତିର ପଣ୍ଡିତମାନେ ବାରମ୍ବାର କହି ଆସିଥିଲେ ଯେ ନବୀନ ଖୁବ୍ କମ୍ କଥା କହି ହୃଦୟ ଜିଣିବା ସହିତ ସେ ହିଁ ବାଜିଗର ବୋଲି ବାରମ୍ବାର ପ୍ରମାଣିତ କରି ଆସୁଥିଲେ । ନବୀନ ପଟ୍ଟନାୟକ ସ୍ପଷ୍ଟ ଭାବେ ବିଶୁଦ୍ଧ ଓଡ଼ିଆ କହିବା ପାଇଁ ଅସମର୍ଥ ଥିଲେ ଏ କଥା ମଧ୍ୟ ଅସ୍ୱୀକାର କରି ହେବ ନାହିଁ ତଥାପି ଶାସନ କଳା ଓ ରଣ କୌଶଳ ରେ ଶ୍ରେଷ୍ଠ ଏବଂ ସିଦ୍ଧ ହସ୍ତ ହେଲେ ।


## ● ନବୀନ ବାବୁଙ୍କ ଶାସନ ସମୟରେ


ଓଡ଼ିଆ ଭାଷାର ବିକାଶ ପ୍ରଚାର ପ୍ରସାର ପାଇଁ ଯେଉଁ ବିରଳ କୃତି ସ୍ଥାପନ କରିଛନ୍ତି ଅନୁଶୀଳନୀୟ । ଐତିହାସିକ ସତ୍ୟବାଦୀ ପୀଠରେ ଓଡ଼ିଆ ଭାଷା ବିଶ୍ୱ ବିଦ୍ୟାଳୟ ସ୍ଥାପନ,ଓଡ଼ିଆ ଭାଷା ଶାସ୍ତ୍ରୀୟ ଭାଷାର ମାନ୍ୟତା ପାଇବା ତାଙ୍କ ଶାସନ ଅବଧିର ଶ୍ରେୟ ନିଶ୍ଚୟ ଯିବ । ବିଶେଷ ଭାବେ ଓଡ଼ିଆ ଭାଷାର ମର୍ଯ୍ୟାଦା ବିଶ୍ୱ ସ୍ତରରେ ସ୍ଥାପନ କରିବା ପାଇଁ ଓଡିଶା ଭୁବନେଶ୍ୱର ଜନତା ମଇଦାନରେ ବିଶ୍ୱ ଭାଷା ସମ୍ମିଳନୀ ପାଞ୍ଚ ଦିନ ସଫଳତା ସହିତ ଆୟୋଜନ ଥିଲା ଗୋଟିଏ ଅବିଶ୍ୱସନୀୟ ଅକଳ୍ପନୀୟ ଆୟୋଜନ । ଏହି ତାଙ୍କ ରାଜନୈତିକ ଇତିହାସ ରେ ଯେତେ ସବୁ କାର୍ଯ୍ୟକ୍ରମ ଥିଲା ସେଥି ମଧ୍ୟରୁ ଗୋଟିଏ ଶ୍ରେଷ୍ଠ କାର୍ଯ୍ୟକ୍ରମ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ।


ବିଶ୍ୱ ଭାଷା ସମ୍ମିଳନୀ ସଫଳତା ସହିତ ସଂପନ୍ନ କରିବା ପଛରେ ଭାଷା ଆନ୍ଦୋଳନ ଓଡ଼ିଶାର,ସ୍ୱରକୁ ଗୌଣ କରି ହେବ ନାହିଁ । ବିଶ୍ୱ ଭାଷା ସମ୍ମିଳନୀ ଅନୁଷ୍ଠିତ ହେବା ସମୟରେ ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିବା ମୋର ସୌଭାଗ୍ୟ ପ୍ରାପ୍ତ ହୋଇ ଥିଲା ଏବଂ ଭାଷା ଆନ୍ଦୋଳନ ଓଡିଶା ଆବାହକ ପବିତ୍ର ମହାରଥା ଙ୍କ ଦ୍ୱାରା ସଂକଳିତ"ବିଧାନ ସଭାରେ ଭାଷା ଆଇନ" ପୁସ୍ତକ ନବୀନ ନିବାସ ରେ ଲୋକାର୍ପଣ କରି ଥିଲେ ନବୀନ । ଓଡ଼ିଶାରେ ଓଡ଼ିଆ ଭାଷା ରେ ଶାସନ କରିବା ପାଇଁ ଓଡ଼ିଆ ଭାଷାର ସମସ୍ତ ନଥିପତ୍ର ହିଁ କରାଯିବ ଏହି ବିଧେୟକ ପାରିତ କରିବା ସହ ଭାଷା ଆଇନ ଖିଲାପ କଲେ ଦଣ୍ଡ ବ୍ୟବସ୍ଥା ନବୀନ ପଟ୍ଟନାୟକଙ୍କ ଶାସନ ସମୟର ସରକାରଙ୍କ ଏକ ଯୁଗାନ୍ତକାରୀ ପଦକ୍ଷେପ କହିଲେ ଅତ୍ୟୁକ୍ତି ହେବ ନାହିଁ ।ଏହି ଭାଷା ଆଇନ୍ ରାଜ୍ୟପାଳଙ୍କ ଦ୍ୱାରା ଅନୁମୋଦନ ଲାଭ କରି ଥିଲା । ଓଡ଼ିଶା ପର୍ଯ୍ୟଟନ ବିକାଶ ଓ ଶ୍ରୀ କ୍ଷେତ୍ର ପରିକ୍ରମା ପ୍ରକଳ୍ପ ସହିତ ବିଭିନ୍ନ ଐତିହାସିକ ଓ ସାଂସ୍କୃତିକ ଆଧାତ୍ମିକ କ୍ଷେତ୍ର ଗୁଡିକର ବିକାଶରେ ବହୁ ଉନ୍ନୟନ କାର୍ଯ୍ୟ ସଂସ୍କାର ଅଣାଯାଇଥିବା ବିଷୟ ରେ ସେ ଜଣେ ଦକ୍ଷ ପ୍ରଶାସକ ତଥା ମୁଖ୍ୟମନ୍ତ୍ରୀ ପ୍ରମାଣ ଦେଇଥିଲେ ନବୀନ ପଟ୍ଟନାୟକ । ଦୀର୍ଘ ବର୍ଷ ଶାସନ କରିବାରେ ପ୍ରଭାବଶାଳୀ ବ୍ୟକ୍ତିତ୍ୱର ଅଧିକାରୀ ଭାବରେ ଖୁବ୍ ଗ୍ରହଣୀୟ ହୁଅନ୍ତି । ଓଡ଼ିଶାବାସୀଙ୍କ ପାଇଁ ଅତି ପ୍ରିୟ ନେତା ନବୀନ ପଟ୍ଟନାୟକ ଗୋଟିଏ ଗୋଟିଏ ଏମିତି କିଛି ସଂସ୍କାର ମୂଳକ ଯୋଜନା ଏବଂ କାର୍ଯ୍ୟ କରି ଭିନ୍ନ ଏକ ସନ୍ଦେଶ ଦେଇଛନ୍ତି ଯାହା ବିରଳ । ସମସ୍ତ କଳ୍ପନା ଜଳ୍ପନାର ଅବସାନ ଘଟାଇ ଅନେକ ଥର ବହୁ ଗୁରୁତ୍ୱପୂର୍ଣ୍ଣ ବିଷୟର ନିର୍ଣ୍ଣୟ କରୁଥିବା ମଣିଷଟି ଲୋକଙ୍କ ନିକଟକୁ ପହଞ୍ଚି ଯାଇ ଆପଣ ମାନେ ଖୁସି ତ? ପ୍ରଶ୍ନ ପଚାରିବା ଗୋଟିଏ ଆଲୋଚନା କେନ୍ଦ୍ର ଥିଲା । ସମସ୍ତଙ୍କୁ ଖୁସି ବୋଲି କହି ଯେଉଁ ସ୍ୱତନ୍ତ୍ର କଥା କହିବାରେ ଆନନ୍ଦ ଦେଉି ଥିଲେ ଏହା ମଧ୍ୟ ତାଙ୍କର ଲୋକ ପ୍ରିୟ ନେତା ହେବାର ବଳିଷ୍ଠ ପ୍ରମାଣ ସ୍ୱର ବୋଲି କୁହାଯାଏ । କହିବାକୁ ଗଲେ ଭାଗ୍ୟବାନ ସେହି ଲୋକ ଯେଉଁ ମାନଙ୍କ ଭାଗ୍ୟରେ ତାଙ୍କ ରାଜନୀତି ପଥ ଦୀର୍ଘ ସମୟର ଅନୁଭବ ଦିଏ ଏବଂ ନବୀନ ପଟ୍ଟନାୟକ ହେଉଛନ୍ତି ସେହି ଭାଗ୍ୟବାନ ବ୍ୟକ୍ତି ମଧ୍ୱରୁ କେବଳ ଜଣେ ମାତ୍ର ବ୍ୟକ୍ତି ଚାରି କୋଟି ଓଡ଼ିଆଙ୍କ ଆଶୀର୍ବାଦରୁ ଖୁସିରେ କ୍ଷମତାରେ ରହିବା ସହିତ ଲୋକପ୍ରିୟ ନେତା ଭାବେ ଶୀର୍ଷରେ ଥିଲେ କାରଣ ତାଙ୍କ ପାଇଁ ବିନମ୍ରତା ହିଁ ବଡ଼ ସଂପଦ ଥିଲା । ଏହା ଆଜିର ଯୁଗରେ କୌଣସି ନେତାଙ୍କ ବ୍ୟବହାରରେ ଖୁବ୍ କମ୍ ଦେଖିବାକୁ ମିଳେ । ନବୀନ ପଟ୍ଟନାୟକ ଦୀର୍ଘଜୀବୀ ହୁଅନ୍ତୁ ଏବଂ ତାଙ୍କର ଚଲାପଥରେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣା ଦୃଷ୍ଟି ରହିଥାଉ । ନବୀନ ପଟ୍ଟନାୟକଙ୍କ ସୁସ୍ଥ ସୁଦୀର୍ଘ ନିରାମୟ ଜୀବନ ପ୍ରଭୁଙ୍କ ନିକଟରେ କାମନା କରି ପ୍ରାର୍ଥନା । ■

ସାହିତ୍ୟିକ ସ୍ତମ୍ଭକାର,ଭାଷା ଆନ୍ଦୋଳନ ଓଡ଼ିଶା
ସଭାପତି, ବ୍ରହ୍ମପୁର,
ନିବାରିଣୀ, ଲୋଚାପଡା ବ୍ରହ୍ମପୁର
୮୮୪୭୮୦୯୫୩୪



## ଅବଶିଷ୍ଟାଂଶ

### ଟ୍ରେନ୍‌ରେ ଯାଇଥିଲେ...

ହୋଇଯିବାରୁ ବସ୍‌ରେ ଯାଇପାରି ନ ଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଛି । ଦଲାଲ୍‌ଙ୍କ ସଂସ୍ପର୍ଶରେ କିଛି କନେଷ୍ଟବଳ ନିୟମିତ ଯୋଗାଯୋଗରେ ରହି ପିଲା ଯୋଗାଡ଼ କରିଥିବା ମଧ୍ୟ ଜଣା ପଡ଼ିଛି । ଏହି ସମସ୍ତେ ପରୀକ୍ଷା ଏସ୍‌ଆଇ ପରୀକ୍ଷା ଥିବା ଦର୍ଶାଇ ଛୁଟିରେ ରହିଥିଲେ । ଫଳରେ ପରୀକ୍ଷା ଦେବାକୁ ଛୁଟି ଆବେଦନ କରିଥିବା କନେଷ୍ଟବଳମାନେ ମଧ୍ୟ କ୍ରାଇମ୍‌ବ୍ରାଞ୍ଚ ସ୍କାନରକୁ ଆସିଛନ୍ତି ।

### ଆଗୁଆ ଜାମିନ...

ପହଞ୍ଚିଥିଲା । ସେଠାରୁ ବିମାନ ଯୋଗେ ଦୁବାଇ ପଳାଇଥିବା କ୍ରାଇମବ୍ରାଞ୍ଚ ଜାଣିବାକୁ ପାଇଛି । ଅନୁରୂପ ଭାବେ ମୁନା ମହାନ୍ତିର ମଧ୍ୟ ପତ୍ତା ପାଇପାରୁନାହିଁ କ୍ରାଇମ୍‌ବ୍ରାଞ୍ଚ । ଏଣୁ ମୁନା ଯେପରି ଦେଶ ଛାଡ଼ି ପଳାଇବାରେ ସକ୍ଷମ ନ ହେବ, ସେଥିପାଇଁ ଉଭୟ ଶଙ୍କର ଓ ମୁନା ନାମରେ ଲୁକ୍ ଆଉଟ୍ ସର୍କୁଲାର ଜାରି କରାଯାଇଛି । ପୂର୍ବରୁ ଶଙ୍କର ଓ ମୁନାର ବ୍ୟାଙ୍କ ଆକାଉଣ୍ଟ ଫ୍ରିଜ୍ କରିଥିଲା ତଦନ୍ତକାରୀ ସଂସ୍ଥା । ଲୁକ୍‌ଆଉଟ୍ ସର୍କୁଲାର୍ ଜାରି କରିବା ପରେ ତାଙ୍କୁ ଧରିବାରେ ସଫଳ ହେବ ବୋଲି ତଦନ୍ତକାରୀ ସଂସ୍ଥା ଆଶା ବାନ୍ଧିଛି ।

### ସ୍ନେହାଙ୍ଗିନୀ ପ୍ରାର୍ଥୀ...

କହିଛନ୍ତି ଯେ ପଶ୍ଚିମ ଓଡ଼ିଶାର ଜଣେ ଟାଣୁଆ ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ ଅତୀତରେ ବିଜେଡି ସରକାରରେ ଏକାଧିକ ବିଭାଗରେ ମନ୍ତ୍ରୀ ରହିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ପଦବୀ ସମ୍ଭାଳିଛନ୍ତି । ସେ ସବୁବେଳେ ଗରିବ, ତଳସ୍ତରରେ ଥିବା ଲୋକ ବିଶେଷକରି ମହିଳାଙ୍କ ପାଇଁ ଲଢ଼େଇ କରି ଆସିଛନ୍ତି । ସେଥିପାଇଁ ଆମେ ତାଙ୍କୁ ବିଜେଡିର ପ୍ରାର୍ଥୀ ରୂପେ ଚୟନ କରିଛୁ । ମୁଁ ତାଙ୍କୁ ହୃଦୟରୁ ଅଭିନନ୍ଦନ ଜଣାଉଛି । ଅତୀତରେ ସେ ରାଜ୍ୟବାସୀଙ୍କ ପାଇଁ ବହୁ ଭଲ କାମ କରିଛନ୍ତି । ବିଶେଷକରି ଗରିବ ତଥା ମହିଳାଙ୍କ ପାଇଁ ତାଙ୍କ କାମ ବେଶ୍ ପ୍ରଶଂସନୀୟ । ଆମେ ସମସ୍ତେ ତାଙ୍କୁ ସହଯୋଗ କରିବାକୁ ପ୍ରସ୍ତୁତ ଅଛୁ ବୋଲି ନବୀନ କହିଛନ୍ତି ।

ନିଜ ବକ୍ତବ୍ୟରେ ସ୍ନେହାଙ୍ଗିନୀ କହିଛନ୍ତି ଯେ ଦଳର ସଭାପତି ନବୀନ ପଟ୍ଟନାୟକ ମୋ ଉପରେ ଭରସା ଓ ବିଶ୍ୱାସ କରି ମୋତେ ପ୍ରାର୍ଥୀ ଭାବେ ଘୋଷଣା କରିଥିବାରୁ ମୁଁ ତାଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି । ଏହି ଅବସରରେ ମୁଁ ସମସ୍ତ ନୂଆପଡ଼ାବାସୀଙ୍କୁ ପ୍ରଣାମ ଜଣାଉଛି । ନୂଆପଡ଼ାରେ ୪ ବର୍ଷ ଧରି ଦଳର ପର୍ଯ୍ୟବେକ୍ଷକ ଭାବେ କାମ କରିଛି । ନୂଆପଡ଼ାବାସୀଙ୍କ ଆଶୀର୍ବାଦ ମୋ ଉପରେ ରହିବା ସହ ସେମାନେ ମୋତେ ବିପୁଳ ସଂଖ୍ୟାରେ ବିଜୟୀ କରିବେ ବୋଲି ମୋର ବିଶ୍ୱାସ ରହିଛି । ଆଜିଦିନଠାରୁ ନୂଆପଡ଼ାବାସୀଙ୍କ ସୁଖ, ଦୁଃଖ ସମୟରେ ମୁଁ ଜୀବନର ଶେଷ ନିଶ୍ୱାସ ପର୍ଯ୍ୟନ୍ତ ରହିବି,ସେବା କରିବି । ନୂଆପଡ଼ାରେ ବିଚାରଧାରା, ନୀତି, ଆଦର୍ଶ ଏବଂ ଧର୍ମର ଲଢ଼େଇ ହେବ । ଏହି ନିର୍ବାଚନରେ ଧର୍ମ ଏବଂ ନ୍ୟାୟ ସଂସ୍ଥାପନ ହେବ । ଯେଉଁମାନେ ନୀତି, ଆଦର୍ଶ ବାହାରେ ରାଜନୀତି କରିବାକୁ ଚାହୁଁଛନ୍ତି, ନୂଆପଡ଼ାବାସୀ ଠିକଣା ସମୟରେ ସେମାନଙ୍କୁ ଜବାବ୍ ଦେବେ ବୋଲି ସ୍ନେହାଙ୍ଗିନୀ କହିଛନ୍ତି । ଏହି ଅବସରରେ ନୂଆପଡ଼ା ଜିଲ୍ଲା ବିଜେଡି ସଭାପତିଙ୍କ ସମେତ ଦଳର ବହୁ ବରିଷ୍ଠ ନେତା ଉପସ୍ଥିତ ଥିଲେ ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ନେହାଙ୍ଗିନୀ ଅତାବିରା ନିର୍ବାଚନମଣ୍ଡଳୀରୁ ୨ଥର ବିଧାନସଭାକୁ ପ୍ରତିନିଧିତ୍ୱ କରିଛନ୍ତି । ବିଜେଡିର ପଞ୍ଚମ ପାଳି ଶାସନରେ ସେ ଏକାଧିକ ବିଭାଗର ମନ୍ତ୍ରୀପଦ ସମ୍ଭାଳିଥିଲେ । ବର୍ତ୍ତମାନ ସେ ବିଜୁ ମହିଳା ଜନତା ଦଳର ସଭାନେତ୍ରୀ ଭାବେ କାର୍ଯ୍ୟ କରୁଛନ୍ତି । ୪ଟି ବିଧାନସଭା ନିର୍ବାଚନ ଲଢ଼ିଥିବାର ଅଭିଜ୍ଞତା ରଖିଥିବା ସ୍ନେହାଙ୍ଗିନୀଙ୍କ ନିକଟରେ ପ୍ରଚୁର ସାଂଗଠନିକ ଦକ୍ଷତା ରହିଛି । ସେହିପରି ସେ ନୂଆପଡ଼ାରେ ପର୍ଯ୍ୟବେକ୍ଷକ ଭାବେ କାର୍ଯ୍ୟ କରିଥିବାରୁ, ଜିଲ୍ଲାବାସୀ ତଥା ସ୍ଥାନୀୟ ବିଜେଡି ନେତାଙ୍କ ସହ ମଧ୍ୟ ସୁସମ୍ପର୍କ ରହିଛି । ସେହିଦୃଷ୍ଟିରୁ ତାଙ୍କ ପ୍ରାର୍ଥିତ୍ୱ ଦଳକୁ ଫାଇଦା ଦେଇପାରେ ବୋଲି ରାଜନୈତିକ ମହଲରେ ଆଲୋଚନା ଆରମ୍ଭ ହୋଇଛି ।

### କିନ୍ନର ଓ ଯୁବକଙ୍କ...

ତଦନ୍ତ ଆରମ୍ଭ କରିଛି । ପ୍ରାଥମିକ ତଦନ୍ତରୁ ୨ ଜଣ ଆତ୍ମହତ୍ୟା କରିଥିବା କୁହାଯାଉଛି । ପୁଲିସ ସାଇଣ୍ଟିଫିକ ଦଳ ଏବଂ ଟାଉନଥାନା ପୁଲିସ ମିଳିତ ଭାବେ ତଦନ୍ତ କରୁଥିବା ଏସଡିପିଓ ପାର୍ଥ କଶ୍ୟପ ସୂଚନା ଦେଇଛନ୍ତି । ପ୍ରଥମିକ ତଦନ୍ତ ବେଳେ ଉଭୟଙ୍କ ମଧ୍ୟରେ ଘନଷ୍ଠ ବନ୍ଧୁତାରୁ ପ୍ରେମ ସମ୍ପର୍କ ଥିବା କୁହାଯାଉଛି । ତେବେ କେଉଁ କାରଣରୁ ସେମାନେ ଆତ୍ମହତ୍ୟା କରିଛନ୍ତି ତାହା ସ୍ପଷ୍ଟ ହୋଇନାହିଁ । ମୃତ୍ୟୁର ଅନ୍ୟ କାରଣ ନେଇ ମଧ୍ୟ ଅଞ୍ଚଳରେ ଆଲୋଚନା ହେଉଛି ।

### ସପ୍ତାହରେ ଅତିରିକ୍ତ...

ଆସିବାକୁ ଥିବା କ୍ରାଇମବ୍ରାଞ୍ଚର ଅତିରିକ୍ତ ଏସପି ସତ୍ୟବିକାଶ ଭୂୟାଁଙ୍କର ବଦଳି ମଧ୍ୟ ବାତିଲ କରି ଦିଆଯାଇଛି । ଫଳରେ ଶ୍ରୀ ଦ୍ୱିବେଦୀ ଓ ଶ୍ରୀ ଭୂୟାଁ ପୂର୍ବଭଳି ସେହି ସ୍ଥାନରେ କାର୍ଯ୍ୟ କରିବେ ।

ସେପଟେ ନୂଆକରି ପଦୋନ୍ନତି ପାଇଥିବା ଡିଏସପି ମାନଙ୍କୁ ଗୃହ ବିଭାଗ ଏଯାଏଁ ନିଯୁକ୍ତି ଦେଇ ପାରିନାହିଁ । କିଛି ଅଧିକାରୀଙ୍କର ବଦଳି ହୋଇଥିବା ବେଳେ ସେମାନେ ପୂର୍ବ ପଦବୀରେ କାମ କରୁଥିବା ବେଳେ ୯୯ ଜଣ ଡିଏସପି ନିଯୁକ୍ତି ଅପେକ୍ଷାରେ ରହିଛନ୍ତି । ୫ ମାସ ହେବ ଡିଏସପିଙ୍କୁ ନିଯୁକ୍ତି ନଦେବା ଓ ମାତ୍ର ୭ ଦିନରେ ଅତିରିକ୍ତ ଏସପିଙ୍କ ବଦଳି ବାତିଲ୍ କରିବା ମୁଖିଆଙ୍କ ନିଷ୍ପତ୍ତି ନେବାର ଅପରିଣାମଦର୍ଶୀକୁ ପଦାରେ ପକାଇଛି । ଆଉ ଏ ସବୁ ପଛରେ ରାଜନୈତିକ ଚାପ ରହିଥିବା ସନ୍ଦେହ କରାଯାଉଛି । ଯଦି ରାଜନୈତିକ ଚାପ କଥା ସତ ହୁଏ, ତେବେ ସାଙ୍ଘାତିକ । କାରଣ ରାଜ୍ୟ ଗୃହ ବିଭାଗ ଖୋଦ୍ ମୁଖ୍ୟମନ୍ତ୍ରୀଙ୍କ ଅଧିନରେ ରହିଥିବା ବେଳେ ତାଙ୍କ ଉପରେ କିଏ ଚାପ ପକାଉଛି, ତାକୁ ନେଇ ପ୍ରଶ୍ନ ଉଠିଛି ।

### ଏଫସିଆଇ ଉଠାଉନି...

ଦେଇଥିଲେ । ମିଳିଥିବା ସୂଚନା ଅନୁଯାୟୀ ଏଯାବତ୍ ଏହି ବଳକା ଚାଉଳକୁ ଏଫସିଆଇ ଉଠାଇ ନାହିଁ । ଚାଉଳ ନଷ୍ଟ ହେବାକୁ ବସିଥିବା ବେଳେ ଏହାକୁ କିଣିବା ପାଇଁ ମଧ୍ୟ ସେମିତି କେହି ଆଗ୍ରହ ପ୍ରକାଶ କରୁନାହାନ୍ତି । ତେଣୁ ସରକାର ଏହାକୁ ରାଜ୍ୟର ରାସନ ହିତାଧିକାରୀଙ୍କୁ ଅତିରିକ୍ତ ୫ କେଜି ଚାଉଳ ପ୍ରଦାନ ପାଇଁ ବିଚାର କରୁଛନ୍ତି । ଆଜି ମନ୍ତ୍ରୀ ଏନେଇ ଗଣମାଧ୍ୟମରେ ସୂଚନା ଦେବା ପରେ ସାଧାରଣରେ ଥିବା ଅନୁମାନ ସତ ହେବାକୁ ବସିଛି । ସୂଚନାଯୋଗ୍ୟ ଯେ ଏଫସିଆଇ ଚାଉଳ ନନେବାରୁ କିଛି ମାସ ତଳେ ରାଜ୍ୟ ସରକାର ୧୧ଟି ଆଦିବାସୀ ଅଧ୍ୟୁଷିତ ଜିଲ୍ଲାରେ ଅତିରିକ୍ତ ୩ ମାସ ଚାଉଳ ପ୍ରଦାନ କରିଥିଲେ । ଏବେ ଏହି ଚାଉଳ ବଣ୍ଟନ ଯୋଜନାକୁ ସରକାର ସମ୍ପ୍ରସାରିତ କରିବାକୁ ଚାହୁଁଥିବା ଜଣାପଡ଼ିଛି । କେବଳ ବଳକା ଚାଉଳ ଏଫସିଆଇ ଓଡ଼ିଶାରୁ ନେଇଥିବା ଚାଉଳ ବାବଦକୁ କେନ୍ଦ୍ର ପାଖରେ ଦୀର୍ଘ ଦିନ ଧରି ୮୦୦୦ କୋଟି ବକେୟା ଗଡୁଛି । ବକେୟା ପ୍ରଦାନ କରିବାକୁ କେନ୍ଦ୍ର ସହ ଆଲୋଚନା ଚାଲିଛି । ମାତ୍ର କେନ୍ଦ୍ର ସରକାର ରାଜି ହେଉନାହାନ୍ତି ବୋଲି ମନ୍ତ୍ରୀ ନିଜେ କହିଥିଲେ । ଡବଲ ଇଞ୍ଜିନରେ ଓଡ଼ିଶାର ସ୍ୱାର୍ଥ ଏପରି ଅଣଦେଖା ହେଉଥିବା ବେଳେ ଏହାକୁ ନେଇ ସାଧାରଣରେ କଡ଼ା ପ୍ରତିକ୍ରିୟା ପ୍ରକାଶ ପାଉଛି ।

### ପୀତବାସଙ୍କ ହତ୍ୟା...

ନିଆଯାଇଥିବା ସ୍ପଷ୍ଟ ହୋଇଛି । ହତ୍ୟାକାଣ୍ଡ ଦିନ ଆତତାୟୀଙ୍କ ପକ୍ଷରୁ ସହରରେ ବିଭିନ୍ନ ସ୍ଥାନରେ ପ୍ରାୟ ୧୦ଥର ରେକି କରାଯାଇଥିବା ସିସିଟିଭି ଫୁଟେଜ ଯାଞ୍ଚ ବେଳେ ଜଣାପଡିଥିଲା । ଯାହା ଗତ ରବିବାର ରାତିରେ ଏସ୍‌ପିଙ୍କ ସମୀକ୍ଷା ବୈଠକରେ ସ୍ପଷ୍ଟ କରାଯାଇଥିଲା । ୩ଟି ବାଇକ୍‌ରେ ୬ଜଣ ସହରରେ ପୀତବାସଙ୍କ ଘର ଠାରୁ ଚାମ୍ବର ଓ ବିଭିନ୍ନ ଗନ୍ତବ୍ୟସ୍ଥଳକୁ ପିଛା କରିଥିଲେ । ଏଥିପାଇଁ ୩ଟି ରେକି ଟିମ ହୋଇଥିବା ବେଳେ ବାଇକ୍‌ରେ ଆରୋହୀ ରାଜ୍ୟ ବାହାରର ଏବଂ ବାଇକ ଚାଳକ ସ୍ଥାନୀୟ ଅଞ୍ଚଳର ବୋଲି କୁହାଯାଉଛି । ଏଥିରେ ଏରେଣ୍ଡ୍ରା ଅଞ୍ଚଳର କିଛି ଅପରାଧୀଙ୍କ ସମ୍ପୃକ୍ତି ଥିବା ସୂଚନା ମିଳିଛି । ମାଷ୍ଟର ମାଇଣ୍ଡ ଧରାପଡ଼ିବା ପରେ ପୀତବାସଙ୍କ ହତ୍ୟା ଘଟଣାର ପ୍ରକୃତ ରହସ୍ୟ ଉନ୍ମୋଚିତ ହୋଇପାରିବ ବୋଲି ପୁଲିସ ଆଶା ରଖିଛି ।

ସେପଟେ ହତ୍ୟାକାଣ୍ଡ ଘଟଣାରେ ସ୍ଥାନୀୟ ପୁଲିସର ମଧ୍ୟ ବିଭିନ୍ନ ଦିଗକୁ ନେଇ ତନାଘନା ଜାରି ରହିଛି । ଅଭିଯୁକ୍ତଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ଚଢ଼ଉ କରି ଏକାଧିକ ବ୍ୟକ୍ତିଙ୍କୁ ଉଠାଇ ଆଣୁଛି ପୁଲିସ । ଖାସ୍ କରି ଦିଗପହଣ୍ଡି ଅଞ୍ଚଳରେ ପୁଲିସ ଡେରା ପକାଇଥିବା ଜଣାପଡିଛି । ବ୍ରହ୍ମପୁରରେ ଅନୁରୂପ ଭାବେ ସ୍ୱର୍ଗତ ଆଇନଜୀବୀ ପୀତବାସଙ୍କ ଘନିଷ୍ଠ ସହଯୋଗୀ ବାଲାଜୀ ରେଡୀଙ୍କୁ ୫ମ ଥର ପାଇଁ ଜେରା କରାଯାଇଥିବା ବେଳେ ଅନ୍ୟଜଣେ ମଦ ବ୍ୟବସାୟୀଙ୍କୁ ମଧ୍ୟ ବରିଷ୍ଠ ପୁଲିସ ଅଧିକାରୀମାନେ ମାରାଥନ ଜେରା କରୁଛନ୍ତି । ଆସନ୍ତା ୧୭ତାରିଖରେ ସ୍ୱର୍ଗତ ପୀତବାସ ପଣ୍ଡାଙ୍କର ଦ୍ୱାଦଶାହ କାର୍ଯ୍ୟକ୍ରମ ଥିବାବେଳେ ପରିବାର ଓ ଦଳ ପକ୍ଷରୁ ସ୍ୱତନ୍ତ୍ର ଶ୍ରଦ୍ଧାଞ୍ଜଳୀ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ପୀତବାସଙ୍କ ପରିବାର ଓ ଦଳ ପକ୍ଷରୁ ନିମନ୍ତ୍ରଣ କରାଯାଇଥିଲେ ହେଁ ଆସନ୍ତା ୧୭ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ସମ୍ଭାବ୍ୟ ଗସ୍ତ କାର୍ଯ୍ୟକ୍ରମ ଚୂଡ଼ାନ୍ତ ହୋଇପାରିନାହିଁ । ଯଦି ପୀତବାସଙ୍କ ଦ୍ୱାଦଶାହ କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ଯୋଗ ଦିଅନ୍ତି ତେବେ ତାହା ପୂର୍ବରୁ ଘଟଣା ସମ୍ପର୍କରେ ପୁଲିସ ଖୁଲାସ କରିପାରେ ବୋଲି ସାଧାରଣରେ ଆଲୋଚନା ହେଉଛି ।

### ତୁଟୁନି ଦୀପାବଳି...

ଉପସଭାପତି ଉମାବଲ୍ଲଭ ମହାପାତ୍ର, ଯୁଗ୍ମ ସମ୍ପାଦକ ଲୋକନାଥ ମିଶ୍ର, ସଦସ୍ୟ ପଣ୍ଡିତ ଦୁର୍ଗାପ୍ରସାଦ ମିଶ୍ର, ରବି ପ୍ରସାଦ ରଥ, ଜଗନ୍ନାଥ ରଥ, ଜ୍ୟୋତିର୍ବିତ୍ ନୀଳମାଧବ ଦାସ, ଜ୍ୟୋତିର୍ବିତ୍ ଜ୍ୟୋତି ପ୍ରସାଦ ଦାସ ପ୍ରମୁଖ ।

ଅନ୍ୟପକ୍ଷରେ ଏହି ସାମ୍ବାଦିକ ସମ୍ମିଳନୀସ୍ଥଳରେ ପାଞ୍ଜି ସମୀକ୍ଷକ ହରିଶଙ୍କର ମିଶ୍ର ପହଞ୍ଚି ମୁକ୍ତିମଣ୍ଡପ ପଣ୍ଡିତଙ୍କ ଉକ୍ତିକୁ ଖଣ୍ଡନ କରିଥିଲେ । ସେ କହିଥିଲେ, ୨୦ ତାରିଖରେ ରିକ୍ତା ତିଥି (ଚତୁର୍ଦ୍ଦଶୀ) ହେତୁ ସେହିଦିନ ପୟାଶ୍ରାଦ୍ଧ ଓ ଦୀପଦାନ ନ କରି ୨୧ ତାରିଖରେ କରିବାକୁ ମତ ରଖିଛନ୍ତି । ଯେଉଁ ତିଥିରେ ସୂର୍ଯ୍ୟ ଉଦୟ ହୁଅନ୍ତି ସେଇ ପର୍ବ ଶ୍ରୀଜଗନ୍ନାଥ ମନ୍ଦିରରେ ପାଳନ ହେବାର ବିଧି ରହିଛି । ସେଥିପାଇଁ ୨୧ ତାରିଖରେ ଶ୍ରୀମନ୍ଦିରରେ ଅମାବାସ୍ୟା ତିଥି ରହିଥିବାରୁ ସେହିଦିନ ଅମାବାସ୍ୟା ନାରାୟଣଙ୍କ ସାଗରବିଜେ ହେବ । ସେହିଦିନ ମଧ୍ୟ ସରକାରୀ ଛୁଟି ରହିଛି । ୨୦ରେ ଶ୍ୟାମାକାଳୀ ପୂଜାରେ କୌଣସି ଦ୍ୱିରୁକ୍ତି ନାହିଁ । ଓଡ଼ିଶାର ଜନସାଧାରଣ ଅଦିନରେ ପୟା ବା ଦୀପଦାନ ଶ୍ରାଦ୍ଧ ଓ ବଡ଼ବଡୁଆ ଡାକ ମାଧ୍ୟମରେ ପିତୃପୁରୁଷଙ୍କୁ ବିଦାୟ ଦେଲେ ସେମାନେ ଅସୁଖି ହେବାର ଶାସ୍ତ୍ରୀୟ ବିଧାନରେ ୨୧ ତାରିଖରେ ତାହା ପାଳନ କରନ୍ତୁ ବୋଲି ପାଞ୍ଜି ସମୀକ୍ଷକ ଶ୍ରୀ ମିଶ୍ର ଯୁକ୍ତି ରଖିଛନ୍ତି । ତେବେ ଏହାରି ଭିତରେ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ତୁଳା ମାସର ନୀତି ପ୍ରକାଶ ପାଇଛି । ୨୦ ତାରିଖ ଚତୁର୍ଦ୍ଦଶୀରେ ଦୀପାବଳି ଅମାବାସ୍ୟା, ପ୍ରୟାଶ୍ରାଦ୍ଧ ଓ କାଳୀପୂଜା ଉଲ୍ଲେଖ କରାଯାଇଥିବାବେଳେ ୨୧ରେ ଅମାବାସ୍ୟା ଏବଂ ସାଗରବିଜେ ନୀତି ଥିବା ସ୍ପଷ୍ଟ କରାଯାଇଛି ।

### ଆଜିର ରାଶିଫଳ

**ମେଷ:** ସକରାତ୍ମକ ଦୃଷ୍ଟିରୁ ଦିନଟି ଭଲରେ କଟିବ । ପୂର୍ବର ଭୁଲକୁ ଅନୁଧ୍ୟାନ କରି ଆଗକୁ ବଢ଼ିବାକୁ ଚେଷ୍ଟା କରିବେ । ଯାତାୟତ ସମୟରେ ସତର୍କତା ଅବଲମ୍ବ କରନ୍ତୁ । ବ୍ୟବସାୟରେ ସଫଳତା ପାଇବେ ।

**ବୃଷ:** ଅଟକି ଥିବା କାର୍ଯ୍ୟରେ ସଫଳତା ମିଳିବ । ପିଠି ଯନ୍ତ୍ରଣା ଅନୁଭବ କରିପାରନ୍ତି । କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ । ମହିଳାମାନେ ଉଚ୍ଚାଭିଳାଷି ହେବେ । ମାନ ସମ୍ମାନ ବୃଦ୍ଧି ପାଇବ ।

**ମିଥୁନ:** ଆର୍ଥିକ ସ୍ଥିତି ଠିକ୍ ରହିବ । ବିଦ୍ୟାର୍ଥୀମାନେ ଭଲ ପ୍ରଦର୍ଶନ କରିବେ । ଅଫିସ୍ ସହକର୍ମୀଙ୍କ ସହଯୋଗ ମିଳିବ । ଅଯଥା କଥାରେ ଯୁକ୍ତି କରନ୍ତୁନି । ଗୁରୁଜନଙ୍କ ସ୍ୱାସ୍ଥ୍ୟସମସ୍ୟାକୁ ଚିନ୍ତିତ ରହିପାରନ୍ତି ।

**କର୍କଟ:** ମାନସିକ ଶାନ୍ତି ମିଳିବ । କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ । ଅଟକି ଥିବା କାର୍ଯ୍ୟ ପୂରା ହେବାର ସମ୍ଭାବନା ରହିଛି । କର୍ମକ୍ଷେତ୍ରରେ ସମସ୍ତଙ୍କ ସହ ଭଲ ଆଚରଣ ଦେଖାନ୍ତୁ ।

**ସିଂହ:** ଅନ୍ୟମାନଙ୍କୁ ଅଧିକ ବିଶ୍ୱାସ କରନ୍ତୁନି । ନିଜ ଲୋକ ଶତ୍ରୁ ସାଜିପାରନ୍ତି । ସମସ୍ୟାରେ ପଡ଼ିବାର ଆଶଙ୍କା ଅଧିକ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଅତିଥି ସତ୍କାର କରିପାରନ୍ତି ।

**କନ୍ୟା:** ପରିବାର ସହିତ ସମୟ ବିତାନ୍ତୁ । ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ । ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ ।

**ତୁଳା:** ଅଫିସ କାମକୁ ନେଇ ଚିନ୍ତାରେ ରହିପାରନ୍ତି । ଅନ୍ୟମାନଙ୍କ କଥାରେ ପରିଚାଳିତ ହୁଅନ୍ତୁ ନାହିଁ । ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତାନ୍ତୁ । କୋର୍ଟ କଚେରୀ ମାମଲାର ଶୁଣାଣି ହେବ ।

**ବିଛା:** ପ୍ରତ୍ୟେକ କ୍ଷେତ୍ରରେ ନିଷ୍ପତ୍ତି ନିଜେ ନିଅନ୍ତୁ । ଯୋଜନା ଅନୁସାରେ କାମ କରିବା ଭଲ । ସ୍ୱାସ୍ଥ୍ୟ ପ୍ରତି ଅଣଦେଖା କରନ୍ତୁନି । ରାଜନୀତିରେ ସକ୍ରିୟ ରହିପାରନ୍ତି । ମନ ମୁତାବକ କାମ କରନ୍ତୁ ।

**ଧନୁ:** ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ପିଲାମାନଙ୍କ ନକାରାତ୍ମକ ଗତିବିଧିକୁ ନେଇ ଚିନ୍ତାରେ ରହିବେ । କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ । ଲୋକସମ୍ପର୍କ ବଢ଼ିବ । ହାତେ ମାପି ଚାଖଣ୍ଡେ ଚାଲିବା ଭଲ ।

**ମକର:** ଧାର୍ମିକ ଏବଂ ଆଧ୍ୟାତ୍ମିକ କାର୍ଯ୍ୟରେ ସମୟ ବିତିବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ପେଟଜନିତ ସମସ୍ୟା ହେବାର ଆଶଙ୍କା ରହିଛି । ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ ।

**କୁମ୍ଭ:** ତରବରିଆ ଭାବେ କୌଣସି ନିଷ୍ପତ୍ତି ନିଅନ୍ତୁ ନାହିଁ । ଅଟକି ଥିବା ଅର୍ଥ ଫେରିପାଇବେ । ଅତିଥି ସତ୍କାରରେ ଦିନ ବିତିବ । କର୍ମଚାରୀଙ୍କ ପାଇଁ ଦିନଟି ଭଲ । ଚାକିରିରେ ପଦୋନ୍ନତି ହୋଇପାରେ ।

**ମୀନ:** ପରିବାର ପାଇଁ ସମୟ କାଢ଼ନ୍ତୁ । ବିପଦରେ ପଡ଼ିଥିବା ଲୋକଙ୍କୁ ସାହାଯ୍ୟର ହାତ ବଢ଼ାନ୍ତୁ । କର୍ମକ୍ଷେତ୍ରରେ କାର୍ଯ୍ୟର ଚାପ ବଢ଼ିବ । ପାରିବାରିକ ଜୀବନରେ ଝଡ଼ ସୃଷ୍ଟି ହେବାର ଆଶଙ୍କା ରହିଛି ।


**ADVERTISEMENT FOR ENGAGEMENT OF GUEST FACULTIES FOR MODEL DEGREE COLLEGE, RAYAGADA (GOVT. COLLEGE)**

**Office of the Principal**
**Model Degree College, Rayagada**
At- Amlabhatta, Po.: Penta, Dist- Rayagada (Odisha) Pin.: 765017
Contact No: 7008779251, E-mail- mdcravagada@gmail.com
Website: www. mdcr.ac.in

A walk-in-Interview will be held for the department of Anthropology teaching post in the College on 18. 10.2025 at 10.00 am. The Candidates with 55% mark in PG or equivalent should appear in this interview. All other details will be available in the College website - **www.mdcr.ac.in and in District Ponal of NIC, Rayagada.**

Sd/- Principal
Model Degree College
Rayagada

GOVERNMENTOFODISHA O-900
**OFFICE OF THE SUPERINTENDING ENGINEER, RURAL WORKS DIVISION-II, MALKANGIRI**
E-mail-ruralworksdivisioniimalkangiri@yahoo.in

INVITATION FOR BIDS
**NATIONAL COMPETITIVE BIDDING**

**Bid Identification No: RWDSE_MKG_II_ONLINE_09/2025-26**

The Superintending Engineer, Rural Works Division-II, Malkangiri on behalf of Governor of Odisha invites from bidders of eligible class registered with the State Government and bidders of equivalent Grade / Class registered with Central Government / MES / Railways according to the norm of "e" Procurement system in online mode for the works detailed in the table below on turnkey basis.

1 Name of the Work: : Building Repair works
2 No. of Works : **02Nos**
3 Estimated Cost : **Rs. 2.52 lakhs and Rs. 3.36 Lakhs**
4 Tender Paper Cost : Rs. 2,000/-
5 Class of Contractor :

| Estimated cost up to ₹20.00 lakhs | Estimated cost up to ₹40.00 lakhs | Estimated cost more than ₹20.00 lakhs & within ₹300.00 lakhs |
|---|---|---|
| 'D' | 'C' | 'B' |

6 Period of Completion : 02(Two) Calendar months
7. **Critical dates** :

| Procurement Officer | Bid Identification No. | Availability of Tender Online for Bidding | | Last Date of Seeking tender Clarification | Date of opening of Tender |
|---|---|---|---|---|---|
| | | From | To | | |
| **Superintending Engineer, Rural Works Division-II, Malkangiri** | **RWDSE_MKG_II_ ONLINE_09 of 2025-26** | **17.10.2025 at 11.00AM** | **31.10.2025 up to 05.30PM** | **30.10.2025 up to 3.00 P.M.** | **01.11.2025 up to 11.00 A.M** |

- Further details can be seen in the bidding documents, which is available in thee-procurement portal **https://www.tendersorissa.gov.in.**
- Subsequent corrigendum if required shall be appeared in the web site.
- Authority reserves the right to reject any or all tenders without assigning any reason thereof.

OIPR-25079/11/0032/2526
Superintending Engineer
Rural Works Divsion-II, Malkangiri

ସ୍ୱଚ୍ଛ ଭାରତ ଏକ ପାଦ ସ୍ୱଚ୍ଛତା ଅଭିମୁଖେ

**ଜିଲ୍ଲା ପରିଷଦ,ନୟାଗଡ**
**(ଜିଲ୍ଲା ଜଳ ଓ ପରିମଳ ମିଶନ )**
**ସ୍ୱଚ୍ଛତା ବାର୍ତ୍ତା**

ଶୁଭ ଦୀପାବଳି ଓ ଧନ୍ୱନ୍ତରୀ ଜୟନ୍ତୀ ଉପଲକ୍ଷେ ଜିଲ୍ଲା ଜଳ ଓ ପରିମଳ ମିଶନ, ଜିଲ୍ଲା ପରିଷଦ, ନୟାଗଡ ତରଫରୁ ଜିଲ୍ଲା ବାସୀ ଙ୍କୁ ଶୁଭେଚ୍ଛା ଓ ଶୁଭ କାମନା । ଏହି ଶୁଭ ଅବସରରେ ଆସନ୍ତୁ ଆମେ ସମସ୍ତେ ଆମ ଜିଲ୍ଲାକୁ ପ୍ଲାଷ୍ଟିକ ମୁକ୍ତ କରିବା ପାଇଁ ଶପଥ ନେବା । ଜଳ, ବାୟୁ ଏବଂ ମାଟିକୁ ପ୍ଲାଷ୍ଟିକ ପ୍ରଦୂଷିତ କରିବା ସହିତ ସ୍ୱାସ୍ଥ୍ୟ ଓ ପରିବେଶ ପ୍ରତି କ୍ଷତିକାରକ । ତେଣୁ ଆମେ ନିମ୍ନଲିଖିତ ପଦକ୍ଷେପ ଆପଣାଇବା :-

- ଏକକ ବିଶିଷ୍ଟ ପ୍ଲାଷ୍ଟିକ ବ୍ୟବହାର ବନ୍ଦ କରିବା
- ପ୍ଲାଷ୍ଟିକ ବ୍ୟବହାର କମ କରିବା ଏବଂ ପ୍ଲାଷ୍ଟିକର ପୁନଃ ଚକ୍ରଣ ପଦ୍ଧତି ଆପଣାଇବା ।
- ପ୍ଲାଷ୍ଟିକ ବ୍ୟବହାରର ଅପକାରିତା ଉପରେ ନିଜ ପରିବାରକୁ ସଚେତନ କରେଇବା ସହିତ ଅନ୍ୟମାନଙ୍କୁ ସଚେତନ କରାଇବା ।

ଅଧ୍ୟକ୍ଷ,
ଜିଲ୍ଲା ପରିଷଦ, ନୟାଗଡ

ମୁଖ୍ୟ ଉନ୍ନୟନ ଅଧିକାରୀ ତଥା
କାର୍ଯ୍ୟ ନିର୍ବାହୀ ଅଧିକାରୀ,
ଜିଲ୍ଲା ପରିଷଦ, ନୟାଗଡ

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar CF No- 86 on dated 14-10-2025 I, **SUKANTI BEHERA,** W/o Ramesh Kumar Behera permanent resident of Vill- Badasahara, PO- Badasahara, Baliapata, PS- Fategarh, Dist-Nayagarh, State- Odisha, Pin- 752063, declare that I have changed my son's name from **AMIT KUMAR BEHERA** (Old name) to **BEHERA AMITKUMAR RAMESH** (New name), Henceforth, he shall be known as **BEHERA AMITKUMAR RAMESH** for all future purposes.
Sd-(**SUKANTI BEHERA**)

**AFFIDAVIT**
I, Rajanikantha Puhan, aged about 36 years, S/o-Umakanta Puhan, resident of At-Sudarsanpur, Po- Suan, Ps- Basudebpur, Dist-Bhadrak, Odisha, PIN-756162, declare by this affidavit No. 2091, dtd. 15/10/2025, that now onwards I shall be known as **RAJANIKANTA PUHAN** for all future purposes.

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Niharika Mohanty,** aged about 38 years, W/o.: Rajesh Kumar Das, resident of At: Kunarpur, PO.: Jahangar, P.S./ Dist.: Kendrapara, Odisha, PIN-754208 declare that I have changed my name from Niharika Das to **Niharika Mohanty.** Henceforth, I will be known as **Niharika Mohanty** for all purposes.
Niharika Mohanty

**AFFIDAVIT**
By virtue of an affidavit sworn before in the court of the Executive magistrate, Rairangpur SI No - 4191 on dtd.14/10/2025. I, SARAT CHANDRA KISKU(New name) formerly called as SARAT CH KISKU(Old name), S/O - Late Chandu kisku, at- Chhamudia, PO-Jamukeswar, PIN - 757034, PS-Jashipur, DIST-Mayurbhanj declared that I have changed my name from SARAT CH KISKU(Old name) to SARAT CHANDRA KISKU(New name) .Henceforth in all records, deeds and writing in all proceeding,dealing and transaction private as well as public and upon all occasion I shall be known as (new name)for all purpose.
**SD/- Sarat Chandra Kisku**

**ପୂର୍ବ ତଟ ରେଳପଥ**
ଇ-ଟେଣ୍ଡର ବିଜ୍ଞପ୍ତି ସଂ.ETELCONBBST-375E, ତା.10.10.2025ରିଖ

**କାର୍ଯ୍ୟର ନାମ :** ପୁରୀ ରେଳ ଷ୍ଟେସନ ଠାରେ ବର୍ତ୍ତମାନର ଇଂଜିନ୍ ସ୍ଥାୟୀ ଲାଇନ୍-110 Mର ସମ୍ପ୍ରସାରଣ ଏବଂ Rt.1A-300 M, 1B-300 M ମଧ୍ୟରେ ଗୋଟିଏ ନୂଆ ଆଇଲ୍ୟାଣ୍ଡ ପ୍ଲାଟଫର୍ମର ବ୍ୟବସ୍ଥା ତଥା ପ୍ଲାଟଫର୍ମ ନଂ.2 ରୁ 8 ନିମନ୍ତେ ପୁରୀ ଷ୍ଟେସନ ୟାର୍ଡ଼ ଠାରେ ବାଲାଷ୍ଟ ବିହୀନ ଟ୍ରାକ୍‌ର ନିର୍ମାଣ ସମ୍ବନ୍ଧୀୟ ଇଲେକ୍ଟ୍ରିକାଲ ଜେନେରାଲ କାର୍ଯ୍ୟ ଏବଂ ବନ୍ଧନ(Bonding) କାର୍ଯ୍ୟ ।

**କାର୍ଯ୍ୟର ଆନୁମାନିକ ମୂଲ୍ୟ (ଟଙ୍କାରେ) :** 345.84 ଲକ୍ଷ, EMD (ଟଙ୍କାରେ) : 3,22,900/-, କାର୍ଯ୍ୟ ଶେଷ ହେବା ଅବଧି : 09 ମାସ ।

**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ:** ତା.04.11.2025 ରିଖ 1500 ଘଟିକାରେ ।

ଏହି ଇ-ଟେଣ୍ଡରଗୁଡ଼ିକ ନିମନ୍ତେ ଡାକ/କୋରିୟର/ଫାକ୍ସ ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ । ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ ।

ଉପରୋକ୍ତ ଇ-ଟେଣ୍ଡରର ଇ-ଟେଣ୍ଡର ନଥିପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ । ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 15(ପନ୍ଦର) ଦିନ ପୂର୍ବରୁ ୱେବ୍‌ସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି । ଟେଣ୍ଡରଦାତା/ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ । କେବଳ ପଞ୍ଜୀକୃତ ଟେଣ୍ଡରଦାତା/ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ ।

ଟେଣ୍ଡରଦାତାମାନେ ଟେଣ୍ଡରଦାତାମାନଙ୍କ ନିମନ୍ତେ ଉଦ୍ଦିଷ୍ଟ ସମସ୍ତ ନିର୍ଦ୍ଦେଶାବଳୀକୁ ସତର୍କତାର ସହିତ ପଢ଼ିବା ଉଚିତ ଏବଂ ଚାର୍ଟର୍ଡ଼ ଆକାଉଣ୍ଟାଣ୍ଟଙ୍କ ଦ୍ୱାରା ବିଧିବଦ୍ଧ ଭାବେ ଯାଞ୍ଚ ଏବଂ ସ୍ୱାକ୍ଷର ହୋଇଥିବା ଅନୁଲଗ୍ନକ-B,G ଏବଂ G1ର ଦାଖଲ ସହିତ, ଟେଣ୍ଡର ନଥିପତ୍ର ଖଣ୍ଡ 2 ର ଅନୁଲଗ୍ନକ-I, ଟେଣ୍ଡର ଫର୍ମ (ଦ୍ୱିତୀୟ ସିଟ୍) ର ଯାଞ୍ଚ ସୂଚୀ, ପାରା 3.1 (ଯାଞ୍ଚ ସୂଚୀ) ସହିତ ସମସ୍ତ ନିର୍ଦ୍ଦେଶାବଳୀଗୁଡ଼ିକୁ ଅନୁପାଳନ କରିବା ଆବଶ୍ୟକ ।

ଉପ ମୁଖ୍ୟ ବିଦ୍ୟୁତ୍ ଯନ୍ତ୍ରୀ/ନିର୍ମାଣ-III/ ଭୁବନେଶ୍ୱର
PR-134/CI/25-26

**AFFIDAVIT**
I, Apurba Naik, W/o-late Gura Naik, resident Village-Naranakhunta, Po-Naranakhunta, PS-Badasahi, Dist-Mayurbhanj, Pin-757075, Odisha declare by this Affidavit No-296/2025, dt.10.10.2025, that now onwards, I known as APURBA NAIK for all future purposes.
Apurba Naik

**AFFIDAVIT**
By virtue of an affidavit sworn before Executive Magistrate, Bhubaneswar on Dated: 14.10.2025, **I, Rajesh Kumar Das,** aged about 41 years, S/o.: Sachidananda Das, resident of At: Kunarpur, PO.: Jahangar, P.S./Dist.: Kendrapara, Odisha, PIN-754208 declare that I have changed the name of my son's name Bhabyansh Das to **Bhavyansh Das.** Henceforth, he will be known as **Bhavyansh Das** for all purposes.
Rajesh Kumar Das

**AFFIDAVIT**
I, Bimla Nandi, W/O Late-Ram Chandra Nandi, resident of Chhancha, Ward No.25, Po/Ps-Baripada Town, Dist.-Mayurbhanj, Pin.No.-757001, Odisha, declared by this affidavit No-1043 dtd. 14.10.2025 that now onwards I shall be known as Bimala Nandi (67) for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Ujala Mandal**, aged about 24 years, W/o.:Sarajit Mandal, D/o: Jagjeevan Markam, resident of Village: M.P.V-57, PO.: Malabharam, P.S.: Motu, Dist: Malkangiri, Odisha, declare by this Affidavit No.: 1718/25, Dated: 15.10.2025 that I have changed my name from Ujala Markam to **Ujala Mandal**. Henceforth I shall be known as **Ujala Mandal** for all future purposes.

**AFFIDAVIT**
By virtue of an Affidavit before Notary Public, Malkangiri, I, **Jagadis Sodi**, aged about 31 years, S/o.: Anda Sodi, resident of Village: Orkelguda, PO.: Matapaka, P.S./Dist: Malkangiri, Odisha, declare by this Affidavit No.: 1533/2025, Dated: 14.10.2025 that I have changed my name from Jaga Sodi to **Jagadis Sodi**. Henceforth I shall be known as **Jagadis Sodi** for all future purposes.

**AFFIDAVIT**
By virtue of an affidavit Sl. No. - 6610, dtd.13.10.2025 in the court of the Executive Magistrate, Chandbali, Dist.-Bhadrak, I, Damayanti Rout, have changed my minor daughter's name from Tallisohni Rout to Tejoswoni Rout. Henceforth she will be known as Tejoswoni Rout for all purposes.
**Sd/- Damayanti Rout**

**AFFIDAVIT**
By virtue of an affidavit before Notary Public, Bhubaneswar, Affidavit No. 357 on dated 15.10.2025. I, Renubala Mishra, D/o-Sitaram Nayak, Resident of Flat No. E-403, 4th Floor, Baishnab Vihar, Phase-2, Near Durga Mandap, Bomikhal, Plot No- 220/ 3175, Po- Bhubaneswari Colony, Ps-Mancheswar, Bhubaneswar – 751006, Dist-Khordha, Odisha, I have change my name from Renu Mishra to Renubala Mishra. I shall be known as **RENUBALA MISHRA** for all future purposes.

**AFFIDAVIT**
I, Ruby Singh, W/o- Sanjib Singh, Resident of Plot No-201/9, Road No- 8, Unit-9, Po- Bhoinagar, Ps-Kharvela Nagar, Dist-Khordha, Odisha, PIN-751022 declares by this affidavit No.962 dated 14.10.2025 that now onwards I shall be known as **RUBI SINGH** for all future purposes.

**AFFIDAVIT**
By virtue of an affidavit No- 4338 sworn before Notary Public Swampatna, Keonjhar on dtd-15/10/2025. I, **Rosan Kumar Sahu,** S/o Rahas Bihari Sahu, resident of At/Po- Kapundi, Ps- Patna, Dist-Keonjhar, Odisha I am the deponent I have changed my son's name from **Omm Sahu,** S/o Roshan Sahu to **Omm Prakash Sahu,** S/o Rosan kumar Sahu. Both the names are of one and same person. Henceforth my above son shall be known as **Omm Prakash Sahu,** S/o- Rosan Kumar Sahu in all purposes in future.
**Rosan Kumar Sahu**

**AFFIDAVIT**
I, Pitambar Padhy, aged about 48 years, S/o-Adikanda Padhy, resident of Plot No. AA-107, Subhadra Appartment, Patia, Bhubaneswar, Khordha, Odisha, PIN-751024 declared by this affidavit CF No. 62, dtd-10/10/2025 that now onwards I shall be known as **PEETAMBAR PADHY** for all future purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Shyama Dakua, Father of Kartika Dakua, resident of AT -Plot No -5545/9698, Kanyabeda Kandasar, Nalco Nagar, Dist - Angul, Pin-759145, declare by this affidavit No - 34246, dated - 15.10.2025, that now onwards I shall be known as **SHYAM DAKUA** for all future purposes.

**AFFIDAVIT**
By virtue of an affidavit before the Notary Public, Titilagarh, on dated-14/10/2025. I, **Pichharu Bag** (applicant name), S/o Ratnakara Bag, permanent resident of AT/PO- Ridgol, PS- Titilagarh, Dist- Balangir, (Odisha), PIN- 767033 now residing at the same place declare that I have changed my minor son's name from **Rusan Bag** (old name) to **Roshan Bag** (new name). Henceforth in all records, deeds and writing in all proceeding, dealing and transaction private as well as public and upon all occasion he shall be known as **Roshan Bag** (new name) for all purposes.
**Pichharu Bag**

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, vide CF No. 57, dated-15/10/2025, I, **A. Kumar,** S/o A. Ghanashyam, Address: Godarapalli, Po- Durbandha, Ps- Hinjilicut, Dist- Ganjam, PIN-761101, Odisha declare that I have changed my minor son's name from **Ala Kalap** to **Ala Jashank**. Henceforth, he shall be known as **Ala Jashank** (new name) for all future purposes.
**A. Kumar**

**AFFIDAVIT**
I, Phulamani Murmu (Aadhaar No: 7751 7613 7758) D/o- Sridhar Soren, residing at At- Debala, Po-Gadigan, Ps- Khunta, Dist-Mayurbhanj, Odisha, Pin-757087, have changed my name to **Phulamani Soren** by an Affidavit sworn before the Executive Magistrate, Baripada on 14.10.2025. Henceforth, I shall be known as **PHULAMANI SOREN** for all future purposes.
**PHULAMANI SOREN**

**AFFIDAVIT**
By virtue of an affidavit no-3281 sworn before the Executive Magistrate, Kujang on dtd- 13/10/2025, I **Siba Narayan Das,** S/o- Late Anam Charan Das, resident of At- Dardia, Po-Potanai, Ps- Tritol, Dist-Jagatsinghpur, Pin-754140, Odisha, My Aadhar Card bearing No- 8059 1857 0097. I have changed my name from **Shiba Narayan Das** (old name) to **Siba Narayan Das** (new name). Henceforth both name **Shiba Narayan Das** and **Siba Narayan Das** is one & same person he will be known as **Siba Narayan Das** for all future purposes.
**Siba Narayan Das**

**AFFIDAVIT**
By virtue of an affidavit sworn before The Notary Public, Bhubaneswar dated 09.10.2025, I Bishnu Charan Nayak, S/o- Basudev Nayak permanent resident of At: O.S.E.B colony School Campus Gridco Colony, Bhoi Nagar Bhubaneswar, Dist- Khordha, Odisha – 751022 declare that I have changed my Son's Name from Punya Sankalp Nayak to Purnya Sankalp Nayak, he shall be known as Purnya Sankalp Nayak for all purposes.
**SD/- Bishnu Kumar Nayak**

ସକାଳ THE SAKALA



www.sakalaepaper.com

# ବିକଶିତ ଭାରତ ଗଠନରେ ଛାତ୍ରଙ୍କ ଭୂମିକା ମହତ୍ୱପୂର୍ଣ୍ଣ



ମନମୁଣ୍ଡା,୧୪ ।୧୦(ସମିସ): କଣ୍ଟାମାଳ ବ୍ଲକ ଖଟଖଟିଆ ଉପା ବିଦ୍ୟାଳୟଠାରେ ମିସାଇଲ ମ୍ୟାନ ତଥା ପୂର୍ବତନ ରାଷ୍ଟ୍ରପତି ଅବଦୁଲ କାଲାମଙ୍କ ଜନ୍ମଦିନ ପାଳିତ ହୋଇଛି । ବିକଶିତ ଭାରତ ଗଠନରେ ଛାତ୍ରଙ୍କ ଭୂମିକା ମହତ୍ୱପୂର୍ଣ୍ଣ ବୋଲି ଏଥିରେ ମତ ପ୍ରକାଶ ପାଇଛି । ଶିକ୍ଷକ ରଂଜୁ ଅମାତଙ୍କ ଆବାହକତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା । ଏଥିରେ ଶିକ୍ଷକ ସମୀର ପ୍ରଧାନ ଅଧ୍ୟକ୍ଷତା କରିଥିଲେ । କ୍ଲଷ୍ଟର ସିଆରସିସି ଦେବ ସାହୁ, ସୁଶୀଲ ପ୍ରଧାନ ଅତିଥି ଭାବେ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସୁରେନ୍ଦ୍ର କର୍ଣ୍ଣ, ଦୀପ୍ତିମୟୀ ବୈଠାରୁ, ସ୍ନେହାପ୍ରଭା ମହାପାତ୍ର, ନୃପମଣି ମହାଲିକ, ଶୈଳେନ୍ଦ୍ର ବସ୍ତିଆ ପ୍ରମୁଖ ଉପସ୍ଥିତ ଥିଲେ । ଛାତ୍ରୀ ଶ୍ରେୟରଣୀ ପାଢ଼ୀ, ଗାୟତ୍ରୀ ବାରିକ, ପୂର୍ଣ୍ଣିମା ମଟାରି, ଅଜିତ ନାଏକ, ରୀତିକ ବସ୍ତିଆ ସେମାନଙ୍କ ଛାତ୍ର ସମୟର କଥାକୁ ଆଲୋକପାତ କରିଥିଲେ । ଛାତ୍ର ଦୁର୍ବାଦଳ ଅମାତ ଧନ୍ୟବାଦ ଅର୍ପଣ କରିଥିଲେ ।

**ଅନ୍ଧାରରେ ଅନ୍ଧାରୀମୂଳକ ଗାଁ ସବେରୀ**

# ସଞ୍ଜ ନଇଁଲେ ଡିବିରି ଆଲୁଅ ଭରସା

ହରଭଙ୍ଗା,୧୫ ।୧୦(ସମିସ)

ଦେଶ ସ୍ୱାଧୀନତାକୁ ୭୮ ବର୍ଷ ଚାଲିଛି; ହେଲେ ଏବେ ବି ଅନେକ ଦୁର୍ଗମ ଗାଁକୁ ରାସ୍ତା, ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ବିଜୁଳି ଭଳି ମୌଳିକ ସୁବିଧା ପହଞ୍ଚି ପାରିନି। ଲୋକେ ବର୍ଷ ବର୍ଷ ଧରି ଡିବିରି ଆଲୁଅରେ ଜୀବନ କାଟୁଛନ୍ତି। କିରାସନ ମିଳୁନି। ଏଣୁ ଡିଜେଲରେ ଡିବିରି ଜାଳିବାକୁ ବାଧ ହେଉଛନ୍ତି। ବୌଦ୍ଧ ଜିଲ୍ଲାର ହରଭଙ୍ଗା ବ୍ଲକ ଆଦିବାସୀ ପ୍ରବଣ ଆଡେଣିଗଡ ପଞ୍ଚାୟତର ୧୨ନମ୍ବର ଓାର୍ଡ ଅଧୀନ ସବେରୀ, ଆଡାପାଙ୍କୁ, ବାଲେଜୁ, ମାଣ୍ଡାଲି, ର-ସାହି ଏବଂ ଛତ୍ରପଡା



ଭଳି ୬ଟି ଆଦିବାସୀ ବହୁଳ ଗାଁରେ ଏଭଳି ଏକ ଚିତ୍ର ଦେଖିବାକୁ ମିଳିଛି। ଆଜି ବି ଏହି ୬ଟି ଗାଁ ଲୋକଙ୍କ ପାଇଁ ବିଜୁଳି ସାତସପନ ହୋ ରହିଛି। ସନ୍ଧ୍ୟା ହେଲେ ଡିବିରି ଆଲୁଅ

**ଜିଲ୍ଲାପାଳଙ୍କ ଗସ୍ତର ୮ ମାସ ପରେ ବି ମିଳୁନି ବିଜୁଳି ସୁବିଧା**

**କିରାସିନ ମିଳୁନି, ଡିଜେଲରେ ଡିବିରି ଜାଳିବାକୁ ପଡୁଛି**

ଉପରେ ଲୋକେ ନିର୍ଭର କରୁଛନ୍ତି। ତେବେ ଏ ନେଇ ସୋମବାର ହରଭଙ୍ଗା ବ୍ଲକରେ ଅନୁଷ୍ଠିତ ଜିଲ୍ଲାପାଳଙ୍କ ଜନ ଶୁଣାଣି କାର୍ଯ୍ୟକ୍ରମରେ ଗ୍ରାମବାସୀ ବିଜୁଳି ସଂଯୋଗ ପାଇଁ ଏକ ଅଭିଯୋଗ ପତ୍ର ଦେଇଛନ୍ତି। ଗ୍ରାମବାସୀଙ୍କ କହିବା ଅନୁସାରେ ବିଜୁଳି ନ ଥିବାରୁ ଚାଷବାସ, ପାଠପଢାରେ ବ୍ୟାଘାତ ସୃଷ୍ଟି ହେଉଛି। ମୋବାଇଲ ଚାର୍ଜ କରିପାରୁନାହାଁ। ଟିଭି ଦେଖି ନ ପାରିବାରୁ ବାହାର ଦୁନିଆ କଥା ମଧ୍ୟ ଜାଣିପାରୁନାହାଁ। ଗତ ଫେବୃୟାରୀରେ ତତ୍କାଳୀନ ବୌଦ୍ଧ ଜିଲ୍ଲାପାଳ ସୁବ୍ରତ ପଣ୍ଡା ଘାଟି, ପାହାଡିଆ ରାସ୍ତାରେ ଦୀର୍ଘ ୬ କିମି ଚାଲି ଚାଲି ଗାଁରେ ପହଞ୍ଚି ଲୋକଙ୍କ ସମସ୍ୟା ବୁଝିଥିଲେ। ରାସ୍ତା, ପାନୀୟ ଜଳ, ଶିକ୍ଷା, ସ୍ୱାସ୍ଥ୍ୟ ଏବଂ ବିଜୁଳି ଭଳି ମୌଳିକ ସମସ୍ୟା ଦୂର ପାଇଁ ପ୍ରତିଶ୍ରୁତି ଦେଇଥିଲେ। ଏହା ସହିତ ଗାଁରେ ପାଣି ସମସ୍ୟା ଦୂର ପାଇଁ କୂଅ ଖନନ ପାଇଁ ଜିଲ୍ଲାପାଳଙ୍କଠାରୁ ପ୍ରତିଶ୍ରୁତି ମିଳିଥିଲା। ଜିଲ୍ଲାପାଳଙ୍କ ଗସ୍ତର ୮ ମାସ ପରେ କେବଳ ରାସ୍ତା ନିର୍ମାଣ ହୋଇଛି। ବିଜୁଳି, ପାନୀୟ ଜଳ ଇତ୍ୟାଦି ୬ଖଣ୍ଡ ଗ୍ରାମବାସୀଙ୍କ ପାଇଁ ସାତ ସପନ ହୋଇ ରହିଛି। ତୁରନ୍ତ ଗାଁକୁ ବିଜୁଳି ସଂଯୋଗ ସହିତ ପାନୀୟ ଜଳ ସମସ୍ୟା ଦୂର ପାଇଁ ଗ୍ରାମର ପଙ୍କଜ ମଲ୍ଲିକ, ଅର୍ଜୁନ ମଲ୍ଲିକ, କୃଷ୍ଣଚନ୍ଦ୍ର କହଁର, ସୁବ୍ରତ ମଲ୍ଲିକ, ପ୍ରକାଶ ମଲ୍ଲିକ, ସୁଚିତ ମଲ୍ଲିକ, ଲବ ମଲ୍ଲିକ, ଚୈତନ୍ୟ ମଲ୍ଲିକ, ଧନଞ୍ଜୟକହଁରପ୍ରମୁଖଦାବିକରିଛନ୍ତି।

**ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ**

# ପଶ୍ଚିମବଙ୍ଗକୁ ହରାଇ ସେମିରେ ବ୍ରହ୍ମଗିରି

ବୀରମହାରାଜପୁର,୧୫ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ୍ ଅଧୀନ ଉଫୁଲା ପଞ୍ଚାୟତର ପଣ୍ଡିଆପାଲି ଗ୍ରାମର ଖେଳପଡ଼ିଆରେ ହେଉଥିବା ୧୬ତମ ସହିଦ ବିଭୀଷଣ ସାହୁ ସ୍ମାରକୀ କ୍ରିକେଟ ଟୁର୍ଣ୍ଣାମେଣ୍ଟର ବୁଧବାର ଥିଲା ଦ୍ୱିତୀୟ ଦିବସ । ବୁଧବାର ତିନୋଟି ମ୍ୟାଚ୍ ଖେଳାଯାଇଥିଲା । ପ୍ରଥମ ମ୍ୟାଚ ଟି ବ୍ରହ୍ମଗିରି ଏକାଦଶ ଓ ଶ୍ରୀରାମ-୧୧ ବୌଦ୍ଧ ମଧ୍ୟରେ ହୋଇଥିଲା । ଏଥିରେ ବ୍ରହ୍ମଗିରି ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୬ ଉଇକେଟ ହରାଇ ୧୧୬ ରନ୍ କରିଥିଲା । ଜବାବରେ ବୌଦ୍ଧ ଦଳ ନିର୍ଦ୍ଧାରିତ ୧୦ ଓଭର ରେ ୨ଟି ଉଇକେଟ ହରାଇ ୮୦ ରନ କରି ପରାସ୍ତ ହୋଇଥିଲା । ଏହି ମ୍ୟାଚ୍‌ରେ ବ୍ରହ୍ମଗିରିର ଅମିତ ତ୍ରୀପାଠୀଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ଦ୍ୱିତୀୟ ମ୍ୟାଚ୍ ଟି ସୁହାନି -୧୧ ୱେଷ୍ଟବେଙ୍ଗଲ ଓ ଏମଡିସିସି ସମ୍ବଲପୁର ମଧ୍ୟରେ ହୋଇଥିଲା । ଏଥିରେ ୱେଷ୍ଟବେଙ୍ଗଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ରେ ୭ ଉଇକେଟ ହରାଇ ୧୧୩ ରନ କରିଥିଲା । ଜବାବରେ ସମ୍ବଲପୁର ନିର୍ଦ୍ଧାରିତ ୧୦ ଓଭର ରେ ୪ ଉଇକେଟ ହରାଇ ୯ ୯ ରନ କରି ପରାସ୍ତ ହୋଇଥିଲା । ଏହି ମ୍ୟାଚ



ପାଇଁ ୱେଷ୍ଟବେଙ୍ଗଲ ର ରାକେଶ ଜେନା ଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରାଯାଇଥିଲା । ତୃତୀୟ ମ୍ୟାଚ ଟି ପ୍ରଥମ ମ୍ୟାଚର ବିଜେତା ବ୍ରହ୍ମଗିରୀ ଓ ଦ୍ୱିତୀୟ ମ୍ୟାଚ ର ବିଜେତା ୱେଷ୍ଟବେଙ୍ଗଲ ମଧ୍ୟରେ ଖେଳା ଯାଇଥିଲା । ଏଥିରେ ୱେଷ୍ଟବେଙ୍ଗଲ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୫ ଉଇକେଟ ହରାଇ ୬୭ ରନ୍ କରିଥିଲା । ଜବାବରେ ବ୍ରହ୍ମଗିରି ଦଳ ନିର୍ଦ୍ଧାରିତ ୭ ଓଭରରେ ୮ ଉଇକେଟ ହରାଇ ଆବଶ୍ୟକୀୟ ୬୮ ରନ ସଂଗ୍ରହ କରି ବିଜୟୀ ହୋଇ ଦ୍ୱିତୀୟ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି । ଲକ୍ଷ୍ମଣ ବେହେରାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ପୁରସ୍କାର ବିତରଣୀ ଉତ୍ସବରେ କ୍ରୀଡ଼ାବିତ ଗିରିଶ ବେହେରା, ଶିବ ପଧାନ, ସୁଧୀର ଗଡ଼ନାୟକ ପ୍ରମୁଖ ଅତିଥି ଭାବେ ଯୋଗଦେଇ ବ୍ରହ୍ମଗିରି ଦଳର ଲୋକନାଥ ମିଶ୍ରଙ୍କୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ କରିଥିଲେ । ମ୍ୟାଚ୍‌ଗୁଡିକରେ ଜିତେଶ ବେହେରା ଓ ଜ୍ଞାନରଞ୍ଜନ ସ୍ୱାଇଁ ଅମ୍ପାୟାର, ହେମନ୍ତ ବେହେରା ଓ ସନାତନ ବେହେରା ସ୍କୋରର କାର୍ଯ୍ୟ ତୁଲାଇଥିବା ବେଳେ ବୁଦ୍ଧଦେବ ମହାପାତ୍ର ଧାରାବିବରଣୀ ପ୍ରଦାନ କରିଥିଲେ ।

# ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ

ହରଭଙ୍ଗା,୧୫ ।୧୦(ସମିସ): ହରଭଙ୍ଗା ବ୍ଲକ୍ ବାମଣ୍ଡା ଆଦର୍ଶ ସ୍ନାତକ ମହାବିଦ୍ୟାଳୟରେ ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି । କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ସହକାରୀ ଶିକ୍ଷା ଅଧିକାରୀ ଚନ୍ଦ୍ରମଣି ବାରିକ, ସମ୍ମାନିତ ଅତିଥି ଭାବେ ଶିଶୁ ବିକାଶ ସୁପରଭାଇଜର ରଂଜିତା ସେଠି ଯୋଗ ଦେଇଥିଲେ । ଅନ୍ୟତମ ଅତିଥି ଭାବେ ବିଶ୍ୱ ଯୁବ କେନ୍ଦ୍ରର ସଭାପତି ବସନ୍ତ ପ୍ରଧାନ ଉପସ୍ଥିତ ଥିଲେ । ଅନୁଗୁଳର ସଂଯୋଜକ ପୂଜା ସ୍ୱାଇଁ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ବିଷୟରେ ଅବଗତ କରାଇଥିଲେ । ଶେଷରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ନେଇ ବାଲ୍ୟ ବିବାହ ନିରାକରଣ ପାଇଁ ଶପଥ ପାଠ କରାଯାଇଥିଲା । ବିଶ୍ୱ ଯୁବକେନ୍ଦ୍ରର ବୌଦ୍ଧ ଜିଲ୍ଲାର ସଂଯାଜକ ବିଜୟ ସାହୁ, କାଉନସିଲର ପୁନିଆ ସାହୁ ଓ ପ୍ରକଳ୍ପ ସହଯୋଗୀ ପ୍ରିୟରଞ୍ଜନ ପ୍ରତାପ ସିଂ ସହଯୋଗ କରିଥିଲେ ।



# କୁଷ୍ଠରୋଗ ନିରାକରଣ ସଚେତନତା କାର୍ଯ୍ୟକ୍ରମ



ବୀରମହାରାଜପୁର,୧୫ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ ଅମରପାଲି ହାଇସ୍କୁଲରେ ବୁଧବାର କୁଷ୍ଠ ରୋଗର ନିରାକରଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ପ୍ରଧାନଶିକ୍ଷକ ଉମେଶଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଚେତନତା କାର୍ଯ୍ୟକ୍ରମରେ ବୀରମହାରାଜପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବିଏନ୍ଏଲଡବ୍ଲୁ ଜଗଦୀଶ ମେହେର, ମହିଳା ସ୍ୱାସ୍ଥ୍ୟ କର୍ମୀ ତାରାମଣି ନାଏକ, ଯଶୋବନ୍ତୀ ପ୍ରଧାନ, ଆଶାକର୍ମୀ ପୁଷ୍ପାଞ୍ଜଳି ପତି, ଅଙ୍ଗନବାଡ଼ି କର୍ମୀ ମାଳତୀ କୁମ୍ଭାର ପ୍ରମୁଖ ଯୋଗଦେଇ ଥିଲେ । କୁଷ୍ଠରୋଗ ଏକ ଡିଆଁ ରାଗ ନୁହେଁ, ତେଣୁ କୁଷ୍ଠ ରୋଗୀଙ୍କୁ ଘୃଣା ନ କରି ତାଙ୍କର ଯତ୍ନ ଓ ସେବା କଲେ ଏହି ରୋଗକୁ ସମୁଳେ ନିଶ୍ଚିହ୍ନ କରିହେବ । ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷକ ସମ୍ବିତ ପ୍ରଧାନ, ପଦ୍ମନାଭ ପ୍ରଧାନ, କହ୍ନେଇ ଚରଣ ପ୍ରଧାନ, ପୀତାମ୍ବର ସାହୁ ପ୍ରମୁଖ ଯୋଗଦେଇଥିଲେ ।

# ଡିମିରିମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ହାତଧୁଆ ଦିବସ



କଣ୍ଟାମାଳ/ଶଗଡ଼ା,୧୪ ।୧୦(ସମିସ): ବୌଦ୍ଧ ଜିଲ୍ଲାର କଣ୍ଟାମାଳ ବ୍ଲକର ଡିମିରି ମୁଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବିଶ୍ୱ ହାତ ଧୁଆ ଦିବସ ପାଳନ ହୋଇଯାଇଛି । ଏହି ଅବସରରେ ଡିମିରିମୁଣ୍ଡା ଗ୍ରାମରେ ଅବସ୍ଥିତ ସରକାରୀ ବିଦ୍ୟାଳୟରେ ସମସ୍ତ ଛାତ୍ରଛାତ୍ରୀ ମଧ୍ୟାହ୍ନ ଭୋଜନ ଖାଇବା ଆଗରୁ ଓ ପରେ ୬ଟି ପ୍ରକାରରେ ହାତ ସଫା କରିଥିଲେ । ଏହି ହାତଧୁଆ କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରଦୀପ ତରିଆ ଓ ସହକାରୀ ଶିକ୍ଷକ ସୌମ୍ୟରଞ୍ଜନ ଦାନୀଙ୍କ ସମେତ ସ୍କୁଲର ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀଙ୍କୁ ସହଯୋଗ କରିଥିଲେ ।

**● ମନମୁଣ୍ଡା-ଶଗଡ଼ା ରାସ୍ତାରେ ମାଡ଼ିଗଲାଣି ଅନାବନା ଗଛ**

# ସବୁ ଦେଖି ମଧ୍ୟ ଆଖି ବୁଜି ଦେଇଛି ପୂର୍ତ୍ତ ବିଭାଗ

ଶଗଡା,୧୫ ।୧୦ (ସମିସ): ରାସ୍ତା କଡରେ ଥିବା ଅନାବନା ଗଛଲତା ପାଇଁ ଦୁର୍ଘଟଣା ଘଟୁଛି । ମନମୁଣ୍ଡା-ଶଗଡା ପୂର୍ତ୍ତ ବିଭାଗ ରାସ୍ତାର ଉଭୟ ପାର୍ଶ୍ୱରେ ଅନେକ ଅନାବନା ଗଛଲତା ହେତୁ ଅନେକ ଦୁର୍ଘଟଣା ଘଟୁଛି । ଏହି ରାସ୍ତାର ଅନେକ ଜାଗାରେ ବୁଲାଣି ରହିଛି । ରାସ୍ତା କଡରେ ଅନାବନା ଗଛଲତା ଢାଙ୍କି ହୋଇ ରହିଥିବାରୁ ରାସ୍ତା ଦୃଶ୍ୟମାନ ହେଉନାହିଁ । ଏହା ଫଳରେ ବୁଲାଣିରେ ଆଗରୁ ଆସୁଥିବା ଗାଡି ଦେଖା ଯାଉନି । ଏଣୁ ଦୁର୍ଘଟଣା ଘଟୁଛି । ଦୁର୍ଘଟଣାରେ ଅନେକ କ୍ଷୟକ୍ଷତି ହେଉଛି । ଅନେକ ଜୀବନ ମଧ୍ୟ ଚାଲି ଯାଉଛି । ଏସବୁ ଦେଖି ମଧ୍ୟ ପୂର୍ତ୍ତ ବିଭାଗ ଆଖି ବୁଜି ଦେଇଛି । ଆଉ କେତେ



ଦୁର୍ଘଟଣା ଘଟିଲେ, କେତେ ଧନ ଜୀବନ ନଷ୍ଟ ହେଲେ ପୂର୍ତ୍ତ ବିଭାଗ ରାସ୍ତା କଡ଼ରୁ ଏହି ଅନାବନା ଗଛ ସଫା କରିବ ବୋଲି ଲୋକଙ୍କ ଭିତରେ ପ୍ରଶ୍ନ ସୃଷ୍ଟି ହୋଇଛି ।

ପୂର୍ତ୍ତ ବିଭାଗ ଅଧିକାରୀ ସରକାରୀ ରାଜକୋଷରୁ ଦରମା ନେଇ ଅଏସ ଆରାମ କରୁଛନ୍ତି; ହେଲେ ନିଜର ଦାୟିତ୍ୱ ତଥା କର୍ତ୍ତବ୍ୟ ଠିକ ଭାବେ ସମ୍ପାଦନ କରୁ ନାହାନ୍ତି ବୋଲି ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି ।

# ମାୟାବର୍ହା ହାଇସ୍କୁଲରେ ବିଶ୍ୱ ହାତଧୁଆ ଦିବସ

ଡୁଙ୍ଗୁରିପାଲି,୧୫ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ୍ ଅଧୀନ ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ମାୟାବର୍ହାଠାରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଡ. ରବିଚନ୍ଦ୍ର ପଶାୟତଙ୍କ ସଭାପତିତ୍ୱରେ ବିଶ୍ୱ ହାତଧୁଆ ଦିବସ ପାଳିତ ହୋଇଯାଇଛି । ବରିଷ୍ଠ ଶିକ୍ଷକ ଦୀନବନ୍ଧୁ ପ୍ରଧାନ କାର୍ଯ୍ୟକ୍ରମକୁ ସଂଯୋଜନା କରିବା ସହ ସୁସ୍ଥ ଜୀବନ ଯାପନ ପାଇଁ ହାତ ଧୋଇବାର ଗୁରୁତ୍ୱ ବିଷୟରେ ଧାରଣା ଦେଇଥିଲେ । ମାୟାବର୍ହା ଉପସ୍ୱାସ୍ଥ୍ୟ କେନ୍ଦ୍ର ତଥା ଆୟୁଷ୍ମାନ ଆରୋଗ୍ୟ ମନ୍ଦିରର ସ୍ୱାସ୍ଥ୍ୟ ଅଧିକାରୀ ପୌରବୀ କର୍ମୀ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ଥିଲେ । ଜୁନିଅର ରେଡକ୍ରସ କାଉନସିଲର ରାଜୁ ମେହେର ହାତ ଧୋଇବାର ବିଭିନ୍ନ ସୋପାନ ପ୍ରଦର୍ଶନ କରିଥିଲେ । ବିଦ୍ୟାଳୟର ସ୍କାଉଟ ଛାତ୍ର ଓ ଜୁନିଅର ରେଡକ୍ରସ ଛାତ୍ରୀମାନେ ସୋପାନ ଅନୁସାରେ ହାତ ଧୋଇବା ଅଭ୍ୟାସ କରିଥିଲେ । ସ୍କାଉଟ୍‌ମାଷ୍ଟର ଚିନ୍ମୟ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।




**ବିଭିନ୍ନ ସ୍ଥାନରେ 'ସୁରଭି' କାର୍ଯ୍ୟକ୍ରମ**

# ପିଲାଙ୍କ ଅନ୍ତର୍ନିହିତ ଗୁଣାବଳୀର ପରିଚୟ ଦେଉଛି 'ସୁରଭି'



ବୌଦ୍ଧ,୧୪ ।୧୦(ସମିସ)

ବୌଦ୍ଧ ଜିଲ୍ଲାର ବିଭିନ୍ନ ସ୍ଥାନରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହିକ୍ରମରେ ବୌଦ୍ଧ ବ୍ଲକ ପଦ୍ମନପୁର ପଞ୍ଚାୟତ ମକୁନ୍ଦପୁର ନୋଡାଲ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ନାରାୟଣ ନଗର କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିଲାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀ ପ୍ରଦର୍ଶନର ମାଧ୍ୟମ ହେଉଛି ସୁରଭି । କେବଳ ପୁରସ୍କାର ପାଇଁ ନୁହେଁ; ବରଂ ଏଭଳି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ବଡ଼ କଥା ବୋଲି ଏଥିରେ ମତ ପ୍ରକାଶ ପାଇଛି ।

ଏଥିରେ ମୁଖ୍ୟ ଅତିଥି ଭାବେ ଏବିଇଓ କମଳାକାନ୍ତ ଦଳବେହେରା, ସମ୍ମାନିତ ଅତିଥି ଭାବେ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ଖମାରୀ, ଜଗତି ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ଦେହୁରୀ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହା ପରେ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଅପରାହ୍ନରେ ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଲକ୍ଷ୍ମୀପ୍ରସାଦ ସରପଞ୍ଚ ଭାରତୀ ପୁରୋହିତ, ସମ୍ମାନିତ ଅତିଥି ଭାବେ ପୂର୍ବତନ ବୌଦ୍ଧ ବ୍ଲକ ଉପାଧ୍ୟକ୍ଷ ମନରଞ୍ଜନ ପୁରୋହିତ, ଅବସରପ୍ରାପ୍ତ ଶିକ୍ଷକ ସହଦେବ ବାରିକ ଯୋଗ ଦେଇଥିଲେ । ପ୍ରଧାନ ଶିକ୍ଷକ ଚୌଧୁରୀ ସେଠି ଅଧ୍ୟକ୍ଷତା କରିଥିବା ବେଳେ ସିଆରସିସି ସନ୍ତୋଷ ଶତପଥୀ ମଞ୍ଚ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର କରଡ଼ିଆ, ଶିକ୍ଷୟିତ୍ରୀ ପ୍ରମୋଦିନୀ ଦାସ, ପଦ୍ମିନୀ ବେହେରା, ସୁମିତ୍ରା ନାଏକ, ସ୍ମରଜିତ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ । ଏହି କ୍ଲଷ୍ଟର ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ବୁରାକଟା ପ୍ରାଥମିକ ବିଦ୍ୟାଳୟ, ଦୋମୋଦୋରପୁର ପ୍ରାଥମିକ ବିଦ୍ୟାଳୟ, ବୁଢୀପଡର ପ୍ରାଥମିକ ବିଦ୍ୟାଳୟ, କୌଡିଆତୋଳା ପ୍ରାଥମିକ ବିଦ୍ୟାଳୟ, ଲକ୍ଷ୍ମୀପ୍ରସାଦ ପିୟୁପିଏସ, ପଦ୍ମନପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ, ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟ, ଜଗତି ଉଚ୍ଚ ବିଦ୍ୟାଳୟ, ପୂର୍ଣ୍ଣଚନ୍ଦ୍ର ଉଚ୍ଚ ବିଦ୍ୟାଳୟ, ଗୁଡ଼ିଆଳି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ୨୨୦ ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ । ଶେଷରେ ଅତିଥିମାନଙ୍କ ଦ୍ୱାରା କୃତୀ ଛାତ୍ର ଛାତ୍ରୀଙ୍କୁ ପ୍ରଶଂସାପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।

ଖଲିଆବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟଠାରେ ବୌଦ୍ଧ ସହର କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି । ଉଦଘାଟନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ କାଦମ୍ବିନୀ ବିଶ୍ୱାଳ, ସମ୍ମାନୀତ ଅତିଥି ଭାବେ ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ରଂଜିତ ରାଉତ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ । ବୌଦ୍ଧ ସହର କ୍ଲଷ୍ଟରର ସିଆରସିସି ସତ୍ୟ ନାରାୟଣ ସାହୁଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯକ୍ରମରେ ଚିତ୍ରାଙ୍କନ, ଶିଳ୍ପ କଳା, ନୃତ୍ୟ ଓ ସଂଗୀତ, ବକ୍ତୃତା, ସୃଜନଶୀଳତା, କୁଇଜ୍, ରଚନା ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ବିଭିନ୍ନ ପ୍ରତିଯୋଗିତା ଆୟୋଜନରେ ଖଲିଆ ବଗିଚା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୋନାଲି ପୁରୋହିତଙ୍କ ସମେତ କ୍ଲଷ୍ଟର ଅଧୀନ ସମସ୍ତ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ ।

ବୌଦ୍ଧ ବ୍ଲକ ବହିରା କ୍ଲଷ୍ଟରର ସୁରଭି -୨୦୨୫ କାର୍ଯ୍ୟକ୍ରମ ପୁରୁଣାବହିରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସିଆରସିସି ତୋଷଣ ମହାକୁଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ସୁରଭି କାର୍ଯ୍ୟକ୍ରମର ଉଦ୍‌ଘାଟନୀ ସଭାରେ ଅତିଥି ଭାବେ ବହିରା ସରକାରୀ ଉପ୍ରା ବିଦ୍ୟାଳୟର ପ୍ରଧାନଶିକ୍ଷକ ଗଣ୍ଡରାମ ସାହୁ, ହାଇସ୍କୁଲ ଶିକ୍ଷକ ଦେଶବନ୍ଧୁ ମହାକୁଳ, କୃଷ୍ଣଚନ୍ଦ୍ର ମିଶଙ୍କ ସମେତ କ୍ଲଷ୍ଟର ଅଧୀନ ବିଭିନ୍ନ ସ୍କୁଲର



ପ୍ରଧାନଶିକ୍ଷକ ଶାନ୍ତନୁ ମିର୍ଦ୍ଧା, ପ୍ରକାଶ ମେହେର, ଶିରୀଶ ଗାଇଗୋରିଆ, ଲିଙ୍ଗରାଜ ମହାକୁଳ, ପ୍ରମୋଦ ପୁରୋହିତ, ଲାଲମଣି ଖଟୁଆ, ପ୍ରଦୀପ ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ । ସହକାରୀ ଶିକ୍ଷକ ହିମାଂଶୁ ଶେଖର ବିଶି, ବିଶ୍ୱମୋହନ ନାୟକ, ମର୍ଦ୍ଦରାଜ କର୍ମୀ, ବୀରମିତ୍ର ପୁରୋହିତ, ଖିରୋଦ ବେହେରା, ବାବୁଲା ବଘାର, ବବିତା ଭୋଇ ପ୍ରମୁଖ ସହଯୋଗ କରିଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ୧୨ଟି ବିଦ୍ୟାଳୟରୁ ୧୭୦ ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ ।

ବୌଦ୍ଧ ବ୍ଲକ୍ ମୁଣ୍ଡାପଡା କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୫ ସ୍ଥାନୀୟ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କମିରାଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ୧୪ ଟି ବିଦ୍ୟାଳୟର ପ୍ରଥମ ଶ୍ରେଣୀଠାରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ଶତାଧିକ ଛାତ୍ରଛାତ୍ରୀ ୨୨ଟି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ । କୃତୀ ଛାତ୍ରଛାତ୍ରୀ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିବା ଦଳଗୁଡ଼ିକୁ ପୁରସ୍କୃତ କରାଯାଇଥିଲା । ସିଆରସିସି ପ୍ରଶାନ୍ତ ଝାଙ୍କରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରାୟ ୨୫ ଜଣ ଶିକ୍ଷକ ଶିକ୍ଷୟିତ୍ରୀ ଏବଂ ଏସଏମସିର ସମସ୍ତ ସଭ୍ୟସଭ୍ୟା ସହଯୋଗ କରିଥିଲେ । ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ସୁଶାନ୍ତ ମହାପାତ୍ର ସଭାପତିତ୍ୱ କରିଥିଲେ । ମୁଣ୍ଡାପଡା ସରପଞ୍ଚ ସୁମନ୍ତ ନାୟକ ମୁଖ୍ୟ ଅତିଥି, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଶୁକଦେବ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଏସଏମସି ସଭାପତି ସୁମନ୍ତ ଦାସ, ଗୋଛାପଡା ସ୍କୁଲର ପ୍ରଧାନ ଶିକ୍ଷକ ନନ୍ଦୀକିଶୋର ପ୍ରଧାନ ଏବଂ ପ୍ରଧାନ ଶିକ୍ଷକ ଶେଷଦେବ ପ୍ରଧାନ ଯୋଗ ଦେଇଥିଲେ । ଶିକ୍ଷକ ବୀର ବିକ୍ରମ ପ୍ରଧାନ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଶିକ୍ଷକ ଶବର ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ମଦ ବନ୍ଦ ପାଇଁ ଥାନାର ଦ୍ୱାରସ୍ଥ ହେଲେ ମହିଳା

ବୀରମହାରାଜପୁର,୧୫ ।୧୦(ସମିସ): ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ବ୍ଲକ ଅଧୀନ କେନଝିରିଆପାଲି ପଞ୍ଚାୟତର ବଳିପାଲି ଗ୍ରାମରେ ବ୍ୟାପକ ଦେଶୀ ଓ ବିଦେଶୀ ମଦ ବିକ୍ରି ହେଉଛି । ଏଥିରେ ଅତିଷ୍ଠ ହୋଇ ଗ୍ରାମର ମହିଳା ଏକତ୍ରିତ ହୋଇ ମଦବିକ୍ରି ବନ୍ଦ ପାଇଁ ବୀରମହାରାଜପୁର ଥାନାର ଦ୍ୱାରସ୍ଥ ହୋଇଛନ୍ତି । ଏନେଇ ଥାନା ଅଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ବଳିପାଲି ଗ୍ରାମରେ ମଧ୍ୟ ବେଧଡ଼କ ମଦ ବିକ୍ରି ହେଉଛି । ଅଭିଯୋଗ କଲେ ମଧ୍ୟ ଅବକାରୀ ବିଭାଗ ପଦକ୍ଷେପ ନେଉନାହିଁ । ଅଭିଯୋଗ ପାଇ ବୀରମହାରାଜପୁର ଅବକାରୀ କାର୍ଯ୍ୟାଳୟକୁ ଗଲେ ଅଧିକାଂଶ ସମୟରେ କାର୍ଯ୍ୟାଳୟରେ ତାଲା ପଡ଼ିଥିବା ଦେଖିବାକୁ ମିଳୁଛି । ମଦ ଯୋଗୁଁ ବଳିପାଲି ଗ୍ରାମରେ ଅନେକ ସମୟରେ ଗଣ୍ଡଗୋଳ ହେଉଛି । ମଦପିଇ ଅନେକ ବ୍ୟକ୍ତି ବିଭିନ୍ନ ରୋଗରେ ଅସମୟରେ ମୃତ୍ୟୁବରଣ କରୁଛନ୍ତି । ତେଣୁ ଗ୍ରାମର ମହିଳାମାନେ ସୋମବାର ଗ୍ରାମରେ ଏକ ସଭା କରିଥିଲେ । ମଙ୍ଗଳବାର ବଳିପାଲି ଗ୍ରାମର ଶତାଧିକ ମହିଳା ବୀରମହାରାଜପୁର ଥାନାକୁ ଯାଇ ମଦ ବନ୍ଦ ପାଇଁ ଅଭିଯୋଗ କରିଛନ୍ତି । ଆଗକୁ ଯଦି ଗ୍ରାମରେ ମଦବନ୍ଦ ପାଇଁ କୌଣସି ପଦକ୍ଷେପ ନିଆ ନ ଯାଏ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ମହିଳାମାନେ କହିଛନ୍ତି । ଏନେଇ ଅବକାରୀ ଏସ୍ଆଇ ଭାରତ ମିଶ୍ରଙ୍କୁ ପଚାରିବାରୁ ବଳିପାଲି ଗ୍ରାମରେ ବେଆଇନ ମଦ ବିକ୍ରି ହେଉଥିବା ଅଭିଯୋଗ ହୋଇନାହିଁ । ଯଦି ମଦବିକ୍ରି ହେଉଛି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଛନ୍ତି ।

# ଦୋଳ ମହୋତ୍ସବ ନିମନ୍ତେ ପ୍ରସ୍ତୁତି

ବୌଦ୍ଧ,୧୫ ।୧୦(ସମିସ): ବୌଦ୍ଧ ଜିଲ୍ଲା ହରଭଙ୍ଗା ବ୍ଲକ୍ ମଥୁରା ପଞ୍ଚାୟତ କେଳାକଟା ଖେଳ ପଡିଆରେ ଦ୍ୱିତୀୟ ଦୋଳ ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ସଭାପତି ଜଗନ୍ନାଥ ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏକ ସାଧାରଣ ସଭାରେ ସମ୍ପାଦକ ଜଗଦୀଶ ମଲ୍ଲିକ ପୂର୍ବ ବୈଠକର ବିବରଣୀ ପଠନ କରିଥିଲେ । ସଭାରେ ପୂର୍ବ ବର୍ଷର ଆୟ ଓ ବ୍ୟୟ ଉପସ୍ଥାପନା କରାଯାଇଥିଲା । ପୂର୍ବ ବର୍ଷର ବକେୟା ପରିଶୋଧ କରି ଆସନ୍ତା ବର୍ଷ ନିମନ୍ତେ ଅର୍ଥ ବ୍ୟବସ୍ଥା କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା । ଗୋବର୍ଦ୍ଧନ କର୍ଣ୍ଣ, ତ୍ରିନାଥ ପାଢ଼ୀ, ପୂର୍ଣ୍ଣଚନ୍ଦ୍ର ଉର୍ମା, ମହାଦେବ ମହାନନ୍ଦିଆ, ନୀଳକଣ୍ଠ ସାହୁ, କେଶବ ଦେହୁରୀ, ଭୁବନ ମହାକୁଡ଼, ନରେନ୍ଦ୍ର ଷଣ୍ଢ, ସୀତାରାମ ମେହେର, ତ୍ରିଲୋଚନ ମେହେର, ଅଶୋକ ବେହେରା, ଉଦ୍ଧବ କଳତା, ଶରଦ ବିଶ୍ୱାଳ, ସୁଜିତ ପ୍ରଧାନ, ଜିତେନ୍ଦ୍ର ପ୍ରଧାନ, ସୁଶାନ୍ତ ପ୍ରଧାନ, ନକୁଳ ପ୍ରଧାନ, ପୀତବାସ ପ୍ରଧାନ, ନିର୍ଗୁଣ ମହାକୁଡ଼ ଓ କୃତ୍ତିବାସ ପଲିଆ ପ୍ରମୁଖ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ଶେଷରେ ନିର୍ଗୁଣ ମହାକୁଡ଼ ଧନ୍ୟବାଦ ଅର୍ପଣ କରିଥିଲେ ।

■ ମାଓବାଦୀ ନାଁରେ ବାପାଙ୍କୁ ଚିଠି

# ଅଭିଯୋଗ ପରେ ପୁଅକୁ ବାନ୍ଧିଲା ପୁଲିସ

**ଭବାନୀପାଟଣା, ୧୫ ।୧୦(ସମିସ):** ମୋଟା ରକମ ଟଙ୍କା ବାପାଙ୍କ ଠାରୁ ଆଦାୟ କରିବାକୁ ପୁଅ ରଚିଥିଲା ନକଲି ମାଓବାଦୀ ନାଟକ। ଶେଷରେ ସେ ନିଜେ ଖଳନାୟକ ବୋଲି ନର୍ଲା ପୁଲିସ ଜାଣିବା ପରେ ଗିରଫ କରି କୋର୍ଟ ଚାଲାଣ କରିଛି। କଥାଟି ଅତ୍ୟନ୍ତ ରୋଚକପୂର୍ଣ୍ଣ ହୋଇଥିବାରୁ ନର୍ଲା ଥାନା ଅନ୍ତର୍ଗତ ରୂପ୍ରାରୋଡ଼ ଅଞ୍ଚଳରେ ବେଶ ଚର୍ଚ୍ଚାର କାରଣ ହୋଇଛି। ଘଟଣାଟି ଏମିତି ଗତ ୬ତାରିଖ ଦିନ ନର୍ଲା ଥାନା ରୂପ୍ରାରୋଡ଼ ସ୍ଥିତ ବ୍ୟବସାୟୀ ଦିନେଶ ଅଗ୍ରୱାଲ ନିଜ ଗାଡ଼ିରୁ ଏକ ଚିଠି ପାଇଥିଲେ। ମାଓବାଦୀଙ୍କ ଧମକପୂର୍ଣ୍ଣ ଚିଠି ଭଳି ଲେଖାଥିଲା। ୩୫ଲକ୍ଷ ଟଙ୍କା ଦିଅ ନଚେତ ତୁମ ପରିବାରର ସମସ୍ତଙ୍କୁ ଜୀବନରେ ମାରିଦେବୁ। ଚିଠି ପଢ଼ିସାରି ବ୍ୟବସାୟୀ ତଥା ଠିକାଦାର ଦିନେଶ ଅଗ୍ରୱାଲ ନର୍ଲା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ୭ତାରିଖ ଦିନ ତଦନ୍ତ ଆରମ୍ଭ କରି ଅଭିଯୋଗକାରୀ ଦିନେଶଙ୍କ ନିଜ ପୁଅ ଅଙ୍କୁଶ ଅଗ୍ରୱାଲ ଏହି ମାମଲାରେ ସନ୍ଦିଗ୍ଧ ଅପରାଧୀ ରୂପେ ଥାନାରେ ଅଟକ ରଖିଥିଲେ। କେସିଙ୍ଗା ଏସଡ଼ିପିଓ ଘଟଣାକୁ ଗମ୍ଭୀରତାର ସହ ନେଇ ତଦନ୍ତ କରିଥିଲେ। ସେ ପରିଶେଷରେ



ଅଭିଯୋଗକାରୀ ଦୀନେଶଙ୍କ ପୁଅ ଅଙ୍କୁଶ ହିଁ ବାପାଙ୍କୁ ମାଓବାଦୀ ନାଁରେ ଧମକପୂର୍ଣ୍ଣ ଚିଠି ଲେଖି ୩୫ ଲକ୍ଷ ଟଙ୍କା ଆଦାୟ କରିବା ପାଇଁ ସବୁ ନାଟକର ମୂଳ ସୂତ୍ରଧର ବୋଲି ଜାଣିଥିଲେ। ଆଜି ପୁଲିସ ଅଙ୍କୁଶକୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଙ୍କୁଶ ଦିନେଶ ଅଗ୍ରୱାଲଙ୍କ ଗୋଟିଏ ମାତ୍ର ପୁଅ। ବୟସ ୨୪ବର୍ଷ। ଏଭଳି କାଣ୍ଡ ଘଟାଇ ପୁଅ ବାପାଙ୍କୁ ବ୍ଲାକମେଲ କରିବା କଥା ପରିବାରରେ କେହି ବିଶ୍ୱାସ କରି ପାରୁନଥିଲେ। ଜୀବନ ଭୟରେ କଥା ଥାନାକୁ ଯିବାପରେ ସବୁ ସ୍ପଷ୍ଟ ହୋଇଛି। ତେବେ ମାଓବାଦୀ ପ୍ରସଙ୍ଗରେ ମାମଲା ଥିବାରୁ ଏସ୍‌ଡିପିଓ ତଦନ୍ତ ପ୍ରକ୍ରିୟାକୁ ଜାରୀ ରଖିଥିବା କହିଛନ୍ତି।

ଜନପ୍ରତିନିଧିଙ୍କୁ ବ୍ଲକ୍ ପ୍ରଶାସନର ଅଣଦେଖା

# ସରପଞ୍ଚ ସଂଘ ବୈଠକରେ ଉଦ୍‌ବେଗ

**ଲାଞ୍ଜିଗଡ଼, ୧୫ ।୧୦(ସମିସ)**

କଳାହାଣ୍ଡି ଜିଲ୍ଲାର ଲାଞ୍ଜିଗଡ଼ ବ୍ଲକ ଏକ ଆଦିବାସୀ ଅଧ୍ୟୁଷିତ ଓ ପର୍ବତାଞ୍ଚଳ ଅଞ୍ଚଳ ଭାବେ ପରିଚିତ ରହିଛି।କିନ୍ତୁ ବ୍ଲକ ପ୍ରଶାସନ ଓ ଜିଲ୍ଲା ଅଧିକାରୀମାନେ ଏହି ଅଞ୍ଚଳ ପ୍ରତି ଅଣଦେଖା କରୁଥିବା ଯୋଗୁଁ ଅଞ୍ଚଳରେ ଅନେକ ଅସୁବିଧା ଥିବା ବେଳେ କୋଣସି ଫଣ୍ଡ ଆସୁନାହିଁ।ଯାହାଫଳରେ କୋଣସି ବିକାଶମୂଳକ କାର୍ଯ୍ୟ ହୋଇପାରୁନି। ଏହାକୁ ନେଇ ବୁଧବାର ଲାଞ୍ଜିଗଡ଼ ବ୍ଲକ କନଫରେନ୍ସ ହଲରେ ଲାଞ୍ଜିଗଡ଼ ସରପଞ୍ଚ ସଙ୍ଘର ଜରୁରୀକାଳୀନ ବୈଠକ ହୋଇଥିଲା। ବୈଠକ ମୁଖ୍ୟ ଉଦ୍ଦେଶ୍ୟ ଯେ, ଆଜି ବି ଅନେକ ଗାଁକୁ ପହଞ୍ଚିବା ପାଇଁ ଆଜି ମଧ୍ୟ ପାଦେ ଚଲିବାକୁ ପଡୁଛି, କାରଣ ରାସ୍ତା ନାହିଁ, ସ୍କୁଲ ନାହିଁ, ଯାତାୟାତ ମାଧ୍ୟମ ନାହିଁ। ବର୍ଷା ହେଲେ ଅନେକ ଗାଁ ପୂରାପୁରି ବାହ୍ୟ ଜଗତ ସହିତ ବିଚ୍ଛିନ୍ନ ହୋଇଯାଏ। ଏହି ଅବସ୍ଥାରେ ରୋଗୀମାନେ ହସ୍ପିଟାଲକୁ ଯିବା ପାଇଁ ଆଜି ମଧ୍ୟ କାନ୍ଧରେ



ବୋହି ନେଇ ଦୂରସ୍ଥ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯାଆନ୍ତି। ରାସ୍ତା ନ ଥିବାରୁ ଆପତ୍ତିକାଳୀନ ସମୟରେ ମୃତ୍ୟୁ ହେବା ଘଟଣା ମଧ୍ୟ ସାମ୍ନାକୁ ଆସୁଛି।ଶିକ୍ଷା କ୍ଷେତ୍ରର ଅବସ୍ଥା ମଧ୍ୟ ଅତ୍ୟନ୍ତ ଦୟନୀୟ। ଅନେକ ଗାଁଠାରୁ ଦୂରରେ ସ୍କୁଲ ଆହୁଛି। ଯାହା ଫଳରେ ଶିଶୁମାନେ ଦୂରରୁ ଜଙ୍ଗଲ ଓ ପାହାଡ଼ ଚଢ଼ି ସ୍କୁଲ ପହଞ୍ଚିବାକୁ ଅସମ୍ଭବ ହେଉଛି। ସ୍ୱାସ୍ଥ୍ୟ ସେବା ମଧ୍ୟ ତିନିତାଲିଆ ଅବସ୍ଥାରେ ଅନେକ ଉପକେନ୍ଦ୍ରରେ ଡାକ୍ତର ନାହିଁ।ଏହି ସବୁ ଅବହେଳା ଓ ଅସୁବିଧା ପ୍ରତି ଅସନ୍ତୋଷ ପ୍ରକାଶ କରି ଲାଞ୍ଜିଗଡ଼ ବ୍ଲକର ୨୭ଟି ପଞ୍ଚାୟତର ସରପଞ୍ଚମାନେ ବାରମ୍ବାର ପ୍ରଶାସନକୁ ଅଭିଯୋଗ କରି ଆସିଛନ୍ତି। ବୈଠକରେ ସରପଞ୍ଚମାନେ ସ୍ପଷ୍ଟ କରିଛନ୍ତି ଯେ, ବ୍ଲକ ପ୍ରଶାସନ ତାଙ୍କ ପ୍ରସ୍ତାବ ଓ ଦାବିକୁ ଅଣଦେଖା କରୁଛି। ଗ୍ରାମ ଉନ୍ନତି ପାଇଁ ଦିଆଯାଇଥିବା ଯୋଜନାଗୁଡ଼ିକ ଠିକଭାବେ କାମ କରୁନାହିଁ, ମାନକ ଅନୁଯାୟୀ ଗୁଣମାନ ରଖାଯାଉନାହିଁ ଓ ଦୂରସ୍ଥ ଗାଁଗୁଡ଼ିକ ପ୍ରତି ପୂର୍ଣ୍ଣ ଅବହେଳା ହେଉଛି। ସରପଞ୍ଚମାନଙ୍କ ମତ ଅନୁସାରେ, ଯଦି ପ୍ରଶାସନ ଶୀଘ୍ର ଏହି ଅଞ୍ଚଳର ଦୁର୍ଦଶା ନିରାକରଣ ପାଇଁ ପଦକ୍ଷେପ ନ ନିଅନ୍ତି, ତେବେ ସେମାନେ ଗଣଆନ୍ଦୋଳନ ଆରମ୍ଭ କରିବେ ବୋଲି ଚେତାବନୀ ଦେଇଛନ୍ତି। ପ୍ରତ୍ୟେକ ପଞ୍ଚାୟତର ଅବସ୍ଥା ନିରୀକ୍ଷଣ ପାଇଁ ବିଶେଷ ଦଳ ଗଠନ ହେଉ ଓ ଦୁର୍ଗମ ଅଞ୍ଚଳଗୁଡ଼ିକୁ ମୌଳିକ ସୁବିଧା ଯଥା ରାସ୍ତା, ପାଣି, ବିଦ୍ୟୁତ୍, ଶିକ୍ଷା ଓ ସ୍ୱାସ୍ଥ୍ୟ ସୁନିଶ୍ଚିତ କରାଯାଉ।ଲାଞ୍ଜିଗଡ଼ ଅଞ୍ଚଳର ଲୋକମାନେ ଆଶା କରୁଛନ୍ତି ଯେ, ଜରୁରୀକାଳୀନ ବୈଠକ ଓ ସରପଞ୍ଚମାନଙ୍କ ସଂଘବଦ୍ଧ ଉଦ୍ୟମ ଫଳରେ ପ୍ରଶାସନ ଜାଗିଉଠିବ ଓ ଲୋକମାନଙ୍କ ଦୀର୍ଘଦିନର ସମସ୍ୟାର ସମାଧାନ ହେବ। ଲାଞ୍ଜିଗଡ଼ ସରପଞ୍ଚ ସଂଘ ସଭାପତି ସାହଦ୍ରୁ ମାଝୀଙ୍କ ନେତୃତ୍ୱରେ ଅନୁଷ୍ଠିତ ବୈଠକରେ ଲାଞ୍ଜିଗଡ଼ ପଞ୍ଚାୟତ ସମିତି ଅଧକ୍ଷା କମଳା ପାତ୍ର, ଉପାଧକ୍ଷ ସଞ୍ଜୀବ କୁମାର ନାୟକ ସମେତ ବିଭିନ୍ନ ପଞ୍ଚାୟତରୁ ଆସିଥିବା ସରପଞ୍ଚମାନେ ଉପସ୍ଥିତ ଥିଲେ।

# ସାଇନିଂ କିଡ୍ସ ୱାର୍ଲ୍ଡ ଇଂରାଜୀ ବିଦ୍ୟାଳୟର ବିଜ୍ଞାନମେଳା




**ଜୁନାଗଡ଼, ୧୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲାର ଜୁନାଗଡ଼ ସହର ସ୍ଥିତ ସାଇନିଂଗ କିଡ୍ସ ୱାଲ୍ଡ ଇଂରାଜୀ ମାଧ୍ୟମ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଉତ୍ସବରେ ମୁଖ୍ୟ ଅତିଥି ଭାବେ ପ୍ରଫେସର ଡ଼.ମୋହନ ଚନ୍ଦ୍ରଶେଖର ମିଶ୍ର, ସମ୍ମାନିତ ଅତିଥି ଭାବେ ଡ଼.ପ୍ରହଲ୍ଲାଦ ନାଏକ ଏବଂ ଡ.ତପନ କୁମାର ତ୍ରିପାଠୀ ବିଦ୍ୟାଳୟର ପରିଚାଳକ ଡ଼.ପ୍ରବୀର କୁମାର ଗୋଏଲ, ଉପାଧକ୍ଷ ଶୁଶାନ୍ତ ଦଣ୍ଡସେନା, ବିଦ୍ୟାଳୟ ପରିଚାଳିକା ସରିତା ଗୋଏଲ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ପରିଚାଳକ ପ୍ରବୀର ଗୋଏଲ ଆଗାମୀ ଦିନରେ ଆହୁରି ବିଜ୍ଞାନର ପ୍ରଗତି କିପରି ସୁଦୃଢ଼ ହୋଇପାରିବ। ଡିଜିଟାଲାଇଜେସନରେ, ଖେଳମାଧ୍ୟମରେ, ଏକ୍ଟିଭିଟି ମାଧ୍ୟମରେ କିପରି ଶିକ୍ଷା ଦାନ ଦିଆଯାଇପାରିବ ସେହି ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି କହିଥିଲେ। ଶିକ୍ଷକ ବିନାୟକ ମେହେର ଏବଂ ଶିକ୍ଷୟିତ୍ରୀ ସଂଯୋଗିତା ପାଢ଼ୀ ମଞ୍ଚ ପରିଚାଳନା କରିଥିଲେ।ବିଜ୍ଞାନ ପ୍ରଦର୍ଶନୀ ମହୋତ୍ସବରେ ୧୨୦ରୁ ଅଧିକ ଛାତ୍ରଛାତ୍ରୀ ବିଜ୍ଞାନ ପ୍ରକଳ୍ପ ପ୍ରଦର୍ଶନ କରିଥିଲେ। ବିଜ୍ଞାନ ପ୍ରଦର୍ଶନୀରେ ସବ୍ ଜୁନିଅର ଗ୍ରୁପରେ ପ୍ରଥମ ସ୍ଥାନରେ ଜଗନ୍ ଜସ୍ମିତ୍, ଦ୍ୱିତୀୟରେ ସାଚି ଅଗ୍ରୱାଲ, ତୃତୀୟରେ ମାହିରା ଖାନ ଓ ତନଭି ଅଗ୍ରୱାଲ ଜୁନିଅର ଗ୍ରୁପରେ ତୁଷାର ରଞ୍ଜନ ମିଶ୍ର, ଦ୍ୱିତୀୟରେ ଦୀକ୍ଷା ଅଗ୍ରୱାଲ, ତୃତୀୟରେ ଆରାଧ୍ୟା ନନ୍ଦ ଏବଂ ସିନିୟର୍‌ରେ ଗ୍ରୁପରେ ଆଭା ଗୋଏଲ, ଦ୍ୱିତୀୟରେ ସ୍ୱୟଂଶିଭ ମିଶ୍ର, ତୃତୀୟରେ ଅଦ୍ୟା ଅଗ୍ରୱାଲ ଓ ମାହି ଅଗ୍ରୱାଲ, ମକ୍ ଭିଡିଓ ପାଇଁ ମଧ୍ୟ ପୁରସ୍କାର ପ୍ରଦାନ କରାଗଲା।ବିଚାରପତି ଭାବେ ରଞ୍ଜନ କୁମାର ପଣ୍ଡା ଓ ଗାୟତ୍ରୀ କରୁଣ ଯୋଗଦେଇ ଥିଲେ। ଶେଷରେ ବିଦ୍ୟାଳୟ ର ଉପାଧକ୍ଷ ଶୁଶାନ୍ତ ଦଣ୍ଡସେନା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଦ୍ୟୁତ୍ ତାର ସଂସ୍ପର୍ଶରେ ମହିଳା ମୃତ

**ଥୁଆମୂଳରାମପୁର, ୧୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁର ଥାନା ଡି.ଚେପଟାଘାଟ ଗ୍ରାମରେ ଜଣେ ମହିଳା ଅମୃତଭଣ୍ଡା ତୋଳୁଥିବା ସମୟରେ ବିଦ୍ୟୁତ ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନାରୁ ପ୍ରକାଶ ଯେ, ଥୁଆମୂଳରାମପୁର ଥାନା ଡି.ଚେପଟାଘାଟ ଗ୍ରାମର ଗୁରୁବାରୀ ଝଡ଼ିଆ(୪୫) ବୁଧବାର ଦିନ ସମୟ ପ୍ରାୟ ୨ ଘଣ୍ଟା ବେଳେ ଘର ପଛପଟେ ଥିବା ଅମୃତଭଣ୍ଡା ଗଛରୁ ଅମୃତଭଣ୍ଡା ତୋଳୁଥିବା ସମୟରେ ଗଛରେ ଓହଲି ଥିବା ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ଗୁରୁତର ହୋଇଥିଲେ। ପରିବାର ଲୋକେ ତୁରନ୍ତ ଥୁଆମୂଳରାମପୁର ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ଗୁରୁବାରୀ ଝଡ଼ିଆଙ୍କ ମୃତ୍ୟୁ ହୋଇଥିଲା।ଏନେଇ ମୃତକଙ୍କ ସ୍ୱାମୀ କୁମ୍ ଝୋଡିଆ ଥୁଆମୂଳରାମପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଥୁଆମୂଳ ରାମପୁର ଥାନା କେସ୍ ନମ୍ବର ୮/୨୫ରେ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

# ସିନାପାଲି ଓ ଗୋଡାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି

**ସିନାପାଲି, ୧୫ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ସିନାପାଲି ଗୋଷ୍ଠୀ ଶିକ୍ଷା କ୍ଷେତ୍ର ଅନ୍ତର୍ଗତ ସିନାପାଲି ଓ ଗୋଡାଲ କ୍ଲଷ୍ଟରସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଅନୁଷ୍ଠିତ ହୋଇଛି। ଏନେଇ ସିନାପାଲି କେନ୍ଦ୍ର ପ୍ରାଥମିକ ବିଦ୍ୟାଳୟରେ ଅନୁଷ୍ଠିତ




ଉଦ୍‌ଘାଟନୀ ଉତ୍ସବରେ ହୃଦାନନ୍ଦ ମେହେର ସଭାପତିତ୍ୱ କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ପଣ୍ଡା, ମୁଖ୍ୟବକ୍ତା ଲଳିତ କୁମାର ସୁନାରୀ ଓ ସମ୍ମାନିତ ଅତିଥି ଭାବରେ ନରହରି ମେହେର, ଶଶୀଭୂଷଣ ମାଝୀ, ପ୍ରଭାତ କୁମାର ପାତ୍ର, ଅଜିତ କୁମାର ଯୋଷୀ, ପ୍ରସନ୍ନ କୁମାର ମାଝୀ, କୁସୁମ ମଞ୍ଜରି ତାଣ୍ଡି ଯୋଗଦେଇ ଥିଲେ। ପ୍ରାରମ୍ଭରେ ରଶ୍ମିପ୍ରଭା ମେହେର ସ୍ୱାଗତ କରିଥିବା ବେଳେ ସିଆରସିସି ବଂଶୀଧର ଜଗତ ଉଦ୍ଦେଶ୍ୟଜ୍ଞାପନ କରିଥିଲେ।ସନ୍ତୋଷିନୀ ମେହେର ପ୍ରତିଯୋଗିତା ସୂଚନା ପ୍ରଦାନ କରିଥିବା ବେଳେ ଅତୁଳ ପାତ୍ର ଧନ୍ୟବାଦ ଦେଇଥିଲେ। ସେହିପରି ସିଆରସିସି ବଂଶୀଧର ଜଗତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ମୁଖ୍ୟଅତିଥି ଭାବରେ ଅବସରପ୍ରାପ୍ତ ତହସିଲଦାର ହୃଦାନନ୍ଦ ମାଝୀ ଓ ସମ୍ମାନିତ ଅତିଥି ଭାବରେ ଅଜିତ ଯୋଷୀ, କିଶୋର ସାହୁ, ଅସ୍ମିତା ପାଢ଼ୀ, ତିର୍ଥ ମେହେର ଉପସ୍ଥିତ ରହିଥିଲେ। ଏହି ଅଧିବେଶନରେ ଅତୁଳ ପାତ୍ର ସ୍ୱାଗତ ଓ ସତ୍ୟରୂପା ଯୋଷୀ ଧନ୍ୟବାଦ ଦେଇଥିଲେ। ସେହିପରି ଗୋଡାଲ କ୍ଲଷ୍ଟର ସୁରଭିରେ ସିଆରସିସି ବିଭୁତି ମେହେର ଅଧକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବରେ ଏବିଇଓ ପ୍ରଦୀପ କୁମାର ପଣ୍ଡା ଓ ମୁଖ୍ୟବକ୍ତା ଭାବରେ କିଶୋର ଯୋଷୀ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବରେ, ସୁଶୀଳ ଯୋଷୀ, ଭରତ ଚନ୍ଦ୍ର ବାଗ, ବିବେକାନନ୍ଦ ଭୋଇ, ରାଜେନ୍ଦ୍ର ନାଏକ ଓ ରାଜେନ୍ଦ୍ର ଖମାରୀ ଉପସ୍ଥିତ ଥିଲେ। ଜ୍ଞାନରଞ୍ଜନ ସୁନାନୀ ସମସ୍ତଙ୍କୁ ସ୍ୱାଗତ କରିଥିବା ବେଳେ ପ୍ରଦୀପ ଯୋଷୀ ପ୍ରତିଯୋଗିତା ଗୁଡିକର ସୂଚନା ଦେଇଥିଲେ। ଉଭୟ କ୍ଲଷ୍ଟର ଅନ୍ତର୍ଗତ ବିଭିନ୍ନ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ଛାତ୍ରଛାତ୍ରୀ ଉପସ୍ଥିତ ରହି ବରିଷ୍ଠ ଓ କନିଷ୍ଠ ବିଭାଗ ସ୍ତରୀୟ ପ୍ରବନ୍ଧ, ଚିତ୍ରାଙ୍କନ, ବକ୍ତୃତା, ତର୍କ, କୁଇଜ, ନୃତ୍ୟ, ସଙ୍ଗୀତ ଆଦି ପ୍ରତିଯୋଗିତା ଆୟୋଜନରେ ସହଯୋଗ କରିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।ଶେଷରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।

# ବିଦାୟ ନେଲେ ମାଁ ଧନଧାତ୍ରୀ

**କେସିଙ୍ଗା, ୧୫ ।୧୦(ସମିସ):** ଗତ ୬ ତାରିଖରୁ କଳାହାଣ୍ଡି ଜିଲ୍ଲା କେସିଙ୍ଗା ଜଗନ୍ନାଥପଡ଼ା ଲକ୍ଷ୍ମୀପୂଜା କମିଟି ପକ୍ଷରୁ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପଡ଼ିଆରେ ଅନୁଷ୍ଠିତ ହୋଇଥିବା ୪୫ ତମ ଗଜଲକ୍ଷ୍ମୀ ପୂଜାର ଭସାଣି ଉତ୍ସବ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ ଦୀର୍ଘ ୧୦ଦିନଧରି ମାଁ ଧନଧାତ୍ରୀଙ୍କ ପୂଜା ମହା ଆଡ଼ମ୍ବରରେ ପାଳିତ ହୋଇଥିଲା। ରାତ୍ରିରେ ଭିନ୍ନ ଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ମୀନା ବଜାର ଶ୍ରଦ୍ଧାଳୁ ଓ ଦେଖଣାହାରି ଙ୍କୁ ପୂଜାମଣ୍ଡପ ପର୍ଯ୍ୟନ୍ତ ଟାଣି ଆଣୁଥିଲା। ପ୍ରତ୍ୟେକ ଦିନ ମାଁଙ୍କ ଭୋଗର ସୁବ୍ୟବସ୍ଥା କରାଯାଇଥିଲା। ବିସର୍ଜନ ସନ୍ଧ୍ୟାରେ ଘଣ୍ଟ ବାଦ୍ୟ, ଦୁଲଦୁଲି ବଜା, ମୟୂର ଡ୍ୟାନ୍ସ, ବାଘ ନାଚ, ମାଦଳ ନାଚ ସହିତ ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁ ମାଁଙ୍କ ଭସାଣି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

# କଳାହାଣ୍ଡି ଜିଲ୍ଲା ଗଠନ ଦିବସ ପାଳନ ପାଇଁ ପ୍ରସ୍ତୁତି

**ଭବାନୀପାଟଣା, ୧୫ ।୧୦ (ସମିସ):** ଆସନ୍ତା ନଭେମ୍ବର ପହିଲା ତାରିଖ ଦିନ କଳାହାଣ୍ଡି ଜିଲ୍ଲା ଗଠନ ଦିବସ- ୨୦୨୫ ପାଳନ ଉପଲକ୍ଷେ ବୁଧବାର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥିତ ସଦଭାବନା ସଭା ଗୃହରେ ଜିଲ୍ଲାପାଳ ପାୱାର ସଚିନ ପ୍ରକାଶଙ୍କ



ଅଧ୍ୟକ୍ଷତାରେ ଜିଲ୍ଲାସ୍ତରୀୟ ପ୍ରସ୍ତୁତ ବୈଠକ ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଂସ୍କୃତି ପରିଷଦ ତରଫରୁ ଆୟୋଜିତ ପ୍ରସ୍ତୁତି ବୈଠକରେ ଜିଲ୍ଲା ସଂସ୍କୃତି ଅଧିକାରୀ ବିବେକାନନ୍ଦ ମହାନନ୍ଦ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହିତ ବୈଠକର କାର୍ଯ୍ୟସୂଚୀ ଅନୁଯାଇ ଆଲୋଚନା କରିବା ପାଇଁ ଜିଲ୍ଲାପାଳଙ୍କୁ ଅନୁରୋଧ କରିଥିଲେ।ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନ ବୈଠକର କାଯ୍ୟସୂଚୀ ପଠନ ସହିତ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଜିଲ୍ଲା ଗଠନ ଦିବସକୁ ମହାସମାରୋହରେ ପାଳନ କରିବା ଦିଗରେ ସମସ୍ତଙ୍କ ସହଯୋଗର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଥିଲେ। ଜିଲ୍ଲା ଗଠନ ଦିବସକୁ ବିଗତ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ବ୍ଲକ, ସହରାଞ୍ଚଳ ଓ ଜିଲ୍ଲାସ୍ତରରେ ମହାସମାରୋହରେ କିପରି ପାଳନ କରାଯିବ ଆଲୋଚନା କରାଯାଇଥିଲା। ଏହି ଅବସରରେ ଭବାନୀପାଟଣା ସହରରେ ମସଲା ଶୋଭାଯାତ୍ରା, ଛାତ୍ରଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା, ପୁସ୍ତକ ମେଳା, ସଭା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବା ପାଇଁ ଆଲୋଚନା କରାଯାଇଥିଲା। ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହରାଞ୍ଚଳ ନିର୍ବାହୀଅଧିକାରୀ ନିଜ ନିଜ ସ୍ତରରେ ଆୟୋଜନ କରିବାକୁ ଥିବା ଆବଶ୍ୟକ କାର୍ଯ୍ୟକ୍ରମର ଖସଡା ପ୍ରସ୍ତୁତ କରି ଜିଲ୍ଲା ସଂସ୍କୃତି ଅଧିକାରୀ ଙ୍କ ସହିତ ଯୋଗାଯୋଗ କରି ବ୍ଲକ ଏବଂ ଜିଲ୍ଲାସ୍ତରୀୟ କାର୍ଯ୍ୟକ୍ରମକୁ ସୂଚାରୁ ରୂପେ ପରିଚାଳନା କରିବା ପାଇଁ ଜିଲ୍ଲାପାଳ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ଜିଲ୍ଲା ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲାପରିଷଦ ଦୟାମୟ ପାଢି, ଉପଜିଲ୍ଲାପାଳ ଧର୍ମଗଡ଼ ପ୍ରେକ୍ଷା ଅଗ୍ରୱାଲ, ଉପଜିଲ୍ଲାପାଳ ଭବାନୀପାଟଣା, ପ୍ରଭାତ କୁମାର ପରିଡ଼ା, ଅତିରିକ୍ତ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଜିଲ୍ଲାପରିଷଦ ଦୁର୍ଯ୍ୟୋଧନ ଭୋଇ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ସୁଶାନ୍ତ କୁମାର ସିଂ, ପିଏଆଇଟିଡିଏ ପ୍ରଦ୍ୟୁମ୍ନ କୁମାର ଦାସ, ଅଧିକ୍ଷଣ ଯନ୍ତ୍ରୀ ପୂର୍ତ୍ତ ବିଭାଗ, ଶିବାଜୀ ପ୍ରଧାନ, ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ଅନ୍ତର୍ଯ୍ୟାମୀ କହର, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ପର୍ଯ୍ୟଟନ ଅଧିକାରୀ ସୁବୋଧକାନ୍ତ ଛତ୍ରୀ ଆ, ଉତ୍ସବ ପାଳନ କମିଟି ର ସଦସ୍ୟ ଜୟନ୍ତ କୁମାର ବେହେରା, ଅଶୋକ କୁମାର ପଟ୍ଟନାୟକ, ଅଜୟ କୁମାର ମିଶ୍ର, ସତ୍ୟନାରାୟଣ ମହପାତ୍ର, ସୁନୀତି ମୁଣ୍ଡ, ଧ୍ୟାନ ପଣ୍ଡା, ଭବାନୀ ଶଙ୍କର ନିଆଲ, କରୁଣାକର ଦାସଙ୍କ ସମେତ ସମସ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ସହରାଞ୍ଚଳ ନିର୍ବାହୀଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। ଶେଷରେ ମୁଖ୍ୟ ଉନ୍ନୟନ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ଶ୍ରୀ ପାଢି ଧନ୍ୟବାଦ ଦେଇଥିଲେ।

# କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ



**କେସିଙ୍ଗା, ୧୫ ।୧୦ (ସମିସ):** କେସିଙ୍ଗା ସରକାରୀ ବିଦ୍ୟାଳୟରେ କ୍ଲଷ୍ଟରସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ସିଆରସିସି ଚନ୍ଦ୍ରଧ୍ୱଜ ନାଗଙ୍କ ତତ୍ତ୍ୱାବଧାନରେ ଓ ବିଦ୍ୟାଳୟର ପ୍ରଧାନଶିକ୍ଷକ ସମୀର କୁମାର ବେହେରା ଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବରେ ଗୋଷ୍ଠୀ ଶିକ୍ଷାଅଧିକାରୀ ଆନନ୍ଦ କୁମାର ବେହେରା, ସମ୍ମାନିତ ଅତିଥିଭାବରେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସମ୍ପତି ଛୁରାଙ୍କ ସମେତ କେସିଙ୍ଗା କ୍ଲଷ୍ଟରର ୯ଟି ସ୍କୁଲର ପ୍ରଥମ ଶ୍ରେଣୀରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୧୮୦ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ଏଥିରେ ବିଭିନ୍ନ ପ୍ରକାରର ପ୍ରତିଯୋଗିତା ଯଥା ଚିତ୍ରାଙ୍କନ, ଗଳ୍ପକଥନ, ଗଣିତ ଦୌଡ଼, ଗଣିତ କୁଇଜ, ପ୍ରବନ୍ଧ ଲିଖନ, ବକ୍ତୃତା, ତର୍କ, ସୃଜନଶୀଳ ଲିଖନ, କଣ୍ଠ ସଙ୍ଗୀତ, ପିଏମ ପୋଷଣ ବିଭାଗର ଚିତ୍ରକଳା ଓ ଶିଳ୍ପକଳା ପ୍ରଭୃତି ଅନୁଷ୍ଠିତ ହୋଇଥିଲା।ଏତଦ୍ ବ୍ୟତୀତ ପ୍ରତେକ ବିଦ୍ୟାଳୟର ଗୋଟିଏ ଲେଖାଏଁ ସାଂସ୍କୃତିକ ଦଳ ସାଂସ୍କୃତିକ କାର୍ଯ୍ୟକ୍ରମ କରି ନିଜର ଦକ୍ଷତା ଓ ପ୍ରତିଭା ପ୍ରଦର୍ଶନ କରିଥିଲେ।ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରଛାତ୍ରୀମାନେ ଆଗାମୀ ବ୍ଲକସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ। କାର୍ଯ୍ୟକ୍ରମକୁ ସମ୍ପାଦନ କରିବା ପାଇଁ କେସିଙ୍ଗା କ୍ଲଷ୍ଟରର ୨୭ ଜଣ ଶିକ୍ଷକ ଓ ଶିକ୍ଷୟତ୍ରୀଙ୍କୁ ଦାୟୀତ୍ୱ ପ୍ରଦାନ କରାଯାଇଥିଲା। ଶେଷରେ ପ୍ରତିଯୋଗିତାରେ କୃତିତ୍ୱ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

ଦେଶବ୍ୟାପୀ ଜନଆକ୍ରୋଶ ଶୋଭାଯାତ୍ରା ଓ ଗଣବିକ୍ଷୋଭ

# ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର

**ଭବାନୀପାଟଣା, ୧୫ ।୧୦(ସମିସ)**

ଦେଶବ୍ୟାପୀ ଜନଆକ୍ରୋଶ ରାଲି ଓ ଗଣବିକ୍ଷୋଭ ଅନ୍ତର୍ଗତ କଳାହାଣ୍ଡି ଜିଲ୍ଲାରେ ବିଶାଳ ରେଲି ନକଟିଗୁଡା ଆମ୍ବେଦକର ଛକରୁ ଆରମ୍ଭ ହୋଇ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆୟୋଜିତ ହୋଇଥିଲା। ଏହି ଅବସରରେ ଭାରତ ମୁକ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଓ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳଙ୍କ ମାଧ୍ୟମରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଭାରତ ମୁକ୍ତି ମୋର୍ଚ୍ଚା କଳାହାଣ୍ଡି ଜିଲ୍ଲା ସଭାପତି ମାଧବ ସୁନାନୀ, ରାଷ୍ଟ୍ରୀୟ ପଛୁଆବର୍ଗ ମୋର୍ଚ୍ଚା ଜିଲ୍ଲା ସଭାପତି ଖିରସିନ୍ଧୁ ବୋଡକିଆ, ରାଷ୍ଟ୍ରୀୟ ଆଦିବାସୀ ଏକତା ପରିଷଦ ଜିଲ୍ଲା ସଭାପତି ସଞ୍ଜୟ ଶବର, ଆର୍‌ଏମ୍‌ବିକେଏସ



ରାଜ୍ୟ ସଭାପତି ଡମ୍ବରୁଧର ମାଝୀ, ବହୁଜନ ମୁକ୍ତି ପାର୍ଟି ରାଜ୍ୟ ସଭାପତି ଗଙ୍ଗାଧର ଜାଲ, ରାଜ୍ୟ ମହାସଚିବ ମହେନ୍ଦ୍ର ଧଙ୍ଗଡ଼ା ମାଝୀ, ଭାରତ ମୁକ୍ତି ମୋର୍ଚ୍ଚା କାର୍ଯ୍ୟକାରୀ ସଭାପତି ଗୋପାଳ ଧଙ୍ଗଡ଼ା ମାଝୀ, କୁଶ ଶବର, ଆଦିତ୍ୟ ହଂସ ଯାଦବ, ରାଜ୍ୟ କୃଷକ ମୋର୍ଚ୍ଚା ସଭାପତି ଦୁର୍ଯୋଧନ ଜାଲ, ଅଲ୍ ଇଣ୍ଡିଆ ସିଡୁଲକାଷ୍ଟ ଫେଡେରେସନ ଜିଲ୍ଲା ସଭାପତି ଜତିନ୍ଦ୍ର କର, ଡିଙ୍ଗର ବାଗ ପ୍ରମୁଖ ଉପସ୍ଥିତ ଥିଲେ। ଏହାସହ ମୂଳନିବାସୀ ସମାଜର ଅନେକ ବୁଦ୍ଧିଜୀବୀ ଓ ସାମାଜିକ ସଂଗଠନର କର୍ମକର୍ତ୍ତାମାନେ ମଧ୍ୟ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ। ସମସ୍ତ ନିର୍ବାଚନ ଇଭିଏମ୍ ବଦଳରେ ବ୍ୟାଲେଟ୍ ପେପର୍ ମାଧ୍ୟମରେ ନିର୍ବାଚନ, ଓବିସି ସମେତ ସମସ୍ତ ଜାତିର ଜନଗଣନା କରି ସଂଖ୍ୟାନୁପାତିକ ପ୍ରତିନିଧିତ୍ୱ ଲାଗୁ, ବିକାଶ ନାମରେ ଆଦିବାସୀମାନଙ୍କର ବିସ୍ଥାପନ ବନ୍ଦ, ବହୁଜନ ବିରୋଧୀ ନୂତନ ଶିକ୍ଷା ନୀତି ୨୦୨୦କୁ ରଦ୍ଦ, ସରକାରୀ ସଂସ୍ଥାକୁ ଘରୋଇକରଣ ବନ୍ଦ, ଗୋ ସୁରକ୍ଷା ନାମରେ ମୂଳନିବାସୀ ବହୁଜନ ସମାଜ ଉପରେ ଅତ୍ୟାଚାର ବନ୍ଦ, ଜାତି ଧର୍ମ ନାମରେ ଅସାମ୍ବିଧାନିକ ଦେଶ ବିରୋଧି କାର୍ଯ୍ୟକଳାପ ବନ୍ଦ, କଳାହାଣ୍ଡି ଜିଲ୍ଲାର ସମସ୍ତ ଏସଏସଡି ଆବାସିକ ବିଦ୍ୟାଳୟଗୁଡ଼ିକରେ ଅବ୍ୟବସ୍ଥାର ତୁରନ୍ତ ସମାଧାନ, ତୃତୀୟ ଶ୍ରେଣୀ କର୍ମଚାରୀଙ୍କୁ ଜିଲ୍ଲା ଭିତ୍ତିକ ନିଯୁକ୍ତି ପ୍ରଦାନ ଆଦି ଦାବିକୁ ନେଇ ଅନୁଷ୍ଠିତ ହୋଇଥିଲା। ରାଲି ଓ ଗଣବିକ୍ଷୋଭ ଜରିଆରେ ସଂଗଠନଗୁଡ଼ିକ ସରକାରଙ୍କ ନିକଟରେ ନିଜର ଦାବି ପୂରଣ ପାଇଁ ଜୋରଦାର ଆନ୍ଦୋଳନ ଜାରି ରଖିବେ ବୋଲି ଘୋଷଣା କରିଛନ୍ତି।

# ନୂତନ ଜିଲ୍ଲା ଶିକ୍ଷା ଅଧିକାରୀଙ୍କୁ ସମ୍ବର୍ଦ୍ଧନା



**ନୂଆପଡ଼ା, ୧୫ ।୧୦(ସମିସ):** ନୂଆପଡ଼ା ଜିଲ୍ଲା ଶିକ୍ଷାଧିକାରୀ ଭାବରେ ଡ଼. ପ୍ରଶାନ୍ତ କୁମାର ମହାନ୍ତି ଯୋଗଦାନ କରିଛନ୍ତି। ସେ ପୂର୍ବରୁ କୋରାପୁଟ ଜିଲ୍ଲା ଶିକ୍ଷାଧିକାରୀ ଭାବରେ କାର୍ଯ୍ୟ କରିଥିଲେ। ତାଙ୍କୁ ନୂଆପଡ଼ା ଜିଲ୍ଲା ଓଷ୍ଟା ପକ୍ଷରୁ ସ୍ୱାଗତ କରାଯାଇଛି। ଜିଲ୍ଲା ଓଷ୍ଟା ସଭାପତି ବନ ବିହାରୀ ମେହେର, ସମ୍ପାଦକ ରବୀନ୍ଦ୍ରନାଥ ଯୋଷୀ, କାର୍ଯ୍ୟକାରୀ ସଭାପତି ସୁଶାନ୍ତ କୁମାର ବିଶି, ପରମାନନ୍ଦ ସାହୁ, ସଞ୍ଜୟ କୁମାର ପଣ୍ଡା, ସୁବାଷ ଚନ୍ଦ୍ର ସାହୁ, ରାଜକୁମାର ତାଣ୍ଡି, ପାଣ୍ଡୁରାମ ପାଣ୍ଡେ, ଚିତ୍ତରଞ୍ଜନ ଦୁବେ, ଚତୁର୍ଭୁଜ ସିଂ ଦେଓ, ପ୍ରଫୁଲ୍ଲ କୁମାର ମହାରଣା, ଆଦମ ପାଣ୍ଡେ ପ୍ରମୁଖ ଉପସ୍ଥିତ ରହି ଡ. ମହାନ୍ତିଙ୍କୁ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଜିଲ୍ଲା ଶିକ୍ଷାଧିକାରୀ ବିଦ୍ୟାଳୟ ଓ ଶିକ୍ଷକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଓଷ୍ଟା କର୍ମକର୍ତ୍ତାଙ୍କ ସହିତ ଆଲୋଚନା କରିଥିଲେ। ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ସୁଧାଂଶୁ ଶେଖର ମିଶ୍ର ମଧ୍ୟ ଆଲୋଚନା ବେଳେ ଉପସ୍ଥିତ ଥିଲେ।

ନୂଆପଡ଼ା ଉପନିର୍ବାଚନ

ଦଳୀୟ ପ୍ରାର୍ଥୀଙ୍କ ଉପରେ ସମସ୍ତଙ୍କ ନଜର

# ବିଜେଡିରୁ ସ୍ନେହାଙ୍ଗିନୀ, ବିଜେପିରୁ ଜୟ, କଂଗ୍ରେସରୁ ଘାସିରାମଙ୍କୁ ଟିକେଟ

ନୂଆପଡ଼ା, ୧୫ ।୧୦(ସମିସ)

ନୂଆପଡ଼ା ଉପନିର୍ବାଚନ ତାରିଖ ଯେତିକି ପାଖେଇ ଆସୁଛି ଗାଁଠୁ ସହର ନିର୍ବାଚନୀ ତାତି ବଢ଼ିବାରେ ଲାଗିଛି। ନିର୍ବାଚନ ପାଇଁ ନାମାଙ୍କନପତ୍ର ଦାଖଲର ପ୍ରକ୍ରିୟା ଚାଲିଥିବା ବେଳେ ତିନି ପ୍ରମୁଖ ରାଜନୈତିକ ଦଳ ବିଜେଡି, ବିଜେପି ଏବଂ କଂଗ୍ରେସ ଉପରେ ସମସ୍ତଙ୍କ ନଜର ରହିଛି। କଂଗ୍ରେସ ଆଗତୁରା ପ୍ରାର୍ଥୀ ଘୋଷଣା କରିସାରିଥିବା ବେଳେ ବୁଧବାର ବିଜେପି, ବିଜେଡି ମଧ୍ୟ ଦଳୀୟ ପ୍ରାର୍ଥୀ ପାଇଁ ଟିକେଟ ଘୋଷଣା କରିଛନ୍ତି। ବିଧାୟକ ରାଜେନ୍ଦ୍ର ଜୋଲକିଆଙ୍କ ପରଲୋକ ଦିନଠାରୁ ଜିଲ୍ଲାରେ ଉପନିର୍ବାଚନ ପାଇଁ ରାଜନେତା ଏବଂ ଗଣମାଧ୍ୟମ ଚର୍ଚ୍ଚା କରିବା ଆରମ୍ଭ କରିଦେଇଥିଲେ। ଏଭଳି ସ୍ଥିତିରେ ନିର୍ବାଚନ ତାରିଖ ଘୋଷଣା ହେବା ପରେ କଂଗ୍ରେସ ଘାସିରାମ ମାଝୀଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଘୋଷଣା କରି ଦେଇଥିଲେ। ଏହା ପରେ ବିଜେଡି ଏବଂ ବିଜେପିକୁ ନେଇ ଲୋକେ ଅଙ୍କ କଷିବାକୁ ଲାଗିଲେ। ହେଲେ ହଠାତ ଅଙ୍କ ବଦଳି ଗଲା। ସ୍ୱର୍ଗତ ବିଧାୟକ ରାଜେନ୍ଦ୍ର ଢ଼ୋଲକିଆଙ୍କ ପୁଅ ଜୟ ଢୋଲକିଆ ହଠାତ ଦଳ ଛାଡି ବିଜେପିରେ ନାଟକୀୟ ଢଙ୍ଗରେ ଯାଇ ଆବିର୍ଭାବ ହୋଇଗଲେ। ଯାହାକୁ ନେଇ ବିଜେପି କର୍ମୀଙ୍କ ମଧ୍ୟରେ ଅସନ୍ତୋଷ ଦାନା ବାନ୍ଧିଥିଲା। ହେଲେ ପରବର୍ତ୍ତି ସମୟରେ ବୁଧବାର ଦିନ ଜୟଙ୍କୁ ବିଜେପି ଦଳୀୟ ଟିକେଟ ମଧ୍ୟ ଦେଲା। ଅନ୍ୟପକ୍ଷେ ବିଜେଡି ମଧ୍ୟ ବରଗଡ଼ ଜିଲ୍ଲା ଅତାବିରା ବିଧାନସଭା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟିକା ତଥା ରାଜ୍ୟ ବିଜେଡି ମହିଳା ମୋର୍ଚ୍ଚାର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ଦଳୀୟ ପ୍ରାର୍ଥୀ ଭାବେ ଟିକେଟ ପ୍ରଦାନ କରିଛନ୍ତି। ଏହା ପରେ ଲୋକେ କିଏ କେତେ ଭୋଟ ପାଇବ, କେଉଁ ଦଳରୁ କିଏ ଜିତିବେ ତାହା ଲୋକେ ଆକଳନ କରୁଛନ୍ତି। ଜୟଙ୍କ ଆଗମନ ପରେ ବିଜେପି ଏବଂ ବିଜେଡିରୁ ନିରାଶ କର୍ମୀ, ନେତା କୁଆଡେ ଯିବେ ତାକୁ ଅନୁଧ୍ୟାନ କରୁଛନ୍ତି। ବିଜେପିରେ





ହଜାର ହଜାର ସଂଖ୍ୟକ କର୍ମୀ ଏବଂ ବଡ ମୁଣ୍ଡିଆ ନେତାଙ୍କ ହତାଶା ପରେ ବିଜେପିରେ କରାଳ ଗ୍ରାସିଛି। ଜିଲ୍ଲା ବିଜେପି ଅଫିସ ଖାଁ ଖାଁ ଲାଗୁଛି। କେବଳ ଯେଉଁମାନେ ନିଜର ମନକୁ ବୁଝାଉଛନ୍ତି ଏବଂ ଯେଉଁମାନଙ୍କୁ ଦଳ ଥଇଥାନ କରିବାର ପ୍ରତିଶ୍ରୁତି ଦେଇଛନ୍ତି ସେମାନେ ଆସୁଥିବା ଦେଖାଯାଉଛି। ପ୍ରଥମ ଦିନରେ ଜିଲ୍ଲାବ୍ୟାପି ବିଦ୍ରୋହର ସ୍ୱର ଦେଖାଯାଉଥିଲା ହେଲେ ଏହା ଧିରେ ଧିରେ ପ୍ରଶମିତ ହୋବାରେ ଲାଗିଛି। ବୁଧବାର ଦିନ ରାଜ୍ୟ ସଭାପତି ନୂଆପଡ଼ା ଗସ୍ତ କରି ଉଦ୍ୟାନବନ୍ଧ ଠାରେ ଏକ ମିଶ୍ରଣ ପର୍ବରେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଦଳୀୟ ଘୋଷିତ ପ୍ରାର୍ଥୀ ଜୟ ଢୋଲକିଆ ମଧ୍ୟ ଉପସ୍ଥିତ ରହି ଭୋଟ ଭିକ୍ଷା କରିଥିଲେ। ପ୍ରଦୀପ ସାହୁ, ପ୍ରସନ୍ନ କୁମାର ପାଢ଼ୀ ମଞ୍ଚ ପରିଚାଳନା କରିଥିବା ବେଳେ ବସନ୍ତ କୁମାର ପଣ୍ଡା, କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜଙ୍ଗଲ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ, ପୂର୍ବତନ ସାଂସଦ ଅର୍କକେଶରୀ ଦେଓ, ଧର୍ମଗଡ଼ ବିଧାୟକ ସୁଧିର ପାଟଯୋଷୀ, ଖରିଆରରୋଡ ଏନ୍ଏସି ଅଧ୍ୟକ୍ଷା ଡ.ସୋନିଆ ଜୈନ, ଗୋଲଡି ସରୋଜ କୁମାର ସାହୁ, ଅଭିନନ୍ଦନ ପଣ୍ଡା, ଗୋଲଡି ଅଗ୍ରୱାଲ ପ୍ରମୁଖ ଯୋଗ ଦେଇଥିଲେ।

ସାଗୁଆନ କାଠ ଚୋରଙ୍କ ନୂଆ ତରିକା

# ଓଡ଼ିଶାରେ ପଶି କାଠ ଜବତ କଲା ଛତିଶଗଡ଼ ବନ ବିଭାଗ

**ସିନାପାଲି, ୧୫ ।୧୦(ସମିସ):** ଛତିଶଗଡ଼ ରାଜ୍ୟର ଦକ୍ଷିଣଉଦୟଗିରି ଜଙ୍ଗଲରୁ ଓଡ଼ିଶାର ନୂଆପଡ଼ା ଜିଲ୍ଲାର ବିଭିନ୍ନ ଗାଁରେ ସାଗୁଆନ ଗଛ ତସକରୀ ଚାଲିଛି। ଗରିଆବନ୍ଧ ଉଦୟଗିରିଓଡ଼ିଶା ସୀମା ପର୍ଯ୍ୟନ୍ତ ଜଙ୍ଗଲ ଅଞ୍ଚଳରେ କିଛି ଚୋରା କାଠ ବେପାରୀ ନୂଆ ଉପାୟରେ ସାଗୁଆନ ଗଣ୍ଡି ଚୋରି କରୁଛନ୍ତି। ଚୋରା ବେପାରୀମାନେ ଅଭିନବ ଉପାୟରେ ଚୋରି କରୁଛନ୍ତି। ଫଟୋରେ ସ୍ପଷ୍ଟ ହେଉଛି କିପରି ସେମାନେ ଗଛ କାଟି ନଦୀ ଦ୍ୱାରା କାଠ ଗଣ୍ଡି ଓଡ଼ିଶା ଭିତରକୁ ଆଣୁଛନ୍ତି ତାକୁ ନେଇ ବନବିଭାଗ ମଧ୍ୟ ଆଶ୍ଚର୍ଯ୍ୟପ୍ରକାଶ କରିଛି।ଏହାକୁ ନେଇ ସିନାପାଲି ତଥା ସୀମାନ୍ତ ଛତିଶଗଡ଼ ଅଞ୍ଚଳରେ ଚର୍ଚ୍ଚା ହେଉଛି। ବନ ବିଭାଗ ଚୋରା କାରବାର ରୋକିବା ପାଇଁ ନୂଆ ଯୋଜନା କରୁଥିବା ବେଳେ ଚୋରମାନେ ମଧ୍ୟ ଅଭିନବ ଉପାୟ ଅବଲମ୍ବନ କରୁଥିବା ଜଣାପଡୁଛି। ଦକ୍ଷିଣ ଉଦୟଗିରିର ଜଙ୍ଗଲରୁ ଯେଉଁଠାରେ ସାଗୁଆନ ଗଛ ଚୋରା ବେପାର ହେଉଛି, ସେଠାରେ ବନ ବିଭାଗ ଆଗାମୀ ଦିନ ମଧ୍ୟରେ କଠୋର ପଦକ୍ଷେପ ନିଆଯିବ ବୋଲି ଜଣାପଡ଼ିଛି।ବନ ବିଭାଗର ଉଚ୍ଚ ଅଧିକାରୀମାନେ କହୁଛନ୍ତି ଯେ, କିଛି ଦିନ ତଳେ ଦକ୍ଷିଣ ଉଦୟଗିରିର ଜଙ୍ଗଲରେ ଗଛ କାଟିବାର ଘଟଣା ଧରାପଡ଼ିଥିଲା। ସିନିୟର ଅଧିକାରୀ ବର୍ଣ୍ଣନା କଲେ ଯେ ୨୯ ସେପ୍ଟେମ୍ବରରେ ଓଡ଼ିଶା ସୀମା ଜଙ୍ଗଲ ଅଞ୍ଚଳରୁ ସାଗୁଆନ ଗଛ ଚୋରୀ ହୋଇଥିବା ତଥ୍ୟ ମିଳିଥିଲା।ସେହି ଗଛ କୁ ନଦୀ ଦ୍ୱାରା ଭସାଇ ଓଡ଼ିଶାକୁ ଆଣାଯାଉଛି।ଏହି ପ୍ରକାର ନୂଆ ତରିକାରେ ବନ ବିଭାଗ ମଧ୍ୟ ଚିନ୍ତିତ।ସେମାନେ ଜଣାଇଛନ୍ତି ଯେ, ଦକ୍ଷିଣ ଉଦୟଗିରିରେ ସାଗୁଆନ ଗଛ ସହିତ ବନ୍ୟପ୍ରାଣୀ ଶୀକାର ମଧ୍ୟ ହେଉଛି। ଆଗାମୀ ଦିନ ରେ ବନ ବିଭାଗ ଏହା ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନେବ। ବନ ବିଭାଗ ସୂତ୍ର ରୁ ପ୍ରକାଶ ଯେ, ଗତ କିଛି ଦିନ ତଳେ ବର୍ଷା ହେବା ଫଳରେ ଉଦନ୍ତୀ ନଦୀରେ ବର୍ଷା ଜଳ ପ୍ରବାହିତ ହେବାରୁ ଛତିଶଗଡ଼ ନିକଟରୁ ନଦୀ ଭିତରେ ଭେଳା କରି ଆଣୁଥିଲେ। ହେଲେ ସିନାପାଲି ବ୍ଲକ ସୀମାନ୍ତ ସିନ୍ଦୂରଶିଲ ଗାଁ ନିକଟକୁ ପହଞ୍ଚିଲା ବେଳକୁ ସକାଳ ହୋଇ ଯାଇଥିଲା। ଛତିଶଗଡ଼ ବନ ବିଭାଗ କୌଣସି ସୂତ୍ର ରୁ ଖବର ପାଇ ଉକ୍ତ ସ୍ଥାନରେ ଚଢଉ କରି ଜବତ କରିଥିଲା। ହେଲେ ଅଭିଯୁକ୍ତମାନେ ଫେରାର ମାରିବାରେ ସକ୍ଷମ ହୋଇଥିଲେ।



## ବଚସାରୁ ହତ୍ୟାକାଣ୍ଡ; ଜଣେ ମୃତ, ଜଣେ ଗୁରୁତର

**ଲାଞ୍ଜିଗଡ଼, ୧୫ ।୧୦(ସମିସ):** ଲାଞ୍ଜିଗଡ଼ ଥାନା ଅନ୍ତର୍ଗତ ବଳଭଦ୍ରପୁର ଗ୍ରାମର ଜଣେ ଯୁବକ ରାୟଗଡ଼ା ଜିଲ୍ଲା ବିଷମକଟକ ବ୍ଲକ ଭାଟଗୁଡା ଗ୍ରାମକୁ ଗତ ସେପ୍ଟେମ୍ବର ୧୫ ତାରିଖରେ ପାଣି ଟାଙ୍କି ନିର୍ମାଣ ପାଇଁ ନିଜ ଗାଁର ଯୁବକମାନଙ୍କ ସହିତ କାମ କରିବାକୁ ଯାଇଥିଲା ସେଠାରେ ତାଙ୍କ ମଧ୍ୟରେ ବଚସା ହୋଇଥିଲା ।ସେଠାରେ ଜଣେ ଯୁବକ ଟାଙ୍ଗିଆରେ ଆକ୍ରମଣ କରିଥିବା ବେଳେ ଘଟଣାସ୍ଥଳରେରେ ଜଣକର ମୃତ୍ୟୁ ହୋଇଥିବା ବେଳେ ଆଉ ଜଣେ ଗୁରୁତର ହୋଇ ସ୍ଥାନୀୟ ଖ୍ରୀଷ୍ଟିଆନ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ସୂଚନାନୁସାରେ ଭାଟଗୁଡ଼ା ଗ୍ରାମରେ ମେଗା ପାନୀୟ ଜଳ ପ୍ରକଳ୍ପର ପାଣି ଟାଙ୍କି ନିର୍ମାଣ କାର୍ଯ୍ୟ ଚାଲୁ ଥିବା ବେଳେ ଲାଞ୍ଜିଗଡ଼ ଥାନା ବଳଭଦ୍ରପୁର ସିମେଲଭଟାର ଚାରିଜଣ ଯୁବକ ସେଠାରେ ଶ୍ରମିକ ଭାବେ ରହି ନିର୍ମାଣ କାର୍ଯ୍ୟ କରୁଥିଲେ। ଚାରିଜଣ ଯୁବକ କୁନିଲ ଲୋହାରଓ, ଲଳିତ ମାଝୀ, ଦିଲ୍ଲୀପ ଲୋହାରଓ କୁଣୁଯା ମାଝୀ ଅଟନ୍ତି। ମଙ୍ଗଳବାର ରାତିରେ ପ୍ରାୟ ୧୧ ଟା ବେଳ କୌଣସି କାରଣରୁ ସେମାନଙ୍କ ମଧ୍ୟରେ ବଚସା ହୋଇଥିଲା ଏବଂ ଗଣ୍ଡଗୋଳ ଆରମ୍ଭ ହୋଇଥିଲା। ବଳଭଦ୍ରପୁର ସିମେଲଭଟାର ଗ୍ରାମର ସୀତା ଲୋହାରାଙ୍କ ପୁତ୍ର କୁନାଲ ଲୋହୋରା(୨୧) ଏକ ଟାଙ୍ଗିଆରେ ଆକ୍ରମଣ କରୁଥିଲେ। ଆକ୍ରମଣରେ ଗୋବିନ୍ଦ ଲୋହରାଙ୍କ ପୁତ୍ର ଦିଲ୍ଲୀପ ଲୋହରା (୨୮)ଙ୍କ ଘଟଣା ସ୍ଥଳରେ ମୃତ ହୋଇଯାଇଥିବା ବେଳ ଅରକ୍ଷିତ ମାଝୀଙ୍କ ପୁତ୍ର ଲଳିତ୍ ମାଝି(୨୨) ଗୁରୁତର ଆହତ ହୋଇ ଚିତ୍କାର କରୁଥିଲା। ଚିତ୍କାର ଶୁଣି ଭାଟଗୁଡା ଗ୍ରାମର ସ୍ଥାନୀୟ ଲୋକେ ଘଟଣାସ୍ଥଳରେ ପହଞ୍ଚି ବିଷମକଟକ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ପହଞ୍ଚି ଶବକୁ ଉଦ୍ଧାର କରି ମେଡିକାଲକୁ ପଠାଇବା ସହ ହତ୍ୟାକାରିକୁ ଅଟକ ରଖି ତଦନ୍ତ ଚଳାଇଛି। ଶବ ବ୍ୟବଛେଦ ପରେ ପରିବାର ଲୋକେ ବଳଭଦ୍ରପୁର ଗାଁକୁ ଆଣିବାପରେ ଶୋକାକୁଳ ପରିବେଶରେ ଶବଦାହ କରାଯାଇଛି।

## ନିଖୋଜ କଲେଜ ଛାତ୍ରୀ ଉଦ୍ଧାର

**କର୍ଲାମୁଣ୍ଡା, ୧୫ ।୧୦(ସମିସ):** କର୍ଲାମୁଣ୍ଡା ବ୍ଲକ ରିଷିଡାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟୟନ କରୁଥିବା ଯେମନ୍ତ କପାଟଙ୍କ ଝିଅ ନିଖୋଜ ହୋଇଥିବା ଥାନାରେ ଅଭିଯୋଗ ହୋଇଥିଲା। ଶ୍ରୀ କପାଟଙ୍କ ଝିଅ କଲେଜକୁ ପଢ଼ିବାକୁ ଆସି ଗତ ୧୦ ତାରିଖ ଦିନ ଆଉ ଘରକୁ ଫେରିନଥିଲେ। ଏନେଇ ଛାତ୍ରୀର ବାପା ମ.ରାମପୁର ଥାନାରେ ଗତ ୧୧ ତାରିକ ଦିନ ଝିଅ ନିଖୋଜ ଥିବା ନେଇ ଏତଲା ଦେଇଥିଲେ। ଏତଲାକୁ ଭିତ୍ତି କରି ପୁଲିସ କେସ ନଂ-୨୫୭ରେ ମାମଲା ରୁଜୁ କରାଯାଇଥିଲା। ତେବେ କେସିଙ୍ଗା ଏସ୍‌ଡିପିଓ ସନ୍ଦୀପ କୁମାର ମାଝୀଙ୍କ ତତ୍ତ୍ୱାବଧାନରେ ରିଷିଡା ଫାଣ୍ଡି ଅଧିକାରୀ ମନୁଆ ବିଡିକାଙ୍କ ନେତୃତ୍ୱରେ ଟିମ୍ ଗଠନ କରାଯାଇଥିଲା। ଆଜି ଉକ୍ତ ଛାତ୍ରୀଙ୍କୁ ଫାଣ୍ଡିଅଧିକାରୀ ଶ୍ରୀ ବିଡିକା ଉଦ୍ଧାର କରିବା ସହ ଛାତ୍ରୀକୁ ତାର ପିତାମାତାଙ୍କୁ ହସ୍ତାନ୍ତ କରିଥିବା ଜଣାଯାଇଛି।

## ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦ ଉଦ୍‌ଘାଟିତ

**ଲାଞ୍ଜିଗଡ଼, ୧୫ ।୧୦(ସମିସ):** ଲାଞ୍ଜିଗଡ଼ ସାପ୍ତାହିକ ବଜାର ପ୍ରାଙ୍ଗଣରେ ବୁଧବାର ଲାଞ୍ଜିଗଡ଼ ଆଞ୍ଚଳିକ ଉନ୍ନୟନ ପରିଷଦର ଆନୁଷ୍ଠାନିକ ଭାବେ ଉଦ୍‌ଘାଟିତ ହୋଇଯାଇଛି।ଅନୁଷ୍ଠାନର ମୁଖ୍ୟ ଉଦ୍ଦେଶ୍ୟ ଲାଞ୍ଜିଗଡ଼ରେ ବ୍ଲକ ଅଫିସ୍ ସ୍ଥାପନ କରିବା, ଲାଞ୍ଜିଗଡ଼କୁଏନ୍ଏସି ଘୋଷଣା, ସରକାରଙ୍କ ଦ୍ୱାରା ଘୋଷିତ ଲାଞ୍ଜିଗଡ଼ ଆଇଟିଆଇ ପ୍ରତିଷ୍ଠା, ଲାଞ୍ଜିଗଡ଼ରେ ରେଜିଷ୍ଟ୍ରାର ଓ ଟ୍ରେଜେରି ଅଫିସ୍ ପ୍ରତିଷ୍ଠା, ଅତିରିକ୍ତ ତହସିଲ ଅଫିସ୍ ପ୍ରତିଷ୍ଠା, ବସ୍‌ଷ୍ଟାଣ୍ଡ ନିର୍ମାଣ, ସ୍ୱାସ୍ଥ୍ୟକେନ୍ଦ୍ରକୁ ଉନ୍ନତୀକରଣ, ଛଅଟି ପଞ୍ଚାୟତ ବିଭିନ୍ନ ରାସ୍ତା, ଆଲୋକିକରଣ ଆଦି ଦାବି ସରକାରଙ୍କ ପାଖରେ ଉପସ୍ଥାପନ କରିବା। ଲାଞ୍ଜିଗଡ଼ ତଥା ପାଖ ପଡ଼ୋଶୀ ପଞ୍ଚାୟତର ଜନସାଧାରଣଙ୍କୁ ନେଇ ଗତ ସେପ୍ଟେମ୍ବର ୧୪ ତାରିଖରେ ଅନୁଷ୍ଠାନ ଗଠନ ହୋଇଥିଲା।ଆଜି ଆନୁଷ୍ଠାନିକ ଭାବେ ଶୁଭ ଉଦ୍‌ଘାଟନୀ ହୋଇଯାଇଛି। ମୁଖ୍ୟଅତିଥି ଭାବେ ସୁରେନ୍ଦ୍ର ପ୍ରତାପ ସିଂ ଦେଓ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଲାଞ୍ଜିଗଡ଼ ପୂର୍ବତନ ସରପଞ୍ଚ ଚନ୍ଦ୍ରଧ୍ୱଜ ପେଶନିଆ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ରାଜେନ୍ଦ୍ର ପ୍ରତାପ ସିଂ ଦେଓ, ଲାଞ୍ଜିଗଡ଼ ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ସେନାପତି ନାଏକ, ସମାଜସେବୀ ସୁବାସ ଅଗ୍ରୱାଲ, ଯୁବ ସମାଜସେବୀ ସୁବାଷ ମହାପାତ୍ର ଓ ପାତ୍ର ମାଝୀ, ସୁରେନ୍ଦ୍ର ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।କାର୍ଯ୍ୟକ୍ରମକୁ ଅନୁଷ୍ଠାନର ସମ୍ପାଦକ ଶ୍ରୀମୁଖ ଅଗସ୍ତି ପରିଚାଳନା କରିଥିବାବେଳେ ସମସ୍ତ ଅତିଥିମାନଙ୍କୁ ଫୁଲତୋଡା ଓ ଉପଢୌକାନ ଦେଇ ସମ୍ମାନିତ କରାଯାଇଥିଲା।କାର୍ଯ୍ୟକ୍ରମରେ ଅତିଥିମାନେ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ।ଏହି ଉନ୍ନୟନ ପରିଷଦକୁ ପରିଚାଳନା କରିବା ପାଇଁ ପୂର୍ବରୁ ଏକ ଗଭର୍ଣ୍ଣିବଡି କମିଟି ଗଠନ ହୋଇଥିଲା ଏଥିରେ ଶ୍ରୀଧର ପେଶନିଆ ସଭାପତି, ରାଜେନ୍ଦ୍ର ପ୍ରତାପ ସିଂଦେଓ କାର୍ଯ୍ୟକାରୀ ସଭାପତି, ଶ୍ରୀମୁଖ ଅଗସ୍ତି ସାଧାରଣ ସମ୍ପାଦକ, ଅଶୋକ ପଟ୍ଟନାୟକ, ଶିଶିର ପୂଝାରୀ ଓ ଭୂପେନ୍ଦ୍ର ମହରଥା ସହ ସମ୍ପାଦକ, ସୁବାସ ଅଗ୍ରୱାଲ କୋଷାଧକ୍ଷ, ସୁବାସ ଚନ୍ଦ୍ର ମହାପାତ୍ର ସହ କୋଷାଧକ୍ଷ ଭାବେ ଚୟନ କରାଯାଇଛି।ସେହିପରି କମିଟିରେ ୨ ଜଣ କନଭେନର ଚନ୍ଦ୍ରଧ୍ୱଜ ପେଶନିଆ ଓ ରାଜେନ୍ଦ୍ର ପ୍ରତାପ ସିଂ ଦେଓ ରହିଥିବା ବେଳେ ଆଇନ ପରାମର୍ଶଦାତା ସିଦ୍ଧାର୍ଥ ନାୟକ, ଆଇନଜୀବୀ ଅନ୍‌ୱାର ଭାରତୀ ରହିଛନ୍ତି।ଉପଦେଷ୍ଟା କମିଟିରେ ଲାଞ୍ଜିଗଡ଼ ସରପଞ୍ଚ ସରସ୍ୱତୀ ମୁଣ୍ଡା, ବସନ୍ତପଡ଼ା ସରପଞ୍ଚ ଚାଞ୍ଚେର ମାଝୀ, ଛତ୍ରପୁର ସରପଞ୍ଚ ସୁଷମା ମାଝୀ, ଜଗନ୍ନାଥପୁର ସରପଞ୍ଚ ମୁଗୁନା ମାଝୀ, ବାତେଲିମା ସରପଞ୍ଚ କରୁଣା ମାଝୀ, ତ୍ରିଲୋଚନପୁର ସରପଞ୍ଚ ରହିଥିବା ବେଳେ କାମରାଜ ଦଳବେହେରା, ସେନାପତି ନାଏକ, ବିପିନ୍ ପଟ୍ଟନାୟକ, ଧାନ ମାଝୀ, ହରେକୃଷ୍ଣ ଯୋଷି, ତ୍ରିନାଥ ମହାଖୁଡ ରହିଛନ୍ତି।ସେହିପରି ମିଡ଼ିଆ ସେଲ୍‌ଫ ପରିଚାଳନା କମିଟି ଭାବେ କ୍ଷମାନିଧି ମହାଖୁଡ଼, ଏମ୍. ଚନ୍ଦ୍ରଶେଖର ମହେଶ୍ୱର ପତି ରହିଛନ୍ତି। ଏହା ବ୍ୟତୀତ ଲାଞ୍ଜିଗଡ଼, ବସନ୍ତପଡ଼ା, ଛତ୍ରପୁର, ବାତେଲିମା, ଜଗନ୍ନାଥପୁର ଓ ତ୍ରିଲୋଚନପୁର ୬ଟି ପଞ୍ଚାୟତର ୭୫ ଜଣ ଲଜ୍ୟୁକ୍ଟିଭି ମେମ୍ବର ରହିଛନ୍ତି। କାର୍ଯ୍ୟକ୍ରମରେ ୬ ଟି ପଞ୍ଚାୟତର ଶତାଧିକ ମହିଳା, ପୁରୁଷ, ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ।ଶେଷରେ ଯୁବ ସମାଜସେବୀ ପାତ୍ର ମାଝୀ ସମସ୍ତଙ୍କୁ ଧନ୍ୟବାଦ୍ ଦେଇଥିଲେ।

## ଏନ୍‌ଆଇଟି ଦ୍ୱାରା ଆଣ୍ଟିବାୟୋଟିକ୍ ପ୍ରତିରୋଧକ ସବୁଜ ବିକଳ୍ପ

**ରାଉରକେଲା, ୧୫।୧୦(ସମିସ) :** ଜାତୀୟ ପ୍ରଯୁକ୍ତି ପ୍ରତିଷ୍ଠାନ (ଏନ୍‌ଆଇଟି) ରାଉରକେଲାର ଗବେଷକମାନେ ଔଷଧୀୟ ଗଛର ନିର୍ଗମକୁ ବ୍ୟବହାର କରି ଶକ୍ତିଶାଳୀ ଆଣ୍ଟିବ୍ୟାକ୍ଟେରିଆଲ୍ ଏଜେଣ୍ଟ ବା ଆଣ୍ଟିବାଇଓଟିକ ପ୍ରତିରୋଧକ ଜାରକ ପ୍ରସ୍ତୁତ କରିଛନ୍ତି, ଯାହା ପରିବେଶଗତ ଭାବରେ ସୁରକ୍ଷିତ ଓ ପ୍ରଭାବଶାଳୀ ଅଟେ। ଏହି ଗବେଷଣା ଆଣ୍ଟିମାଇକ୍ରୋବିଆଲ୍ ପ୍ରତିରୋଧର ସମସ୍ୟାକୁ ସମାଧାନ କରିବ ବୋଲି ସୂଚନା ମିଳିଛି। ପାରମ୍ପରିକ ଆଣ୍ଟିବାଇଓଟିକ୍ସର ଅତ୍ୟଧିକ ବ୍ୟବହାର ଫଳରେ 'ସୁପରବଗ୍‌ସ୍' ବୃଦ୍ଧି ପାଇଛି ଯାହା ଏହି ଚିକିତ୍ସା ପ୍ରତି ପ୍ରତିରୋଧୀ। ସାରା ବିଶ୍ୱରେ, ବୈଜ୍ଞାନିକମାନେ ଏହି ସୁପରବଗ୍‌ସ୍ ସହିତ ଲଢ଼ିବା ପାଇଁ ବିକଳ୍ପ ପଦ୍ଧତି ଖୋଜୁଥିବା ବେଳେ ଏନଆଇଟି ରାଉରକେଲାର ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ପ୍ରତିଷ୍ଠିତ ସରଫେସେସ୍ ଆଣ୍ଡ ଇଣ୍ଟରଫେସେସ୍ ଜର୍ଣ୍ଣାଲରେ ପ୍ରକାଶିତ ଏହି ଅଧ୍ୟୟନକୁ ଜୀବ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା ଏବଂ ତାଙ୍କର ଗବେଷଣା ବିଦ୍ୱାନ କୁମାରୀ ସୁଭମ୍, ସୋନାଲି ଜେନା ଓ ମୋନାଲିସା ଓଝା ଲେଖିଥିଲେ। ଏହି ସମସ୍ୟାର ସମାଧାନ ପାଇଁ, ଏନ୍‌ଆଇଟି ରାଉରକେଲାର ଗବେଷକମାନେ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକା ଉତ୍ପାଦନ ପାଇଁ ଏକ ପରିବେଶ ଅନୁକୂଳ ପଦ୍ଧତି ଗ୍ରହଣ କରିଛନ୍ତି। କଠୋର ରାସାୟନିକ ପଦାର୍ଥ ବଦଳରେ, ଗବେଷକମାନେ ଗେଣ୍ଡୁ, ଆମ୍ବ ଓ ୟୁକାଲିପଟାସ ଭଳି ଗଛର ପତ୍ର ଓ ଫୁଲରୁ ନିର୍ଗତ ଜିଙ୍କ୍ ଲବଣକୁ ଜିଙ୍କ୍ ଅକ୍ସାଇଡ୍ ସୂକ୍ଷ୍ମକଣିକାରେ ପରିଣତ କରିବା ପାଇଁ ଏକ ନିଷ୍କାସନ ବ୍ୟବହାର କରିଥିଲେ ଯାହା ନିଷ୍କାସନ ଦ୍ୱାରା ଉତ୍ପାଦିତ ଫାଇଟୋକମ୍ପାଉଣ୍ଡ ଶୋଷଣ କରିଥାଏ। ଗବେଷଣାର ଗୁରୁତ୍ୱ ଉପରେ ଆଲୋକପାତ କରି ଏନ୍‌ଆଇଟି ରାଉରକେଲାର ଜୀବ ବିଜ୍ଞାନ ବିଭାଗର ସହଯୋଗୀ ପ୍ରାଧ୍ୟାପକ ପ୍ରଫେସର ସୁମନ ଝା କହିଛନ୍ତି ଏହି କାର୍ଯ୍ୟ ସ୍ଥାୟୀ ସ୍ୱାସ୍ଥ୍ୟସେବା ପ୍ରଣାଳୀକୁ ସମର୍ଥନ କରିପାରୁଥିବା ଏକ ନୂତନ ପିଢ଼ିର ସବୁଜ ସୂକ୍ଷ୍ମକଣିକା ବିକାଶ କରିବା ଦିଗରେ ଏକ ପଦକ୍ଷେପ ଅଟେ। ନିର୍ଗମନ ସହିତ ଆବୃତ ସୂକ୍ଷ୍ମକଣିକା, ବିଶେଷକରି ଗେଣ୍ଡୁ ଫୁଲ ପାଖୁଡ଼ାରୁ ତିଆରି ସୂକ୍ଷ୍ମକଣିକା, ରାସାୟନିକ ଭାବରେ ସଂଶ୍ଳେଷିତ ସୂକ୍ଷ୍ମକଣିକା କିମ୍ବା କେବଳ ଉଦ୍ଭିଦ ନିର୍ଗମନ ଅପେକ୍ଷା ଜୀବାଣୁ ହତ୍ୟା କରିବାରେ ଦୁଇଗୁଣ ଅଧିକ ପ୍ରଭାବଶାଳୀ ବୋଲି ଜଣାପଡ଼ିଛି।

ମାଇଲଖୁଣ୍ଟ ଅତିକ୍ରମ କଲା ଆର୍‌ଏସ୍‌ପି

## ଷ୍ଟିଲ୍ ମେଲ୍ଟିଂ ସପ୍-୨ ରେ ଅତ୍ୟାଧୁନିକ କାଷ୍ଟର-୪ କାର୍ଯ୍ୟକ୍ଷମ

**ରାଉରକେଲା, ୧୫।୧୦(ସମିସ):** ଉତ୍କର୍ଷତା ଦିଗରେ ଆଉ ଏକ ଐତିହାସିକ ସଫଳତା ସ୍ୱରୂପ ସେଲ୍‌ଫ ରାଉରକେଲା ଇସ୍ପାତ କାରଖାନା (ଆରଏସପି) ଅକ୍ଟୋବର ୧୩ ତାରିଖରେ ଏହାର ଷ୍ଟିଲ୍ ମେଲ୍ଟିଂ ସପ୍-୨ (ଏସଏମଏସ ୨) ରେ ସ୍ଥାପିତ ନୂତନ କାଷ୍ଟର-୪ ରୁ ପ୍ରଥମ କାଷ୍ଟ ସଫଳତାର ସହିତ ଉତ୍ପାଦିତ ହୋଇଛି। ଇସ୍ପାତ ନିର୍ମାଣ କ୍ଷମତା ବିସ୍ତାର ଏବଂ ଭବିଷ୍ୟମୁଖୀ ପ୍ରଯୁକ୍ତିବିଦ୍ୟା ଗ୍ରହଣ ଲକ୍ଷ୍ୟରେ ଆର୍‌ଏସ୍‌ପି ସାମୂହିକଙ୍କ ନିରବଚ୍ଛିନ୍ନ ଦଳଗତ ପ୍ରୟାସ, ସୂକ୍ଷ୍ମ ଯୋଜନା ଏବଂ ଇଞ୍ଜିନିୟରିଂ ପ୍ରତିଭାର ସମ୍ମିଳିତ ସ୍ୱରୂପର ଏହି ମାଇଲଖୁଣ୍ଟ ହାସଲ ହେଉଛି ଏକ ପ୍ରତିବିମ୍ବ। କନସୋର୍ସିୟମ୍ ଲିଡର ଭାବେ ନୂଆଦିଲ୍ଲୀସ୍ଥିତ ମେସର୍ସ ଏସ୍‌ଏମ୍‌ଏସ୍ ଇଣ୍ଡିଆ ପ୍ରାଇଭେଟ୍ ଲିମିଟେଡ୍ ତଥା କନସୋର୍ସିୟମ୍ ସଦସ୍ୟ ରୂପେ ମେସର୍ସ ଏସ୍‌ଏମ୍‌ଏସ୍ ଗ୍ରୁପ୍ ଜିଏମ୍‌ବିଏଚ୍, ଜର୍ମାନୀ (ଏସଡିଇ) ଅଧୀନରେ କାର୍ଯ୍ୟକାରୀ ହୋଇଥିବା ଏହି କାଷ୍ଟର-୪ ପ୍ରକଳ୍ପ, ୨୦୨୨ ଫେବୃଆରୀ ୧୬ ତାରିଖରେ ଚୁକ୍ତି ସ୍ୱାକ୍ଷରିତ ହେବା ଦିନ ଠାରୁ ୪୪ ମାସ ମଧ୍ୟରେ ଉକ୍ତ ସଫଳତା ହାସଲ କରିବାରେ ସକ୍ଷମ ହୋଇଛି। ଏହି କ୍ଷମତାର ଯେକୌଣସି ସ୍ଲାବ୍ କାଷ୍ଟର ପ୍ରକଳ୍ପ ପାଇଁ ସମଗ୍ର ସେଲରେ ଏହା ରେକର୍ଡ ଅବଧି। ଉଲ୍ଲେଖନୀୟ ଯେ, ଏହି ମାଇଲଖୁଣ୍ଟ ହାସଲର ଯାତ୍ରା ଶୂନ୍ୟ ସୁରକ୍ଷା ଘଟଣା ସହ ସମ୍ପନ୍ନ ହୋଇଥିଲା। ଯାହା ଆର୍‌ଏସ୍‌ପିର ଶୂନ୍ୟ ଦୁର୍ଘଟଣା ନୀତି ପ୍ରତି ଥିବା ପ୍ରତିବଦ୍ଧତାକୁ ମଧ୍ୟ ବଜାୟ ରଖିପାରିଛି। ଏହି ପ୍ରକଳ୍ପ କାର୍ଯ୍ୟାନ୍ୱୟନର ପ୍ରତ୍ୟେକ ପର୍ଯ୍ୟାୟ ସୁରକ୍ଷା ପ୍ରୋଟୋକଲର ସର୍ବାଧିକ ଅନୁପାଳନ ସହିତ ସମ୍ପାଦିତ ହୋଇଥିଲା, ଯାହା କାରଖାନାର ଦୃଢ଼ ସୁରକ୍ଷା ସଂସ୍କୃତି ଏବଂ ସୁରକ୍ଷିତ ବୃତ୍ତିଗତ ଅଭ୍ୟାସକୁ ପ୍ରତିଫଳିତ କରିଥିଲା। ଉଲ୍ଲେଖନୀୟ ଯେ, ପୂର୍ବ ଯୋଜନା ମୁତାବକ ସମସ୍ତ ସଟଡାଉନ କାର୍ଯ୍ୟ ସମୟସୀମା ପୂର୍ବରୁ ସମାପ୍ତ ହୋଇଥିଲା, ଯାହା ପୂର୍ବ ଭଳି କାରଖାନାରୁ ହେଉଥିବା ନିରବଚ୍ଛିନ୍ନ ଉତ୍ପାଦନକୁ ମଧ୍ୟ ସୁନିଶ୍ଚିତ କରିଥିଲା। ବୈଷୟିକ ଜ୍ଞାନ କୌଶଳରେ ନୂତନ କାଷ୍ଟର-୪ ର ଏକ ଅତ୍ୟାଧୁନିକ ସୁବିଧା ରୂପେ ଉଭା ହୋଇଛି ଯାହା ଉନ୍ନତ ମୋଲ୍ଡ ଅସିଲେସନ ପ୍ରଣାଳୀ, ବିଓପିଏସ, ଏଏମଏଲସି ସିଷ୍ଟମ, ଆର୍‌ଏଏମ୍, ଅତ୍ୟାଧୁନିକ ଲେଭେଲ-୨ ଅଟୋମେସନ, ସଠିକ୍ ନିୟନ୍ତ୍ରଣ ପାଇଁ ହାଇ ସ୍ପିଡ ଡାଟା ଇଣ୍ଟିଗ୍ରେସନ ଏବଂ ଗୁରୁତ୍ୱପୂର୍ଣ୍ଣ ଜଟିଳ ଉପକରଣଗୁଡ଼ିକର ପୂର୍ବାନୁମାନିକ ସ୍ଥିତି ମନିଟରିଂ ପାଇଁ ଇଣ୍ଡଷ୍ଟ୍ରି ୪.୦ ସେନ୍ସର ଭଳି ଅତ୍ୟାଧୁନିକ ବୈଶିଷ୍ଟ୍ୟ ସହ ଡିଜାଇନ କରାଯାଇଛି। ଆରଏସପି ଏବଂ ବୋକାରୋ ଇସ୍ପାତ କାରଖାନାର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମାଙ୍କ ମାର୍ଗଦର୍ଶନ ଏବଂ ନିରନ୍ତର ପ୍ରୋତ୍ସାହନରେ ଏହି ମାଇଲଖୁଣ୍ଟ ହାସଲ ହୋଇଛି। ଏହି ମହତ୍ୱପୂର୍ଣ୍ଣ ପ୍ରଥମ କାଷ୍ଟିଂ ମାନବ ସମ୍ବଳ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, କାର୍ଯ୍ୟ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ, ସାମଗ୍ରୀ ପରିଚାଳନା ବିଭାଗର ନିର୍ବାହୀ ନିର୍ଦ୍ଦେଶକ ଅନିଲ କୁମାର, ଖଣି ବିଭାଗର ନିର୍ବାହୀ ନିର୍ଦ୍ଦେଶକ ମୁନ୍ନା ପ୍ରସାଦ ସିଂହ, ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲ ଚୌଧୁରୀ, ବିତ୍ତ ଓ ଲେଖା ବିଭାଗର ସିଜିଏମ ରାଜେଶ ଦାସଗୁପ୍ତା, ଏସ ଏମ ଏସ ୨ ବିଭାଗର ସିଜିଏମ ଏମ.ଜି ଶ୍ରୀକାନ୍ତ ତଥା ପ୍ରକଳ୍ପ, ଏସ ଏମ ଏସ ୨ ସହ ସମ୍ପୃକ୍ତ ବିଭାଗର ବହୁ ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପନ୍ନ ହୋଇଥିଲା।



## ଗୋଲାମୁଣ୍ଡା ଥାନାରେ ବିଦାୟକାଳୀନ ସମ୍ବର୍ଦ୍ଧନା

**ଗୋଲାମୁଣ୍ଡା, ୧୫ ।୧୦(ସମିସ):** କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ଥାନାର ସବଇନ୍ସପେକ୍ଟର ରାଜେଶ ପରିଡ଼ାଙ୍କ ଗୋଲାମୁଣ୍ଡା ଥାନାରୁ କେସିଙ୍ଗା ଥାନାକୁ ବଦଳି ହୋଇଛି। ସବଇନ୍ସପେକ୍ଟର ଶ୍ରୀ ପରିଡ଼ାଙ୍କୁ ଗୋଲାମୁଣ୍ଡା ଥାନା ପରିସରରେ ବିଦାୟକାଳିନ ସମ୍ବର୍ଦ୍ଧନା ଦିଆଯାଇଛି।ଗୋଲାମୁଣ୍ଡା ଥାନା ଅଧିକାରୀ ଜ୍ୟୋତି ପ୍ରକାଶ ତାଣ୍ଡି, ଦଶପୁର ଫାଣ୍ଡି ଅଧିକାରୀ ସାହୁ, ରଞ୍ଜନ କୁମାର ରାଉତ, ସମାଜସେବୀ ଶ୍ୟାମସୁନ୍ଦର ଅଗ୍ରୱାଲ ଓ ସମସ୍ତ ଥାନା କର୍ମଚାରୀ ତାଙ୍କୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ।

## ଜୟପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ପୋଷଣ ମାସ

**ଭବାନୀପାଟଣା, ୧୫ ।୧୦ (ସମିସ):** ଜୟ ପ୍ରକାଶ ସାନ୍ଧ୍ୟ ଡିଗ୍ରୀ ମହାବିଦ୍ୟାଳୟରେ ଅଷ୍ଟମ ରାଷ୍ଟ୍ରୀୟ ପୋଷଣ ମାସ ପାଳିତ ହୋଇଯାଇଛି। କଳାହାଣ୍ଡି ଜିଲ୍ଲା ସମାଜ ମଙ୍ଗଳ କାର୍ଯ୍ୟାଳୟରୁ ପୋଷଣ ବିଶେଷଜ୍ଞ ବିଶ୍ୱନାଥ ଦାଶ ମୁଖ୍ୟଅତିଥି ଭାବରେ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ପୋଷଣର ଲକ୍ଷ୍ୟ, ଉଦ୍ଦେଶ୍ୟ ଏବଂ ରାଷ୍ଟ୍ରରେ ସୁସ୍ଥ ଯୁବକର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ପରମେଶ୍ୱର ମୁଣ୍ଡ ଏହାର ଉପକାରିତା ବିଷୟରେ ଗୁରୁତ୍ୱ ଦେଇଥିଲେ। ଅଧ୍ୟାପକ ତଥା ଜାତୀୟ ସେବା ଯୋଜନା ଅଧିକାରୀ ପ୍ରତାପ ଚନ୍ଦ୍ର ଦାଶ ସଭା ପରିଚାଳନା କରିଥିବା ବେଳେ ଏନ୍‌ସିସି ଅଫିସର ଶୁଶାନ୍ତ କୁମାର ଦାଶ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ଶୁଭେନ୍ଦୁ କୁମାର ପାଢ଼ୀ, ଫାଲଗୁନୀ ପ୍ରଧାନୀ, ମୀନକେତନ ସାହୁ, ମିକୁ ମିଶ୍ର ନିଆଲ, ମନ୍ଦାକିନି ପ୍ରଧାନ ଓ ପୁରୀତ ରଣା ସହଯୋଗ କରିଥିଲେ।

## କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ରାଉରକେଲା, ୧୫।୧୦(ସମିସ):** ସୁନ୍ଦରଗଡ଼ ସଦର ବ୍ଲକ ଅଧୀନ ସେମନା ଗ୍ରାମରେ ସ୍ଥାୟୀୟ ଟାଇଗର କ୍ଲବ ଦ୍ୱାରା ଆୟୋଜିତ ଦୁଇ ଦିନିଆ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଛି। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟ ଗତ ୧୩ ତାରିଖରୁ ଆରମ୍ଭ ହୋଇ ୧୪ ତାରିଖ ଯାଏ ଦୁଇ ଦିନ ଚାଲିଥିଲା। ଏହି କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ୧୪ ତାରିଖ ଦିନ ଏହାର ଫାଇନାଲ ମ୍ୟାଚ ଦିନ ବିଧାୟକ ପ୍ରତିନିଧି ଜୟ ନାରାୟଣ ତ୍ରିପାଠୀ ଓ ପୂର୍ବତନ ନଗରପାଳ ବେଣୁଧର ତାଣ୍ଡିଆ ଯଥାକ୍ରମେ ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଫାଇନାଲ ମ୍ୟାଚ ୮ ଓଭର ଲେଖାଏଁ ଖେଳା ଯାଇଥିଲା। ଏହି ଫାଇନାଲ ମ୍ୟାଚ ରୁପିଡିହି ଏବଂ ଖମାରବାହାଲ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ରୁପିଡିହି ଦଳ ପ୍ରଥମେ ବ୍ୟାଟିଂ କରି ୮ ଓଭରରେ ୮୧ ରନ୍ କରି ଚାମ୍ପିଅନ ହୋଇଥିଲା। ଏହାର ଜବାବରେ ବ୍ୟାଟିଂ କରି ଖମାରବାହାଲ ଦଳ ମାତ୍ର ୪୫ ରନ କରି ଏଲ ଆଉଟ ହୋଇଯାଇ ରନର୍ସଅପ ହୋଇଥିଲା। ଏହି ଟୁର୍ଣ୍ଣାମେଣ୍ଟର ଚାମ୍ପିଅନ ରୁପିଡିହି ଦଳକୁ ମୁଖ୍ୟ ଅତିଥି ଏବଂ ସମ୍ମାନିତ ଅତିଥି ଟ୍ରଫି ସହିତ ନଗଦ ପାଞ୍ଚ ହଜାର ଟଙ୍କା ଏବଂ ରନର୍ସଅପ ଦଳକୁ ଟ୍ରଫି ସହିତ ନଗଦ ତିନି ହଜାର ଟଙ୍କା ପୁରସ୍କୃତ କରିଥିଲେ। ଏହା ସହିତ ଅତିଥିମାନେ ଫାଇନାଲ ମ୍ୟାଚରେ ମ୍ୟାନ୍ ଅଫ୍ ଦ ମ୍ୟାନ ଏବଂ ମ୍ୟାନ୍ ଅଫ ଦ ସିରିଜ ଖେଳାଳିଙ୍କୁ ମଧ୍ୟ ଟ୍ରଫି ଦେଇ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟଟି କ୍ଲବର ସଦସ୍ୟ ଅଜିତ କୁମାର ତିର୍କୀଙ୍କ ତତ୍ତ୍ୱାବଧାନରେ ଖେଳା ଯାଇଥିଲାବେଳେ ପୁରା ଟୁର୍ଣ୍ଣାମେଣ୍ଟର ସମସ୍ତ ଖେଳରେ ଟାଇଗର କ୍ଲବର ଇନ୍ଦ୍ରଜିତ ଗରଡ଼ିଆ, ମାନସ ମାଝୀ, ବିଶ୍ୱଜିତ କୁମରା, ଅସୀମ ଦାଶ, ଆରିଆ ଦାଶ, ସୁବାଶିଷ ଗରଡିଆ, ଦିନେଶ ମାଝୀ, ବିଶ୍ୱ ନେଟି ଏବଂ ବଣ୍ଟି ନେଟି ତଥା ସମସ୍ତ ସଦସ୍ୟମାନେ ସହଯୋଗ କରିଥିଲେ।



ଦଣ୍ଡପାଟ 'ଦଶରା' ମହୋତ୍ସବ ସମ୍ପନ୍ନ

# ଘୁମୁରାରେ ଦୁଲୁକିଲା ମଞ୍ଚ

କୋକସରା, ୧୫ ।୧୦(ସମିସି)

କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ଗୋତମୁଣ୍ଡାରେ ଗତ ୩ଦିନ ଧରି ଚାଲିଥିବା ମା' ସର୍ବମଙ୍ଗଳା ଘାଟିମୁଣ୍ଡିଆଣି ଦେବୀଙ୍କ ବାର୍ଷିକ ଦଣ୍ଡପାଟ ଦଶରା ମହୋତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଛି। ରବିବାର ଦେବୀଙ୍କ ଖଣ୍ଡାଧୁଆ କାର୍ଯ୍ୟ, ଦେବୀଙ୍କ ଦର୍ଶନ ସହ ଦଶରା ପର୍ବର ପ୍ରାରମ୍ଭ ହୋଇଥିଲା। ସୋମବାର ରାତିରେ 'ନାଟକ' ପ୍ରତିଯୋଗିତା ହୋଇଥିବା ବେଳେ ମଙ୍ଗଳବାର ତୃତୀୟ ସନ୍ଧ୍ୟା ତଥା ଉଦ୍‌ଯାପନୀ ଉତ୍ସବରେ ଘୁମୁରା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନୀ ଉତ୍ସବରେ ଧର୍ମଗଡ଼ ବିଧାୟକ ସୁଧୀର ପାଟଯୋଷୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ ଦିଶାରୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ବ୍ଲକ ଉପାଧ୍ୟକ୍ଷ ରାଜୀବ ଅଗ୍ରୱାଲ, ଜିଲ୍ଲା ଆଦିବାସୀ ସଂଘ ସଭପତି ପ୍ରକାଶ ଚନ୍ଦ୍ର ମାଝୀ, ବ୍ଲକ ସମ୍ପାଦକ ତ୍ରିନାଥ ଶବର, ବିଜେପି ମଣ୍ଡଳ ସଭାପତି ଧର୍ମବ୍ରତ ପଣ୍ଡା, ମଧୁବନ ପାତ୍ର, ବସନ୍ତ ନାଗ, ଏସ୍‌ଆଇ ହମିତ ମାଝୀ, ଚନ୍ଦାହାଣ୍ଡି ଜୋନ-୧ ଜିଲ୍ଲାପରିଷଦ ସଭ୍ୟା। ବର୍ଷା ରାଣୀ ପଟେଲ, ଜିଲ୍ଲାପରିଷଦ ସଭ୍ୟ ଶଙ୍କର ଯୁଏଡ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରତିଯୋଗିତାରେ ମୋଟ ୧୨ ଗୋଟି ଘୁମୁରା ଦଳ ଭାଗନେଇ ଥିଲେ। ତେବେ ଲୋକନୃତ୍ୟ 'ଘୁମୁରା'ର ହୃଦକମ୍ପନ ଧ୍ୱନିରେ ମଞ୍ଚ ଦୁଲୁକି ଉଠିଥିବା ବେଳେ ବିଭୋର ହୋଇଥିଲେ ଦର୍ଶକ। ଉଦ୍‌ଯାପନି ଉତ୍ସବରେ ଦଣ୍ଡପାଟ ଦଶରା ମହୋତ୍ସବ କମିଟି ପକ୍ଷରୁ ବରିଷ୍ଠ ଲକ୍ଷ୍ୟ ଜ୍ୟୋତି ଜାଲ, ଆଧ୍ୟାତ୍ମିକ ଗବେଷଣା ତଥା କାଳୀ କୃଷ୍ଣ ସଂଘର ପରିଚାଳକ ଜଗତାନନ୍ଦ ଜୀ, କଳାହାଣ୍ଡି ଆଦିବାସୀ ସଂଘର ସଭାପତି ପ୍ରକାଶ ମାଝୀ, ଜିଲ୍ଲା ଆଦିବାସୀ ସଂଘର ସମ୍ପାଦକ ରୁତୁରାଜ ମାଝୀ, କୋକସରା ବ୍ଲକ ଆଦିବାସୀ ସଂଘର ସମ୍ପାଦକ ତ୍ରିନାଥ ଶବର, ଯୁବ ସମାଜସେବୀ ଶ୍ୟାମସୁନ୍ଦର ମାଝୀ ପ୍ରମୁଖଙ୍କୁ ଦଶରା ମହୋତ୍ସବ କମିଟି ପକ୍ଷରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ଶିକ୍ଷକ କ୍ଷୀରସିନ୍ଧୁ ବାଣୁଆ ମଞ୍ଚ ସଂଯୋଜନା କରିଥିଲେ। ଦଶହରା କମିଟିର ସଭାପତି ହେମନ୍ତ ମାଝୀ, ସମ୍ପାଦକ ଭାରତ ପୁଝାରୀ, ଉପସଭାପତି ପୂର୍ଣ୍ଣଚନ୍ଦ୍ର ନାଏକ, ଭାରତ ଦୁର୍ଗା, ଯଦୁମଣି ଦୁର୍ଗା, ପାର୍ଥବ ମାଝୀ, ହିମାଞ୍ଚଳ ପୁଝାରୀ, ପ୍ରମୋଦ ମାଝୀ, ଲକ୍ଷ୍ମିକାନ୍ତ ମାଝୀ, ରୋମାଞ୍ଚଳ ପୁଝାରୀ, ବଳରାମ ମାଝୀ, ନିରଞ୍ଜନ ବାଗ, ତୁଳାରାମ ଗୋପାଳ, କୁଶଧ୍ୱଜ ନାଏକ, ପିଣ୍ଟୁ ମାଝୀ ସମେତ ଗୋତମୁଣ୍ଡା ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ। ଶାନ୍ତି ଶୃଙ୍ଖଳା ନିମନ୍ତେ ଗୋତମୁଣ୍ଡା ଫାଣ୍ଡି ପୁଲିସ ଉପସ୍ଥିତ ଥିଲେ।





| ମୁଦ୍ରା ବିନିମୟ ମୂଲ୍ୟ | ସୁନା, ରୁପା ଦର (ଟଙ୍କାରେ) | ଷ୍ଟକ୍ ମାର୍କେଟ୍ | ପେଟ୍ରୋଲ-ଡିଜେଲ୍ |
|---|---|---|---|
| ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ) | ୧୦ ଗ୍ରାମ ପିଛା (୨୨ କ୍ୟାରେଟ୍) | ବଜାର କାରବାର (ପଏଣ୍ଟରେ) | ଲିଟର ପିଛା (ଟଙ୍କାରେ) |
| • ଡଲାର ୮୮.୨୫ • ପାଉଣ୍ଡ ୧୦୨.୦୫ | • ସୁନା: ୧,୧୮,୧୫୦ (ନୂଆଦିଲ୍ଲୀ) | • ସେନ୍‌ସେକ୍ସ ୮୨,୬୦୫.୦୦ | • ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର) |
| • ୟୁରୋ ୧୧୮.୩୮ • ୟେନ୍ ୦.୫୮ | • ରୁପା : ୧,୧୮,୧୫୦ (କେଜି) | • ନିଫ୍ଟି ୨୫,୩୨୩.୦୦ | • ଡିଜେଲ୍ - ୯୨.୮୦ |

## ସରକାରୀ ରିପୋର୍ଟରେ ଖୋଲିଲା କର୍ମଚାରୀଙ୍କ ସାମାଜିକ ସୁରକ୍ଷା ପୋଲ୍

# ୫୦% ପିଏଫ୍ ଆକାଉଣ୍ଟରେ ୨୦ ହଜାରରୁ କମ୍ ବାଲାନ୍ସ




### ବାରମ୍ବାର ଅର୍ଥ ଉଠାଣ ଯୋଗୁ କୋଟି କୋଟି କର୍ମଚାରୀଙ୍କ ପିଏଫ୍ ଖାତା ଖାଲି
### ୭୫ ପ୍ରତିଶତ ସଦସ୍ୟଙ୍କ ଖାତାରେ ୫୦ ହଜାରରୁ ବି କମ୍ ଅର୍ଥ
### ଅବସରବେଳକୁ ୮୭%ରୁ କମ୍ ସଦସ୍ୟଙ୍କ ଆକାଉଣ୍ଟରେ ୧ ଲକ୍ଷରୁ କମ୍ ବାଲାନ୍ସ
### ଛୋଟ ଛୋଟ ଆବଶ୍ୟକତା ପାଇଁ ଟଙ୍କା ଉଠାଣ ଅଭ୍ୟାସ ହୋଇଛି ବୁମେରାଂ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନ(ଇପିଏଫ୍‌ଓ) ଏହାର ସଦସ୍ୟମାନଙ୍କୁ ଅବସରକାଳୀନ ସାମାଜିକ ସୁରକ୍ଷା ପାଇଁ ଯୋଗାଇଦେଇଥାଏ। ସେଥିପାଇଁ ସଦସ୍ୟନଙ୍କୁ ସେମାନଙ୍କର ବେତନରୁ ଇପିଏଫ୍ ଆକାଉଣ୍ଟରୁ ପ୍ରତି ମାସରେ ନିର୍ଦ୍ଦିଷ୍ଟ ପରିମାଣର ଆର୍ଥିକ ଯୋଗଦାନ ଦେବାକୁ ପଡିଥାଏ। ଜରୁରୀ ଅଥବା ଅବସରରେ ପରେ ସଦସ୍ୟମାନେ ସେହି ଅର୍ଥକୁ ଇପିଏଫ୍ ପାଣ୍ଠିରୁ ଉଠାଇ ନେଇଥାନ୍ତି। ଏଥିରେ ପରିତାପର ବିଷୟ ହେଉଛି ଯେ, ଅବସର ବେଳକୁ ଇପିଏଫ୍‌ଓ ସଦସ୍ୟଙ୍କ ଆକାଉଣ୍ଟ ଖାଲି। ବିଶେଷକରି ଛୋଟ ଛୋଟ ଆବଶ୍ୟକତା ପାଇଁ ଆକାଉଣ୍ଟରୁ ବାରମ୍ବାର ଅର୍ଥ ଉଠାଣ ଯୋଗୁ କୋଟି କୋଟି କର୍ମଚାରୀଙ୍କ ପିଏଫ୍ ଖାତା ଅବସର ବେଳକୁ ଖାଲି ହୋଇଯାଇଛି। ସମ୍ପ୍ରତି କେନ୍ଦ୍ର ସରକାରଙ୍କ ପକ୍ଷରୁ ପ୍ରକାଶିତ ଏକ ତଥ୍ୟରେ ଏହା କୁହାଯାଇଛି। ପରିସ୍ଥିତି ଏମିତି ହୋଇଛି ଯେ, ୫୦% ଇପିଏଫ୍‌ଓ ସଦସ୍ୟଙ୍କ ଭବିଷ୍ୟନିଧି ପାଣ୍ଠି ଖାତାରେ ୨୦ ହଜାର ଟଙ୍କାରୁ ବି କମ୍ ବାଲାନ୍ସ ରହିଛି। ଅପରପକ୍ଷେ ୭୫% ସଦସ୍ୟଙ୍କ ଖାତାରେ ୫୦ ହଜାର ଟଙ୍କାରୁ କମ୍ ଏବଂ ଅବସରବେଳକୁ ୮୭%ରୁ କମ୍ ସଦସ୍ୟଙ୍କ ଆକାଉଣ୍ଟରେ ୧ ଲକ୍ଷରୁ କମ୍ ବାଲାନ୍ସ ଅର୍ଥ ରହିଥିବା ରିପୋର୍ଟରେ ଦର୍ଶାଯାଇଛି।

ରିପୋର୍ଟରେ କୁହାଯାଇଛି ଯେ, ଇପିଏଫ୍‌ଓ ସଦସ୍ୟଙ୍କ ପିଏଫ୍ ପାଣ୍ଠିର ଏପରି ପରିସ୍ଥିତି ଦର୍ଶାଉଛି ଯେ ଅଧିକାଂଶ ଲୋକ ସେମାନଙ୍କର ବୃଦ୍ଧାବସ୍ଥା ପାଇଁ ଯଥେଷ୍ଟ ଅର୍ଥ ସଞ୍ଚୟ କରୁନାହାଁନ୍ତି। ଛୋଟ ଛୋଟ ଆବଶ୍ୟକତା ପାଇଁ ବାରମ୍ବାର ଟଙ୍କା ଉଠାଇବାର ଅଭ୍ୟାସ ସେମାନଙ୍କର ଅବସର ପାଣ୍ଠିର ବାଲାନ୍ସକୁ ହ୍ରାସ କରୁଛି। ଏହି ତଥ୍ୟ ଏବେ ଅଣସଂଗଠିତ କ୍ଷେତ୍ରର ଯେ କୌଣସି କର୍ମଜୀବୀଙ୍କୁ ଚିନ୍ତିତ କରିବା ଭଳି ହୋଇଛି। ଆର୍ଥିକ କ୍ଷେତ୍ରର କେତେକ ବିଶେଷଜ୍ଞଙ୍କ ମତରେ ଇପିଏଫ୍‌ଓ ଅର୍ଥ ଉଠାଣ ନିୟମ ସରଳ ହେବା ଏବଂ ଏଥିପାଇଁ ରହିଥିବା ସୀମା ବୃଦ୍ଧି ହେବା ଯୋଗୁ ଅନେକ କର୍ମଚାରୀ ଛୋଟ ଛୋଟ ଆବଶ୍ୟକତା ପୂରଣ ପାଇଁ ବାଲାନ୍ସ ଅର୍ଥ ଉଠାଇ ନେଉଛନ୍ତି। ଫଳରେ ସେମାନଙ୍କର ପିଏଫ୍ ଖାତା ଅବସର ନେବା ବେଳକୁ ଖାଲି ହୋଇଯାଉଛି। ଏକ ରିପୋର୍ଟ ଅନୁଯାୟୀ, ନିଜର ପିଏଫ୍ ଆକାଉଣ୍ଟରୁ ଆଂଶିକ ଅର୍ଥ ଉଠାଣ ପାଇଁ ଗତ ବର୍ଷ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଂଗଠନକୁ ପ୍ରାୟ ୭ କୋଟି କର୍ମଚାରୀ ଆବେଦନ କରିଥିଲେ,ସେଥିରୁ ୬ କୋଟି କର୍ମଚାରୀଙ୍କର ଆବେଦନ ମଞ୍ଜୁର କରାଯାଇଥିଲା।

ଯଦିବା ନିକଟରେ କର୍ମଚାରୀମାନଙ୍କର ସଞ୍ଚୟ ଅଭ୍ୟାସକୁ ପ୍ରୋତ୍ସାହିତ କରିବା ଏବଂ ସେମାନଙ୍କର ଅବସରକାଳୀନ ପାଣ୍ଠିକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ଶ୍ରମ ମନ୍ତ୍ରୀ ମନସୁଖ ମଣ୍ଡାଭିଆଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ରୀୟ ଟ୍ରଷ୍ଟି ବୋର୍ଡ ବୈଠକରେ ଅନେକ ବଡ଼ ନିଷ୍ପତ୍ତି ନିଆଯାଇଛି। ଏଥିରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ହେଉଛି ସମ୍ପୂର୍ଣ୍ଣ ରାଶିର ସମୟ ପୂର୍ବରୁ ଉଠାଣ ପାଇଁ ରଖାଯାଇଥିବା ନିୟମ। ଏଣିକି ପ୍ରତ୍ୟେକ ପିଏଫ୍ ଆକାଉଣ୍ଟରେ ସର୍ବନିମ୍ନ ୨୫% ଅର୍ଥ ବାଲାନ୍ସ ରଖିବା ବାଧ୍ୟତାମୂଳକ ହେବ। ଏହାର ଅର୍ଥ ହେଉଛି ଆପଣ ଆପଣଙ୍କର ଆକାଉଣ୍ଟକୁ ସମ୍ପୂର୍ଣ୍ଣ ଭାବରେ ଖାଲି କରିପାରିବେନାହିଁ। ଯଦି ଆପଣ ଚାକିରି ଛାଡିବା ପରେ ଆପଣଙ୍କର ସମ୍ପୂର୍ଣ୍ଣ ପିଏଫ୍ ବାଲାନ୍ସ ଉଠାଇବାକୁ ଚାହାଁନ୍ତି, ତେବେ ଆପଣଙ୍କୁ ଏବେ ୨ ମାସ ବଦଳରେ ୧୨ ମାସ ଅପେକ୍ଷା କରିବାକୁ ପଡିବ। ଏହାଛଡା ପେନସନ ପାଣ୍ଠି ଉଠାଣ ପାଇଁ ଅପେକ୍ଷା ଅବଧି ୨ ମାସରୁ ୩୬ ମାସ କିମ୍ବା ୩ ବର୍ଷକୁ ବୃଦ୍ଧି କରାଯାଇଛି। ଏହି ନିଷ୍ପତ୍ତି ନେବାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି, ୭୫% ପେନସନ ଯୋଜନାରେ ସଦସ୍ୟ ସେମାନଙ୍କର ସମସ୍ତ ପାଣ୍ଠି ତୁରନ୍ତ ଉଠାଣ କରିଦେଇଥାନ୍ତି, ଯାହା ଫଳରେ ସେମାନଙ୍କର ବୃଦ୍ଧାବସ୍ଥା ଅସୁରକ୍ଷିତ ହୋଇଯାଏ।

## ଜବତ ସମ୍ପତ୍ତିର ହିସାବ ଦେଉନାହାନ୍ତି ଭାରତୀୟ ବ୍ୟାଙ୍କ: ମାଲ୍ୟା

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):**ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ(ପିଏନ୍‌ବି)ରେ ୧୪ ହଜାର କୋଟିରୁ ଅଧିକ ଟଙ୍କାର ଘୋଟାଲା କରିଥିବା ପଳାତକ ବିଜୟ ମାଲ୍ୟାଏବେ ଭାରତୀୟ ବ୍ୟାଙ୍କଗୁଡିକ ବିରୋଧରେ ଗମ୍ଭୀର ଅଭିଯୋଗ ଆଣିଛନ୍ତି। ବର୍ତ୍ତମାନ ବିଜୟ ମାଲ୍ୟା ଏବଂ ବ୍ୟାଙ୍କଗୁଡ଼ିକ ମଧ୍ୟରେ ଆଇନଗତ ଲଢ଼େଇ ଜାରି ରହିଛି। ଠିକ୍ ଏହି ସମୟରେ ମାଲ୍ୟା ସୋସିଆଲ ମିଡିଆରେ ବ୍ୟାଙ୍କଗୁଡ଼ିକ ଉପରେ ରୋପ ଲଗାଇଛନ୍ତି। ଏହି ଘଟଣା ମାଲ୍ୟାଙ୍କ ସମ୍ପତ୍ତିରୁ ବ୍ୟାଙ୍କଗୁଡ଼ିକ ଅର୍ଥ ଅସୁଲ ସହିତ ଜଡିତ। ମାଲ୍ୟାଙ୍କ ଅଭିଯୋଗ ହେଉଛି ଭାରତୀୟ ସରକାରୀ ବ୍ୟାଙ୍କଗୁଡ଼ିକ ତାଙ୍କ ସମ୍ପତ୍ତିରୁ ହୋଇଥିବା ଅସୁଲ ଅର୍ଥ ସମ୍ପର୍କରେ ସମ୍ପୂର୍ଣ୍ଣ ଏବଂ ସଠିକ୍ ହିସାବ ପ୍ରଦାନ କରୁନାହାଁନ୍ତି। ମାଲ୍ୟା କହିଛନ୍ତି ଯେ କେନ୍ଦ୍ର ଅର୍ଥମନ୍ତ୍ରୀ ବ୍ୟାଙ୍କଗୁଡ଼ିକୁ ୧୪,୧୦୦ କୋଟି ଟଙ୍କା ଫେରାଇବା ପାଇଁ ଆନୁଷ୍ଠାନିକ ଭାବରେ ନିଶ୍ଚିତ କରିବା ପରେ ମଧ୍ୟ ବ୍ୟାଙ୍କଗୁଡ଼ିକ ଜନସାଧାରଣଙ୍କୁ ଆଦାୟର ପ୍ରକୃତ ବିବରଣୀ ପ୍ରକାଶ କରିବାରେ ବିଫଳ ହୋଇଛନ୍ତି। ମାଲ୍ୟା 'ଏକ୍ସ'ରେ ଏକ ପୋଷ୍ଟରେ କହିଛନ୍ତି ଯେ ସେମାନଙ୍କୁ ସେମାନଙ୍କର ଅବହେଳା ପାଇଁ ଲଜ୍ଜିତ ହେବା ଉଚିତ। ଯେ ପର୍ଯ୍ୟନ୍ତ ବ୍ୟାଙ୍କଗୁଡ଼ିକ ଆଦାୟର ସମ୍ପୂର୍ଣ୍ଣ ବିବରଣୀ ସାର୍ବଜନୀନ ନ କରନ୍ତି ସେ ପର୍ଯ୍ୟନ୍ତ ସେ ୟୁକେରେ କୌଣସି ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ନାହିଁ।

## ବଡ଼ ସରକାରୀ ବ୍ୟାଙ୍କ ସହ କ୍ଷୁଦ୍ର ବ୍ୟାଙ୍କର ହେବ ମିଶ୍ରଣ

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ଦେଶର ବଡ଼ ରାଷ୍ଟ୍ରାୟତ୍ତ ବା ସରକାରୀ ବ୍ୟାଙ୍କ ସହ ଅନେକ କ୍ଷୁଦ୍ର ବ୍ୟାଙ୍କର ମିଶ୍ୟଣ ଘଟିବ। ସରକାରୀ ସୂତ୍ରରୁ ଏ ସମ୍ପର୍କରେ ଏକ ରିପୋର୍ଟ ପ୍ରକାଶ ପାଇଛି। କେନ୍ଦ୍ର ସରକାର ଛୋଟ-ଛୋଟ ଅନେକ ସରକାରୀ ବ୍ୟାଙ୍କ ବଦଳରେ କିଛି ବଡ଼ ସରକାରୀ ବ୍ୟାଙ୍କ ସୃଷ୍ଟି କରିବାକୁ ଚାହୁଁଛନ୍ତି। ଦେଶର ଆର୍ଥିକ କ୍ଷେତ୍ରରେ ସଂସ୍କାର ଦୃଷ୍ଟିରୁ ସରକାର ଏହି ପଦକ୍ଷେପ ଗ୍ରହଣ କରିବାକୁ ଯାଉଛନ୍ତି। ବ୍ୟାଙ୍କ ମିଶ୍ରଣ ଫଳରେ ଦ୍ରୁତ ଗତିରେ ବଢୁଥିବା ଅର୍ଥନୀତିର ଆବଶ୍ୟକତାକୁ ବଡ଼ ବ୍ୟାଙ୍କଗୁଡିକ ପୂରଣ କରିପାରିବେ।

ରିପୋର୍ଟ ଅନୁଯାୟୀ, ଇଣ୍ଡିାନ୍ ଓଭରସିଜ୍ ବ୍ୟାଙ୍କ, ସେଣ୍ଟ୍ରାଲ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ଇଣ୍ଡିଆ, ବ୍ୟାଙ୍କ୍ ଅଫ୍ ମହାରାଷ୍ଟ୍ର ପରି ଛୋଟ ବ୍ୟାଙ୍କର ମିଶ୍ରଣ ପିଏନ୍‌ବି, ବ୍ୟାଙ୍କ୍ ଅଫ୍ ବରୋଦା ଓ ଷ୍ଟେଟ୍ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ପରି ବଡ଼ ବ୍ୟାଙ୍କ ସହ ହୋଇପାରେ। ସୂତ୍ର ଅନୁସାରେ ଯୋଜନା ଉପରେ ପ୍ରଥମେ ବରିଷ୍ଠ ଅଧିକାରୀ କ୍ୟାବିନେଟ୍ ସ୍ତରରେ ଚର୍ଚ୍ଚା କରିବେ। ଏହାପରେ ଯୋଜନାକୁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ପଠାଯିବ। ସେଠାରେ ଏହା ଉପରେ ବିସ୍ତୃତ ଭାବରେ ଆଲୋଚନା କରାଯିବ। ଏହାପରେ ଚଳିତ ଆର୍ଥିକବର୍ଷରେ ଏହି ଯୋଜନା ଉପରେ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯାଇପାରେ। ୨୦୨୬-୨୭ ଆର୍ଥିକବର୍ଷରେ ଏହି ଯୋଜନା ଉପରେ ସମ୍ବନ୍ଧିତ ବ୍ୟାଙ୍କଗୁଡିକଠାରୁ ମତାମତ ନିଆଯାଇପାରେ। ସୂତ୍ର ଅନୁସାରେ ସରକାର ପ୍ରଥମେ ଏ ସମ୍ପର୍କରେ ସହମତି ଆଣିବାକୁ ଚାହୁଁଛନ୍ତି। ଏହାପରେ ଆନୁଷ୍ଠାନିକ ଭାବେ ଏ ସଂକ୍ରାନ୍ତରେ ଘୋଷଣା କରାଯିବ। ସୂଚନାଯୋଗ୍ୟ ଯେ, ସରକାର ୨୦୧୭ ଓ ୨୦୨୦ ମଧ୍ୟରେ ୧୦ କ୍ଷୁଦ୍ର ସରକାରୀ ବ୍ୟାଙ୍କକୁ ଚାରି ବଡ଼ ସରକାରୀ ବ୍ୟାଙ୍କରେ ମିଶ୍ରଣ କରାଇଥିଲେ। ଏହାପରେ ସରକାରୀ ବ୍ୟାଙ୍କ ସଂଖ୍ୟା ୨୭ରୁ ହ୍ରାସ ହୋଇ ୧୨ ହୋଇଥିଲା। ସେତେବେଳେ ଓରିଏଣ୍ଟାଲ୍ ବ୍ୟାଙ୍କ ଅଫ୍ କମର୍ସ ଓ ୟୁନାଇଟେଡ୍ ବ୍ୟାଙ୍କ ଅଫ୍ ଇଣ୍ଡିଆକୁ ପିଏନ୍‌ବିରେ ବିଲୟ କରାଯାଇଥିଲା। ଏହାଛଡା କାନାରା ବ୍ୟାଙ୍କ ସହ ସିଣ୍ଡିକେଟ୍ ବ୍ୟାଙ୍କର ମିଶ୍ରଣ ହୋଇଥିଲା। ତେବେ ସରକାର ନୀତି ଆୟୋଗଙ୍କ ସୁପାରିଶର ବିପରୀତରେ ଯାଉଥିବା ପରିଲକ୍ଷିତ ହେଉଛି। ନୀତି ଆୟୋଗ ଆଇଓବି ଓ ସେଣ୍ଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ପରି କ୍ଷୁଦ୍ର ବ୍ୟାଙ୍କର ଘରୋଇକରଣ ପାଇଁ ସୁପାରିଶ କରିଥିଲା। ଏହି ଖବରର ପ୍ରଭାବ ଆଜି ସରକାରୀ ବ୍ୟାଙ୍କଗୁଡିକର ସେୟାର ମୂଲ୍ୟରେ ଦେଖିବାକୁ ମିଳିଛି। ଫଳସ୍ୱରୂପ ନିଫ୍ଟି ପିଏସ୍‌ୟୁ ବ୍ୟାଙ୍କ ଇଣ୍ଡେକ୍ସରେ ୧.୬୭ ପ୍ରତିଶତ ବୃଦ୍ଧି ଘଟିଛି। ସବୁଠାରୁ ଅଧିକ ୪.୨୨ ପ୍ରତିଶତ ବୃଦ୍ଧି ଆଇଓବି ବ୍ୟାଙ୍କ ସେୟାର ମୂଲ୍ୟରେ ଦେଖିବାକୁ ମିଳିଥିଲା। ଏହାପଛକୁ ବ୍ୟାଙ୍କ୍ ଅଫ୍ ଇଣ୍ଡିଆ ସେୟାରରେ ୧.୬୪ ପ୍ରତିଶତ, କାନାରା ବ୍ୟାଙ୍କ ସେୟାର ମୂଲ୍ୟରେ ୨.୫୫ ପ୍ରତିଶତ ଏବଂ ୟୁନିଅନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସେୟାରରେ ୧.୭୮ ପ୍ରତିଶତ ବୃଦ୍ଧି ଦେଖିବାକୁ ମିଳିଛି।

## ଭାରତ ବିରୁଦ୍ଧରେ ଡବ୍ଲ୍ୟୁଟିଓରେ ଫେରାଦ ହେଲା ଚୀନ

**ବେଜିଂ,୧୫।୧୦(ଏଜେନ୍ସି):** ଭାରତ ବିରୁଦ୍ଧରେ ବିଶ୍ୱ ବାଣିଜ୍ୟ ସଂଗଠନ(ଡବ୍ଲ୍ୟୁଟିଓ)ରେ ଫେରାଦ ହୋଇଛି ଚୀନ। ଭାରତ ଇଭି ଓ ବ୍ୟାଟେରୀ ଉତ୍ପାଦାନ କ୍ଷେତ୍ରରେ ଯେଉଁ ସବ୍‌ସିଡି ଦେଉଛି ଏଥିରେ କେବଳ ଘରୋଇ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତାମୂଳକ ଫାଇଦା ମିଳୁଛି। ଯାହାଦ୍ୱାରା ଚୀନର ସ୍ୱାର୍ଥ ହାନୀ ହେଉଛି। ତେଣୁ ଭାରତ ତୁରନ୍ତ ଏହାର ତ୍ରୁଟି ସଂଶୋଧନ କରୁ ବୋଲି ଚୀନ୍‌ର ବାଣିଜ୍ୟ ମନ୍ତ୍ରଣାଳୟ କହିଛି। ମନ୍ତ୍ରଣାଳୟ ଆହୁରି ମଧ୍ୟ କହିଛି ଯେ ଚୀନ୍ ଏହାର ଘରୋଇ ଶିଳ୍ପଗୁଡ଼ିକର ବୈଧ ଅଧିକାର ଏବଂ ସ୍ୱାର୍ଥକୁ ସୁରକ୍ଷା ଦେବା ପାଇଁ ଦୃଢ଼ ପଦକ୍ଷେପ ନେବ। ଅନ୍ତର୍ଜାତୀୟ ବାଣିଜ୍ୟରେ ଚୀନ୍‌ର ଜାତୀୟ ସ୍ୱାର୍ଥକୁ ଦୁର୍ବଳ କରିବା ପାଇଁ ଭାରତ 'ଅନୁଚିତ ପ୍ରତିଯୋଗିତାମୂଳକ ସୁବିଧା' ପଦକ୍ଷେପ ନେଉଛି ବୋଲି ଚୀନ ଦାବି କରିଛି।

ବର୍ତ୍ତମାନ ଇଭି ବଜାରକୁ ଦେଖିଲେ ମାର୍କେଟ ଉପରେ ଗବେଷଣା କରୁଥିବା ସଂସ୍ଥା ରୋ ମୋସନ୍ ତଥ୍ୟ ଅନୁଯାୟୀ, ଚୀନ୍ ବିଶ୍ୱର ପ୍ରାୟ ଦୁଇ-ତୃତୀୟାଂଶ ଇଭି ବିକ୍ରି କରୁଛି। ଯାହା ପ୍ରାୟ ୧.୩ ନିୟୁତ ୟୁନିଟ୍ ହେବ। ଭାରତ ସବ୍‌ସିଡି ମାଧ୍ୟମରେ କମ୍ପାନୀଗୁଡ଼ିକୁ ପ୍ରତିଯୋଗିତା ମୂଳକ ଫାଇଦା ଦେଲେ ଅଧିକ କମ୍ପାନୀ ଏ କ୍ଷେତ୍ରରେ ନିବେଶ କରିବେ, ଓ ଉତ୍ପାଦନ ବଢ଼ିବ। ଫଳରେ ଚୀନକୁ ଟକ୍କର ମିଳିବ। ଯେଉଁଥିପାଇଁ ଚୀନର ଚିନ୍ତା ବଢ଼ିଯାଇଛି। ଏପଟେ ଭାରତ ଏକ ନ୍ୟାସନାଲ କ୍ରିଟିକାଲ୍ ମିନେରାଲ୍ ଷ୍ଟକପାଇଲ୍ (ଏନ୍‌ସିଏମ୍‌ଏସ୍) କାର୍ଯ୍ୟକ୍ରମ ଆରମ୍ଭ କରିବ ବୋଲି ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଛି। ଦେଶରେ ବିରଳ ପୃଥିବୀ ଉପାଦାନର ଉପଲବ୍ଧତା ସୁନିଶ୍ଚିତ କରିବା ଏହି କାର୍ଯ୍ୟକ୍ରମ ମୁଖ୍ୟ ଲକ୍ଷ୍ୟ। ଏହି ବିରଳ ପୃଥିବୀ

### ଇଭି ଓ ବ୍ୟାଟେରୀ ଉତ୍ପାଦନରେ ସବ୍‌ସିଡିକୁ ନେଇ କେଁ

ଖଣିଜ ପଦାର୍ଥଗୁଡ଼ିକ ଇଭି, ୱିଣ୍ଡ ଟର୍ବାଇନ ଏବଂ ଅନ୍ୟାନ୍ୟ ଗ୍ରୀନ ଏନର୍ଜି ଟେକ୍ନୋଲୋଜୀର ବିକାଶ ପାଇଁ ଅତ୍ୟାବଶ୍ୟକ ପଡ଼ିଥାଏ। ବର୍ତ୍ତମାନ ରେୟାର ଆର୍ଥ ମ୍ୟାଟେରିଆଲ୍ର ବିଶ୍ୱ ଯୋଗାଣର ଚୀନର ଅଧିପତ୍ୟ ୯୦% ରହିଛି। ତେଣୁ ଚୀନ ମନ ଇଚ୍ଛା ଏହା ଉପରେ କଟକଣା ଲଗାଇ ବିଶ୍ୱକୁ ହଇରାଣ କରୁଛି। ଆଉ ଯଦି ଭାରତର ଏହି ପ୍ରୋଗ୍ରାମ ସଫଳ ହେଲା ତେବେ ଚୀନକୁ କଡ଼ା ଟକ୍କର ମିଳିବ। ଏହି ସମ୍ଭାବନାକୁ ଦେଖି ଆମେରିକା ଚୀନ ଠାରୁ ବିମୁଖ ହୋଇ ଭାରତ ଆଡ଼କୁ ମୁହାଁଇଛି। ଏହି ସମୟରେ ଚୀନ ଭାରତ ବିରୁଦ୍ଧରେ ଅଭିଯୋଗ କରି ଅଡୁଆ ସୃଷ୍ଟି କରିବାକୁ ଚେଷ୍ଟା କରୁଛି।

## ଇଣ୍ଡଲ୍‌ଜ ସେଲୁନରେ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ

**ଭୁବନେଶ୍ୱର, ୧୫।୧୦ (ସମିସ):** ଇଣ୍ଡଲ୍‌ଜ ଦି ସେଲୁନରେ ସାର୍କ ଟ୍ୟାଙ୍କ ନିଧିକୃତ ପ୍ରମାଣିତ ଜୈବିକ ସ୍କିନ୍ କେୟାର ବ୍ରାଣ୍ଡ ମିଣ୍ଟ୍ରି ଉନ୍ମୋଚିତ ହୋଇଛି। ଏହି ସ୍କିନ୍ କେୟାର ଏହାର ପାରାବେନ୍-ମୁକ୍ତ ଏବଂ ପରିବେଶ-ସଚେତନ ଫର୍ମୁଲେସନ୍ ପାଇଁ ଜଣାଶୁଣା। ଏହି କାର୍ଯ୍ୟକ୍ରମରେ ପ୍ରସିଦ୍ଧ ବଲିଉଡ୍ ଅଭିନେତ୍ରୀ, ଥ୍ରୀଏକ୍ସ ଟିଇଡି ସ୍ପିକର୍, ସାର୍ଟିଫାଏଡ୍ ଏନଏଲପି ଲାଇଫ୍ କୋଚ୍ ଏବଂ ତନ୍ନାଜ୍ ଇରାନି ଏକାଡେମୀର ପ୍ରତିଷ୍ଠାତା ତନ୍ନାଜ୍ ଇରାନି ଯୋଗ ଦେଇଥିଲେ। ତାଙ୍କ ସହିତ ୟୁଏମଏସଏଲ ଲିମିଟେଡ୍‌ର ଉପାଧ୍ୟକ୍ଷ ପରମିତା ପଣ୍ଡା, ମିଣ୍ଟ୍ରିର ସିଇଓ ଆଶିଷ ଦେଓ୍ୱାନୀ ଏବଂ ଇଣ୍ଡଲ୍ଜ ଦି ସାଲୁନ୍‌ର ପ୍ରତିଷ୍ଠାତା ସୁକୀର୍ତ୍ତୀ ପଟ୍ଟନାୟକ ଯୋଗଦେଇ ଏହାକୁ ଉନ୍ମୋଚନ କରିଥିଲେ। ଏହି ଅବସରରେ ପ୍ରତିଷ୍ଠାତା ଶ୍ରୀମତୀ ପଟ୍ଟନାୟକ ଓଡି ସୋସିଆଲ ନାମ ବଦଳାଇ ଇଣ୍ଡି ଭର୍ସ କରାଗଲା ବୋଲି ଘୋଷଣା କରିଥିଲେ।

## ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ପକ୍ଷରୁ 'ମେରି ପଲିସି ମେରେ ହାଥ' ଅଭିଯାନ

**ଭୁବନେଶ୍ୱର,୧୫।୧୦(ସମିସ):** ଦୁଇ ପ୍ରମୁଖ ଜାତୀୟ ସ୍ତରୀୟ ଅଭିଯାନ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ ଥିବା ମେରି ପଲିସି ମେରେ ହାଥ ଓ ବିକଶିତ କୃଷି ସଂକଳ୍ପ ଅଭିଯାନ ପାଇଁ ଦେଶର ଅଗ୍ରଣୀ ଜେନେରାଲ୍ ଇନସ୍ୟୁରାନ୍ସ କମ୍ପାନୀ ଏସ୍‌ବିଆଇ ଜେନେରାଲ୍ ଇନସ୍ୟୁରାନ୍ସ ଭାରତ ସରକାରଙ୍କ କୃଷି ଓ କୃଷକ କଲ୍ୟାଣ ମନ୍ତ୍ରଣାଳୟ ସହିତ ସହଯୋଗିତା ସ୍ଥାପନ କରିଛି। ଏହି ଅଭିଯାନଗୁଡ଼ିକର ଲକ୍ଷ୍ୟ ହେଉଛି ଓଡ଼ିଶା, ମଧ୍ୟପ୍ରଦେଶ, ଉତରପ୍ରଦେଶ,ଉତରାଖଣ୍ଡ, ଆନ୍ଧ୍ରପ୍ରଦେଶ, ଆସାମ, ତାମିଲନାଡୁ ଓ କର୍ଣ୍ଣାଟକ ଭଳି ପ୍ରମୁଖ ରାଜ୍ୟରେ ଖରିଫ ଋତୁରେ ଭାରତୀୟ କୃଷି ସମୁଦାୟକୁ ସଶକ୍ତ ଓ ସମର୍ଥନ କରିବା। ଏସ୍‌ବିଆଇ ଜେନେରାଲ୍ ଇନ୍‌ସ୍ୟୁରାନ୍ସ ଫସଲ ବୀମା ସଚେତନତାର ପ୍ରସାର କରିବା ଏବଂ ଦେଶବ୍ୟାପୀ ସ୍ଥାୟୀ କୃଷି ଅଭିବୃଦ୍ଧିକୁ ସକ୍ଷମ କରିବାକୁ ଲକ୍ଷ୍ୟ ରଖିଛି।

## ଯାଜପୁରରେ ପିଏନ୍‌ବି ମେଟ୍‌ଲାଇଫ୍‌ର ନୂଆ ଶାଖା

**ଭୁବନେଶ୍ୱର, ୧୫।୧୦(ସମିସ):** ଜୀବନ ବୀମା କମ୍ପାନୀ ପିଏନ୍‌ବି ମେଟ୍‌ଲାଇଫ ଇଣ୍ଡିଆ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ପିଏନ୍‌ବି ମେଟ୍‌ଲାଇଫ୍) ଯାଜପୁରରେ ଏହାର ଏକ ନୂଆ ଶାଖା ଖୋଲିଛି। ଏହି ସମ୍ପ୍ରସାରଣ ସହିତ କମ୍ପାନୀର ସମ୍ପ୍ରତି ଓଡ଼ିଶାରେ ମୋଟ ଶାଖା ସଂଖ୍ୟା ୧୦ରେ ପହଞ୍ଚିଛି। ଏହି ଶାଖା ଉଦ୍‌ଘାଟନ ପଲିସୀ ସେବାଗୁଡିକ ଏବଂ ବିଶ୍ୱସନୀୟ ପରାମର୍ଶ ଗ୍ରାହକ ଯେଉଁଠାରେ ଥିଲେ ମଧ୍ୟ ସେମାନଙ୍କ ନିକଟରେ ପହଞ୍ଚାଇ ବୀମାକୁ ଅଧିକ ସୁଲଭ୍ୟ କରାଇବା ନିମନ୍ତେ କମ୍ପାନୀର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏ ସମ୍ପର୍କରେ ପିଏନ୍‌ବି ମେଟ୍‌ଲାଇଫ୍‌ର ଏମ୍‌ଡି ଓ ସିଇଓ ସମୀର ବନ୍‌ସଲ୍ କହିଛନ୍ତି ଯେ, ବିଶ୍ୱାସ ସର୍ବଦା ପିଏନ୍‌ବି ମେଟ୍‌ଲାଇଫର ଗ୍ରାହକଙ୍କ ସହିତ ସମ୍ପର୍କର ମୂଳଦୁଆ ହୋଇ ରହିଆସିଛି। ସମ୍ପ୍ରତି ସମଗ୍ର ଭାରତରେ ୧୭୨ଟି ଶାଖା ସହିତ ଆମେ କେବଳ ଆମର ପହଞ୍ଚକୁ ପରିବ୍ୟାପ୍ତ କରୁନାହୁଁ, ବରଂ ତାହାସହିତ ଗ୍ରାହକମାନେ ପ୍ରତ୍ୟେକ ସୋପାନରେ ଆମ ଉପରେ ନିର୍ଭର କରିପାରିବେ, ସେହି ଭରସାକୁ ମଧ୍ୟ ସୁଦୃଢ କରୁଛୁ।

## ଓଡ଼ିଶା୩୬୦ଡଟ୍‌କମ୍ ପୋର୍ଟାଲ୍‌ର ଶୁଭାରମ୍ଭ



**ଭୁବନେଶ୍ୱର, ୧୫।୧୦(ସମିସ):** ବାଟୋଇ ସିଷ୍ଟମ୍ସର ଏକ ପ୍ରମୁଖ ଡିଜିଟାଲ ସେବା ଓଡ଼ିଶା୩୬୦ଡଟ୍‌କମ୍ ପକ୍ଷରୁ ଆନୁଷ୍ଠାନିକ ଭାବେ ଏହାର ନୂଆ ଇଣ୍ଟିଗ୍ରେଟେଡ ପୋର୍ଟାଲର ଶୁଭାରମ୍ଭ କରାଯାଇଛି। ଏହି ନୂଆ ପ୍ଲାଟଫର୍ମରେ ଓଡ଼ିଶାର ବ୍ୟବସାୟ ଡିରେକ୍ଟୋରି, ବଜାର, ନିଯୁକ୍ତି ତାଲିକା, ଭ୍ରମଣ ବିକଳ୍ପ, କାର୍ଯ୍ୟକ୍ରମ କ୍ୟାଲେଣ୍ଡର ଏବଂ ପବ୍ଲିକେସନକୁ ଏକ ଉପଭୋକ୍ତା-ଅନୁକୂଳ ଡିଜିଟାଲ ବ୍ୟବସ୍ଥାରେ ଏକତ୍ରିତ କରାଯାଇଛି, ଯାହାଦ୍ୱାରା ଉପଭୋକ୍ତାମାନେ ଏ ସମସ୍ତ ସୁବିଧାକୁ ଗୋଟିଏ ସ୍ଥାନରେ ସହଜରେ ପାଇପାରିବେ। ଏ ସମ୍ପର୍କରେ ଓଡ଼ିଶା୩୬୦ ଏବଂ ବାଟୋଇର ସିଇଓ ଡ. ଅଶ୍ୱିନୀ କୁମାର ରଥ କହିଛନ୍ତି ଯେ, ଓଡ଼ିଶା୩୬୦ ଓଡ଼ିଶାର ଲୋକ ଓ ସଂଗଠନମାନଙ୍କ ଜୀବନକୁ ସହଜ କରିବା ପାଇଁ ନିର୍ମିତ। ଚାକିରି ଖୋଜିବାଠାରୁ ଆରମ୍ଭ କରି ବ୍ୟବସାୟ ତାଲିକାଭୁକ୍ତ କରିବା କିମ୍ବା ସପ୍ତାହ ଶେଷରେ ଭ୍ରମଣ ଯୋଜନା କରିବା ପର୍ଯ୍ୟନ୍ତ ଯାଞ୍ଚ କରାଯାଇଥିବା ତାଲିକା, ସ୍ୱଚ୍ଛ ମୂଲ୍ୟ ନିର୍ଦ୍ଧାରଣ ଏବଂ ସୁରକ୍ଷିତ ପେମେଣ୍ଟ ସବୁକିଛି କାମ ଗୋଟିଏ ସ୍ଥାନରେ କରିପାରିବେ। ଏହି ପୋର୍ଟାଲରେ ଗୋଷ୍ଠୀ ପାଇଁ ପ୍ରସ୍ତୁତ କରାଯାଇଥିବା ଅନେକ ମୁଖ୍ୟ ବୈଶିଷ୍ଟ୍ୟ ରହିଛି। ନିଯୁକ୍ତି ଓ ଦକ୍ଷତା ବିଭାଗ, ଓଡ଼ିଶା ବଜାର ପାଇଁ ବିଶେଷ ଭାବେ ତିଆରି କରାଯାଇଥିବା ଚାକିରି ତାଲିକା ଏବଂ ରିଜ୍ୟୁମର ଏକ ସନ୍ଧାନଯୋଗ୍ୟ ଡାଟାବେସ ପ୍ରଦାନ କରେ, ଯାହା ନିଯୁକ୍ତିଦାତା ଓ ଚାକିରି ଖୋଜୁଥିବା ଲୋକଙ୍କ ପାଇଁ ନିଯୁକ୍ତି ପ୍ରକ୍ରିୟାକୁ ସରଳ କରିବ। ଏହାର ଓଡ଼ିଶା ଭ୍ରମଣ ବିଭାଗ ସୁରକ୍ଷିତ ପେମେଣ୍ଟ ସହିତ ବିଶ୍ୱସନୀୟ ଟୁର ପ୍ୟାକେଜ, ହୋଟେଲ ବୁକିଂ ଏବଂ ରେଷ୍ଟୋରାଁ ଗାଇଡ ପ୍ରଦାନ କରୁଛି। ଏହା ବ୍ୟତୀତ ଏକ ରାଜ୍ୟବ୍ୟାପୀ ଇଭେଣ୍ଟ ଆୟୋଜକମାନଙ୍କୁ ସେମାନଙ୍କ କାର୍ଯ୍ୟକ୍ରମ ତାଲିକାଭୁକ୍ତ କରିବାକୁ ଏବଂ ଟିକେଟ ପରିଚାଳନା କରିବା ସୁବିଧା ଯୋଗାଇଦେବ।

## ଧନତେରସ ଏବଂ ଦୀପାବଳି ପୂର୍ବରୁ ଏକ ବଡ଼ ସଙ୍କଟ !

# ଥମୁନି ରୁପା ଦର; କେଜି ୭ ଲକ୍ଷ ଟପିବ !

**ନୂଆଦିଲ୍ଲୀ,୧୫।୧୦(ଏଜେନ୍ସି):** ସାଧାରଣତଃ ଲୋକମାନେ ରୂପାକୁ ସୁନା ଅପେକ୍ଷା କମ୍ ଗୁରୁତ୍ୱ ଦେଇଥାନ୍ତି। ତଥାପି, ଗତ କିଛି ମାସ ମଧ୍ୟରେ ରୁପା ମୂଲ୍ୟରେ ହେଉଥବା ବୃଦ୍ଧି ଏହାକୁ ସୁନା ଦରର ନିକଟତର କରାଇବାକୁ ଯାଉଛି। ରୂପାର ମୂଲ୍ୟ ନିରନ୍ତର ବୃଦ୍ଧି ପାଉଛି, ଯାହା ବର୍ତ୍ତମାନ ସମୟରେ ଆଗକୁ ମଧ୍ୟ ଜାରି ରହିବାର ସମ୍ଭାବନା ଦେଖିବାକୁ ମିଳୁଛି। ଖୁଚୁରା ବଜାରରେ ରୁପା ମୂଲ୍ୟ କିଲୋ ପିଛା ୨ ଲକ୍ଷ ଟଙ୍କା ଅତିକ୍ରମ କରିବା ପରେ ଏ ନେଇ ଏବେ ବଜାର ବିଶେଷଜ୍ଞମାନେ ବଡ଼ ଚେତାବନୀ ଜାରି କରିଛନ୍ତି। ଲଣ୍ଡନ ବଜାରରେ ଯୋଗାଣରେ ଅଭାବ ଏବଂ ଚାହିଦା ବୃଦ୍ଧି ଯୋଗୁଁ ରୂପା ମୂଲ୍ୟ ପ୍ରତି ଆଉନ୍ସ ୫୨ ଡଲାର ଉପରେ ପହଞ୍ଚିଛି, ଯାହା ୧୯୮୦ ପରଠାରୁ ସର୍ବାଧିକ।

ସୁନା ମୂଲ୍ୟ ଆକାଶଛୁଆଁ ହେଉଛି। ରୂପା ମୂଲ୍ୟ ମଧ୍ୟ ଲୋକଙ୍କ ଚିନ୍ତା ବଢ଼ାଇଛି। ବିଶ୍ୱ ବଜାରରେ ଲିକ୍ୟୁଡିଟି ଜନିତ ଚାପ ଏବଂ ଖୁଚୁରା ଚାହିଦା ବୃଦ୍ଧି ଯୋଗୁଁ ରୁପା ମୂଲ୍ୟ ଆହୁରି ଉପରକୁ ବୃଦ୍ଧି ପାଇବ ବୋଲି ବୁଲିୟନ୍ ବଜାରର ବିଶେଷଜ୍ଞମାନେ ବିଶ୍ୱାସ କରୁଛନ୍ତି। ଗୁଡ୍ ରିଟର୍ଣ୍ଣସ ଅନୁଯାୟୀ, ରୂପା ମୂଲ୍ୟ ଆହୁରି ୧୮% ବୃଦ୍ଧି ପାଇପାରେ। ୨୦୨୫ ଶେଷ ସୁଦ୍ଧା ଏହା ପ୍ରତି କିଲୋଗ୍ରାମ ୨.୧୮ ଲକ୍ଷରେ ଟଙ୍କାରେ ପହଞ୍ଚିପାରେ। 'ରିଚ୍ ଡ୍ୟାଡ୍, ପୁଅର୍ ଡ୍ୟାଡ୍'ର ଲେଖକ ଏବଂ ପ୍ରସିଦ୍ଧ ନିବେଶକ ରବର୍ଟ କିଲୋସାକି ରୂପା ମୂଲ୍ୟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଚେତାବନୀ ଦେଇଛନ୍ତି। କିଲୋସାକିଙ୍କ ଧ୍ୟାନ ବର୍ତ୍ତମାନ ସୁନା ଏବଂ ବିଟକଏନ୍ ଠାରୁ ରୂପା ଆଡ଼କୁ ସ୍ଥାନାନ୍ତରିତ ହୋଇଛି। ସେ ରୁପା ମୂଲ୍ୟରେ ଆଗାମୀ ଦିନରେ ଏକ ବଡ଼ ବିସ୍ଫୋରଣ ହେବାର ପୂର୍ବାନୁମାନ କରିଛନ୍ତି। ସେ ଭବିଷ୍ୟବାଣୀ କରିଛନ୍ତି ଯେ ବର୍ତ୍ତମାନଠାରୁ ରୂପା ମୂଲ୍ୟ ୪୦୦% ବୃଦ୍ଧି ପାଇପାରେ। ଯଦି ତାଙ୍କର ଭବିଷ୍ୟବାଣୀ ସଠିକ୍ ହୁଏ, ତେବେ ଭାରତୀୟ ବଜାରରେ ରୂପା ମୂଲ୍ୟ କିଲୋ ପିଛା ୭ ଲକ୍ଷ ଟଙ୍କା ଅତିକ୍ରମ କରିପାରେ। ସେ କହିଥିଲେ ଯେ ରୂପାର ମୂଲ୍ୟ ଦମନ କରାଯାଉଛି ଏବଂ ବଜାରକୁ ହେରଫେର କରାଯାଉଛି। ସେ କହିଛନ୍ତି ଯେ ବଡ଼ ନିବେଶକମାନେ ରୁପା ଗଚ୍ଛିତ କରିଛନ୍ତି, କିନ୍ତୁ ଏବେ ମୂଲ୍ୟ ବିସ୍ଫୋରଣ ହୋଇପାରେ।

### ବର୍ତ୍ତମାନର ଦରଠାରୁ ରୁପା ମୂଲ୍ୟ ୪୦୦% ବୃଦ୍ଧି ପାଇପାରେ
### ଭାଙ୍ଗିଲା ୪୫ ବର୍ଷର ରେକର୍ଡ
### ଭାରତରେ ଚାହିଦା ବଢ଼ିବା, ବ୍ରିଟେନରେ ମଚାଇଛି ହଇଚଇ



ରଏଟର୍ସ ତଥ୍ୟ ଅନୁଯାୟୀ, ରୁପା ନିବେଶ ପାଣ୍ଠି (ଇଟିଏଫ୍)ରେ ନୂତନ କ୍ରୟକୁ ବନ୍ଦ କରିଦିଆଯାଇଛି। ଯୋଗାଣ ଅଭାବ ଯୋଗୁଁ ଅଳଙ୍କାର ବ୍ୟବସାୟୀମାନେ ପାର୍ବଣ ଋତୁର ଉଚ୍ଚ ଚାହିଦା ପୂରଣ କରିବାକୁ ସଂଘର୍ଷ କରୁଛନ୍ତି। ରିପୋର୍ଟ ଅନୁଯାୟୀ, ଗତ ଚାରି ବର୍ଷ ଧରି ବିଶ୍ୱ ବଜାରରେ ରୁପାର ଚାହିଦା ଯୋଗାଣକୁ ଅତିକ୍ରମ କରିସାରିଛି। ଯାହା ଫଳରେ ପୂର୍ବ ପାଞ୍ଚ ବର୍ଷରୁ ଅତିରିକ୍ତ ରୂପା ଭଣ୍ଡାର ସମାପ୍ତ ହୋଇଯାଇଛି। ପରିସ୍ଥିତି ଏପରି ହୋଇଛି ଯେ ୨୦୨୫ରେ ମଧ୍ୟ ଯୋଗାଣ ଚାହିଦା ପୂରଣ ହୋଇପାରିବନାହିଁ। କଥା ହେଉଛି ୭୦% ରୂପା ଅନ୍ୟାନ୍ୟ ଧାତୁର ଖଣିରୁ ଆସିଥାଏ, ଯାହାର ମୂଲ୍ୟ ବୃଦ୍ଧି ପାଇଲେ ମଧ୍ୟ ଉତ୍ପାଦନ ବୃଦ୍ଧି କରାପାରିବନାହିଁ। ବିଶ୍ୱରେ ରୁପା ଉତ୍ପାଦନ ଲଗାତାର ୭ ବର୍ଷ ଧରି ଚାହିଦାଠାରୁ କମ୍ ରହିଛି। ଏହି ଅଭାବ ଜାରି ରହିବ ବୋଲି ଆଶଙ୍କା କରାଯାଉଛି। ବ୍ଲୁମବର୍ଗର ଏକ ରିପୋର୍ଟ ଅନୁଯାୟୀ, ଲଣ୍ଡନ ଗ୍ଲୋବାଲ୍ ଟ୍ରେଡ୍ ସେଣ୍ଟରରେ ରୁପାର ଭୌତିକ ଯୋଗାଣରେ ଅଭାବ ଏକ ଆଲୋଡ଼ନ ସୃଷ୍ଟି କରିଛି। ଚଳିତ ବର୍ଷ, ଫ୍ୟୁଚର୍ସ ବଜାରରେ ରୁପା ମୂଲ୍ୟ ୮୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି। ଏହି ସମୟରେ ଦିଲ୍ଲୀର ବୁଲିଅନ୍ ବଜାରରେ ରୁପା ମୂଲ୍ୟ ୧୦୬ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି।

## ଭାରତୀୟ କ୍ରିକେଟ ଦଳର ଅଷ୍ଟ୍ରେଲିଆ ଗସ୍ତ



ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ଅଷ୍ଟ୍ରେଲିଆ ସହ ସୀମିତ ଓଭର କ୍ରିକେଟ ସିରିଜ୍ ଖେଳିବା ଲାଗି ଭାରତୀୟ କ୍ରିକେଟ ଦଳ ଆଜି ପର୍ଥ ଅଭିମୁଖେ ଯାତ୍ରା କରିଛନ୍ତି। ଏହି ଦଳରେ ବହୁ ଚର୍ଚ୍ଚିତ ବରିଷ୍ଠ ଖେଳାଳି ରୋହିତ ଶର୍ମା ଏବଂ ବିରାଟ କୋହଲି ମଧ୍ୟ ଯାଇଛନ୍ତି। ଏମାନଙ୍କ ସହ ଆଉ କିଛି ଖେଳାଳି ଯଥା ଦିନିକିଆ ଅଧିନାୟକ ଶୁବମନ ଗିଲ୍, ଓପନର ଯଶସ୍ୱୀ ଜୟସ୍ୱାଲ, ଅଲରାଉଣ୍ଡର ନୀତୀଶ କୁମାର ରେଡ୍ଡୀ, ଦୁଇ ଫାଷ୍ଟ ବୋଲର ଅର୍ଶଦୀପ ସିଂହ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କ ସହ କିଛି ସପୋର୍ଟ ଷ୍ଟାଫ୍ ଯାତ୍ରା କରିଛନ୍ତି। ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ବରିଷ୍ଠ ଖେଳାଳି ରୋହିତ ଓ ବିରାଟଙ୍କ ଭବିଷ୍ୟତ ନିର୍ଦ୍ଧାରଣ କରାଯିବ। ଏମାନଙ୍କ ବ୍ୟତୀତ ସନ୍ଧ୍ୟାରେ ହେଡ୍ କୋଚ୍ ଗୌତମ ଗମ୍ଭୀର, କିଛି ଖେଳାଳି ଓ ସପୋର୍ଟ ଷ୍ଟାଫ୍ ମଧ୍ୟ ଯାଇଛନ୍ତି। ଅଷ୍ଟ୍ରେଲିଆର ଗସ୍ତରେ ଭାରତ ୩ଟି ଦିନିକିଆ ଓ ୫ଟି ଟି-୨୦ ମ୍ୟାଚ୍ ଖେଳିବାର କାର୍ଯ୍ୟକ୍ରମ ରହିଛି। ଏହା ମଧ୍ୟରେ ପ୍ରଥମେ ଦିନିକିଆ ସିରିଜ୍‌ର ମ୍ୟାଚ୍ ଗୁଡିକ ପର୍ଥରେ ଅକ୍ଟୋବର ୧୯ ତାରିଖ ରବିବାର, ଆଡିଲେଡ୍‌ରେ ଅକ୍ଟୋବର ୨୩ ତାରିଖ ଗୁରୁବାର ଓ ସିଡନୀରେ ଅକ୍ଟୋବର ୨୫ ତାରିଖ ଶନିବାର ଖେଳାଯିବ। ନିକଟରେ ଭାରତ ଘରୋଇ ମାଟିରେ ୱେଷ୍ଟଇଣ୍ଡିଜ୍‌କୁ ୨-୦ରେ ହରାଇ ଟେଷ୍ଟ ସିରିଜ୍ ପୋଛିନେଇଥିଲା। ଏହି ସିରିଜ୍‌ରେ ଟେଷ୍ଟ ସ୍ପେଶାଲିଷ୍ଟଙ୍କୁ ବିଶ୍ରାମ ଦିଆଯାଇଛି। ଦିନିକିଆ ସିରିଜ୍ ପରେ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଅକ୍ଟୋବର ୨୯ ରୁ ଆରମ୍ଭ ହେବ। ଏଥିରେ ସୂର୍ଯ୍ୟକୁମାର ଭାରତୀୟ ଦଳର ନେତୃତ୍ୱ ନେବେ।

## ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା

ନୂଆଦିଲ୍ଲୀ, ୧୫।୧୦ (ଏଜେନ୍ସି): ଭାରତର ଅହମ୍ମଦାବାଦ୍‌ରେ ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ାର ଶତବାର୍ଷିକୀ ସଂସ୍କରଣ ଅନୁଷ୍ଠିତ ହେବ। ରାଜ୍ୟଗୋଷ୍ଠୀର କାର୍ଯ୍ୟନିର୍ବାହୀ ବୋର୍ଡ ସୁପାରିସ୍ କରିଛି। ଏହା ଫଳରେ ଅହମ୍ମଦାବାଦ୍ ଏହି କ୍ରୀଡ଼ା ଆୟୋଜନ କରିବାକୁ ଆଉ ପାଦେ ଆଗେଇଛି। ୨୦୩୦ ସଂସ୍କରଣ ଲାଗି ଅହମ୍ମଦାବାଦ୍ ଓ ନାଇଜେରିଆର ଅବୁଜା ସହର ଆବେଦନ କରିଥିଲେ। ରାଜ୍ୟଗୋଷ୍ଠୀ କ୍ରୀଡ଼ା ଇଭାଲ୍ୟୁସନ କମିଟି ସମସ୍ତ ପ୍ରକାର ବ୍ୟବସ୍ଥାକୁ ତଦାରଖ କରିବା ପରେ ଅହମ୍ମଦାବାଦ୍‌ରେ ଆୟୋଜନ କରିବାକୁ ସୁପାରିସ୍ କରିଛି। ତେବେ ଚୂଡାନ୍ତ ନିଷ୍ପତ୍ତି କମନୱେଲଥ ସ୍ପୋର୍ଟ୍ସ ଜେନେରାଲ ଆସେମ୍ବ୍ଲି ନେବ। ନଭେମ୍ବର ୨୬ରେ ଗ୍ଲାସ୍‌ଗୋରେ ଆସେମ୍ବ୍ଲିର ବୈଠକରେ ଏହା ସ୍ଥିର ହେବ। ସାଧାରଣତଃ କାର୍ଯ୍ୟନିର୍ବାହୀ ବୋର୍ଡର ସୁପାରିସ୍‌କୁ ଆସେମ୍ବ୍ଲିରେ ମୋହର ମରାଯାଇଥାଏ।

## ବାରବାଟୀ ରଣଜୀ
# ଶୁଭ୍ରାଂଶୁ, ରାଜେଶଙ୍କ ଲଢୁଆ ଅର୍ଦ୍ଧଶତକ

କଟକ,୧୫।୧୦(ସମିସ):

ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପରଙ୍କ ଲଢୁଆ ଅର୍ଦ୍ଧଶତକ ଓ ଏମାନଙ୍କ ୫ମ ୱିକେଟରେ ଶତକୀୟ ଭାଗୀଦାରି ବଳରେ ସ୍ଥାନୀୟ ବାରବାଟୀ ଷ୍ଟାଡିୟମ୍‌ରେ ବୁଧବାର ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ଏଲିଟ୍ ଗ୍ରୁପ୍-ଏ ରଣଜୀ ଟ୍ରଫି ମୁକାବିଲାରେ ଓଡ଼ିଶା ପ୍ରାରମ୍ଭିକ ବିପର୍ଯ୍ୟୟରୁ ରକ୍ଷା ପାଇଯାଇଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ଦଳ ୪୯ ରନ୍ ସ୍କୋରରେ ୪ଜଣ ଖେଳାଳିଙ୍କୁ ହରାଇଥିଲା।

### ବରୋଦା ବିପକ୍ଷରେ ଓଡ଼ିଶା ୨୦୫/୫

ଏହି ସମୟରେ ନଂ-୪ ତଥା ଅଧିନାୟକ ଶୁଭ୍ରାଂଶୁ ସେନାପତି ଓ ନଂ-୬ ରାଜେଶ ଧୂପର ଲଢୁଆ ବ୍ୟାଟିଂ କରି ୫ମ ୱିକେଟରେ ୧୫୬ ରନ୍ ଉଠାଇ ଘରୋଇ ଦଳକୁ ବିପଦରୁ ଉଦ୍ଧାର କରିଥିଲେ। ପ୍ରଥମ ଦିନର ଶେଷ ଓଭର ଅର୍ଥାତ୍ ୯୦ତମ ଓଭରର ୫ମ ବଲ୍‌ରେ ଅଧିନାୟକ ସେନାପତି ୭୯ ରନ୍ କରି ଆଉଟ ହୋଇଥିଲେ। ସେ ୨୦୩ ବଲ୍ ଖେଳି ୭ ଚୌକା ସହ ଦଳ ପକ୍ଷରୁ ସର୍ବାଧିକ ରନ୍ କରିଥିଲେ। ଅନାବଶ୍ୟକ ଭାବେ ଓଡ଼ିଶା ଶେଷ ଓଭରରେ ଆଉ ଏକ ୱିକେଟ ହରାଇଥିଲାବେଳେ ପ୍ରଥମ ଦିନ ଷ୍ଟମ୍ପ ଅପସାରଣ ବେଳକୁ ୫ ୱିକେଟରେ ୨୦୫ ରନ୍ କରିବାକୁ ସମର୍ଥ ହୋଇଛି। ରାଜେଶ ୭୬ ଓ ଆଶୀର୍ବାଦ ସ୍ୱାଇଁ କୌଣସି ରନ୍ ନ କରି ଅପରାଜିତ ଅଛନ୍ତି। ରାଜେଶ ୨୧୨ଟି ବଲ୍ ଖେଳି ୫ ଚୌକା ଓ ୨ ଛକା ମାରିଥିଲେ। ଅନ୍ୟ ଓଡ଼ିଶା ଖେଳାଳିଙ୍କ ମଧ୍ୟରୁ ଦୁଇ ଓପନର ସ୍ୱସ୍ତିକ ସାମଲ ଓ ଡେବ୍ୟୁଟାଣ୍ଟ ଗୌରବ ଚୌଧୁରୀ ୨୪ ରନ୍ ଲେଖାଏଁ, ସନ୍ଦୀପ ପଟ୍ଟନାୟକ ଓ ଗୋବିନ୍ଦ ପୋଦ୍ଦାର ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ବରୋଦାର ଦୁଇ ଅଭିଜ୍ଞ ବୋଲର ଅଧିନାୟକ ତଥା ପେସ୍‌ର ଅତୀତ ସେଠ୍ ଓ ସ୍ପିନର ଭାର୍ଗବ ଭଟ୍ଟଙ୍କୁ ୨ଟି ଲେଖାଏଁ ୱିକେଟ ମିଳିଛି। ଏହି ମ୍ୟାଚ୍‌ରେ ଓଡ଼ିଶାର ଦୁଇ ଖେଳାଳି ଗୌରବ ଚୌଧୁରୀ ଓ ବାଦଲ ବିଶ୍ୱାଳ ଡେବ୍ୟୁ କରିଛନ୍ତି।




ଶୁଭ୍ରାଂଶୁ ସେନାପତି ଓ ରାଜେଶ ଧୂପର

### ସମାନ ସ୍କୋରରେ ଆଉଟ ହେଲେ ୪ ବ୍ୟାଟର

ଏହି ମ୍ୟାଚ୍‌ରେ ଘରୋଇ ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିବା ପରେ ବିନା ୱିକେଟରେ ୪୯ ରନ୍ କରିଥିଲା। ଏହି ସ୍କୋରରେ ଡେବ୍ୟୁଟାଣ୍ଟ ଓପନର ଗୌରବ ଚୌଧୁରୀ (୨୪ରନ୍‌ରେ) ଦୁର୍ଭାଗ୍ୟଜନକ ଭାବେ ରନ୍ ଆଉଟ ହୋଇଥିଲେ। ଓଡ଼ିଶା ଏହି ସ୍କୋର ବା ୧୯ତମ ଓଭରର ଚତୁର୍ଥ ବଲ୍‌ରେ ପ୍ରଥମ ୱିକେଟ ହରାଇଥିଲା। ଏହା ପରେ ଦଳ ଜଣଙ୍କ ପରେ ଜଣେ ୩ଜଣ ଖେଳାଳି ସମାନ ସ୍କୋର ଅର୍ଥାତ୍ ୪୯ ରନ୍‌ରେ ଆଉଟ ହୋଇଥିଲେ। ଏକଦା ଓଡ଼ିଶା ବିନା ୱିକେଟରେ ୪୯ ରନ୍ କରିଥିଲାବେଳେ ୨୧ଟି ବଲ୍‌ରେ ଖେଳି ସମାନ ସ୍କୋର ୪ ୱିକେଟ ହରାଇଥିଲା। ଗୌରବଙ୍କ ପରେ ୧୯.୨ ଓଭରରେ ନଂ-୩ ସନ୍ଦୀପ ପଟ୍ଟନାୟକ ଖାତା ଖୋଲିବା ପୂର୍ବରୁ ଭାର୍ଗବ ଭଟ୍ଟଙ୍କ ଦ୍ୱାରା ଏବଂ ୨୦.୩ ଓଭରରେ ଅନ୍ୟତମ ଓପନର ସ୍ୱସ୍ତିକ ସାମଲ ୨୪ ରନ୍ କରିଥିଲାବେଳେ ଅତୀତ ସେଠଙ୍କ ଦ୍ୱାରା କଟ ବିହାଇଣ୍ଡ ହୋଇଥିଲେ। ଏତିକିରେ ନାଟକ ଶେଷ ହୋଇ ନ ଥିଲା। ୨୨.୨ ଓଭରରେ ନଂ-୫ରେ ବ୍ୟାଟିଂ କରିବାକୁ ଆସିଥିବା ଅଭିଜ୍ଞ ବ୍ୟାଟର ଗୋବିନ୍ଦ ପୋଦ୍ଦାର ୫ଟି ବଲ୍ ଖେଳି ମଧ୍ୟ ଖାତା ଖୋଲି ନ ପାରି ସେଠ୍‌ଙ୍କ ଦ୍ୱିତୀୟ ଶିକାର ବନିଥିଲେ। ଓଡ଼ିଶାର ଅର୍ଦ୍ଧଶତାବ୍ଦୀ କ୍ରିକେଟ ଇତିହାସରେ ପ୍ରଥମଥର ଓଡ଼ିଶା ସମାନ ସ୍କୋରରେ ୪ଟି ୱିକେଟ ହରାଇବା ଏହା ପ୍ରଥମ ଘଟଣା।

## ଗୌରବ ଓ ବାଦଲଙ୍କ ପଦାର୍ପଣ





କଟକ, ୧୫।୧୦ (ସମିସ): ଚଳିତ ରଣଜୀ ଟ୍ରଫିରେ ଓଡ଼ିଶା ୩ ନୂଆମୁହଁଙ୍କୁ ଦଳରେ ସାମିଲ କରିଛି। ବୁଧବାର ଠାରୁ ବାରବାଟୀରେ ଆରମ୍ଭ ହୋଇଥିବା ବରୋଦା ବିପକ୍ଷ ମ୍ୟାଚ୍‌ରେ ଏମାନଙ୍କ ଭିତରୁ ଦୁଇ ନବାଗତ ପଦାର୍ପଣର ସୁଯୋଗ ପାଇଛନ୍ତି। ଜଣେ ହେଲେ ଓପନିଂ ବ୍ୟାଟର ଗୌରବ ଚୌଧୁରୀ ଓ ଅନ୍ୟ ଜଣକ ମିଡିୟମ ପେସ୍ ବୋଲର ବାଦଲ ବିଶ୍ୱାଳ। ବରିଷ୍ଠ ଶିବିରରେ ପୂର୍ବରୁ ଗୌରବଙ୍କ ଅଭିଜ୍ଞତା ଥିବା ବେଳେ ବାଦଲଙ୍କ ପାଇଁ ଏହା ସମ୍ପୂର୍ଣ୍ଣ ନୂଆ।

ବରୋଦା ବିପକ୍ଷରେ ଓଡ଼ିଶା ତରଫରୁ ଓପନିଂ କରୁଥିବା ନୂଆ ମୁହଁ ଗୌରବ ଜଣେ ଦକ୍ଷ ବ୍ୟାଟର ଭାବେ ପରିଚିତ। ନିକଟ ଅତୀତରେ ଶେଷ ହୋଇଥିବା ଓଡ଼ିଶା ପ୍ରୋ ଟି-୨୦ ଲିଗ୍‌ରେ ସେ ହେଉଛନ୍ତି ସର୍ବାଧିକ ରନସଂଗ୍ରହକାରୀ। ଭୁବନେଶ୍ୱର ଟାଇଗର୍ସରୁ ପ୍ରତିନିଧିତ୍ୱ କରୁଥିବା ଗୌରବ ୫ଟି ମ୍ୟାଚରୁ ଗୋଟିଏ ଶତକୀୟ ପାଳି ସହାୟତାରେ ୧୯୯ ରନ ସଂଗ୍ରହ କରିଥିଲେ। ତାଙ୍କ ଆଭରେଜ ୪୯.୭୫ ପ୍ରତିଶତ ରହିଥିଲା। ତେବେ ଏହି ୨୬ବର୍ଷୀୟ ବ୍ୟାଟରଙ୍କୁ ପୂର୍ବରୁ ବରିଷ୍ଠ ଦଳରେ ଦେଖିବାକୁ ମିଳିଛି। ୨୦୨୧ ସିଜନରେ ସେ ବିଜୟ ହଜାରେ ଓ ସୟଦ ମୁସ୍ତାକ ଅଲ୍ଲୀ ଟ୍ରଫିରେ ପଦାର୍ପଣ କରି ନିଜ ଦୃଢ଼ ବ୍ୟାଟିଂର ଛାପ ଛାଡ଼ିଥିଲେ। ଲିଷ୍ଟ-ଏ ଫର୍ମାଟରେ ୮ଟି ମ୍ୟାଚ୍‌ରୁ ୨ଟି ଅର୍ଦ୍ଧଶତକ ବଳରେ ୨୫୬ରନ ଏବଂ ଟି-୨୦ ଫର୍ମାଟରେ ସମାନ ସଂଖ୍ୟକ ମ୍ୟାଚ୍ ଖେଳି ଗୋଟିଏ ଅର୍ଦ୍ଧଶତକ ବଳରେ ୨୨୨ରନ କରିଛନ୍ତି। ରାଜ୍ୟ ଦଳର ପେସ୍ ବୋଲିଂ ଆଟାକ୍‌ରେ ରାଜେଶ ମହାନ୍ତି ଓ ସୁନୀଲ ରାଉଳଙ୍କୁ ସହଯୋଗ କରିବା ପାଇଁ ନବାଗତ ବାଦଲଙ୍କୁ ଚୂଡାନ୍ତ ଏକାଦଶରେ ସାମିଲ କରାଯାଇଛି। ୨୧ବର୍ଷୀୟ ବାଦଲ ଜଣେ ଡାହାଣହାତୀ ମିଡିୟମ ପେସ୍ ବୋଲର। ୨୩ବର୍ଷରୁ କମ୍ ବୟସ ବର୍ଗ କ୍ରିକେଟରେ ଶାଣିତ ବୋଲିଂ କରି ସେ ବରିଷ୍ଠ ଦଳର ଚୟନକର୍ତ୍ତାଙ୍କ ଦୃଷ୍ଟି ଆକର୍ଷଣ କରି ପାରିଛନ୍ତି। ଓପିଟିଏଲରେ ବାଦଲ ଭୁବନେଶ୍ୱର ଟାଇଗର୍ସ ପକ୍ଷରୁ ମାତ୍ର ୩ଟି ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ଏଥିରେ ସେ ୬ଟି ୱିକେଟ ଦଖଲ କରିଥିଲେ।

### ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ
## ପ୍ରି-କ୍ୱାର୍ଟରରେ ବିଶାଖା



ଗୌହାଟୀ, ୧୫।୧୦ (ଏଜେନ୍ସି): ଏଠାରେ ଚାଲିଥିବା ବିଡବ୍ଲ୍ୟୁଏଫ୍ ବିଶ୍ୱ ଜୁନିଅର ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍‌ରେ ଭାରତୀୟ ଖେଳାଳିଙ୍କ ବିଜୟ ଅଭିଯାନ ଜାରି ରହିଛି। ଟପ୍ ସିଡ୍ ତନଭୀ ଶର୍ମାଙ୍କ ସହ ଉନ୍ନତି ହୁଡା ଓ ରକ୍ଷିତା ଶ୍ରୀ ରାମରାଜ ତୃତୀୟ ରାଉଣ୍ଡରେ ବିଜୟୀ ହୋଇ ପ୍ରି-କ୍ୱାର୍ଟରରେ ପ୍ରବେଶ କରିଛନ୍ତି। ସେହିଭଳି ଓଡ଼ିଆ ଖେଳାଳି ବିଶାଖା ଟପ୍ପୋ ମଧ୍ୟ ପ୍ରି-କ୍ୱାର୍ଟରରେ ପହଞ୍ଚିଛନ୍ତି। ଭବ୍ୟ ଛାବ୍ରାଙ୍କୁ ସାଥୀ କରି ଖେଳୁଥିବା ବିଶାଖା ମିକ୍ସଡ ଇଭେଣ୍ଟର ତୃତୀୟ ରାଉଣ୍ଡରେ ୧୫-୧୩, ୧୫-୧୧ ସିଧାସଳଖ ଗେମରେ ଡେନମାର୍କର ଆସ୍କି ରୋମେର ଓ ଯସ୍ମିନ ୱିଲ୍ସ ଯୋଡ଼ିଙ୍କୁ ପରାସ୍ତ କରିଥିଲେ। ବିଶାଖା ଓ ଭବ୍ୟ ଯୋଡ଼ି କ୍ୱାର୍ଟରରେ ମାଲେସିଆର ଯୋଡ଼ିଙ୍କୁ ଭେଟିବେ।

## ଆଇଟିଏଫ୍ ମାଷ୍ଟର୍ସ ଟେନିସ୍ ଟୁର୍ ଉଦ୍‌ଯାପିତ




ଭୁବନେଶ୍ୱର, ୧୫।୧୦ (ସମିସ): ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ଆଇଟିଏଫ୍ ୱାର୍ଲ୍ଡ ଟେନିସ ମାଷ୍ଟର୍ସ ଟୁର୍ ପ୍ରତିଯୋଗିତା ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ଆୟୋଜକ ଭାରତ ସମେତ ସ୍ଲୋଭାକିଆ ଓ ଜର୍ମାନୀର ୧୦୦ରୁ ଊର୍ଦ୍ଧ୍ୱ ଟେନିସ ଖେଳାଳି ପୁରୁଷ ଓ ମହିଳା ସିଙ୍ଗଲ୍ସ ଏବଂ ଡବଲ୍ସ ଓ ମିକ୍ସଡ ଡବଲ୍ସରେ ଅଂଶଗ୍ରହଣ କରିଥିଲେ। ୩୦ରୁ ୭୦ ବର୍ଷ ମଧ୍ୟରେ ବିଭିନ୍ନ ବୟସ ବର୍ଗରେ ମ୍ୟାଚ୍ ଖେଳାଯାଇଥିଲା। ଏଥିରେ ଓଡ଼ିଶାର ଅଂଶୁ ଭୂୟାଁ ଡବଲ୍ ଟ୍ରଫି ଜିତିଛନ୍ତି। ସେ ୩୦ ବର୍ଷରୁ କମ୍ ସିଙ୍ଗଲ୍ସ ଓ ଡବଲ୍ସରେ ଚାମ୍ପିଅନ ହୋଇଥିଲେ। ଡବଲ୍ସରେ ଚିନ୍ମୟ ପ୍ରଧାନଙ୍କୁ ଅଂଶୁ ସାଥୀ କରି ଖେଳିଥିଲେ। ସେହିଭଳି ଅନ୍ୟ ବୟସବର୍ଗରେ ବିଶ୍ୱଜିତ୍ ଦାସ, ଶିବଶଙ୍କର ପରିଡ଼ା, ଅଜୟ ନିଶାଙ୍କ, ବିନୋଦ ସେଠ୍, ଅଜୟ ସାହୁ, ଦିଲୀପ କୁମାର ମଙ୍ଗରାଜ, ଧୀରଜ ପଣ୍ଡା-ନିଶାଙ୍କ ଯୋଡ଼ି, ଦୟାଳ ଗଙ୍ଗୱାର-ଆଶିଷ ପରମାର ଯୋଡ଼ି, ସ୍ନେହାଶିଷ ବେହେରା-ବିନୋଦ ସେଠ୍ ଯୋଡ଼ି, ଅଜୟ ମହାପାତ୍ର-ଅଜୟ ସାହୁ ଯୋଡ଼ି ବିଜୟୀ ହୋଇଛନ୍ତି।

ଉଦ୍‌ଯାପନୀ ଉତ୍ସବରେ ଆୟୋଜକ ଓଡ଼ିଶା ଟେନିସ ସଂଘ (ଓଟିଏ)ର ଉପସଭାପତି ସତ୍ୟଜିତ୍ ମହାନ୍ତି ମୁଖ୍ୟଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଓଟିଏର ସମ୍ପାଦକ ସଞ୍ଜୀବ ପଣ୍ଡା, ଯୁଗ୍ମ ସମ୍ପାଦକ ସମ୍ବିତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହିଥିଲେ।

### ରଣଜୀ ଟ୍ରଫି ଋତୁ ଆରମ୍ଭ
## ମହାରାଷ୍ଟ୍ର 'ଶୂନ'ରେ ୩; ୫ ରନ୍‌ରେ ୪ ୱିକେଟ୍

ଥିରୁଅନନ୍ତପୁରମ, ୧୫।୧୦ (ଏଜେନ୍ସି): ଭାରତୀୟ ଘରୋଇ କ୍ରିକେଟର ସବୁଠୁ ସମ୍ମାନଜନକ ପ୍ରତିଯୋଗିତା ରଣଜୀ ଟ୍ରଫିର ୯୧ତମ ସଂସ୍କରଣ ବୁଧବାରଠାରୁ ଆରମ୍ଭ ହୋଇଛି। ସ୍ଥାନୀୟ ଗ୍ରୀନଫିଲ୍ଡ ଇଣ୍ଟରନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଏଲିଟ୍ ଗ୍ରୁପ୍-ବି'ର ଏକ ମ୍ୟାଚରେ ଘରୋଇ କେରଳ ବିପକ୍ଷରେ ପ୍ରଥମେ ବ୍ୟାଟିଂ କରିଥିବା ମହାରାଷ୍ଟ୍ର ସାଂଘାତିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା। ମହାରାଷ୍ଟ୍ର ଟପ୍ ଅର୍ଡରର ୫ଜଣ ବ୍ୟାଟର୍‌ଙ୍କ ମଧ୍ୟରୁ ୪ଜଣ ଖାତା ଖୋଲିପାରି ନ ଥିଲେ। ଦଳ ଖାତା ଖୋଲିବା ପୂର୍ବରୁ ୩ ୱିକେଟ୍ ଏବଂ ୫ ରନରେ ୪ର୍ଥ ୱିକେଟ୍ ହରାଇଥିଲା। ଚଳିତ ସିଜନରେ ମୁମ୍ବାଇ ଛାଡ଼ି ମହାରାଷ୍ଟ୍ର ପାଇଁ ଖେଳୁଥିବା ପୃଥ୍ୱୀ ଶ' ଇନିଂସର ୪ର୍ଥ ବଲରେ, ୫ମ ବଲରେ ସିଦ୍ଧେଶ ବୀର ଏବଂ ଦ୍ୱିତୀୟ ଓଭରର ପ୍ରଥମ ବଲରେ ଅର୍ଶୀନ କୁଲକର୍ଣ୍ଣୀ ଖାତା ଖୋଲିବା ପୂର୍ବରୁ ଆଉଟ୍ ହୋଇଥିଲେ। ଏହାପରେ ତୃତୀୟ ଓଭରର ୨ୟ ବଲରେ ଅଧିନାୟକ ଅଙ୍କିତ ବାୱନେ ମଧ୍ୟ ଖାତା ଖୋଲି ନ ପାରି ପ୍ୟାଭିଲିୟନ ଫେରିଥିଲେ। ତେବେ ଦୁଇ ଅଭିଜ୍ଞ ଖେଳାଳି ଋତୁରାଜ ଗାଏକ୍ୱାଡ (୯୧ ରନ) ଓ ଜଲାଜ ସକ୍ସେନା (୪୯ ରନ) ଉପଯୋଗୀ ପାଳି ଖେଳିବାରୁ ପ୍ରଥମ ଦିବସ ଷ୍ଟମ୍ପ ସୁଦ୍ଧା ମହାରାଷ୍ଟ୍ର ୭ ୱିକେଟ୍‌ରେ ୧୭୯ ରନ ସଂଗ୍ରହ କରିଛି।

### ■ ମହିଳା ବିଶ୍ୱକପ୍ କ୍ରିକେଟ
## ଇଂଲଣ୍ଡକୁ ବର୍ଷା ବଞ୍ଚାଇଦେଲା

କଲମ୍ବୋ, ୧୫।୧୦ (ଏଜେନ୍ସି): ଚଳିତ ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ବୁଧବାର ଏଠାରେ ଇଂଲଣ୍ଡ ଓ ପାକିସ୍ତାନ ମଧ୍ୟରେ ଅନୁଷ୍ଠିତ ଏକ ମ୍ୟାଚ୍ ବର୍ଷା ଲାଗି ବାତିଲ ହୋଇଯାଇଛି। ଦୁଇ ଦଇଥର ବର୍ଷା ବାଧାପ୍ରାପ୍ତ ଏହି ୩୧ ଓଭର ବିଶିଷ୍ଟ ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଂଲଣ୍ଡ ୯ ୱିକେଟ୍‌ରେ ୧୩୩ ରନ୍ କରିଥିଲା। ଡିଏଲ୍ ପଦ୍ଧତିରେ ପାକିସ୍ତାନ ସମ୍ମୁଖରେ ୩୧ ଓଭରରେ ମାତ୍ର ୧୧୩ ରନର ଲକ୍ଷ୍ୟ ପୁନଃଧାର୍ଯ୍ୟ ହୋଇଥିଲା। ଜବାବରେ ପାକିସ୍ତାନ ୬.୪ ଓଭରରେ କୌଣସି ୱିକେଟ୍ ନ ହରାଇ ୩୪ ରନ କରି ଭଲ ଆରମ୍ଭ କରିଥିଲା। କିନ୍ତୁ ପୁଣିଥରେ ବର୍ଷା ହେବାରୁ ମ୍ୟାଚ୍ ଆଉ ସମ୍ଭବପର ହୋଇପାରି ନ ଥିଲା। ପାକିସ୍ତାନକୁ ଏହି ସମୟରେ ୧୪୬ ବଲରେ ୭୯ ରନ ଆବଶ୍ୟକ ହେଉଥିଲା। ଫଳରେ ଭଲ ସ୍ଥିତିରେ ଥାଇ ମଧ୍ୟ ପାକିସ୍ତାନ ବିଜୟ ପଏଣ୍ଟ ହାସଲ କରିପାରି ନ ଥିଲା। ମ୍ୟାଚ୍ ବାତିଲ ହେବାରୁ ଦୁଇ ଦଳକୁ ୧ ପଏଣ୍ଟ ଲେଖାଏ ମିଳିଛି। ଗୁରୁବାର ଅଷ୍ଟ୍ରେଲିଆ ଓ ବାଂଲାଦେଶ ମଧ୍ୟରେ ମ୍ୟାଚ୍ ଖେଳାଯିବ।

## ଓଡ଼ିଶା କ୍ୱାର୍ଟର ଫାଇନାଲ ନିକଟତର

କଟକ,୧୫।୧୦(ସମିସ): ଚଳିତ ବିନୁ ମଙ୍କଡ ଟ୍ରଫିରେ କ୍ରମାଗତ ୩ଟି ମ୍ୟାଚ୍ ଜିତି ଓଡ଼ିଶା କ୍ୱାର୍ଟର ଫାଇନାଲ ଦୌଡରେ ରହିଛି। ବୁଧବାର ହରିୟାଣାର ଚୌଧୁରୀ ବଂଶୀଲାଲ କ୍ରିକେଟ ଷ୍ଟାଡିୟମରେ ଓଡ଼ିଶା ୩୫ରନରେ ଗୋଆକୁ ପରାସ୍ତ କରିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ମାତ୍ର ୯୬ ରନରେ ଅଲଆଉଟ ହୋଇଥିଲା। ରୁଦ୍ର ପ୍ରସାଦ ମଲ୍ଲିକ ୩୫ ରନର ଲଢୁଆ ପାଳି ଖେଳିଥିଲେ। ତେବେ ୫୦ ଓଭରରେ ମାତ୍ର ୯୭ ରନର ବିଜୟ ଲକ୍ଷ୍ୟକୁ ପିଛା କରୁଥିବା ଗୋଆ ୬୧ ରନରେ ସୀମିତ ରହିଥିଲା। ପିୟୂଷ ମନ୍ତ୍ରୀ ୯ ରନ ବ୍ୟୟ କରି ୬ଟି ୱିକେଟ ଦଖଲ କରି ମ୍ୟାଚ୍ ବିଜୟରେ ପ୍ରମୁଖ ଭୂମିକା ତୁଲାଇଥିଲେ। ଏଥିସହ ଓଡ଼ିଶା ୪ଟି ମ୍ୟାଚ୍‌ରୁ ୩ଟି ବିଜୟ ସହ ୧୨ ପଏଣ୍ଟ ହାସଲ କରି ଏଲିଟ ଗ୍ରୁପ-ଏ ଟେବଲର ୨ୟ ସ୍ଥାନରେ ରହଛି।

## ସୁଲତାନ ଜୋହର କପ୍‌ରେ ଭାରତର ପ୍ରଥମ ପରାଜୟ


ଜୋହର ବହରୁ, ୧୫।୧୦ (ଏଜେନ୍ସି): ମାଲେସିଆରେ ଚାଲିଥିବା ସୁଲତାନ ଅଫ୍ ଜୋହର କପ୍ ଜୁନିଅର ହକି ଟୁର୍ଣ୍ଣାମେଣ୍ଟରେ ଭାରତ ପ୍ରଥମ ପରାଜୟବରଣ କରିଛି। ବୁଧବାର ଭାରତ ଏହାର ୪ର୍ଥ ମ୍ୟାଚରେ ୪-୨ ଗୋଲ୍‌ରେ ଅଷ୍ଟ୍ରେଲିଆ ନିକଟରୁ ପରାସ୍ତ ହୋଇଥିଲା। ଭାରତ ଏଥିସହ ୪ର୍ଥ ମ୍ୟାଚରୁ ୨ ବିଜୟ ଏବଂ ଗୋଟିଏ ଲେଖାଏ ଡ୍ର ଓ ପରାଜୟ ସହ ୭ ପଏଣ୍ଟ ପାଇ ଦ୍ୱିତୀୟ ସ୍ଥାନରେ ରହିଛି। ଅଷ୍ଟ୍ରେଲିଆ ୪ର୍ଥ ମ୍ୟାଚରୁ ୩ ବିଜୟ ଏବଂ ଗୋଟିଏ ଡ୍ର ସହ ୧୦ ପଏଣ୍ଟ ପାଇ ପ୍ରଥମ ଦଳ ଭାବେ ଫାଇନାଲରେ ସ୍ଥାନ ପକ୍କା କରିଛି।

## ପ୍ରଥମ ଟେଷ୍ଟରେ ପାକିସ୍ତାନର ଜିତ୍

ଲାହୋର,୧୫।୧୦(ଏଜେନ୍ସି): ବାମହାତୀ ସ୍ପିନର ନୋମାନ ଅଲିଙ୍କ ଯାଦୁକରୀ ବୋଲିଂ ବଳରେ ଏଠାରେ ଅନୁଷ୍ଠିତ ପ୍ରଥମ ଟେଷ୍ଟରେ ପାକିସ୍ତାନ ୯୩ ରନ୍‌ରେ ଦକ୍ଷିଣ ଆଫ୍ରିକାକୁ ପରାସ୍ତ କରିଛି। ଫଳରେ ଘରୋଇ ଦଳ ସିରିଜ୍‌ରେ ୧-୦ରେ ଆଗୁଆ ରହିଛି। ସିରିଜ୍‌ର ଦ୍ୱିତୀୟ ତଥା ଶେଷ ଟେଷ୍ଟ ରାୱଲପିଣ୍ଡିରେ ଅକ୍ଟୋବର ୨୦ରୁ ଆରମ୍ଭ ହେବ। ଏହି ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ନୋମାନଙ୍କୁ ଶ୍ରେଷ୍ଠ ଖେଳାଳି ହୋଇଥିଲା। ୨୭୭ ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଦକ୍ଷିଣ ଆଫ୍ରିକା ବୁଧବାର ଦ୍ୱିତୀୟ ଇନିଂସରେ ୧୮୩ ରନ୍‌ରେ ଅଲଆଉଟ ହୋଇଯାଇଥିଲା। ଡିୱାଲ୍ଡ ବ୍ରେଭିସ୍ (୫୪) ଓ ରିୟାନ ରିକେଲଟନ (୪୫)ଙ୍କୁ ବାଦ୍ ଦେଲେ ଅନ୍ୟ କେହି ଖେଳି ପାରି ନ ଥିଲେ। ପାକିସ୍ତାନର ନୋମାନ ଓ ସାହିନ୍ ଆଫ୍ରିଦୀ ୪ଟି ଲେଖାଏଁ ୱିକେଟ୍ ନେଇ ଦଳକୁ ବିଜୟୀ କରାଇଥିଲେ। ପୂର୍ବରୁ ପ୍ରଥମ ଇନିଂସରେ ପାକିସ୍ତାନ ୩୭୮ ଓ ଦକ୍ଷିଣ ଆଫ୍ରିକା ୨୬୯ ରନ୍ କରିଥିଲା। ୧୦୯ ରନ୍‌ରେ ଆଗୁଆ ଥିବା ପାକିସ୍ତାନ ଦ୍ୱିତୀୟ ଇନିଂସରେ ୧୬୭ରେ ସୀମିତ ଥିଲା।

# ଏସୀୟ ଟିଟି ଟିମ୍ ଚାମ୍ପିଅନ୍‌ସିପ୍: ଚୀନ୍‌କୁ ଦ୍ୱିମୁକୁଟ

ଭୁବନେଶ୍ୱର,୧୫।୧୦(ସମିସ):



ବିଶ୍ୱର ସବୁଠାରୁ ଶକ୍ତିଶାଳୀ ଟେବଲ ଟେନିସ (ଟିଟି) ଖେଳୁଥିବା ଦେଶ ଚୀନ୍ ୨୮ତମ ଏସୀୟ ଟିଟି ଟିମ୍ ଚାମ୍ପିଅନସିପ୍‌ର ଉଭୟ ମହିଳା ଓ ପୁରୁଷ ବିଭାଗରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି। ଭାରତୀୟ ଟିଟି ମହାସଂଘ, ଓଡ଼ିଶା ଟିଟି ସଂଘ ଏବଂ ଓଡ଼ିଶା କ୍ରୀଡ଼ା ଓ ଯୁବସେବା ନିର୍ଦ୍ଦେଶାଳୟର ମିଳିତ ସହଯୋଗରେ ଏହି ଟୁର୍ଣ୍ଣାମେଣ୍ଟ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମ୍‌ରେ ଅକ୍ଟୋବର ୮ରୁ ୧୫ ଯାଏ ଅନୁଷ୍ଠିତ ହୋଇଥିଲା। ଏଥିରେ ଏସିଆ ମହାଦେଶର ୨୧ଟି ଦେଶ ଅଂଶଗ୍ରହଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟର ଉଭୟ ବିଭାଗରେ ଚୀନ୍ ଚାମ୍ପିଅନ ହୋଇ ଏସୀୟ ଟିଟିରେ ଆଧିପତ୍ୟ ବିସ୍ତାର କରିଥିଲାବେଳେ ମହିଳା ବିଭାଗରେ ଟପ୍ ସିଡ୍ ଜାପାନ ଓ ପୁରୁଷ ବିଭାଗରେ ହଂକଂ ରନର୍ସ ଅପ୍ ହୋଇଛନ୍ତି। ମହିଳା ବିଭାରେ ସିଙ୍ଗାପୁର ଓ ଉତ୍ତର କୋରିଆ, ପୁରୁଷ ବିଭାଗରେ ଜାପାନ ଓ ଚାଇନିଜ୍ ତାଇପେଇ ସେମିଫାଇନାଲରେ ପରାଜିତ ହେବା ସହ କାଂସ୍ୟ ପଦକରେ ସନ୍ତୁଷ୍ଟ ହୋଇଛନ୍ତି। ଆୟୋଜକ ଭାରତ ଗତ ଦୁଇଟି ସଂସ୍କରଣରେ ମେଡାଲ ଜିତିବାରେ ସମର୍ଥ ହୋଇଥିଲାବେଳେ ଏଠାରେ କ୍ୱାର୍ଟର ଫାଇନାଲରୁ ଉଭୟ ଦଳ ବିଦାୟ ନେଇଛନ୍ତି। ପୁରୁଷ ଦଳ ୬ଷ୍ଠ ଓ ମହିଳା ଦଳ ୮ମ ସ୍ଥାନରେ ରହି ସନ୍ତୁଷ୍ଟ ହୋଇଛନ୍ତି।

ବୁଧବାର ଚୀନ୍ ଓ ଜାପାନ ମଧ୍ୟରେ ମହିଳା ବିଭାଗ ଫାଇନାଲ ମ୍ୟାଚ୍ ଖେଳାଯାଇଥିଲା। ଜାପାନ ଟପ୍ ସିଡ୍ ଥିଲାବେଳେ ଚୀନ୍ ଲଢ଼େଇ କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଚୀନ୍ ପ୍ରଥମ ୩ଟି ମୁକାବିଲାରେ ଖେଳ ଶେଷ କରିଦେଇଥିଲା। ଫଳରେ ଚୀନ୍ ୩-୦ରେ ଏହି ମ୍ୟାଚ୍‌କୁ ଜିତି ଏସିଆ ଚାମ୍ପିଅନ ହୋଇଥିଲା। ପୂର୍ବରୁ ମଙ୍ଗଳବାର ଖେଳାଯାଇଥିବା ସେମିଫାଇନାଲରେ ଜାପାନ ୩-୦ରେ ସିଙ୍ଗାପୁରକୁ ଓ ଚୀନ୍ ୩-୦ରେ ଉତ୍ତରକୋରିଆକୁ ଏକତରଫା ଭାବେ ହରାଇ ଫାଇନାଲରେ ପ୍ରବେଶ କରିଥିଲେ। ସେହିପରି ପୁରୁଷ ବିଭାଗ ଫାଇନାଲ ଏକତରଫା ହୋଇଥିଲା। ଏଥିରେ ଚୀନ୍ ୩-୦ ସେଟ୍‌ରେ ହଂକଂକୁ ପରାସ୍ତ କରି ଚୀନ୍ ଚାମ୍ପିଅନ ହୋଇଥିଲା। ପୂର୍ବରୁ ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଚୀନ୍ ୩-୨ରେ ଜାପାନକୁ ଓ ହଂକଂ ମଧ୍ୟ ୩-୨ରେ ଚାଇନିଜ୍ ତାଇପେଇକୁ ପରାସ୍ତ କରି ଫାଇନାଲରେ ପ୍ରବେଶ କରିଥିଲେ।

**ଭାରତକୁ ବିଶ୍ୱକପ୍ ଯୋଗ୍ୟତା:** ଏହି ଟୁର୍ଣ୍ଣାମେଣ୍ଟର ପ୍ରଥମ ୬ଟି ସ୍ଥାନ ଅଧିକାର କରିଥିବା ଦଳ ବିଶ୍ୱ ଟିଟି ଟିମ୍ ଚାମ୍ପିଅନସିପ୍‌କୁ ଯୋଗ୍ୟତା ଅର୍ଜନ କରିବେ। ଏଠାରେ ଭାରତୀୟ ପୁରୁଷ ଦଳ ଷଷ୍ଠ ସ୍ଥାନ ଅଧିକାର କରିଥିବାରୁ ଲଣ୍ଡନରେ ୨୦୨୬ରେ ଖେଳାଯିବାକୁ ଥିବା ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଛି। ଏହାଛଡ଼ା ଆୟୋଜକ ଦେଶକୁ ଏହି ଟୁର୍ଣ୍ଣାମେଣ୍ଟରୁ କିଛି ଫାଇଦା ମିଳିନାହିଁ।

ଖେଳ ଶେଷରେ ରାଜ୍ୟପାଳ ହରିବାବୁ କମ୍ଭମ୍‌ପାଟି ମୁଖ୍ୟ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, DENGSARGI, BAREIPALI-768006, DIST: SAMBALPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS